# ଧରିତ୍ରୀ DHARITRI

ଭୁବନେଶ୍ୱର, ବୁଧବାର, ଜାନୁୟାରୀ ୨/୨୦୧୯ (୨୦ ପୃଷ୍ଠା) Bhubaneswar, Wednesday, January 2/ 2019 ★★★★

୪୫ଶ ଭାଗ ୪୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-






KP GROUP
Quality Since 1965
ବର୍ଷ ବିତି ଚାଲିଲା
ବିଶ୍ୱାସ
ବଢ଼ି ଚାଲିଲା
54 ବର୍ଷରେ ପ୍ରତ୍ୟେକ ଜିନିଷର ଅର୍ଥ ବଦଳି ଯାଇଛି,
ମାପଦଣ୍ଡ ବଦଳି ଯାଇଛି,
ଏପରିକି ଦୁନିଆ ହିଁ ବଦଳି ଯାଇଛି, କିନ୍ତୁ
କମଲା ପସନ୍ଦ
ର ଉତ୍କୃଷ୍ଟତାର ମାପଦଣ୍ଡ ବଦଳି ନାହିଁ ।
कमला पसन्द
अनोखा स्वाद
20% EXTRA
पान मसाला
କମଲା ପସନ୍ଦ
Anokha Swad
ବୈଧାନିକ ସତର୍କତା: ପାନମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। (NOTFORMINORS) 0% TOBACCO * NICOTINE NOT ADDED * MAGNESIUM NOT ADDED
Watch at : YouTube

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ଜାନୁୟାରୀ ୨/୨୦୧୯ | Bhubaneswar, Wednesday, January 2/ 2019 | ପୃଷ୍ଠା-୧



## ଦାୟିତ୍ୱ ଗ୍ରହଣ କଲେ ପ୍ରଣବ ପ୍ରକାଶ

କେନ୍ଦ୍ରୀୟ ପରୋକ୍ଷ ତଥା ସୀମା ଟିକସ ବୋର୍ଡ(ସିବିଆଇସି)ର ଅଧକ୍ଷ ଭାବେ ବରିଷ୍ଠ ଓଡ଼ିଆ ଅଧିକାରୀ ପ୍ରଣବ ପ୍ରକାଶ ଦାସ ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି।

୧୫

୧୬

## ଭେନସଙ୍କ ବିଜୟ ଅଭିଯାନ

ଆମେରିକାର ଷ୍ଟାର ଟେନିସ ଖେଳାଳି ଭେନସ୍ ୱିଲିୟମ୍ସ ଭିକ୍ଟୋରିଆ ଆଜାରେଙ୍କାଙ୍କୁ ପରାସ୍ତ କରି ଅକ୍‌ଲାଣ୍ଡ କ୍ଲାସିକରେ ତାଙ୍କ ବିଜୟ ଅଭିଯାନ ଆରମ୍ଭ କରିଛନ୍ତି ।








## ୧୯ ସହରରେ ପାରଦ ୧୦ ଡିଗ୍ରୀ ତଳେ

ଭୁବନେଶ୍ୱର,୧।୧(ବ୍ୟୁରୋ)

ଗତ କିଛିଦିନ ହେବ ସମଗ୍ର ରାଜ୍ୟକୁ ଶୀତ ଥରାଉଛି। ଦିନ ଓ ରାତିରେ କୌଣସି ଫରକ ପଡୁନାହିଁ। ଶୀତବସ୍ତ୍ର ବ୍ୟତୀତ ଘରୁ ପଦାକୁ ବାହାରିବା ମୁସ୍କିଲ ହୋଇପଡ଼ିଛି। ପାରଦ ୪ ଡିଗ୍ରୀ ତଳକୁ ଖସି ଯାଉଛି। ପ୍ରଚଣ୍ଡ ଶୀତରେ ଦେହମୁଣ୍ଡ କୋଲା ମାରି ଯାଉଛି। ମଙ୍ଗଳବାର ରାଜ୍ୟର ୨୦ଟି ସହରରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଛି। ଉତ୍ତର-ପୂର୍ବ ଦିଗରୁ ପ୍ରବାହିତ ଶୀତଳ ବାୟୁ ରାଜ୍ୟବାସୀଙ୍କୁ କାଲୁଆ କରିପକାଇଛି। ସଞ୍ଜ ହେବା ମାତ୍ରେ ମାଡିଆସୁଛି ଶୀତ। ସକାଳ ୧୧ଟା ଯାଏ ଘରୁ ବାହାରିବା କଷ୍ଟକର ହୋଇପଡୁଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ସୋମବାର ଦାରିଙ୍ଗବାଡ଼ିର ☞ପୃଷ୍ଠା-୨

### ଆଜିର ସମ୍ପାଦକୀୟ

**ସ୍ଥାନୀୟଙ୍କୁ ଗୁରୁତ୍ୱ**

### ଆଜିର ମନ୍ତବ୍ୟ

“ ଉଭୟ ବାହ୍ୟ ଓ ଆଭ୍ୟନ୍ତରୀଣ ନିରାପତ୍ତା କ୍ଷେତ୍ରରେ ଭାରତ ଅନେକ ଆହ୍ୱାନର ସମ୍ମୁଖୀନ ହେଉଛି।

-ଜେନେରାଲ ବିପିନ ରାୱତ୍, ସ୍ଥଳସେନା ମୁଖ୍ୟ

### କିଛି ତଥ୍ୟ

୨୦୧୮-୧୯ ମାର୍କେଟିଂ ଋତୁରେ ସରକାର ୨୩୮.୮ ଲକ୍ଷ ଟନର ଚାଉଳ ସଂଗ୍ରହ କରିବାକୁ ସକ୍ଷମ ହୋଇଛନ୍ତି। – ଏଫ୍‌ସିଆଇ






**CBSE**
**Exam Mate**
ପୃଷ୍ଠା-୧୩


NECC
NATIONAL EGG CO-ORDINATION COMMITTEE
01.01.2019
Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 69 | 118 | 128 |
| CTC | 70 | 119 | 129 |
| DKL | 74 | 124 | 134 |
| BDK | 75 | 126 | 136 |
| BLS | 77 | 128 | 138 |
| ANG | 75 | 126 | 136 |

*Conditions Apply
Eggs Retail Price- 56/-Dozen
Issued in the Interest of Consumers




ନୂଆବର୍ଷ ୨୦୧୯ର ପ୍ରଥମ ଦିନରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀକ୍ଷେତ୍ରରେ ଭିଡ଼ ଜମାଇଥିବା ଶ୍ରଦ୍ଧାଳୁ ।

# ୬ ସହରର ପ୍ରଦୂଷଣ ସଙ୍ଗିନ

ଭୁବନେଶ୍ୱର,୧।୧(ବ୍ୟୁରୋ)

**ଭୁବନେଶ୍ୱର, କଟକ, ବାଲେଶ୍ୱର, ଅନୁଗୋଳ, ରାଉରକେଲା ଏବଂ ତାଳଚେରରେ ଶ୍ୱାସରୁଦ୍ଧ ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା। ଏୟାର କ୍ୱାଲିଟି ଇଣ୍ଡେକ୍ସ ୨୦୦ ଟପିଲାଣି।**

ଦେଶର ରାଜଧାନୀ ନୂଆଦିଲ୍ଲୀ ଭଳି ଓଡ଼ିଶାର ୬ ପ୍ରମୁଖ ସହର ଭୁବନେଶ୍ୱର, କଟକ, ବାଲେଶ୍ୱର, ଅନୁଗୋଳ, ରାଉରକେଲା ଏବଂ ତାଳଚେରର ପ୍ରଦୂଷଣ ସଙ୍ଗିନ୍ ହେଲାଣି। ନିର୍ମାଣ କାର୍ଯ୍ୟ ସାଙ୍ଗକୁ ଯାନବାହନ ବୃଦ୍ଧି ଓ ଶିଳ୍ପାଞ୍ଚଳରୁ ବାହାରୁଥିବା ଧୂଆଁ ମିଶା ଧୂଳି ପରିବେଶକୁ ବିଗାଡ଼ିବାରେ ଲାଗିଛି। ଧୂଳିମିଶା ଧୂଆଁ ସହରାଞ୍ଚଳ ଜନସ୍ୱାସ୍ଥ୍ୟକୁ ଅତି ଭୟଙ୍କର ଭାବେ ବିପଦ ଆଡ଼କୁ ଠେଲି ନେଇଯାଉଛି। ସରକାର, ଜନସାଧାରଣ ସଚେତନ ହେଉ ନ ଥିବାରୁ ପ୍ରଦୂଷଣ ବେଳକୁବେଳ ଅଣାୟତ୍ତ ହେବାକୁ ଲାଗିଲାଣି। ଏହି ୬ ସହରର ପରିବେଶ ଆଉ କିଛିବର୍ଷ ମଧ୍ୟରେ ଶ୍ୱାସରୁଦ୍ଧ ଅବସ୍ଥାକୁ ଆସିଯିବା ନେଇ ପରିବେଶବିତ୍ ସତର୍କ କରାଇଲେଣି। ଉକ୍ତ ସହରାଞ୍ଚଳରେ ବଢୁଥିବା ପ୍ରଦୂଷଣକୁ ନେଇ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଧୂଳିଜନିତ ପ୍ରଦୂଷଣକୁ ରୋକା ନ ଗଲେ ସହରାଞ୍ଚଳରେ ଶୁଦ୍ଧବାୟୁ ପାଇବା ସାତସପନ ହୋଇଯିବ।

ମିଳିଥିବା ସୂଚନା ଅନୁଯାୟୀ ଉକ୍ତ ସହରଗୁଡ଼ିକରେ ଧୂଳିର ପରିମାଣ ଗତ ୧୦ ବର୍ଷ ମଧ୍ୟରେ ୩୦ରୁ ୪୫% ବଢିଯାଇଛି। ବାୟୁମଣ୍ଡଳରେ ପ୍ରତି କ୍ୟୁବିକ୍ ମିଟରରେ ୬୦ ମାଇକ୍ରୋଗ୍ରାମ ଧୂଳିକଣା ରହିଲେ ତାହା ସ୍ୱାସ୍ଥ୍ୟ ପାଇଁ ବିପଦ ସୃଷ୍ଟି କରି ନ ଥାଏ। ତେବେ ଭୁବନେଶ୍ୱରରେ ୨୦୦୮ରେ ପ୍ରଦୂଷଣମାତ୍ରା ୨୫.୯% ଥିବାବେଳେ ୨୦୧୭ରେ ଏହା ୪୫%କୁ ବୃଦ୍ଧିପାଇଛି। ସେହିପରି ଅନୁଗୋଳରେ ୨୦୦୮ରେ ଏହା ୨୮.୯୫% ଥିବାବେଳେ ୨୦୧୭ରେ ୩୪.୧୬%, ତାଳଚେର ୯.୬୫% ଥିବାବେଳେ ୨୦୧୭ରେ ୪୫%, ବାଲେଶ୍ୱରରେ ୩% ଥିବାବେଳେ ୨୦୧୭ରେ ୬.୨୫%କୁ ବୃଦ୍ଧି ପାଇଛି। କଟକ ଓ ରାଉରକେଲାରେ ପ୍ରଦୂଷଣମାତ୍ରା କମିଥିଲେ ମଧ୍ୟ ଚିନ୍ତାଜନକ ରହିଛି। ୨୦୦୮ରେ କଟକରେ ୨୮% ଥିବାବେଳେ ୨୦୧୭ରେ ୨୫.୯୫% ଏବଂ ରାଉରକେଲାରେ ୫୪% ଥିବାବେଳେ ୪୫%କୁ ହ୍ରାସ ପାଇଛି।



- ନୂଆଦିଲ୍ଲୀକୁ ବଳିଯିବ
- ଏନ୍‌ଜିଟି କ୍ଷୁବ୍ଧ
- ଆକ୍ସନ ପ୍ଲାନ ପ୍ରସ୍ତୁତ କଲେ ରାଜ୍ୟ ସରକାର

କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ପକ୍ଷରୁ ସ୍ୱାସ୍ଥ୍ୟ ପାଇଁ ଜାରି କରାଯାଇଥିବା ପରାମର୍ଶ (ଆଡଭାଇଜରି) ଅନୁଯାୟୀ ଏୟାର କ୍ୱାଲିଟି ଇଣ୍ଡେକ୍ସ(ଏକ୍ୟୁଆଇ) ୦-୫୦ ମଧ୍ୟରେ ରହିଲେ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ନୁହେଁ। ତେବେ ଏହି ପରିମାଣ ୫୧ରୁ ୧୦୦ ହେଲେ ପ୍ରଶ୍ୱାସ ନେବାରେ ସମସ୍ୟା ଦେଖାଦେବ। ଶ୍ୱାସରୋଗୀ ଏବଂ ହୃଦ୍‌ରୋଗୀ, ଶିଶୁ, ଗର୍ଭବତୀ ମହିଳା ଏବଂ ବୃଦ୍ଧାବୃଦ୍ଧମାନଙ୍କୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ। ଏହି ଇଣ୍ଡେକ୍ସ ୪୦୧ରୁ ୫୦୦ ହେଲେ ସ୍ୱାସ୍ଥ୍ୟବାନ ଲୋକମାନେ ମଧ୍ୟ ରୋଗାକ୍ରାନ୍ତ ହୋଇପଡ଼ିବେ। ତେବେ ଉପରୋକ୍ତ ସହରାଞ୍ଚଳରେ ଏକ୍ୟୁଆଇ ୨୦୦ରୁ ଟପିଗଲାଣି। ଏନ୍‌ଜିଟିଙ୍କ ନିର୍ଦ୍ଦେଶ ପରେ ରାଜ୍ୟ ସରକାର ଏ ଦିଗରେ ତତ୍ପର ହୋଇଛନ୍ତି। ପ୍ରଦୂଷଣକୁ କିପରି ନିୟନ୍ତ୍ରଣ କରାଯିବ ସେ ନେଇ ଜଙ୍ଗଲ ଓ ପରିବେଶ ବିଭାଗ ବିସ୍ତୃତ ଆକ୍ସନ ପ୍ଲାନ ପ୍ରସ୍ତୁତ କରିଛନ୍ତି। ଏହି ପ୍ଲାନକୁ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ସିପିସିବି) ନିକଟକୁ ପଠାଯାଇଛି। ସିପିସିବି ଅନୁମୋଦନ ମିଳିବା ପରେ ତାହାକୁ ଉକ୍ତ ୬ ସହରରେ କାର୍ଯ୍ୟକାରୀ କରାଯିବ। ପ୍ରତ୍ୟେକ ସହରର ☞ପୃଷ୍ଠା-୨

## ରାମମନ୍ଦିର ଅଧାଦେଶ ନେଇ ମୋଦି କହିଲେ

# ନ୍ୟାୟିକ ପ୍ରକ୍ରିୟା ଶେଷ ହେଉ

ନୂଆଦିଲ୍ଲୀ,୧।୧

ଅଯୋଧ୍ୟାସ୍ଥିତ ରାମ ଜନ୍ମଭୂମି-ବାବ୍ରି ମସ୍‌ଜିଦ୍ ଜମି ବିବାଦର ଶୁଣାଣି କେବେ ଆରମ୍ଭ ହେବ ସୁପ୍ରିମକୋର୍ଟ ସେନେଇ ଏଇ ସପ୍ତାହରେ ଘୋଷଣା କରିବେ। ଏହି ମାମଲା ସର୍ବୋଚ୍ଚ ଅଦାଲତରେ ବିଚାରାଧୀନ ଥିବାରୁ ନ୍ୟାୟିକ ପ୍ରକ୍ରିୟା ଶେଷ ହେବା ପରେ ଏ ସଂକ୍ରାନ୍ତ ଅଧାଦେଶ ନେଇ କେନ୍ଦ୍ର ସରକାର ବିଚାର କରିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆବର୍ଷରେ ଏହା ସ୍ପଷ୍ଟ କରିଛନ୍ତି। ମୋଦି ଏକ ଜାତୀୟ ନ୍ୟୁଜ୍ ଏଜେନ୍ସିକୁ ମଙ୍ଗଳବାର ସାକ୍ଷାତ୍କାର ଦେଇ ରାମମନ୍ଦିର ସମ୍ପର୍କରେ ନୀରବତା ଭଙ୍ଗ କରିଛନ୍ତି। ସେ କହିଛନ୍ତି, ଅଯୋଧ୍ୟା ମାମଲା ସୁପ୍ରିମକୋର୍ଟରେ ବିଚାରାଧୀନ ଥିବା ଯାଏ ଏନେଇ ଅଧାଦେଶ ଜାରି କରାଯାଇ ପାରିବ ନାହିଁ। ନ୍ୟାୟିକ ପ୍ରକ୍ରିୟା ଶେଷ ହେବା ପରେ ସରକାର ନିଜ ଦାୟିତ୍ୱ ତୁଲାଇବାକୁ ଯାଇ ☞ପୃଷ୍ଠା-୨



- ସୁପ୍ରିମକୋର୍ଟରେ ମାମଲା ବିଚାରାଧୀନ ଥିବା ଯାଏ ଅଧାଦେଶ ଆଣିବନାହିଁ କେନ୍ଦ୍ର
- ବିଚାର ପ୍ରକ୍ରିୟାକୁ ୭୦ ବର୍ଷ ଧରି ବାଧା ଦେଇଛି କଂଗ୍ରେସ

## ବିଶିଷ୍ଟ ଅଭିନେତା କାଦର ଖାନ୍‌ଙ୍କ ପରଲୋକ

ମୁମ୍ବାଇ,୧।୧(ଆଇଏଏନ୍‌ଏସ୍)

ବଲିଉଡ୍‌ର ବରିଷ୍ଠ ଅଭିନେତା, ନିର୍ଦ୍ଦେଶକ, ଲେଖକ ତଥା ହାସ୍ୟାଭିନେତା କାଦର ଖାନ୍ ଆଉ ଇହଜଗତରେ ନାହାନ୍ତି। ଦୀର୍ଘଦିନ ଧରି ଶ୍ୱାସଜନିତ ରୋଗରେ ପୀଡ଼ିତ ଥାଇ କାନାଡାସ୍ଥିତ ଟରଣ୍ଟୋ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଥିବାବେଳେ ମଙ୍ଗଳବାର ଭୋର ୪ଟା (ଭାରତୀୟ ସମୟ)ରେ ତାଙ୍କର ପରଲୋକ ଘଟିଛି। ତାଙ୍କୁ ୮୧ବର୍ଷ ବୟସ ହୋଇଥିଲା। ତାଙ୍କର ସ୍ତ୍ରୀ ହାଜରା, ପୁଅ ସରଫରାଜ୍, ବୋହୂ ଏବଂ ନାତିନାତୁଣୀମାନେ ମୃତ୍ୟୁଶଯ୍ୟା ନିକଟରେ ଉପସ୍ଥିତ ଥିଲେ। ଅନ୍ତ୍ୟେଷ୍ଟିକ୍ରିୟା ଟରଣ୍ଟୋ କବରସ୍ଥଳୀଠାରେ ଅନୁଷ୍ଠିତ ହେବ। ଖାନ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ସଂକଟଜନକ ସ୍ତରକୁ ଚାଲିଯିବା ☞ପୃଷ୍ଠା-୨



## ଆନ୍ଧ୍ର ପାଇଲା ହାଇକୋର୍ଟ

ଅମରାବତୀ,୧।୧(ପି.ଟି.)

ତେଲେଙ୍ଗାନା ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇବାର ସାଢ଼େ ୪ ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତିବା ପରେ ଆନ୍ଧ୍ରପ୍ରଦେଶକୁ ମିଳିଛି ହାଇକୋର୍ଟ। ନୂଆ ବର୍ଷରେ ଆନ୍ଧ୍ରପ୍ରଦେଶରେ ନୂଆ ହାଇକୋର୍ଟ ଆରମ୍ଭ ହୋଇଛି। ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ଇଏସ୍‌ଏଲ୍ ନରସିଂହା ମଙ୍ଗଳବାର ବିଜୟୱାଡ଼ାରେ ଆୟୋଜିତ ଏକ ଉତ୍ସବରେ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ସି. ପ୍ରବୀଣ କୁମାର ଏବଂ ଅନ୍ୟ ୧୩ ବିଚାରପତିଙ୍କୁ ଶପଥପାଠ କରାଇଛନ୍ତି।

ଜାନୁୟାରୀ ୧ରୁ ଆନ୍ଧ୍ରପ୍ରଦେଶରେ ସ୍ୱତନ୍ତ୍ର ଭାବେ ହାଇକୋର୍ଟ କାର୍ଯ୍ୟକ୍ଷମ ହେବ ବୋଲି ରାଷ୍ଟ୍ରପତି ରାମନାଥ କୋବିନ୍ଦ ଗତ ୨୭ ତାରିଖରେ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ୨୦୧୪ ଜୁନ୍ ୨ରେ ଆନ୍ଧ୍ରପ୍ରଦେଶରୁ ଅଲଗା ହୋଇ ତେଲେଙ୍ଗାନା ସ୍ୱତନ୍ତ୍ର ରାଜ୍ୟ ଗଠନ ହେବା ଦିନଠାରୁ ଦୁଇ ରାଜ୍ୟ ପାଇଁ ଗୋଟିଏ ହାଇକୋର୍ଟ ଥିଲା। ଏହା ତେଲେଙ୍ଗାନା ରାଜଧାନୀ ହାଇଦ୍ରାବାଦରେ ଅବସ୍ଥିତ। ଆନ୍ଧ୍ର ହାଇକୋର୍ଟକୁ ମିଶାଇ ଦେଶରେ ହାଇକୋର୍ଟ ସଂଖ୍ୟା ୨୫ରେ ପହଞ୍ଚିଛି। ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍.ଚନ୍ଦ୍ରାବାବୁ ☞ପୃଷ୍ଠା-୨




# ସବୁ ଦଳ ନିର୍ବାଚନୀମୁହାଁ

ଭୁବନେଶ୍ୱର,୧।୧(ବ୍ୟୁରୋ)

ଦିନ ଗଡ଼ିବା ସହ କ୍ୟାଲେଣ୍ଡର ବଦଳିଛି। ସାଧାରଣ ନିର୍ବାଚନକୁ ପାଖାପାଖି ୧୦୦ ଦିନ ରହିଥିବା କୁହାଯାଉଛି। ଏବେଠୁ ରାଜ୍ୟର ସମସ୍ତ ରାଜନୈତିକ ଦଳ ନିର୍ବାଚନ ପାଇଁ ସଜବାଜ ହେଲେଣି । ରାଜ୍ୟରେ ଏକ ସଙ୍ଗରେ ଲୋକସଭା ଏବଂ ବିଧାନସଭା ନିର୍ବାଚନ ହେବାକୁ ରହିଛି। ତେଣୁ ରାଜନୀତି ଦିନକୁ ଦିନ ସରଗରମ ହେବାରେ ଲାଗିଛି। ଶାସକ ବିଜେଡି ପାଇଁ କ୍ଷମତା ବଜାୟ ରଖିବା ମୁଖ୍ୟ ଆହ୍ୱାନ ହୋଇଛି। ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ନିଜ ଅସ୍ତିତ୍ୱକୁ ବଞ୍ଚାଇ ପୂର୍ବ ସଫଳତା ବଜାୟ ରଖିବାକୁ ସମ୍ଭବତଃ ଚେଷ୍ଟା କରିବ। ସେହିପରି ୨୦୧୭ ପଞ୍ଚାୟତ ନିର୍ବାଚନ ବେଳର ସଫଳତାକୁ ସାଧାରଣ ନିର୍ବାଚନରେ ପ୍ରତିଫଳିତ କରିବା ଭାଜପା ପାଇଁ ଚ୍ୟାଲେଞ୍ଜ ହେବ।

ଆସନ୍ତା ୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୟୂରଭଞ୍ଜ ଜିଲାର ବାରିପଦା ଗସ୍ତରେ ଆସୁଛନ୍ତି। ସେ କିଛି ସରକାରୀ ଉଦ୍‌ଘାଟନ କାର୍ଯ୍ୟକ୍ରମ ସହ ଦଳୀୟ ସାଧାରଣ ସଭାରେ ଯୋଗାଦେବାର କାର୍ଯ୍ୟକ୍ରମ ରହିଛି। ମୋଦି ନିଜ ପୂର୍ବ ସଭାରେ ରାଜ୍ୟ ସରକାରଙ୍କ ପ୍ରତି ଏତେଟା କଡ଼ା ଆଭିମୁଖ୍ୟ ପ୍ରଦର୍ଶନ କରି ନ ଥିଲେ। ହେଲେ ବାରିପଦାରେ ସେଥିରେ ପରିବର୍ତ୍ତନ ଦେଖାଦେଇପାରେ ବୋଲି ରାଜନୈତିକ ସମୀକ୍ଷକମାନେ ମତ ରଖୁଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଗସ୍ତର ଗୋଟିଏ ଦିନ ପରେ ଅର୍ଥାତ୍ ଜାନୁୟାରୀ ୬ରେ ବିଜୁ କୃଷକ ଜନତା ଦଳ ଟ୍ରେନ୍ ଯୋଗେ ଦିଲ୍ଲୀ ଗସ୍ତ କରିବ। ୮ରେ ନୂଆଦିଲ୍ଲୀର ତାଲ୍‌କୋଟ୍ରା ଷ୍ଟାଡିୟମ୍‌ରେ କେନ୍ଦ୍ରର କୃଷି ବିରୋଧୀ ନୀତି ନେଇ ଦଳ ବିକ୍ଷୋଭ ପ୍ରଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ସେହି ସମାନ ଦିନ ଚାଷୀ ପ୍ରସଙ୍ଗରେ ଭାଜପା ଓଡ଼ିଶା ସଚିବାଳୟ ଘେରାଉ ଚେତାବନୀ ଦେଇଛି। କଂଗ୍ରେସ ମଧ୍ୟ ଜିଲା ମହକୁମା ଏବଂ ବ୍ଲକସ୍ତରରେ ଘେରାଉ କରିବା ପାଇଁ ଘୋଷଣା କରିଛି। ଏହି ୩ ପ୍ରମୁଖ ରାଜନୈତିକ ଦଳକୁ ଛାଡ଼ି ଅନ୍ୟ କେତେକ ଛୋଟ ଦଳ ଏବଂ କୃଷକ ସଙ୍ଗଠନ ମଧ୍ୟ ସମାନ ଦିନ ଆନ୍ଦୋଳନ କରିବେ। ତେଣୁ ଆସନ୍ତା ୮ ତାରିଖ ଦିନ ସବୁ ଦଳର ସମାବେଶ ରାଜନୀତି ଦେଖିବାକୁ ମିଳିବ। ଆନ୍ଦୋଳନ ଉକ୍ତ ଦିନ ସମାପ୍ତ ହେଲେ ବି ପ୍ରସଙ୍ଗକୁ ନେଇ ରାଜନୈତିକ ଆରୋପ-ପ୍ରତ୍ୟାରୋପ ଜାରି ରହିବ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତ ଦେଇଛନ୍ତି। ଲଗାତର ଦ୍ୱିତୀୟ ଥର ☞ପୃଷ୍ଠା-୨

- ଜାନୁୟାରୀ ୫ ଓ ୧୬ରେ ଆସୁଛନ୍ତି ମୋଦି
- ୮ରେ ପ୍ରତ୍ୟେକ ଦଳର କୃଷି ସମସ୍ୟାକୁ ନେଇ ଆନ୍ଦୋଳନ
- ବିଜେଡି କରିବ ଏସ୍‌ସି ସମାବେଶ




# ବିଷାକ୍ତ ଖାଦ୍ୟ ଖାଇ ଜଣେ ମୃତ, ୫ ଗୁରୁତର

**ଟିଙ୍କିରି,୧୧(ଡ଼ି.ଏନ.ଏ):** ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିଙ୍କିରି ଥାନା ଅନ୍ତର୍ଗତ ବାଙ୍କମ୍ବ ପଞ୍ଚାୟତ ଉପର କୋଡ଼ିଙ୍ଗା ଗ୍ରାମରେ ବିଷାକ୍ତ ଖାଦ୍ୟ ଖାଇ ଗୋଟିଏ ପରିବାରର ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୫ ଜଣ ଗୁରୁତର ହୋଇଛନ୍ତି । ଗୁରୁତର ଅସୁସ୍ଥମାନଙ୍କୁ ପ୍ରଥମେ ଟିଙ୍କିରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପରେ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ମୃତକ ଜଣକ ହେଲେ ଭାଗୀରଥି ଝୋଡ଼ିଆଙ୍କ ପୁଅ ରାମନାଥ ଝୋଡ଼ିଆ(୯) । ଗତ ସୋମବାର ରାତିରେ ଭାଗୀରଥିଙ୍କ ସହିତ ପରିବାର ଲୋକେ ଖାଦ୍ୟ ଖାଇ ଶୋଇଥିଲେ । ରାତିରେ ହଠାତ୍ ସମସ୍ତଙ୍କର ଝାଡ଼ାବାନ୍ତି ହେବା ସହ ଅସୁସ୍ଥ ହୋଇପଡ଼ିଥିଲେ । ସଙ୍ଗେ ସଙ୍ଗେ ଅସୁସ୍ଥମାନଙ୍କୁ ନିକଟସ୍ଥ ଟିଙ୍କିରି ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ବାଟରେ ରାମନାଥଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟମାନେ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି । ବିଷାକ୍ତ ଖାଦ୍ୟ ଖାଇ ସମସ୍ତେ ଅସୁସ୍ଥ ହୋଇଥିବା ଟିଙ୍କିରି ପୋଲିସ ପ୍ରକାଶ କରିଛି । ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା(୧/୧୯) ରୁଜୁ କରି ତଦନ୍ତ ଚଳାଇଥିବା ଥାନାଧିକାରୀ ସୁଜ୍ଞାନୀ ସାହୁ କହିଛନ୍ତି ।




■ ପିପିଲି ଗଣବଳାତ୍କାର ମାମଲା ପ୍ରସଙ୍ଗ

# ଭାଜପା କର୍ମୀ-ପୋଲିସ ଧସ୍ତାଧସ୍ତି

**ଭୁବନେଶ୍ୱର, ୧୧ (ବ୍ୟୁରୋ)**



ଜଣେ ଭାଜପାକର୍ମୀଙ୍କୁ ପୋଲିସ ଗିରଫ କରି ନେଉଛି।

ମହିଳାମାନଙ୍କ ପାଇଁ ରାଜ୍ୟ ସରକାର କରୁଥିବା ଯୋଜନା ଏବଂ ଦେଉଥିବା ପ୍ରତିଶ୍ରୁତି ପାଣିର ଗାର ପାଲଟିଛି । ପୋଲିସ ଶାସକ ଦଳର ଚାପରେ କାର୍ଯ୍ୟ କରୁଥିବା ଭାଜପା ଅଭିଯୋଗ କରିଛି। ପିପିଲି ଗଣବଳାତ୍କାର ଘଟଣାରେ ବରିଷ୍ଠ ମନ୍ତ୍ରୀ ପ୍ରଦୀପ ମହାରଥୀ ଦେଇଥିବା ମନ୍ତବ୍ୟକୁ ନେଇ ଭାଜପା ମହିଳା ମୋର୍ଚ୍ଚା ଜୋର୍‌ଦାର ଆନ୍ଦୋଳନ ଚଳାଇଛି। ଏହି ପ୍ରସଙ୍ଗରେ ମହାରଥୀଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରିବା ପାଇଁ ଉଭୟ ଭାଜପା ଏବଂ କଂଗ୍ରେସ ଦାବି କରିଛି। ମଙ୍ଗଳବାର ଏହି ଦାବିରେ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ନବୀନ ନିବାସ ଘେରାଉ କରିବାକୁ ଉଦ୍ୟମ କରାଯାଇଥିଲା। ଅନ୍ୟପଟେ ଆସନ୍ତା ଗୁରୁବାର ମହିଳା କଂଗ୍ରେସ ପକ୍ଷରୁ ନବୀନ ନିବାସ ଘେରାଉ କରାଯିବ ବୋଲି ସୂଚନା ଦିଆଯାଇଛି। ସେହିପରି ନବୀନ ନିବାସ ଘେରାଉ ସମୟରେ ଭାଜପା ମହିଳା ମୋର୍ଚ୍ଚା କର୍ମୀ ଏବଂ ପୋଲିସ୍ ମଧ୍ୟରେ ଧସ୍ତାଧସ୍ତି ହୋଇଛି। ଏନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସରକାରଙ୍କୁ ଟୁଇଟ୍ କରି ସମାଲୋଚନା କରିଛନ୍ତି।

ମନ୍ତ୍ରୀ ପ୍ରଦୀପ ମହାରଥୀଙ୍କୁ ବହିଷ୍କାର ଏବଂ ପୀଡିତାଙ୍କୁ ନ୍ୟାୟ ଦେବା ପାଇଁ ସିବିଆଇ ତଦନ୍ତ ଦାବି କରି ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ନବୀନ ନିବାସ ଘେରାଓ କରିବାକୁ ମଙ୍ଗଳବାର ଉଦ୍ୟମ କରାଯାଇଥିଲା। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରୁ ମହିଳା କର୍ମୀ ରାଲିରେ ବାହାରି ନବୀନ ନିବାସ ଅଭିମୁଖେ ଯାତ୍ରା କରିଥିଲେ। ଏହି ସମୟରେ ଏୟାରପୋର୍ଟ ଟ୍ରାଫିକ ନିକଟରେ ପୋଲିସ ମୁତୟନ ରହିଥିଲେ। ସେଠାରେ ମହିଳା କର୍ମୀ ଏବଂ ପୋଲିସ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ସେଠାରୁ ୨୫ଜଣ ମହିଳା କର୍ମୀଙ୍କୁ ପୋଲିସ ଉଠାଇ ନେଇ ରିଜର୍ଭରେ ୪ଘଣ୍ଟା ପର୍ଯ୍ୟନ୍ତ ଅଟକ ରଖିଥିଲା। ଏହାପରେ ପୋଲିସ ସେମାନଙ୍କୁ ଛାଡି ଦେଇଥିବା ଜଣାପଡିଛି। ଭାଜପା ମହିଳା ମୋର୍ଚ୍ଚା ସଭାପତି ପ୍ରଭାତୀ ପରିଡାଙ୍କ ନେତୃତ୍ୱରେ ଆୟୋଜିତ ଏହି ଆନ୍ଦୋଳନରେ ଶତାଧିକ କର୍ମୀ ସାମିଲ ହୋଇଥିଲେ। ଏହି ଅବସରରେ ପ୍ରଭାତୀ କହିଛନ୍ତି ଯେ, ପିପିଲି ଘଟଣାରେ ବିଜେଡି ନେତାଙ୍କ ସମ୍ପୃକ୍ତି ଥିବା ପ୍ରମାଣିତ ହେଉଛି। ପୂର୍ବରୁ କୁନ୍ଦୁଲି ପୀଡିତା ଗଣବଳାତ୍କାରର ଶିକାର ହୋଇ ନ୍ୟାୟ ନ ପାଇ ଆତ୍ମହତ୍ୟା କରିବା ଏବଂ ପିପିଲି ବଳାତ୍କାର ଘଟଣାରେ କ୍ରାଇମବ୍ରାଞ୍ଚ ତଥ୍ୟ ପ୍ରମାଣ ଅଭାବରୁ ଦୋଷୀ ନିର୍ଦ୍ଦୋଷରେ ଖଲାସ ହେବା, ଏହା ପ୍ରମାଣିତ କରୁଛି। ମହାରଥୀ ଏହି ଘଟଣାରେ ଯେଉଁଭଳି ବୟାନବାଜି କରିଥିଲେ ତାହା ସମଗ୍ର ମହିଳା ଜାତିକୁ ଅପମାନିତ କରିଛି । ମୁଖ୍ୟମନ୍ତ୍ରୀ ତୁରନ୍ତ ମହାରଥୀଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରନ୍ତୁ ନଚେତ୍ ଆଗାମୀ ଦିନରେ ଆନ୍ଦୋଳନ ଭୟାନକ ହେବ ବୋଲି ପ୍ରଭାତୀ କହିଛନ୍ତି।

■ ୩ରେ ନବୀନ ନିବାସ ଘେରିବ କଂଗ୍ରେସ

■ ଲୋକଙ୍କର ଜବାବ ମାଗିବାକୁ ପୂରା ଅଧିକାର ରହିଛି: ଧର୍ମେନ୍ଦ୍ର

ଆସନ୍ତା ୩ତାରିଖ ମଧ୍ୟରେ ମହାରଥୀ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦିଅନ୍ତୁ, ନଚେତ୍ ଆସନ୍ତା ଗୁରୁବାର ମହିଳା କଂଗ୍ରେସ ନବୀନ ନିବାସ ଘେରାଉ କରିବା ସହ ଯେଉଁସବୁ ସ୍ଥାନକୁ ମନ୍ତ୍ରୀ ଯିବେ ସେଠାରେ ମହିଳା କଂଗ୍ରେସ ବିରୋଧ କରିବ ବୋଲି ଦଳ ପକ୍ଷରୁ କୁହାଯାଇଛି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ କରି କହିଛନ୍ତି, ପିପିଲି ଗଣବଳାତ୍କାର ଘଟଣାର ଅଭିଯୁକ୍ତ ପ୍ରମାଣ ଅଭାବରୁ ଖଲାସ ହେବା ପ୍ରସଙ୍ଗରେ ଭାଜପା ମହିଳା ମୋର୍ଚ୍ଚା କର୍ମୀମାନେ ଆନ୍ଦୋଳନ କରୁଥିଲେ। ସେମାନଙ୍କ ଉପରେ ପୋଲିସର ମାତ୍ରାଧିକ ବଳ ପ୍ରୟୋଗ ନିନ୍ଦନୀୟ। ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଦାବି ଜଣାଇବାକୁ ଯିବାରେ କ'ଣ କିଛି ପ୍ରତିବନ୍ଧକ ଅଛି କି ବୋଲି ସେ ପ୍ରଶ୍ନ କରିଛନ୍ତି। ଲୋକମାନଙ୍କର ଜବାବ ମାଗିବାର ପୂରା ଅଧିକାର ରହିଛି ବୋଲି ଧର୍ମେନ୍ଦ୍ର ଉଲ୍ଲେଖ କରିଛନ୍ତି। ଅନ୍ୟପଟେ ଏହି ପ୍ରସଙ୍ଗରେ ମହାରଥୀ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଦେଇଛନ୍ତି।

# ଶିମିଳିପାଳରେ ତୁଷାର ପାତ

**ବାରିପଦା ଅଫିସ,୧୧**



ଶିମିଳିପାଳରେ ତୁଷାରପାତର ଦୃଶ୍ୟ।

ସମଗ୍ର ରାଜ୍ୟରେ ହାଡଭଙ୍ଗା ଶୀତ ହେଉଥିବା ବେଳେ ମୟୂରଭଞ୍ଜ ଜିଲାର ପ୍ରସ୍ତାବିତ ଜାତୀୟ ଉଦ୍ୟାନ ଶିମିଳିପାଳରେ ତୁଷାରପାତ ହେଉଛି। ଏଠାରେ କିଛି ଦିନ ଧରି ସର୍ବନିମ୍ନ ତାପାମାତ୍ରା ୨ କିମ୍ବା ୩ ଡିଗ୍ରୀ ସେଲସିୟସ ରହୁଛି। ତେବେ ଏଥିଯୋଗୁ ବନ୍ୟପ୍ରାଣୀଙ୍କର କୌଣସି ସମସ୍ୟା ହେଉନାହିଁ ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉପ କ୍ଷେତ୍ର ନିର୍ଦ୍ଦେଶକ ଯଜ୍ଞଦତ୍ତ ପତି କହିଛନ୍ତି। ବାରାହାମୁଣ୍ଡା ଅଞ୍ଚଳରେ ୨ ଡିଗ୍ରୀ ସେଲସିୟସ ତାପମାତ୍ରା ରହୁଥିବା ବେଳେ ନଅଣା ଓ ଚହଲା ଆଦି ସ୍ଥାନରେ ୩ ଡିଗ୍ରୀ ସେଲସିୟସ ତାପମାତ୍ରା ରହୁଛି। ତେବେ ଏହି ଶୀତରେ ମଧ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ହେଉଛି। ସେହିପରି ବାରିପଦା ସହରରେ ମଙ୍ଗଳବାର ସର୍ବନିମ୍ନ ତାପମାତ୍ରା ୯.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

ଝାରସୁଗୁଡ଼ା ଜିଲ୍ଲା, ଓଡ଼ିଶା
୨୫ ବର୍ଷ
୧୯୯୪ - ୨୦୧୯

ଝାରସୁଗୁଡା ଜିଲ୍ଲା ଗଠନର ରୌପ୍ୟ ଜୟନ୍ତୀ
ତଥା
ଜିଲ୍ଲା ମହୋତ୍ସବ "ଦୁଲ୍ ଦୁଲି" ୨୦୧୯
ମନମୋହନ ସ୍କୁଲ ପଡ଼ିଆ, ଝାରସୁଗୁଡା
(୧ ଜାନୁଆରୀରୁ ୫ ଜାନୁଆରୀ ପର୍ଯ୍ୟନ୍ତ)
ନବବର୍ଷ ତଥା ଜିଲ୍ଲା ଗଠନର ୨୫ ବର୍ଷ ପୂର୍ତ୍ତି ଅବସରରେ ହାର୍ଦ୍ଦିକ ଅଭିନନ୍ଦନ।
ବିଭୂତି ଭୂଷଣ ପଟ୍ଟନାଏକ
ଜିଲ୍ଲାପାଳ - ତଥା - ଅଧ୍ୟକ୍ଷ
ଜିଲ୍ଲା ସଂସ୍କୃତି ପରିଷଦ, ଝାରସୁଗୁଡା

# ଟ୍ରାକ୍ଟର ଓଲଟି ଡ୍ରାଇଭର ମୃତ

**ପାଟଣାଗଡ,୧୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ପାଟଣାଗଡ ବ୍ଲକ ଅନ୍ତର୍ଗତ ଦନ୍ଦ୍ରାବାହାଲ ଗ୍ରାମରେ ମଙ୍ଗଳବାର ସନ୍ଧ୍ୟାରେ ଏକ ଟ୍ରାକ୍ଟର ଓଲଟି ପଡିବାରୁ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତ ଡ୍ରାଇଭର ହେଲେ ଦନ୍ଦ୍ରାବାହାଲ ଗ୍ରାମର ଦିବାକର ରାଏ। ଏକ ନମ୍ବର ବିହୀନ ଟ୍ରାକ୍ଟର ନେଇ ସେ ଦନ୍ଦ୍ରାବାହାଲ ଗ୍ରାମରୁ ଆମଦର୍ହ ଗ୍ରାମକୁ ଯାଉଥିବା ବେଳେ ରାସ୍ତାରେ ଗାଡ଼ିଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଟ୍ରାକ୍ଟର ତଳେ ଡ୍ରାଇଭର ଦିବାକର ଚାପି ହୋଇଯିବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାପରେ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା।







**SAHARAYN UNIVERSAL MULTIPURPOSE SOCIETY LIMITED**
(Formerly Known as Saharayn E-Multipurpose Society Limited) (Regd. No.-MSCS/CR/935/2014)
Regd. Office: 195, Zone-1, In Front of D.B. Mall, M.P. Nagar, Bhopal, Madhya Pradesh-462011
Tel.: 0755-4296180, Email Id: sumsl.cooperative@sumsl.in, sumsl.cooperative@gmail.com

**NOTICE**

To all members, notice is hereby given for conducting the Election of Delegates in terms of the provisions of Bye-Laws and subsidiary rules for Constituting a Smaller Representative General Body of Saharayn Universal Multipurpose Society Ltd., election programme is as under:-

1. Place of filing nominations: At respective polling places.
2. Date & Time of filling nominations: **Part A-** 16/01/2019 till 12:00 Noon & **Part B-** 17/01/2019 till 12:00 Noon
3. Date and Time of Scrutiny and publication of list of nominations: **Part A-** 16/01/2019 till 02:00 P.M. & **Part B-**17/02/2019 till 02:00 PM
4. Last Date, Time of withdrawal of nominations: **Part A-** 16/01/2019 till 05:00 P.M. & **Part B-** 17/01/2019 till 05:00 PM
5. Date of declaration of list of final valid nominations: **Part A-** 16/01/2019 till 06:00 P.M. & **Part B-**17/01/2019 till 06:00 PM
6. Date, Time & Place of voting: at venues mentioned below. **Part A-**18/01/2019 till 02:00 P.M. **Part B-** 19/01/2019 till 02:00 PM

| S.No. | Place of Election | Address |
|---|---|---|
| | | Part A |
| 1. | Vijaywada | Smt&Sri Nandamuri Trivikrama Rao Municipal Corporation Community Building, Nagarjuna Nagar, Vijaywada. |
| 2 | Raipur | Chhattisgarh Chamber Of Commerce Industries,Second Floor Bombey Market Raipur. |
| 3. | Ahemdabad | Hotel Naeeka, Near Shahi Bagh, Under Bridge Shahi Baug, Ahmedabad, Gujrat. |
| 4. | Ambala | Sanatan Dharm, Shiv Mandir Dharamshala, Behind Sainik Aram Gah, Lal Kurti Bazar. Opp. Railway Stn, Ambala Cantt, Ambala, Haryana. |
| 5. | Delhi | N.D. Tiwari Bhawan, Near Ito New Delhi. |
| 6. | Bhopal | Hotel Amar Vilas-2 Hig-20, Shivaji Nagar, Behind Hotel Motel Shiraz, Bhopal, M.P. |
| 7. | Jaipur | Rawat Public School, Sector-17, Pratap Nagar, Opp. Mewar Apartment, Sanganer, Jaipur, Rajasthan. |
| 8. | Jodhpur | Blooming Lotus School, 16/505 Chopasani Housing Board, Jodhpur, Rajasthan. |
| 9. | Sambalpur | Bonvenon, Tangerpali, Near St.Jhon's School, Sambalpur, Odisha. |
| 10. | Bhuvaneshwar | Institure of Engineers, Sachivalaya Marg, Unit - 4 Bhubaneswar, Disha. |
| 11. | Ranchi | Budhh Smriti Bhawan[Kushwah Dharmshala], Pragati Path Makchund Toli,Near Oxford School Chutia, Ranchi, Jahrkhand. |
| 12. | Bokaro | Modak Complex, Near Neelam Nursing Home, Jodhadih More, Chas, Bokaro, Jharkhand. |
| 13. | Siliguri | Hma Hall Smriti Dham Building, Sevoke Road, Siliguri, West Bengal. |
| 14. | Kolkata | Sujata Sadan 7 No, Hazra Road Kolkata, West Bengal. |
| 15. | Dehradoon | Hindi Sahitya Bhavan, Near Pared Ground, Dehradoon, Uk |
| 16. | Mumbai | All India Institute Of Local Self Government, Sthanik Raj Bhawan, C.D. Barfiwala Marg, Juhu Lane Andheri (West),Mumbai. |
| 17 | Patna | B.D. Public School, Buddha Colony, Patna, Bihar. |
| 18. | Mujaffarpur | Asha Business Centre, Part2 Ground Floor Brahmpura Muzaffarpur, Bihar. |
| 19. | Lahariya Sarai | Kanha Vivah Bhawan, Barhetta Road, Kali Asthan Saidnagar Laheriyasarai Bihar. |
| 20. | Hajipur | Utsav Marriage Hall, Gandhi Ashram Near Railway Station Hazipur, Vaishali, Bihar. |
| 21. | Navada | Pink Garden, Gaya Road Sadbhawna Chowk, Nawadah, Bihar. |
| 22. | Shimla | Kalibadi, The Mall Road Shimla, Himachal Pradesh |
| | | Part B |
| 1. | Mohali | Gyan Jyoti Management Institute & Sr. Sec School, Near Bassi Theatre, Phase 2 Mohali, Punjab. |
| 2 | Hazaribagh | Jan Vikash Kendra, Julu Park Hazaribag, Jharkhand. |
| 3. | Tata Nagar | Teli Chaurasi Panchayat , Sahu Dharamshala Sewasadan Road, Jugsalai Dist East Singhbhum, Jamshedpur, Jharkhand. |
| 4. | Gaya | Prem Parmeshwar Bhawan, Near T.O.P. Nai Sadak, Chandchaura, Gaya, Bihar. |
| 5. | Samastipur | Fun & Learn School Nachari Jha, Path Near Petrol Pump, W.N.27 Bahadurpu, Samastipur Bihar. |
| 6. | Motihari | Monalisha Hall Pani Tanki Near Bank Of Baroda Motihari Champaran Bihar. |
| 7. | Siwan | Indira Smriti, Rajendra Ashram Sewa Sansthan, Rajeev Nagar Gaushala Road, Siwan, Bihar. |
| 8. | Bhagalpur | Durga Charan High School, Manik Sarkar, Near Lajpatpark, Bhagalpur, Bihar. |

Counting will be done immediately after the polling is over on 18th & 19th January 2019 and the Assistant Returning Officer will declare the result & submit the same along with election record to the under signed.

**Note:**
1. Nomination process and voting will commence in the morning at 10:00 A.M on respective dates.
2. At the time and place of election, members are requested to bring their photo-ID card with them.
3. The nomination paper will be made available at the respective centres.
4. Members who are eligible as per provisions of the act and whose names are included in the list of members published by the Returning Officer, only be entitled to vote in the election.
5. List of valid candidates shall be published at the respective centres of the Society.

Date: 10.12.2018
Place: Bhopal

For and on behalf of **Saharayn Universal Multipurpose Society Limited**
S/d
Returning Officer




# ମହାପ୍ରଭୁଙ୍କୁ ଦର୍ଶନ କଲେ ମୁଖ୍ୟମନ୍ତ୍ରୀ

**ପୁରୀ ଅଫିସ,୧୧**



ମୁଖ୍ୟମନ୍ତ୍ରୀ ଶ୍ରୀମନ୍ଦିରରୁ ଶ୍ରୀଜୀଉଙ୍କ ଦର୍ଶନ ସାରି ଫେରୁଛନ୍ତି।

ନବବର୍ଷ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରୀମନ୍ଦିରକୁ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରୁ ସଡ଼କ ପଥରେ ଆସି ମଧ୍ୟାହ୍ନ ୧୨ଟା ୧୩ରେ ସିଂହଦ୍ୱାର ନିକଟରେ ପହଞ୍ଚିଥିଲେ। ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ କୁମାର ମହାପାତ୍ର, କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ, ଜିଲାପାଳ ଜ୍ୟୋତିପ୍ରକାଶ ଦାସ, ଏସ୍‌ପି ସାର୍ଥକ କୁମାର ଷଡ଼ଙ୍ଗୀ, ବିଧାୟକ ସଞ୍ଜୟ ଦାସବର୍ମା, ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁ, ପୂର୍ବତନ ନଗରପାଳ ଜୟନ୍ତ କୁମାର ଷଡ଼ଙ୍ଗୀ ପ୍ରମୁଖ ସିଂହଦ୍ୱାର ନିକଟରେ ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ ଏବଂ ପୁଷ୍ପଗୁଚ୍ଛ ପ୍ରଦାନ କରି ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ସ୍ୱାସ୍ଥ୍ୟଗତ କାରଣ ଯୋଗୁ ମୁଖ୍ୟମନ୍ତ୍ରୀ ସିଂହଦ୍ୱାର ଗୁମୁଟରେ ପତିତପାବନଙ୍କୁ ଦର୍ଶନ କରି ମଧ୍ୟାହ୍ନ ୧୨ଟା ୨୦ରେ ଫେରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ନୂଆବର୍ଷର ଅଭିନନ୍ଦନ ଜଣାଇବା ସହ ରାଜ୍ୟବାସୀଙ୍କ ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରିଥିଲେ। ପରେ ସ୍ୱର୍ଗଦ୍ୱାର ଯାଇ ତାଙ୍କ ପିତା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସମାଧି ପୀଠରେ ପୁଷ୍ପମାଲ୍ୟ ଦେଇ ପ୍ରଣାମ ଜଣାଇଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ଫେରିଯାଇଥିଲେ।

■ ରାଜ୍ୟବାସୀଙ୍କ ସୁଖ, ଶାନ୍ତି କାମନା କଲେ

■ ଭିତରକୁ ଗଲେନି, ସିଂହଦ୍ୱାର ଗୁମୁଟରୁ ଫେରିଲେ

ନିଜର ଦୋଷତ୍ରୁଟି ସମ୍ବନ୍ଧେ ସଚେତନ ହୋଇ ଉଠିବା ହିଁ ମହାନ୍ ପ୍ରଗତିର ଏବଂ ସାଧନାରେ ସଫଳତା ଲାଭ କରିବାର ରାସ୍ତା ଉନ୍ମୁକ୍ତ ହେବାର ଏକ ସଙ୍କେତ। -ଶ୍ରୀମା



# ସ୍ଥାନୀୟଙ୍କୁ ଗୁରୁତ୍ୱ

ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଭାବେ ସଦ୍ୟ ଦାୟିତ୍ୱ ନେଇଥିବା କମଲନାଥ ରାଜ୍ୟର ଉଦ୍ୟୋଗୀମାନଙ୍କୁ ସେମାନଙ୍କ ସଂସ୍ଥାରେ ୭୦ ପ୍ରତିଶତ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦେବା ପାଇଁ ପରାମର୍ଶ ଦେଇଛନ୍ତି। ଏହା ହେଲେ କମ୍ପାନୀଗୁଡ଼ିକୁ ଅଧିକ ପ୍ରୋତ୍ସାହନ ଦିଆଯିବ ବୋଲି ସେ ସର୍ତ୍ତ ରଖିଛନ୍ତି। କୁହାଯାଉଛି ମଧ୍ୟପ୍ରଦେଶରେ ଉତ୍ତରପ୍ରଦେଶ ଓ ବିହାର ଲୋକମାନେ ବହୁଳ ମାତ୍ରାରେ ରହି କାର୍ଯ୍ୟ କରୁଛନ୍ତି। ଏହାଦ୍ୱାରା ସ୍ଥାନୀୟ ଅଧିବାସୀ ନିଯୁକ୍ତି ପାଇବାରୁ ବଞ୍ଚିତ ହେଉଥିବାରୁ କମଲନାଥ ଉଦ୍ୟୋଗୀମାନଙ୍କୁ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଅତୀତରେ ଉତ୍ତରପ୍ରଦେଶ ଓ ବିହାରର ଲୋକମାନେ ମହାରାଷ୍ଟ୍ରରେ ଅତ୍ୟଧିକ ମାତ୍ରାରେ କାର୍ଯ୍ୟ କରି ସେମାନଙ୍କ ରୋଜଗାର ଛଡ଼ାଇ ନେଉଛନ୍ତି ବୋଲି ମରାଠୀମାନେ ଅଭିଯୋଗ କରିଥିଲେ। ସେତେବେଳେ ଅନେକ ସ୍ଥାନରେ ଉତ୍ତର ଭାରତୀୟ ଲୋକଙ୍କ ଉପରେ ଆକ୍ରମଣ ହୋଇଥିଲା। ସେହି ଘଟଣା ସମଗ୍ର ଦେଶରେ ଆଲୋଡ଼ନ ସୃଷ୍ଟି କରିଥିଲା। ଉତ୍ତର ପୂର୍ବାଞ୍ଚଳ ଲୋକେ ମଧ୍ୟ ଦକ୍ଷିଣ ଭାରତରେ ଅସ୍ୱାଭାବିକ ପରିସ୍ଥିତିର ସାମ୍ନା କରିଥିଲେ। କିନ୍ତୁ ଉତ୍ତର ପୂର୍ବାଞ୍ଚଳର ଯୁବତୀଯୁବକ ଭାରତର ବିଭିନ୍ନ ଜାଗାରେ ଯେଉଁ କାର୍ଯ୍ୟ କରୁଛନ୍ତି ସେଥିରେ ସ୍ଥାନୀୟ ଲୋକଙ୍କର ସ୍ଥାନ ରହିବା ସମ୍ଭବପର ହୋଇ ନ ଥାଏ। ଏବେ କମଲନାଥଙ୍କ ବିବୃତି ସ୍ଥାନୀୟ ଯୁବକଙ୍କ ମଧ୍ୟରେ ଉତ୍ତର ଭାରତୀୟଙ୍କ ପ୍ରତି ଅସନ୍ତୋଷ ସୃଷ୍ଟି କଲାଣି। ହେଲେ ଅନେକେ ଯୁକ୍ତି ବାଢ଼ୁଛନ୍ତି ଯେ, ଏକ ରାଷ୍ଟ୍ର ମଧ୍ୟରେ ନାଗରିକ ଯେଉଁଠାରେ ରହି ଜୀବିକା ଉପାର୍ଜନ ପାଇଁ କର୍ମସଂସ୍ଥାନ ଖୋଜିପାରିବେ। ଏହା ସେମାନଙ୍କର ମୌଳିକ ଅଧିକାର। କିନ୍ତୁ ଜନସଂଖ୍ୟାବହୁଳ ଉତ୍ତରପ୍ରଦେଶ ଓ ବିହାରରୁ ଅନେକ ଯୁବତୀଯୁବକ ଦେଶର ବିଭିନ୍ନ ଭାଗକୁ ଯାଇ ସ୍ଥାନୀୟ ନିଯୁକ୍ତି ବଜାରରେ ଭାଗ ବସାଉଛନ୍ତି। କୁହାଯାଉଛି ନିଯୁକ୍ତି ପାଇବା ପରେ ସେମାନଙ୍କ ମଧ୍ୟରୁ ଅଧିକାଂଶ ସମ୍ପୃକ୍ତ ସଂସ୍ଥା ପ୍ରତି ଉତ୍ତରଦାୟୀ ଥିବା ଭଳି ମନେହେଉ ନାହିଁ। କେବଳ ସେତିକି ନୁହେଁ, ବିଭିନ୍ନ ପ୍ରକାର ରାଜନୈତିକ ହିଂସାକାଣ୍ଡରେ ସେମାନେ ସମ୍ପୃକ୍ତ ରହୁଥିବା ପରିଲକ୍ଷିତ ହେଉଛି। ଅପରପକ୍ଷେ ସ୍ଥାନୀୟ ନିଯୁକ୍ତିକୁ ଗୁରୁତ୍ୱ ଦିଆଗଲେ ରାଜ୍ୟର ବେକାର ଯୁବତୀଯୁବକଙ୍କ ସଂଖ୍ୟା କମିବା ସହିତ କମ୍ପାନୀ ପ୍ରୀତି ବଢ଼ନ୍ତା, ଯାହାର ସୁଫଳ ପରୋକ୍ଷରେ ହେଲେ ବି ଜନସାଧାରଣଙ୍କ ପାଖରେ ପହଞ୍ଚିପାରନ୍ତା। ଏହି ଦୃଷ୍ଟିରୁ ବିଚାର କଲେ କମଲନାଥଙ୍କ ଚିନ୍ତାଧାରାକୁ କେତେକେ ବିରୋଧ କରୁଥିବା ସତ୍ତ୍ୱେ ଆମେ ସ୍ୱାଗତ କରୁଛୁ।

ଓଡ଼ିଶା କଥା ଚିନ୍ତା କଲେ ରାଜ୍ୟର ବିଭିନ୍ନ ସ୍ଥାନରେ ଗଢ଼ି ଉଠିଥିବା ଶିଳ୍ପ କାରଖାନାଗୁଡ଼ିକରେ ସ୍ଥାନୀୟ ନିଯୁକ୍ତିକୁ ଅଣଦେଖା କରାଯାଉଛି। କମ୍ପାନୀ ଖୋଲିବା ପାଇଁ ଯେଉଁମାନଙ୍କଠାରୁ ଜମି ନିଆଯାଇଛି ସେମାନଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ମିଳୁନାହିଁ। ଫଳରେ ଅସନ୍ତୋଷ ଦାନା ବାନ୍ଧୁଛି। ସେଭଳି କ୍ଷେତ୍ରରେ ସ୍ଥାନୀୟ ଲୋକଙ୍କୁ ସନ୍ତୁଷ୍ଟ କରିବାକୁ ଯାଇ କେତେଜଣଙ୍କୁ ତଳିଆ କାମରେ ନିୟୋଜିତ କରାଯାଉଛି। ଟପ୍ ପୋଷ୍ଟରେ ଚାକିରି ପାଉଛନ୍ତି ରାଜ୍ୟ ବାହାରର ଲୋକ। ଏଭଳିସ୍ଥଳେ ପ୍ରତିବାଦ କରାଗଲେ କମ୍ପାନୀ କର୍ତ୍ତୃପକ୍ଷ ଯୁକ୍ତି ବାଢ଼ୁଛନ୍ତି ଯେ, ଦକ୍ଷତାକୁ ଅଗ୍ରାଧିକାର ଦିଆଯାଉଛି। ଦେଖିବାକୁ ଗଲେ କେହି ମା' ପେଟରୁ ସବୁ ଶିଖି ଆସି ନ ଥାନ୍ତି। ସୁଯୋଗ ମିଳିଲେ ଜଣେ ଉତ୍କର୍ଷ ପ୍ରତିପାଦନ କରିପାରିବେ। ସବୁବେଳେ ନ୍ୟୂନ ଦୃଷ୍ଟିରେ ସ୍ଥାନୀୟ ନିଯୁକ୍ତି ଆଶାୟୀଙ୍କୁ ହତାଦର କରାଗଲେ ମହାରାଷ୍ଟ୍ର ଓ ନିକଟରେ ଗୁଜରାଟରେ ଉପୁଜିଥିବା ପରିସ୍ଥିତି ସୃଷ୍ଟି ହେବ।

ସାମାନ୍ୟ ପ୍ରସଙ୍ଗ ବାହାରକୁ ଯାଇ ଏକ ବିଷୟ ଉପରେ ନଜର ପକାଯାଇପାରେ। ପୂର୍ବରୁ କାଉଡ଼ିଆ ବା ବୋଲବମ୍ ଭଳି ଅନୁଶାସନହୀନ ଗୋଷ୍ଠୀ ଭୁବନେଶ୍ୱରର ଲିଙ୍ଗରାଜ ସମେତ ରାଜ୍ୟର ବିଭିନ୍ନ ଶୈବପୀଠରେ ଦେଖିବାକୁ ମିଳୁ ନ ଥିଲେ। ଗତ କିଛି ବର୍ଷ ହେବ ସେମାନଙ୍କ ପ୍ରାଦୁର୍ଭାବ ବଢ଼ିଛି । କାଉଡ଼ିଆଙ୍କଠାରୁ ଆରମ୍ଭ କରି ଛଟ୍ ପୂଜା ପାଳନ କରୁଥିବା ବ୍ୟକ୍ତିଙ୍କୁ ଦେଖିଲେ ସେମାନେ ଓଡ଼ିଶାର ସ୍ୱାଭାବିକ ଶାନ୍ତ ପରିସ୍ଥିତିକୁ ଯଥେଷ୍ଟ ବିଚଳିତ କରିଦେଇପାରିଛନ୍ତି। ଓଡ଼ିଆମାନେ ଏହା ବୁଝି ନ ପାରିବା ସତ୍ତ୍ୱେ ସେମାନଙ୍କୁ ମନେରଖିବାକୁ ହେବ ଯେ ଏହିଭଳି ଆମଦାନୀ ହେଉଥିବା ଉତ୍ତର ଭାରତୀୟ ସଂସ୍କୃତି ଆମ ରାଜ୍ୟର ଐତିହ୍ୟକୁ ଧ୍ୱଂସ କରିଦେବ। ତେଣୁ ସେଥିପ୍ରତି ସଜାଗ ଦୃଷ୍ଟି ଦିଆଯିବା ଆମ ପାଇଁ ମଙ୍ଗଳ ହେବ।

କମଲନାଥ ମଧ୍ୟପ୍ରଦେଶ ଶାସନ ଗାଦିରେ ବସୁବସୁ ଯେଉଁ ନିଷ୍ପତ୍ତି ନେଇଛନ୍ତି ତାହା ତାଙ୍କ ରାଜ୍ୟର ହିତ ପାଇଁ ସକାରାତ୍ମକ। କମ୍ପାନୀ ବା ସଂସ୍ଥା ସ୍ଥାପନ ଲାଗି ଏକ ରାଜ୍ୟ ଭିତ୍ତିଭୂମିଠାରୁ ଆରମ୍ଭ କରି ସମସ୍ତ ପ୍ରକାର ସୁବିଧା ସୁଯୋଗ ରିହାତିରେ ଯୋଗାଇ ଦେଉଥିବାବେଳେ ମାନବ ସମ୍ବଳ କ୍ଷେତ୍ରରେ ସ୍ଥାନୀୟ ଯୁବତୀଯୁବକଙ୍କୁ ଅଗ୍ରାଧିକାର କାହିଁକି ଦିଆଯିବ ନାହିଁ ବୋଲି ପ୍ରଶ୍ନ ଉଠିବା ସ୍ୱାଭାବିକ। ସକାରାତ୍ମକ ଭାବେ ଚିନ୍ତା କଲେ କମଲନାଥଙ୍କ ଚିନ୍ତାଧାରା ଓଡ଼ିଶା ଭଳି କେତେକ ଶିଳ୍ପାଭିମୁଖୀ ରାଜ୍ୟ ପାଇଁ ଅନୁସରଣୀୟ। ଓଡ଼ିଶା ଭଳି ମଧ୍ୟପ୍ରଦେଶ ଏକ କୃଷିଭିତ୍ତିକ ରାଜ୍ୟ। ଏକ ପରିବର୍ତ୍ତନ ଆଣିବାକୁ ହେଲେ ଓଡ଼ିଶା ସରକାରଙ୍କୁ ମଧ୍ୟ ଅତ୍ୟନ୍ତ କଠୋର ସାମାଜିକ ନିଷ୍ପତ୍ତି ନେବାକୁ ପଡ଼ିବ। ଦୁଃଖର କଥା ଯେ ଓଡ଼ିଶାରେ ସେଭଳି କୌଣସି ରାଜନୈତିକ ଇଚ୍ଛାଶକ୍ତି ଦେଖିବାକୁ ମିଳୁନାହିଁ। ଏହା ରାଜ୍ୟ ପାଇଁ କ୍ଷତିକାରକ ସାଜୁଛି।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | D | | | | | | 1 | | | | | | |
| 1 | | | 5 | B | 8 | | 9 | A | | | 6 | | | |
| | 4 | 5 | | | | | | | | | | 0 | 7 | 9 |
| | 9 | | | | | 8 | | D | 3 | E | | | C | |
| | | | | | | | B | 7 | | | 4 | | A | 3 |
| | 6 | | | | A | | | B | | | 8 | C | | 2 |
| E | | | | | 0 | | 1 | 8 | | | B | | 9 | |
| | 8 | | D | 6 | | | | 3 | | | A | | | 1 |
| | 1 | B | | | E | | | | 2 | 5 | | | | 0 |
| | | 7 | | | 2 | | | | | | | 4 | 6 | |
| | | 3 | | | | | D | 2 | | | | 5 | 0 | |
| D | 5 | 2 | | | | | | | | 9 | | | | 4 |
| | 7 | | | | | | E | | 6 | 0 | D | | | |
| | | 9 | | | 4 | | 6 | | | 8 | | | | E |
| 0 | | 4 | | | | B | | | | C | 1 | 6 | D | A |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | D | 5 | B | 6 | 3 | 8 | 4 | E | 7 | 1 | 9 | 0 | C | 2 |
| 0 | 4 | 7 | 1 | E | C | B | 5 | 2 | A | 6 | 3 | D | 9 | 8 |
| C | 8 | 1 | 0 | 9 | 4 | D | A | 3 | 5 | 2 | E | B | 6 | 7 |
| B | E | 3 | 8 | 2 | A | 9 | 6 | 7 | D | C | 0 | 5 | 4 | 1 |
| 6 | 9 | 2 | D | 7 | 5 | 0 | 1 | C | 8 | B | 4 | 3 | A | E |
| 7 | C | 9 | 4 | 3 | 8 | 5 | 0 | B | 2 | A | D | 1 | E | 6 |
| 2 | 1 | 8 | 5 | A | D | 7 | 9 | 6 | E | 0 | B | 4 | 3 | C |
| E | A | 0 | 9 | 1 | 6 | 4 | 3 | D | C | 7 | 5 | 2 | 8 | B |
| D | B | 6 | C | 0 | 7 | E | 2 | 8 | 3 | 4 | 1 | A | 5 | 9 |
| 3 | 5 | 4 | E | B | 2 | A | C | 1 | 6 | 9 | 8 | 7 | D | 0 |
| 4 | 2 | C | 3 | 8 | 1 | 6 | 7 | 9 | B | D | A | E | 0 | 5 |
| 9 | 0 | D | 6 | C | B | 1 | E | A | 4 | 5 | 2 | 8 | 7 | 3 |
| 8 | 3 | B | 7 | 5 | 0 | 2 | D | 4 | 9 | E | C | 6 | 1 | A |
| 5 | 7 | E | A | 4 | 9 | 3 | B | 0 | 1 | 8 | 6 | C | 2 | D |
| 1 | 6 | A | 2 | D | E | C | 8 | 5 | 0 | 3 | 7 | 9 | B | 4 |

ଗତକାଲିର ଉତ୍ତର

# ସୁଯୋଗ୍ୟ ଭାରତ



ରଞ୍ଜନ କୁମାର ଦାସ

କିଛିଦିନ ତଳେ ଲେଖକ କାର୍ଯ୍ୟ କରୁଥିବା ସରକାରୀ ଦପ୍ତରରେ ଖାଲିଥିବା କିଛି ପଦବୀରେ ସରକାରଙ୍କ ଦ୍ୱାରା ମନୋନୀତ କିଛି ପ୍ରାର୍ଥୀ ଯୋଗଦେବା ପାଇଁ ଆସିଥିଲେ। ୧୨ ଜଣ ଅତିରିକ୍ତ ତହସିଲଦାର ପଦବୀରେ ଯୋଗଦେଇଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୮ ଜଣ ଥିଲେ ବିଭିନ୍ନ ବର୍ଗର ଇଞ୍ଜିନିୟର। ସେଇଭଳି ୨୨ଜଣ ଅଙ୍ଗନୱାଡି ସୁପରଭାଇଜରଙ୍କ ମଧ୍ୟରୁ ୧୬ଜଣ ଥିଲେ ଇଞ୍ଜିନିୟର ଏବଂ ଜଣେ ଥିଲେ ବାୟୋଟେକ୍ନୋଲୋଜି ଛାତ୍ରୀ। ଆଉ ଜଣେ କରୁଥିଲେ ପିଏଚ୍‌ଡି। ସେଇଭଳି ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ୮ଜଣଙ୍କ ଭିତରୁ ୬ଜଣ ଥିଲେ ଇଞ୍ଜିନିୟର। ୮ଟି ଡାଟା ଏଣ୍ଟ୍ରି ଅପରେଟର ପଦବୀରେ ୨ଜଣ ଥିଲେ ଇଞ୍ଜିନିୟର। ମଝିରେ ସେମିତି ଖାଲିଥିବା ପାଞ୍ଚ ସାତଟି ପିଅନ ପଦବୀ ପୂରଣ କରିବା ବେଳେ ଦେଖାଗଲା ଯେ ଆବେଦନ କରିଥିବା ଚାରିଶହ ପ୍ରାର୍ଥୀଙ୍କ ମଧ୍ୟରୁ ଦୁଇ ତୃତୀୟାଂଶ ପ୍ରାର୍ଥୀ ସ୍ନାତକ କିମ୍ବା ସ୍ନାତକୋତ୍ତର ଡିଗ୍ରୀଧାରୀ। ଏପରି କି ମୋ ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ ଯେଉଁଦିନ ଦେଖିଲି ଜଣେ ଦନ୍ତଚିକିତ୍ସକ ଆସି ଖାଲିଥିବା ଏକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଦବୀରେ ଯୋଗଦେଲେ। ସେମାନଙ୍କୁ ସମସ୍ତଙ୍କୁ ମୁଁ ପଚାରିଥିଲି ଆପଣମାନେ କାହିଁକି ନିଜ ଯୋଗ୍ୟତାଠାରୁ ନ୍ୟୂନ ଲାଗୁଥିବା ପଦବୀରେ ଯୋଗଦେବାକୁ ଇଚ୍ଛା କରିଛନ୍ତି। ଏ କାମ କରିବାକୁ କ'ଣ ସତରେ ଆପଣମାନଙ୍କୁ ଭଲ ଲାଗିବ? ସମସ୍ତଙ୍କର ସେଇ ଏକା ଉତ୍ତର ଥିଲା, ଆଜିକାଲି ତ ଚାକିରି ବାକିରି ମିଳୁନି। ଯାହା ମିଳୁଛି ବରଂ ତାକୁ ଗ୍ରହଣ କରିନେବା ବିଜ୍ଞତାର ପରିଚାୟକ। ଅନ୍ତତଃ ପାଠଶାଠ ପଢି ବେକାର ବସିଛି ବୋଲି ତ କେହି କହିବେ ନାହିଁ। ତା' ଛଡା ଆମ ବିବାହ ବଜାରରେ ସରକାରୀ ଦପ୍ତରରେ ଯେତେ ଛୋଟ ଚାକିରି କରିଥିବା ପ୍ରାର୍ଥୀଟିଏ ହେଉ ପଛେ ତା'ର ଭାଉ ଅଲଗା। ସରକାରୀ ଚାକିରିଆ ବରଟିଏ ମିଳିଗଲେ ଯେତେ ଭଲ ବ୍ୟବସାୟ ବା କଳକାରଖାନା କରିଥିବା ପାତ୍ରଙ୍କୁ ଆଉ ଲୋକେ ପଚାରନ୍ତିନି।

ଏସବୁ କଥା ଶୁଣିଶୁଣି ମୁଁ ଚିନ୍ତାକଲି ଦେଶ ଏତେ ପ୍ରଗତି କରୁଛି। ଏତେ କଳକାରଖାନା, ବ୍ୟବସାୟ ଖୋଲୁଛି। ରାସ୍ତାଘାଟ, ଦପ୍ତର, କୋଠାବାଡି ତିଆରି ହେଉଛି। କମ୍ପ୍ୟୁଟରୀକରଣ, ଟେଲି ଯୋଗାଯୋଗର ସୁଯୋଗ ସୃଷ୍ଟି ହେଉଛି। ଏତେ ସବୁ ହେବା ସତ୍ତ୍ୱେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଇଞ୍ଜିନିୟରିଂ ପାଠ ପଢିଥିବା ପିଲାମାନେ କାହିଁକି ତାଙ୍କ ପାଠ ମୁତାବକ ମନଲାଖି ଚାକିରିଟିଏ ପାଉନାହାନ୍ତି ଏବଂ ଯାହା ଛୋଟମୋଟ ଚାକିରି ମିଳିଗଲେ ତାକୁ ଗ୍ରହଣ କରି ନେଉଛନ୍ତି? ଏପରି କି ବହୁ ଇଞ୍ଜିନିୟରିଂ ପାଠପଢା ପିଲା କଣ୍ଟ୍ରାକ୍ଟ କରିବାକୁ ବି କୁଣ୍ଠାବୋଧ କରୁନାହାନ୍ତି। ତାଙ୍କ ଭିତରୁ କିଏ ଫଙ୍ଗ୍‌ଶ୍ୱେ, ବାସ୍ତୁ ଦୋକାନ କଲାଣି ତ କିଏ ହୋଟେଲ ରେଷ୍ଟୁରାଣ୍ଟ ଖୋଲିଲାଣି। କିଏ ଇ-କମର୍ସ ସାଇଟ୍ ଖୋଲି ରିଟେଲ ବିଜ୍‌ନେସ କଲାଣି ତ କିଏ ବୟସ ଗଡିବା ଯାଏ ଚାକିରି ଖୋଜିଖୋଜି ଶେଷରେ ଟ୍ୟୁଟୋରିଆଲ ଖୋଲି କୋଚିଙ୍ଗ୍ ଦେଉଛି। ଏମିତିରେ ବହୁତ ଚିହ୍ନାଜଣା ଅଭିଭାବକ ମତେ ଅନୁରୋଧ କରନ୍ତି ଟିକେ କୋଉଠି କୁହାବୋଲା କରି ତାଙ୍କ ପିଲାକୁ ଅଳ୍ପ ଦରମାରେ ହେଉ ପଛେ ରଖେଇ ଦେବାପାଇଁ। କୁହାକୁହି କରି ତାଙ୍କୁ ଇଣ୍ଟରଭ୍ୟୁ ଦେବାକୁ ପଠେଇଲେ ବି ସେଠି ସେମାନେ ପାସ୍ କରିପାରନ୍ତି ନାହିଁ। ନିଜ ଦକ୍ଷତା ବା ନିଜ ଭାଗ୍ୟକୁ ଦୋଷ ନ ଦେଇ, ସେମାନେ ବରଂ ଆମକୁ ଦୋଷ ଦିଅନ୍ତି ଯେ ଇଏ ବୋଧହୁଏ ଆମ ପାଇଁ ଜୋର୍ ଦେଇ କହିଲେନି, ଯେଉଁଥିପାଇଁ ଚାକିରିଟା ହେଲା ନାହିଁ।

ଏକ ପରିସଂଖ୍ୟାନ ଅନୁସାରେ ଭାରତରେ ପ୍ରତିବର୍ଷ ପ୍ରାୟ ପଚାଶ ଲକ୍ଷରୁ ଊର୍ଦ୍ଧ୍ୱ ସ୍ନାତକ ବା ସ୍ନାତକୋତ୍ତର ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୁଅନ୍ତି। ତାଙ୍କ ଭିତରୁ ଅର୍ଦ୍ଧାଧିକ ଇଞ୍ଜିନିୟରିଂ କିମ୍ବା ମ୍ୟାନେଜମେଣ୍ଟ ଛାତ୍ରୀଛାତ୍ର। ଏମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ଭାଗ୍ୟ ଏଇଭଳି ହୋଇଥାଏ। ଏତେ ଭଲ ଘରର ପିଲା ଏମାନେ। ଅର୍ଥ ପ୍ରତିପତ୍ତି ବା ସ୍ମାର୍ଟନେସ୍‌ରେ ଏମାନେ ପଛୁଆ ନୁହନ୍ତି। ମାତ୍ର କାହିଁକି ଏମାନେ ଏଭଳି ପରିସ୍ଥିତି ଭୋଗନ୍ତି? ଏହାର ଉତ୍ତର ଖୋଜୁଖୋଜୁ ଦିନେ ନାସ୍‌କମ୍ ମୁଖ୍ୟଙ୍କର ଏକ ବୟାନ ଦୃଷ୍ଟିଗୋଚର ହେଲା। ନାସ୍‌କମ୍ ହେଲା ୧୯୮୮ ମସିହାରେ ପ୍ରତିଷ୍ଠିତ ଏକ କନ୍‌ଫେଡେରେଶନ ଯାହା ଭାରତୀୟ ଶିଳ୍ପମାନଙ୍କର ପ୍ରତିନିଧିତ୍ୱ କରେ। ଆଇଟି ଏବଂ ବିପିଏମ୍ ଇଣ୍ଡଷ୍ଟ୍ରିଗୁଡ଼ିକର ମିଳିତ ୧୫୪ ବିଲିୟନ୍ ଡଲାରର ଯେଉଁ ବିଶାଳ ଭିତ୍ତିଭୂମି ତା'ର ସର୍ବୋଚ୍ଚ ସ୍ତରରେ ପ୍ରତିନିଧିତ୍ୱ କରୁଥିବା ଏଇ ସଂସ୍ଥାର ମୁଖ୍ୟଙ୍କର କହିବା କଥା ହେଲା ଆମର ଉତ୍ତୀର୍ଣ୍ଣ ହେଉଥିବା ଇଞ୍ଜିନିୟରିଂ ବା ମ୍ୟାନେଜମେଣ୍ଟ ଗ୍ରାଜୁଏଟ୍‌ମାନଙ୍କ ମଧ୍ୟରୁ ପ୍ରାୟ ୨୫% ସମ୍ପୂର୍ଣ୍ଣଭାବେ ଅଣନିୟୋଜନଯୋଗ୍ୟ। ଏମାନେ ନାଁକୁ କେବଳ ଡିଗ୍ରୀ ହାସଲ କରିଥିବା କିଛି ଅପଦାର୍ଥ ଓ ଅଯୋଗ୍ୟ ବ୍ୟକ୍ତି। ଏମାନଙ୍କ ଦ୍ୱାରା କିଛି ହୋଇପାରିବ ନାହିଁ। ତେଣୁ କୌଣସି ଶିଳ୍ପ ବା ବ୍ୟବସାୟ ପ୍ରତିଷ୍ଠାନ ତାଙ୍କୁ କେବେ ନିୟୋଜନ କରି ନିଜର କ୍ଷତି କରିବାକୁ ଚାହିଁବେନି। ଚିନ୍ତା କଲି, ଏଇଥିରେ ଆମେ ବିଶ୍ୱଗୁରୁ ହେବାର ଆସ୍ଫାଳନ କରୁଛୁ? ନଲେଜ ସୁପରପାୱାର ହେବାର ଆସ୍ପର୍ଦ୍ଧା କରୁଛୁ!

ପ୍ରକୃତରେ ଆମର ବାସ୍ତବ ପରିସ୍ଥିତି ସମ୍ପୂର୍ଣ୍ଣ ଅଲଗା। ଆମର ଶିକ୍ଷା ବ୍ୟବସ୍ଥା ତ୍ରୁଟିପୂର୍ଣ୍ଣ। ଆମ ଦେଶରେ ଗବେଷଣା ପାଇଁ ପରିବେଶ ନାହିଁ। ଗବେଷଣା ପାଇଁ ଏଠି କେହି କାହାକୁ ଉତ୍ସାହିତ କରନ୍ତି ନାହିଁ। ବାପ ମା' ସବୁବେଳେ ଚାହାନ୍ତି ତାଙ୍କ ପିଲା ବେଶି ପଣ୍ଡିତ ନ ହୋଇ ବରଂ ବେଶି ରୋଜଗାରିଆ ହେଉ। ଏଟିଏମ୍ ମେଶିନ ଭଳି ଅହରହ ତା' ମୁଣ୍ଡିରୁ ପଇସା ବାହାରିବାର କ୍ଷମତା ଅର୍ଜନ କରୁ। ତେଣୁ ତାକୁ ଏଭଳି ପାଠ ପଢାଉ ଯେଉଁଥିରେ ଭବିଷ୍ୟତରେ ଭଲ ପଇସା ଅର୍ଜନ କରିବାର ସୁଯୋଗ ଥିବ। ବନ୍ଧୁବାନ୍ଧବ ଦେଖିଲେ ପଚାରନ୍ତି ପୁଅ କେତେ ଦରମା ପାଉଛି। ତେଣୁ ଏଭଳି ମାନସିକତାରେ ଆମେ ଚାହୁଁ ପୁଅ ଶୀଘ୍ର ପଢା ସାରୁ, ଏଭଳି ମାର୍କ ରଖୁ ଯେମିତି କ୍ୟାମ୍ପସରୁ ଏକାଥରେ କମ୍ପାନୀ ତାକୁ ଡାକିନେବ। ଯେନତେନ ପ୍ରକାରେ ଘୋଷାଘୋଷି କରି ବା କପି କରି ୯୫ ପ୍ରତିଶତ ମାର୍କ ରଖିଦେଲେ ଆମେ ସଫଳତାର ଶୀର୍ଷରେ ପହଞ୍ଚିଗଲୁ ବୋଲି ଭାବିନେଉ। ଆମକୁ ମନେରଖିବାକୁ ହେବ ଯେ ଘୋଷାଘୋଷି ବା କପି କରି ଅଧିକ ମାର୍କ ରଖିହୁଏ, କିରାଣି ବା ପିଅନ ହୋଇହୁଏ ମାତ୍ର ଗବେଷକ, ବୈଜ୍ଞାନିକ ବା ଦାର୍ଶନିକ ହୋଇହୁଏନି। ବେଳେ ବେଳେ ଭାବିଲେ ଆଶ୍ଚର୍ଯ୍ୟ ଲାଗେ ବିଦେଶରେ ସ୍କୁଲ ଛାତ୍ରମାନେ ଗବେଷଣା କରି ନୂଆନୂଆ ଜିନିଷ ଉଦ୍ଭାବନ କରୁଛନ୍ତି, ଅଳ୍ପ ବୟସର ପିଲାଏ ଷ୍ଟାର୍ଟ-ଅପ୍ ବିଜ୍‌ନେସ କରି ଅଠର-କୋଡିଏ ବର୍ଷରେ ବି କୋଟିପତି ବନିପାରୁଛନ୍ତି। ମାତ୍ର ଆମ ଦେଶରେ ଚାଳିଶ ବର୍ଷ ଯାଏ ପୁଅ ବାପାର ପେନ୍‌ସନ ପଇସାରେ ଚଳିଚଳି ବୁଢ଼ା ହୋଇଯାଉଛି ପଛେ ନିଜେ କିଛି କରିପାରୁନି। ଏପରି କି ତା' ସ୍ତ୍ରୀ ପିଲାଛୁଆଙ୍କ ଦାୟିତ୍ୱ ମଧ୍ୟ ବୁଢ଼ା ବାପାକୁ ନେବାକୁ ପଡୁଛି।

ଏଥିରେ ଦୋଷ କାହାର? ଆମ ସମାଜରେ ପିଲା ବଢିବଢି ପଚିଶ ସତେଇଶ ବର୍ଷର ହେବାଯାଏ ତାକୁ ପିଲା ବୋଲି ଗଣାଯାଏ। ମା' ତାକୁ ସବୁବେଳେ ପଣତକାନିରେ ଘୋଡେଇ ରଖିବାକୁ ଚିନ୍ତାକରେ। ପଚିଶ ବର୍ଷର ହେବାଯାଏ ମା' ଭାବେ ପୁଅ ମୋର ମାଛ, ମାଂସ ପରିବା ଆଦି କିଣି ଜାଣିବନି, ତେଣୁ ତା' ବାପା ଯାଇ ପରିବା କିଣି ଆଣନ୍ତୁ। ପୁଅ ମୋର ସକାଳ ନଅଟା ଯାଏ ଘୋଡିଘାଡି ହୋଇ ଶେଯରେ ଉଷୁମ ଟାଣୁଥାଉ। ଚାକିରି କି ଇଣ୍ଟରଭ୍ୟୁ ପାଇଁ ପୁଅ ଗଲେ, ମା' ଭାବେ ପୁଅ ମୋର କାଳେ ହଜିଯିବ ତାକୁ ଡେଉଁରିଆ ବାନ୍ଧିକି ଛାଡେ। ରକ୍ତଦାନ ଶିବିରକୁ ଡାକରା ଆସିଲେ ମା' କୁହେ ପୁଅ ମୋର ଶୁଖିଯିବ। ସ୍ୱଚ୍ଛ ଭାରତ ଅଭିଯାନକୁ ଡକାଗଲେ ମା' କହେ ପୁଅକୁ ମୋର ଇନ୍‌ଫେକ୍‌ଶନ ହୋଇଯିବ। ଗେଲବସରରେ ଏଭଳି ବଢିଥିବା ପୁଅ ପରବର୍ତ୍ତୀ ସମୟରେ ଜୀବନର ନିଷ୍ଠୁର ସତ୍ୟକୁ କିଭଳି ସାମ୍ନା କରିପାରିବ? ଗ୍ରାଜୁଏଟ୍ ହୋଇଥିବା ପିଲା ବ୍ୟାଙ୍କକୁ ଯାଇ ଟଙ୍କା ଡିପୋଜିଟ୍ କରିବା ପାଇଁ ଫର୍ମଟିଏ ପୂରଣ କରିପାରେ ନାହିଁ। ପାଣି କି ଇଲେକ୍ଟ୍ରିକ୍ ଲାଇନ ପାଇଁ ଦରଖାସ୍ତଟିଏ ଲେଖିପାରେ ନାହିଁ। ଝିଅ ବାହାହୋଇ ଶାଶୁଘରକୁ ଗଲାଯାଏ ଚା' ଟିକେ କରିବା ଶିଖି ନ ଥାଏ। ଅଧିକାଂଶ ପାଠକ ଲକ୍ଷ୍ୟ କରିଥିବେ ଆଜିକାଲି ଆମେ ଅତି ଆଗ୍ରହରେ ଆମ ପିଲାଙ୍କୁ ପଢାଉଥିବା ଇଂଲିଶ ମିଡିୟମ ସ୍କୁଲ୍‌ରେ ଛାତ୍ରୀଛାତ୍ରଙ୍କୁ ଅନେକ ଟାସ୍କ ଓ ପ୍ରୋଜେକ୍ଟ କରିବାକୁ ଦିଆଯାଇଥାଏ। କିନ୍ତୁ ସେ ଟାସ୍କ ବା ପ୍ରୋଜେକ୍ଟ କେତେ ପିଲା ନିଜେ କରନ୍ତି? ପିଲା କେବେ କେବେ ଆମକୁ ଖୋଳିତାଡି କିଛି ପଚାରିଲେ ଆମେ କହୁ ତୋର ଏତେ କଥା ଜାଣିବା ଦରକାର ନାହିଁ, ଯେତିକି ବହିରେ ଲେଖାହୋଇଛି ସେତିକି ପଢ଼, ବଡ଼ହେଲେ ସେସବୁ ଜାଣିବୁ। ଅର୍ଥାତ୍ ଘୋଷାଘୋଷି କରି ମଣିଷ ହୋଇଯା। ମାତ୍ର ଏହା ଭିତରେ ଆମେ ସତରେ ତାକୁ ମଣିଷ ନ କରି ଗଧ ବନେଇଦେଉ। ବଡ଼ ହେଲା ପରେ ସେ ଗଧଠାରୁ ଆମେ ଗୋଟେ ଘୋଡା ଭଳି କାମ ଯଦି ଆଶା କରି ବସିବା ତାହା ଆମର ମୂର୍ଖତା ନୁହେଁ ତ ଆଉ କ'ଣ? ଏଭଳି ଏକ ମୂର୍ଖ ଜନମାନସରୁ କେବେ ଏକ ବିଜ୍ଞ ଭାରତର ଅଭ୍ୟୁଦୟ ହେବ, ତାହା କେବଳ ସମୟ ହିଁ କହିବ।

ମୋ- ୯୪୩୭୨୮୬୫୧୨,
ranjank.das@rediffmail.com

# ବରଗଛ ଓ ମଣିଷ



ଅରୁଣ ଦାସ

ଭୁବନେଶ୍ୱରରୁ ଆମ ଗାଁର ଦୂରତା ପ୍ରାୟ ଶହେ କିଲୋମିଟର। ଗାଁକୁ ଗଲାବେଳେ ବାଟରେ ପଡ଼େ ଏକ ବିଶାଳ ବରଗଛ। ଏହାର ଶାଖାପ୍ରଶାଖା ଯେମିତି ବିସ୍ତୃତ, ଛାଇ ମଧ୍ୟ ସେମିତି ବହଳ। ଚଢ଼େଇମାନଙ୍କ ରାବରେ ଜାଗାଟି ପ୍ରାୟତଃ ମୁଖରିତ ହୋଇଥାଏ। ସେଇ ବାଟଦେଇ ଯିବାଆସିବା ବେଳେ କିଛି ସମୟ ପାଇଁ ମୁଁ ସେଠାରେ ଅଟକିଯାଇ ନୀରବରେ ଛିଡ଼ାହୋଇ ରୁହେ। ଭାରି ଭଲ ଲାଗେ ମୋତେ ସେଇ ଗଛତଳର ଶୀତଳ ଛାଇ ଓ ମୁକ୍ତ ପବନ। ସେଦିନ କିନ୍ତୁ ମୋତେ ଏକ ତିକ୍ତ ଓ ହୃଦୟବିଦାରକ ଦୃଶ୍ୟକୁ ସାମ୍ନା କରିବାକୁ ହେଲା। ରାସ୍ତା ଚଉଡ଼ା ପାଇଁ ଚାଲିଥିଲା ଶହ ଶହ ସଂଖ୍ୟାରେ ଗଛକଟା। ଏଇ ବରଗଛଟି ସେଥିରୁ ବାଦ୍ ପଡ଼ନ୍ତା କେମିତି? ଡୋଜର ସାହାଯ୍ୟରେ ଉପଡ଼ା ଯାଇ ଗଣ୍ଡିଟି ଏହାର ତଳେ ଗଡୁଥାଏ। ଏ ଦୃଶ୍ୟ ସହି ନ ପାରି ଜୋରରେ ବାଇକ୍ ଛୁଟାଇ ଦେଇଥିଲି ଘରଆଡ଼େ।

ଭାରତରେ ବରଗଛକୁ ଜାତୀୟ ବୃକ୍ଷର ମାନ୍ୟତା ମିଳିଛି। ବହୁ ପ୍ରାଚୀନ କାଳରୁ ଏହି ବୃକ୍ଷ ପ୍ରାଣିଜଗତ ସହ ଓତପ୍ରୋତ ଭାବରେ ଜଡ଼ିତ। ବିଶେଷକରି ଏହି ବୃକ୍ଷ ମଣିଷର ଯାବତୀୟ ଆବଶ୍ୟକତା ପୂରଣ କରିବା ସହ ବହୁମାତ୍ରାରେ ଅଙ୍ଗାରକାମ୍ଳ ଗ୍ରହଣ କରି ଅମ୍ଳଜାନ ଦେଇଥାଏ। ଆଗ ଯୁଗରେ ହିନ୍ଦୁ ନାରୀମାନେ ଦୀର୍ଘ ବୈବାହିକ ଜୀବନ କାମନା କରି ବରଗଛକୁ ପୂଜା କରୁଥିଲେ। ହଠାତ୍ ଦେହରେ କ୍ଷତ ସୃଷ୍ଟି ହେଲେ ବାହାରୁଥିବା ରକ୍ତକୁ ବନ୍ଦ କରିବା ପାଇଁ ବର କ୍ଷୀରକୁ ଅଠା ଭାବରେ ବ୍ୟବହାର କରି କ୍ଷତ ସ୍ଥାନ ଉପରେ ଏକ ଲେପ ଦିଆଯାଉଥିଲା। ସେହିପରି ବର ଚେରରୁ ନିର୍ମିତ ଟନିକ୍ ବ୍ୟବହାର କଲେ ଶରୀରର ତାପମାତ୍ରା ନିୟନ୍ତ୍ରିତ ହେବା ସହ ମଧୁମେହ ରୋଗ ପାଇଁ ପ୍ରସ୍ତୁତ ଔଷଧରେ ମଧ୍ୟ କିଛିମାତ୍ରାରେ ବର ଛେଲି ଓ ଚେରର ମିଶ୍ରଣ ହୋଇଥାଏ। ଏହା ସହ ଦାନ୍ତ ଓ ମାଢ଼ିକୁ ଶକ୍ତ କରିବା ପାଇଁ ଭାରତର କିଛି ଅଞ୍ଚଳରେ ଏହାର ଚେରକୁ ବାଟି ଘସିବାର ଦେଖିବାକୁ ମିଳିଥାଏ। ବରଗଛ ଓହଳରେ ଥିବା କଅଁଳିଆ ଚେରକୁ ନେଇ ଭାରତ ଓ ନେପାଳ ସୀମାନ୍ତରେ ବସବାସ କରୁଥିବା ମହିଳାମାନେ ସେମାନଙ୍କ ମୁଣ୍ଡ ବାଳରେ ପ୍ରଲେପ ଭାବରେ ବ୍ୟବହାର କରନ୍ତି। କାରଣ ଏହାକୁ ଲଗାଇବା ଦ୍ୱାରା ସେମାନଙ୍କ ମୁଣ୍ଡବାଳ ଆହୁରି ଶକ୍ତ ଓ ଚିକ୍କଣ ହୋଇଥାଏ। ଅନେକ ସ୍ଥାନରେ ଦୁଇରୁ ଚାରି ଏକର ପର୍ଯ୍ୟନ୍ତ ଏହି ଗଛ ତା'ର କାୟା ବିସ୍ତାର କରିଥିବାର ଦେଖିବାକୁ ମିଳିଥାଏ। କୋଲକାତାର ହାଓଡ଼ା ପାଖରେ ଆଚାର୍ଯ୍ୟ ଜଗଦୀଶ ଚନ୍ଦ୍ର ବୋଷ ଇଣ୍ଡିଆନ ବଟାନିକ୍ ଗାର୍ଡେନରେ ୪.୬୭ ଏକର ଜାଗା ଉପରେ ଥିବା ବିଶାଳ ବଟବୃକ୍ଷ ୨୫୦ରୁ ଅଧିକ ବର୍ଷର ପୁରୁଣା ବୋଲି ବିଶ୍ୱାସ କରାଯାଏ।

ଧର୍ମୀୟ ଭାବନା ଅନୁସାରେ ବଟବୃକ୍ଷକୁ ନେଇ ମଧ୍ୟ ନାନା କିମ୍ବଦନ୍ତୀ ରହିଛି। ଶ୍ରୀକୃଷ୍ଣ କୁଆଡ଼େ ସର୍ବପ୍ରଥମେ ଏଇ ବୃକ୍ଷମୂଳେ ଛିଡାହୋଇ ଗୀତାର ବାଣୀ ଶୁଣାଇଥିଲେ। ସେହିପରି ଖ୍ରୀଷ୍ଟିୟାନମାନେ ବିଶ୍ୱାସ କରନ୍ତି ଯେ ଆଦମ୍ ଓ ଇଭ୍ ବରର ଛେଲିରୁ ବଲ୍କଳ କରି ପ୍ରଥମେ ପିନ୍ଧିଥିଲେ।

ହେଲେ ଦୁର୍ଭାଗ୍ୟର ବିଷୟ, ଏତେ ମାତ୍ରାରେ ମାନବ ଜୀବନ ସହିତ ଜଡିତ ବରଗଛ ଆଜି ସଙ୍କଟରେ ପଡିଛି। ଡେଙ୍ଗା ମୁଣ୍ଡରେ ଠେଙ୍ଗା ପରି ଏଇ ସର୍ବବୃହତ୍ ଗଛ ଆଜି ଚାରିଆଡ଼େ ବହୁଳ ମାତ୍ରାରେ କଟା ଚାଲିଛି। ଜନସଂଖ୍ୟା ବଢିବା ସହ ଅଧିକରୁ ଅଧିକ ଘର ଓ ରାସ୍ତାଘାଟ ନିର୍ମାଣ ହେଉଛି। ଫଳରେ ବରଗଛକୁ ହିଁ ପ୍ରଥମ ଶିକାର ହେବାକୁ ପଡୁଛି। ନେପାଳ ସାଧାରଣତଃ ହିମାଳୟ ପାଦଦେଶରେ ହୋଇଥିବାରୁ ଭାରତୀୟ ସମତଳ ଭୂମି ତୁଳନାରେ ଏଠାରେ କମ୍ ସଂଖ୍ୟାରେ ଏଇ ଗଛ ଦେଖାଯାଇଥାଏ। ନେପାଳୀମାନେ ଏହାର ଫଳଠାରୁ ଆରମ୍ଭ କରି ଚେର ପର୍ଯ୍ୟନ୍ତ କୋଡିଏରୁ ଅଧିକ ପ୍ରକାର ଔଷଧରେ ବ୍ୟବହାର କରନ୍ତି। ଏହି ଗଛରେ ଦେବତାଗଣ ବାସ କରନ୍ତି ବୋଲି ସେମାନେ ବିଶ୍ୱାସ କରିଥାଆନ୍ତି। କିନ୍ତୁ ଚିନ୍ତାର ବିଷୟ, ଏବେ ନେପାଳରେ ହିଁ ଅଧିକ ସଂଖ୍ୟାରେ ବରଗଛ କଟାଚାଲିଛି। ଆଗେ ବରଗଛଟିଏ ଲଗାଇବାକୁ ପୁଣ୍ୟକାର୍ଯ୍ୟ ବୋଲି ଲୋକେ ବିଶ୍ୱାସ କରୁଥିବା ବେଳେ ଆଜି ସେଇ ଭାବନା କୁଆଡ଼େ ବଦଳିଗଲାଣି। ଫଳରେ ପରିବେଶ ଅସନ୍ତୁଳିତ ହୋଇ ବାୟୁମଣ୍ଡଳରେ ଅସ୍ୱାଭାବିକ ଭାବରେ ଉତ୍ତାପ ବଢିବାରେ ଲାଗିଛି। ଏହାର ପ୍ରଭାବରେ ଦିନକୁ ଦିନ ଭୟାବହ ରୋଗ ମଧ୍ୟ ସୃଷ୍ଟି ହେବାରେ ଲାଗୁଛି। ବିଭିନ୍ନ ପ୍ରକାର ପକ୍ଷୀ ଓ ଛୋଟ ଛୋଟ ଚଢ଼େଇ, ଯେଉଁମାନେ ବରଡାଳରେ ବସବାସ କରନ୍ତି ଓ ମଣିଷର ବିଭିନ୍ନ ଉପକାରରେ ଆସନ୍ତି, ଧୀରେ ଧୀରେ ସେମାନଙ୍କ ସଂଖ୍ୟା ହ୍ରାସ ହେବାରେ ଲାଗିଲାଣି। ଏବେ ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥା ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମମାନ କରାଯାଉଛି। ହେଲେ ବରଗଛ ଲଗାଇବା ପାଇଁ କେହି ଆଗଭର ହେଉନାହାନ୍ତି। କାରଣ ବରଗଛଟିଏ ବଢ଼ିଲେ ଅନେକ ଜାଗା ମାଡିବସିବ। ପଡ଼ିଆଗୁଡିକ ମଧ୍ୟ ହ୍ରାସ ପାଇ ଅନେକାଂଶରେ ଚାଷଜମିରେ ପରିଣତ ହେଲାଣି। ଗାଁଠାରୁ ସହର ଯାଏ ଖୋଲା ସ୍ଥାନଟିଏ ମିଳିବା କଷ୍ଟକର। ତେଣୁ ବରଗଛ ଆଉ କେଉଁଠି ସୃଷ୍ଟି ହେବ? ତେବେ ଉଦ୍ଭିଦ ଜଗତରୁ ବରଗଛ କ'ଣ ପୂରାପୂରି ଲୋପ ପାଇଯିବ? ସମସ୍ତେ ଆଜି ବରଗଛର ବଂଶରକ୍ଷା ପାଇଁ ଚିନ୍ତା ପ୍ରକଟ କରିବା ଉଚିତ। କାରଣ ଏଇ ବୃକ୍ଷ ପ୍ରବଳ ଛାଇ ଦେବା ସହ ଏହାର ଆଖପାଖରେ ଶୀତଳତା ବଜାୟ ରଖି ବାୟୁମଣ୍ଡଳକୁ ବିଶୋଧିତ କରିଥାଏ। ଉପଯୋଗୀ ସ୍ଥାନ ଦେଖି ଚାରିଆଡ଼େ ବରଗଛ ରୋପଣ କରିବା ଏବେ ନିହାତି ଜରୁରୀ ହୋଇପଡିଛି। ଅତି ଜରୁରୀ ନ ହେଲେ ଏହାକୁ କାଟିବା ବନ୍ଦ କରି ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣ କରିବା ସହ ନୂଆ ବରଗଛ ଲଗାଇଲା ବେଳେ ସମସ୍ତେ ସହଯୋଗ କରିବା ଉଚିତ।

ବରମୁଣ୍ଡଳୀ, ଜଗତ୍‌ସିଂହପୁର, ମୋ-୭୮୭୩୭୧୯୦୫୬

## ଏଇ ଭାରତରେ

ଛୋଟ ପିଲା କାନ୍ଦିଲେ ଯେ କୌଣସି ମହିଳାର ହୃଦୟ ବିଳପି ଉଠିବା ସ୍ୱାଭାବିକ। କିନ୍ତୁ ମାତୃସ୍ତନ୍ୟରୁ ବଞ୍ଚିତ ଶିଶୁକୁ ଆଉ ଜଣେ ମହିଳା ସ୍ତନ୍ୟପାନ କରାଇ ତାକୁ ସାନ୍ତ୍ୱନା ଦେବା ବିରଳ ଘଟଣାଗୁଡିକ ମଧ୍ୟରୁ ଅନ୍ୟତମ। ହାଇଦ୍ରାବାଦରେ ଏପରି ଏକ ଘଟଣା ଘଟିଛି। ଦୁଇମାସର ଶିଶୁକନ୍ୟାକୁ ମା' ଛାଡି ଚାଲିଯାଇଥିବା ବେଳେ ତାକୁ ଜଣେ ମହିଳା ପୋଲିସ ଅଧିକାରୀ ସ୍ତନ୍ୟପାନ କରାଇ ମାତୃ ହୃଦୟର ପରିଚୟ ଦେଇଛନ୍ତି। ପ୍ରିୟଙ୍କା ନାମ୍ନୀ ଏହି ମହିଳା କର୍ମଚାରୀ ହାଇଦ୍ରାବାଦର ବେଗମ୍‌ପେଟ ଥାନାରେ ଏବଂ ତାଙ୍କ ସ୍ୱାମୀ ଏମ୍. ରବୀନ୍ଦ୍ର ସ୍ଥାନୀୟ ଅଫଜଲ୍‌ଗଞ୍ଜ ଥାନାରେ କାର୍ଯ୍ୟ କରନ୍ତି। ଓସ୍‌ମାନିଆ ହସ୍ପିଟାଲ ସମ୍ମୁଖରେ ଜଣେ ମହିଳା ତାଙ୍କ ଦୁଇମାସର ଶିଶୁକନ୍ୟାକୁ ମହମ୍ମଦ ଇରଫାନ୍ ନାମକ ଜଣେ ବ୍ୟକ୍ତିଙ୍କୁ କିଛି ସମୟ ଧରିବାକୁ କହି କେଉଁଆଡେ ଚାଲିଯାଇଥିଲେ। ଭୋକରେ ଶିଶୁକନ୍ୟା ରାହା ଧରି କାନ୍ଦିବାରେ ଲାଗିଲା। ଇରଫାନ୍ ଶିଶୁକୁ ଧରି ଅଫଜଲ୍‌ଗଞ୍ଜ ଥାନାରେ ପହଞ୍ଚିଲେ। ଏହା ଦେଖି ରବୀନ୍ଦ୍ର ସ୍ତ୍ରୀ ପ୍ରିୟଙ୍କାଙ୍କୁ ଖବର ଦେଇଥିଲେ। ପ୍ରିୟଙ୍କା ଖବର ପାଇ ଥାନାରେ ପହଞ୍ଚି ଶିଶୁକନ୍ୟାକୁ ସ୍ତନ୍ୟପାନ କରାଇଥିଲେ। ପରେ ଶିଶୁକନ୍ୟାର ମା' ଶବାନା ବେଗମ୍‌ଙ୍କୁ ପୋଲିସ ଥାନାକୁ ଆଣି ପଚରାଉଚରା କରିଥିଲେ। ସେ ନିଶାରେ ଥିବାରୁ ଏପରି କରିଥିବା ପୋଲିସ ସମ୍ମୁଖରେ ସ୍ୱୀକାର କରିଛନ୍ତି। ଏବେ ପ୍ରିୟଙ୍କାଙ୍କ ଉଦାରତା ସୋସିଆଲ ମିଡିଆରେ ଚର୍ଚ୍ଚାର ବିଷୟ ହୋଇଛି।

## ଚିରନ୍ତନୀ

ରୋପିଥିଲ ଯେ ପାଦପ ଧରମର
ଅକ୍ଷୟ ମହତ
କାଳର ପ୍ରଭାବେ ଯେବେ ହେଲା ତା'ର
ଜୀର୍ଣ୍ଣତା ଆଗତ।
ଆଚାର ବିଧାନ ତା'ର ପତ୍ରେ ଝଡ଼ି
ଶୁଷ୍କପତ୍ର ସମ
ବିଲୋକି ସେ ଦଶା ତବ ପ୍ରାଣେ ଜାଗେ
ଯାତନା ପରମ।
(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ମା'ବାପା ସଚେତନ ହେବେ କି

ମହାଶୟ,

ଆମ ଦେଶରେ ବହୁଳଭାବେ ବ୍ୟବହୃତ ବେବି ପାଉଡର ଓ ଶାମ୍ପୁରେ କର୍କଟକାରକ ଉପାଦାନ ଅଛି ବୋଲି ନିକଟଅତୀତରେ ଗଣମାଧ୍ୟମରେ ପ୍ରକାଶ ପାଇଛି, ଯାହା ସତ ହୋଇଥିଲେ ସାଂଘାତିକ। କିଛିବର୍ଷ ତଳେ ଆମ ଦେଶର ଜଣେ ବୈଜ୍ଞାନିକ ସୁନୀତା ନାରାୟଣନ୍ ପରୀକ୍ଷା କରି ଜଣାଇଥିଲେ ଯେ ପେପ୍‌ସି ଓ କୋଲା ପରି ମୃଦୁପାନୀୟରେ ଯଥେଷ୍ଟ ବିଷାକ୍ତ ଉପାଦାନ ଥିଲା, ଯାହା ଅଷ୍ଟିଓ ପୋରୋସିସ୍ ପରି ରୋଗ କରିବାରେ ସାହାଯ୍ୟ କରୁଥିଲା। ଏହାକୁ ନେଇ ସେ ସମୟରେ ତୁମ୍ବିତୋଫାନ ହୋଇଥିଲା। ତଦନ୍ତ କମିଟି ଅନୁସନ୍ଧାନ କରି ପ୍ରାୟ ୧ ବର୍ଷ ପରେ ମୃଦୁପାନୀୟକୁ କ୍ଲିନ୍‌ଚିଟ୍ ଦେଇଥିଲା। ଏବେ ମଧ୍ୟ ସେହି ମୃଦୁପାନୀୟକୁ ଆମେରିକାର ସ୍କୁଲମାନଙ୍କରେ ବାରଣ କରାଯାଇଥିଲେ ମଧ୍ୟ ଆମ ଦେଶରେ ତାହା ଆଭିଜାତ୍ୟର ଚିହ୍ନ ଭାବେ ପରିଗଣିତ ହେଉଛି। ସେହିପରି ପ୍ରାୟ ୨ ବର୍ଷ ତଳେ ନେସ୍‌ଲେ କମ୍ପାନୀର ମାଗି କ୍ଷେତ୍ରରେ ମଧ୍ୟ ଏ ପ୍ରକାର ହୋଇଥିଲା। ଆମ ଦେଶରେ ୧୯୮୬ରେ ଗ୍ରାହକ ସୁରକ୍ଷା ଆଇନ ପ୍ରଣୀତ ହୋଇଥିଲେ ମଧ୍ୟ ଜନସାଧାରଣ ସେ ସମ୍ପର୍କରେ ସଚେତନ ନ ଥିବାରୁ ବହୁ ଦେଶୀ ଓ ବିଦେଶୀ କମ୍ପାନୀ ଏ ପ୍ରକାର କୁକାର୍ଯ୍ୟ କରିଚାଲିଛନ୍ତି। କେହି ଏ ବିଷୟରେ ଆଇନର ସହାୟତା ନେଲେ ମଧ୍ୟ ଆମ ଦେଶରେ ବିଚାର ବିଭାଗର ବିଳମ୍ବ ପାଇଁ ସେ ପ୍ରସଙ୍ଗ ଉପରୁ ଜନସାଧାରଣଙ୍କ ନଜର ହଟିଯାଇଥାଏ। ତେଣୁ ଲୋଭନୀୟ ବିଜ୍ଞାପନରେ ଆକର୍ଷିତ ନ ହୋଇ ନିଜ ପିଲାଙ୍କର ସୁରକ୍ଷିତ ଭବିଷ୍ୟତ ପାଇଁ ମା'ବାପାମାନେ ସଚେତନ ହେବା ନିହାତି ଦରକାର। ଏ ପ୍ରସଙ୍ଗରେ ଧରିତ୍ରୀ (୨୫।୧୨)ରେ ପ୍ରକାଶିତ ସହଦେବ ସାହୁଙ୍କ 'ଗ୍ରାହକ ସୁରକ୍ଷା ଗଣତନ୍ତ୍ର ରକ୍ଷା' ପ୍ରଣିଧାନଯୋଗ୍ୟ।

ଡ. ନିରଞ୍ଜନ ସାହୁ, ସାହୁପଡ଼ା, ବରୀ, ଯାଜପୁର

### ଟିଭି ଓ ମୋବାଇଲର କୁଫଳ

ଦୂରଦର୍ଶନ ଓ ମୋବାଇଲର ଅରୁଚିକର ଦୃଶ୍ୟଗୁଡ଼ିକ କୋମଳମତି ପିଲାଙ୍କୁ ଭୁଲ ବାଟକୁ ଟାଣି ନେଉଛି। କିଛି ପତ୍ରପତ୍ରିକାର ଲେଖା ମଧ୍ୟ ପିଲାଙ୍କୁ ସତ୍‌ଶିକ୍ଷାଠାରୁ ଦୂରେଇ ଦେଉଛି। ବିଭିନ୍ନ ଉତ୍ତେଜକ ଦୃଶ୍ୟ ଓ ମାରପିଟ ଦୃଶ୍ୟଗୁଡିକ କ୍ଷତିକାରକ। ଉପାଦେୟ ଶିଶୁ ସାହିତ୍ୟ ମାଧ୍ୟମରେ ପିଲାଙ୍କୁ ଶିକ୍ଷା ଦିଆଯାଉ ଏବଂ ଯେତେଦୂର ସମ୍ଭବ ସେମାନଙ୍କୁ ଟିଭି ଓ ମୋବାଇଲଠାରୁ ଦୂରରେ ରଖାଯାଉ।

ନିର୍ଭୟ କୁମାର ପାଣି, ବିଜିଗୋଳ, ଅନୁଗୋଳ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଗଛରେ ପିଟିହେଲା ପିକ୍‌ନିକ୍ ବସ୍: ୧୬ ଆହତ

## ଡ୍ରାଇଭର୍, ହେଲ୍‌ପର ଫେରାର

ଖଣ୍ଡପଡ଼ା/ଗଣିଆ,୧୧ (ସ୍ୱ.ପ୍ର./ଡି.ଏନ.ଏ.)

ପିକନିକ୍‌ରୁ ଫେରୁଥିବା ଏକ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୧୬ ଜଣ ଆହତ ହୋଇଛନ୍ତି। ମଙ୍ଗଳବାର ଭୋର ପ୍ରାୟ ସାଢ଼େ ୨ଟାରେ ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ବଳରାମପ୍ରସାଦ ରାସ୍ତାପାର୍ଶ୍ୱରେ ଥିବା ଏକ ଗଛକୁ ବସ୍‌ଟି ଧକ୍କା ଦେବାରୁ ଏଭଳି ଅଭାବନୀୟ ଘଟଣା ଘଟିଛି। ଘଟଣାରୁ ପ୍ରକାଶ, କଟକ ଜିଲା ନରସିଂହପୁର ଅଞ୍ଚଳର ଜଗନ୍ନାଥ ନାମକ ଏକ ଘରୋଇ ବସ୍ ନଂ-ଓଡି୦୫ ଏଇ ୬୧୭୬ କେତେଜଣ ଯାତ୍ରୀଙ୍କୁ ନେଇ ଛତିଶଗଡ଼ ଯାଇଥିଲା। ପର୍ଯ୍ୟଟନସ୍ଥଳ ଦର୍ଶନ କରି ଫେରୁଥିବା ସମୟରେ ଡ୍ରାଇଭରଙ୍କ ଅସାବଧାନତାବଶତଃ ବଳରାମପ୍ରସାଦ ଗ୍ରାମ ମୁଖ୍ୟରାସ୍ତା କଡ଼ରେ ଥିବା ଏକ ଥୁଣ୍ଟା ଗଛକୁ ବସ୍‌ଟି ଧକ୍କା ଦେଇଥିଲା। ଫଳରେ ଯାତ୍ରୀମାନଙ୍କ ମଧ୍ୟରୁ ୧୬ ଜଣ ଆହତ ହୋଇଥିଲେ। ଖବର ପାଇ କଣ୍ଟିଲୋ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ବସ୍‌ଟିକୁ ଜବତ କରି ଆହତମାନଙ୍କୁ ଆମ୍ବୁଲାନ୍ସ ଯୋଗେ ମେଡିକାଲ ପଠାଇଥିଲେ। ନିକଟସ୍ଥ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଆହତଙ୍କୁ ଛାଡ଼ି ଦିଆଯାଇଛି। ଆହତ ଯାତ୍ରୀମାନେ ହେଲେ ପଦ୍ମପୁରର ପାର୍ବତୀ ବେହେରା(୪୫), ଶେଷ ବେହେରା(୬୫), ପ୍ରମୋଦିନୀ ବେହେରା(୭୦), ଜଗମୋହନ ବେହେରା(୧୪), ମିନା ବେହେରା(୧୦), ବିକ୍ରମ ନାୟକ(୪୦), ବ୍ରହ୍ମା ନାୟକ(୬୫), ଭାଗୀରଥି ବେହେରା(୩୪), ଦିଲ୍ଲୀ କୁମାର ବେହେରା(୧୨), ଅନିଲ ବେହେରା(୧୨), ସୁଷମା ନାୟକ(୪୦), ଉଷା ବେହେରା(୫୦), ଘଣ୍ଟପଡ଼ାର ସୁନେଲୀ ବେହେରା(୭), ନନ୍ଦିନୀ ବେହେରା(୨୭), ମଧୁପୁର ଗ୍ରାମର ସୁଦାମ ବେହେରା(୫୫) ଏବଂ ବରକୋଳି ଗ୍ରାମର ନବୀନ କୁମାର ସାହୁ(୩୬)। ଏ ଘଟଣାରେ ଡ୍ରାଇଭର୍ ଓ ହେଲ୍‌ପର ଫେରାର୍ ହୋଇଯାଇଛନ୍ତି।



ଦୁର୍ଘଟଣାଗ୍ରସ୍ତ ପିକ୍‌ନିକ୍ ବସ୍।


## ସୂଚନା

ରେଳବାଇ ଚାକିରୀ ଆଶାୟୀ ଧ୍ୟାନ ଦିଅନ୍ତୁ

### RPF/RPSFରେ ନିଯୁକ୍ତି

ଏମ୍ପ୍ଲୟମେଣ୍ଟ ନ୍ୟୁଜ ସଂସ୍କରଣ 22-28 ଡିସେମ୍ବର, 2018 ଅନ୍ତର୍ଗତ ଏମ୍ପ୍ଲୟମେଣ୍ଟ ଅଧିସୂଚନା ନଂ.03/2018 ରେ ଅଧିସୂଚିତ ଅନୁଯାୟୀ ରେଳ ସୁରକ୍ଷା ବଳ (RPF) ଏବଂ ରେଳ ସୁରକ୍ଷା ସ୍ୱତନ୍ତ୍ର ବଳ (RPSF)ରେ ନିଯୁକ୍ତି ନିମନ୍ତେ 798 ଗୋଟି କନେଷ୍ଟବଳ (Ancillary) ପୁରୁଷ ଏବଂ ମହିଳା ପଦବୀ ପୂରଣ କରିବା ନିମନ୍ତେ ତା.01.01.2019 ରିଖ ଠାରୁ ଯୋଗ୍ୟ ପ୍ରାର୍ଥୀମାନଙ୍କ ଠାରୁ ଅନ୍‌ଲାଇନ୍ ଦରଖାସ୍ତ ଆହ୍ୱାନ କରାଯାଉଛି। ଯୋଗ୍ୟତା ମାନଦଣ୍ଡ, ବୟସ ସୀମା ସମ୍ବନ୍ଧୀୟ କୋହଳତା, ପରୀକ୍ଷା ଶୁଳ୍କ ପୈଠ ପ୍ରଣାଳୀ, ଦରଖାସ୍ତ ଫର୍ମ ପୂରଣ ପ୍ରକ୍ରିୟା, ଜୋନ୍‌ର ପ୍ରତ୍ୟେକ ଗ୍ରୁପରେ ଟ୍ରେଡ୍ ଏବଂ ବର୍ଗ ଭିତ୍ତିକ ଖାଲି ପଦବୀ ସଂଖ୍ୟା ଏବଂ ନିଯୁକ୍ତି ପ୍ରକ୍ରିୟା ସମ୍ପର୍କିତ ସବିଶେଷ ବିବରଣୀ ଉପର ପ୍ରଦତ୍ତ ଅଧିସୂଚନାରେ ଉଲ୍ଲେଖ କରାଯାଇଅଛି। ପରୀକ୍ଷା ନିମନ୍ତେ ଦରଖାସ୍ତ ଫର୍ମଗୁଡ଼ିକ କେବଳ 'ଅନ୍‌ଲାଇନ୍'ରେ ପୂରଣ କରାଯିବା ଆବଶ୍ୟକ। ଉପରୋକ୍ତ ନିଯୁକ୍ତି ସମ୍ବନ୍ଧରେ ପ୍ରାମାଣିକ ସୂଚନା ଏବଂ ଅନ୍ୟ ସବିଶେଷ ବିବରଣୀ ନିମନ୍ତେ ପ୍ରାର୍ଥୀମାନେ କେବଳ ରେଳବାଇର ସରକାରୀ ୱେବ୍‌ସାଇଟ୍ www.indianrailways.gov.in ଅବଲୋକନ କରିପାରିବେ କିମ୍ବା ଏମ୍ପ୍ଲୟମେଣ୍ଟ ନ୍ୟୁଜ 22-28 ଡିସେମ୍ବର, 2018 ରେ ପ୍ରକାଶିତ ଅଧିସୂଚନା ଦେଖିପାରିବେ। ଏହି ନିଯୁକ୍ତିକୁ 4 ଗୋଟି ପର୍ଯ୍ୟାୟରେ କରାଯିବ ଅର୍ଥାତ୍ (1) କମ୍ପ୍ୟୁଟର ଆଧାରିତ ପରୀକ୍ଷା (CBT), (2) ଶାରୀରିକ ଦକ୍ଷତା ପରୀକ୍ଷା (PET) ଏବଂ ଶାରୀରିକ ମାପ ପରୀକ୍ଷା (PMT), (3) ଟ୍ରେଡ୍ ପରୀକ୍ଷା (TT) ଏବଂ (4) ନଥିପତ୍ର ଯାଞ୍ଚ। ଅନ୍‌ଲାଇନ୍ ଦରଖାସ୍ତ ଫର୍ମ ପୂରଣ କରିବାର ଶେଷ ତାରିଖ ତା.30.01.2019 ଅଟେ। ପରବର୍ତ୍ତୀ ସମୟରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ।

ପୂର୍ବ ତଟ ରେଳପଥ

PR-416/J/18-19


# 'ରାଜଭବନ ପ୍ରୋଗ୍ରାମ ମ୍ୟାନେଜ୍‌ମେଣ୍ଟ' ଆପ୍‌ର ଶୁଭାରମ୍ଭ

**ଭୁବନେଶ୍ୱର, ୧୧(ବ୍ୟୁରୋ):** ରାଜ୍ୟର ବିଭିନ୍ନ ସ୍ଥାନରେ ହେଉଥିବା କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ ଯୋଗଦାନକୁ ସୁବ୍ୟବସ୍ଥିତ କରିବା ଲକ୍ଷ୍ୟରେ ପ୍ରସ୍ତୁତ ହୋଇଥିବା 'ରାଜଭବନ ପ୍ରୋଗ୍ରାମ ମ୍ୟାନେଜ୍‌ମେଣ୍ଟ(ଆର୍‌ବିପିଏମ୍)' ଆପ୍ଲିକେଶନ୍‌କୁ ମଙ୍ଗଳବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଶୁଭାରମ୍ଭ କରିଛନ୍ତି। ଏହି ଆପ୍ଲିକେଶନ ଜରିଆରେ ଇଚ୍ଛୁକ ସଂସ୍ଥା ଆସନ୍ତା ଫେବୃୟାରୀରୁ ସେମାନଙ୍କ କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ ଉପସ୍ଥିତି ପାଇଁ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ। କାର୍ଯ୍ୟକ୍ରମ ଦିବସ ପୂର୍ବରୁ ଅର୍ଥାତ୍ ୨୫ରୁ ୬୦ ଦିନ ମଧ୍ୟରେ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ। ଆବେଦନକାରୀମାନେ www.rajbhavanodisha.gov.inର ହୋମ୍ ପେଜ୍‌ରେ ଡାହାଣ ଉପର କୋଣରେ ଥିବା 'RBPM'ର ଲିଙ୍କ୍‌କୁ ଯାଇ ଅନ୍‌ଲାଇନ୍‌ରେ ଆବେଦନ କରିବେ। ପରେ ବାର୍‌କୋଡ୍‌ଯୁକ୍ତ ଆବେଦନ ପତ୍ରର 'ପ୍ରିଣ୍ଟଆଉଟ୍' ସଂଗ୍ରହ କରି ସେଥିରେ ଦସ୍ତଖତ କରି ସଂସ୍ଥାର ଲେଟର ପ୍ୟାଡ୍‌ରେ ସାଦା ଦରଖାସ୍ତ ରାଜଭବନକୁ ପଠାଇବେ। ଏହା କାର୍ଯ୍ୟକ୍ରମ ଦିବସର ୨୦ ଦିନ ଆଗରୁ ରାଜଭବନରେ ପହଞ୍ଚିବା ଆବଶ୍ୟକ। ପରେ ତାହା ରାଜଭବନରେ ପ୍ରୋସେସିଂ ହୋଇ ରାଜ୍ୟପାଳଙ୍କ ଅନୁମୋଦନ ଅଥବା ଅଗ୍ରାହ୍ୟ ନିଷ୍ପତ୍ତି ଏସ୍‌ଓପିର ସମୟସୀମା ଅନୁସାରେ ସମ୍ପୃକ୍ତ ସଂସ୍ଥାର କର୍ମକର୍ତ୍ତାଙ୍କୁ ମୋବାଇଲ୍‌ରେ ମେସେଜ୍ ଆକାରରେ ଜଣାଇ ଦିଆଯିବ। ମଙ୍ଗଳବାର ରାଜ ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ ପ୍ରମୁଖ ସଚିବ ମଧୁସୁଦନ ପାଢ଼ୀ ଓ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ।


## ଜନ୍ମଦିନର ଶୁଭେଚ୍ଛା



### ସୌରପ୍ରତାପ ଦାସ (ଇଶୁ)

**ବିଞ୍ଝାରପୁର, ଯାଜପୁର**

ଆଜି ତୋର ଦ୍ୱିତୀୟ ଜନ୍ମବାର୍ଷିକୀ ଉପଲକ୍ଷେ ଅନେକ ଅନେକ ଶୁଭେଚ୍ଛା। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ କି ତାଙ୍କର ଅପାର କରୁଣାରୁ ତୋ ଭବିଷ୍ୟତ ଉଜ୍ଜ୍ୱଳମୟ ଓ କୁସୁମିତ ହେଉ।

**ଶୁଭେଚ୍ଛା ସହ:** ଜେଜେ- ଅମୂଲ୍ୟ କୁମାର ଦାସ, ଜେଜେ ମା- ସୁବାସିନୀ ଦାସ, ସାନଜେଜେ- ଅରୁଣ କୁମାର ଦାସ, ବଡ଼ବାପା- ଷ୍ଟାଲିନ କୁମାର ଦାସ, ବଡବୋଉ-ମୋନାଲିସା ଦାସ, ବାପା-ଲେନିନ୍ କୁମାର ଦାସ, ବୋଉ- ମୋନାଲିସା ଦାସ, ଭାଇ-ସୂର୍ଯ୍ୟପ୍ରତାପ ଦାସ।


# ୧୧ ସର୍ଜେଣ୍ଟଙ୍କ ପଦୋନ୍ନତି, ବଦଳିଲେ ୭ ଆର୍‌ଆଇ

**କଟକ ଅଫିସ, ୧୧:** ଓଡ଼ିଶା ପୋଲିସର କାର୍ଯ୍ୟରତ ୧୧ ସର୍ଜେଣ୍ଟଙ୍କ ରିଜର୍ଭ ଇନ୍ସପେକ୍ଟର (ଆର୍‌ଆଇ) ର୍‍ୟାଙ୍କ୍‌କୁ ପଦୋନ୍ନତି ହୋଇଥିବାବେଳେ ୭ ଆରଆଇଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ଏନେଇ ମଙ୍ଗଳବାର ଓଡ଼ିଶା ପୋଲିସ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ପଦୋନ୍ନତି ପାଇଥିବା ସର୍ଜେଣ୍ଟମାନେ ହେଲେ ଅନିମି ବିଘ୍ନେଶ୍ୱର ରାଓ, ନୀଳମାଧବ ସ୍ୱାଇଁ, ଗଗନ କଲିୟାର ମହନ୍ତ, କବି ରଞ୍ଜନ ସେଠୀ, ଭଗବାନ ପାଣିଗ୍ରାହୀ, ଟୁନୁ ସାହୁ, ଅମରେନ୍ଦ୍ର ପାଣିଗ୍ରାହୀ, ମଳୟ ମହାନ୍ତି, ସୁଶାନ୍ତ ସାହୁ, ଲୋଲ୍ଲା ବିଜୟ ରତ୍ନମ ଓ ଦିଲୀପ ବେହେରା। ଅନ୍ୟପକ୍ଷରେ ଆର୍‌ଆଇ କିଶୋର ପ୍ରଧାନଙ୍କୁ ବଲାଙ୍ଗୀର ଓ ବିବେକାନନ୍ଦ ବାଗେଙ୍କୁ ଖୋର୍ଦ୍ଧା ହୋମ୍‌ଗାର୍ଡ ବିଭାଗକୁ ବଦଳି କରାଯାଇଥିବାବେଳେ ରଞ୍ଜିତ ବାର୍ଲାଙ୍କୁ ଅନୁଗୋଳ ପିଟିସି, ଗଙ୍ଗାଧର ଡାଙ୍ଗରଙ୍କୁ ଗଞ୍ଜାମ, ଜୋତି ରଞ୍ଜନ ନାୟକଙ୍କୁ ବରଗଡ଼, ମଧୁସୂଦନ ମହାପାତ୍ରଙ୍କୁ ସମ୍ବଲପୁର ଜିଲାକୁ ବଦଳି କରାଯାଇଛି।

# ଚାଷୀ ପ୍ରସଙ୍ଗ: ୮ରେ ନବୀନ ନିବାସ ଘେରିବ ଭାଜପା

**ଭୁବନେଶ୍ୱର,୧୧(ବ୍ୟୁରୋ):** ରାଜ୍ୟରେ କୃଷକମାନଙ୍କ ସମସ୍ୟା ଦିନକୁ ଦିନ ଜଟିଳ ହେବା ସହ ସେମାନଙ୍କ ଆର୍ଥିକ ସ୍ଥିତି ଶୋଚନୀୟ ହେଉଛି। ହେଲେ ୧୯ ବର୍ଷ ଧରି ରାଜ୍ୟରେ ଶାସନ କ୍ଷମତାରେ ଥିବା ବିଜେଡି ସରକାର ସମାଧାନର ରାସ୍ତା କାଢ଼ିବା ବଦଳରେ ମିଛ ନାଟକବାଜିରେ ବ୍ୟସ୍ତ ରହିଛି। କେତେବେଳେ କାଳିଆ ଯୋଜନା ନାଁରେ ଭଣ୍ଡାଉଛନ୍ତି ତ କେତେବେଳେ ମଣ୍ଡି ନ ଖୋଲି ଚାଷୀମାନଙ୍କୁ ହଇରାଣ କରୁଛନ୍ତି। ଏହାର ପ୍ରତିବାଦରେ ଆସନ୍ତା ୮ ତାରିଖରେ ସାରା ରାଜ୍ୟରୁ ଚାଷୀମାନେ ଭୁବନେଶ୍ୱର ଆସି ନିଜ ହକ୍ ଦାବିରେ ମେଳି କରିବା ସହ ସଚିବାଳୟ ଆଗରେ ଓ ନବୀନ ନିବାସ ଆଗରେ ବିକ୍ଷୋଭ କରିବେ ବୋଲି ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତି କହିଛନ୍ତି। ମଙ୍ଗଳବାର ଏନେଇ ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶିବାଜୀ ମହାନ୍ତିଙ୍କ ସଭାପତିତ୍ୱରେ ଓ କୃଷକମୋର୍ଚ୍ଚା ପ୍ରଭାରି ତଥା ରାଜ୍ୟ ଭାଜପା ଉପସଭାପତି ସମୀର ମହାନ୍ତିଙ୍କର ଉପସ୍ଥିତିରେ ଏହି ନିଷ୍ପତ୍ତି ନିଆଯାଇଛି।

ଓଡ଼ିଶାରେ ସରକାର ଓ ଅସାଧୁ ବ୍ୟବସାୟୀଙ୍କ ମଧୁଚନ୍ଦ୍ରିକାରେ କାହିଁକି ଚାଷୀମାନେ ୧୦୦୦ରୁ ୧୧୦୦ ଟଙ୍କାରେ ଧାନ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି ଏ ସମ୍ବନ୍ଧରେ ଚାଷୀମାନେ ରାଜ୍ୟ ସରକାରଙ୍କୁ ଜବାବ ମାଗୁଛନ୍ତି। ବିଜେଡି ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ ଏବଂ ଯୋଗାଣ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ରଙ୍କ ଜିଲାରେ ଧାନର ସବୁଠୁ ଅଧିକ ଅଭାବୀ ବିକ୍ରି ଦେଖାଯାଉଛି। ଚାଷୀମାନଙ୍କ ସମସ୍ୟା ପ୍ରତିବାଦରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ସୂର୍ଯ୍ୟ ପାତ୍ରଙ୍କ କୁଶପୁତ୍ତଳିକା ଦାହ କରାଯିବ। ମୁଖ୍ୟମନ୍ତ୍ରୀ କୃଷି ଋଣ ଛାଡ଼ ସରକାରଙ୍କ ବିଚାରାଧୀନ ରହିଛି ବୋଲି ସାର୍ବଜନୀନ ବକ୍ତବ୍ୟ ଦେଇଛନ୍ତି। ତେଣୁ ସରକାର ତୁରନ୍ତ କୃଷି ଋଣ ଛାଡ଼ କରନ୍ତୁ ବୋଲି ସମୀର ଦାବି କରିଛନ୍ତି।

# ସରକାରୀ ଡାଏରୀର ତ୍ରୁଟିକୁ ନେଇ ଭାଜପାର ସମାଲୋଚନା

- ମୁଖ୍ୟମନ୍ତ୍ରୀ କ୍ଷମାପ୍ରାର୍ଥନା କରିବାକୁ ଦାବି

ଭୁବନେଶ୍ୱର,୧୧(ବ୍ୟୁରୋ)

ନୂଆବର୍ଷ ଆରମ୍ଭରୁ ଓଡ଼ିଆ ବରପୁତ୍ରଙ୍କୁ ଅସମ୍ମାନ ହୋଇଥିବା ଭାଜପା ଅଭିଯୋଗ କରିଛି। ଓଡ଼ିଶା ସରକାରଙ୍କ ତରଫରୁ ୨୦୧୯ ପାଇଁ ପ୍ରକାଶିତ ଡାଏରୀରେ ଭୁଲ ତଥ୍ୟ ପ୍ରଦାନ କରାଯାଇଛି। ଡାଏରୀ ଭିତରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଏକ କବିତା ପ୍ରକାଶ ପାଇଛି। ମାତ୍ର କବିତାଟି କବିବର ରାଧାନାଥ ରାୟ ଲେଖିଥିବା ସରକାରୀ ଡାଏରୀରେ ଦର୍ଶାଯାଇଛି। ଏ ସମ୍ପର୍କିତ ଖବର ଧରିତ୍ରୀରେ ମଙ୍ଗଳବାର ପ୍ରକାଶ ପାଇସାରିଛି। ସରକାରଙ୍କ ଏହି ତ୍ରୁଟି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତୁରନ୍ତ ଡାଏରୀକୁ ପ୍ରତ୍ୟାହାର କରି ରାଜ୍ୟବାସୀଙ୍କ ଆଗରେ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଭାଜପା ନେତା ତଥା ପୂର୍ବତନ ବିଧାୟକ ରମାରଞ୍ଜନ ବଳିଆରସିଂହ ଦାବି କରିଛନ୍ତି।

ଏହି ପ୍ରସଙ୍ଗରେ ମଙ୍ଗଳବାର ଭାଜପାର ଏକ ପ୍ରତିନିଧି ଦଳ ଆଇଜି ପାର୍କରୁ ଜୟଦେବ ଭବନ ପର୍ଯ୍ୟନ୍ତ ପଦଯାତ୍ରା କରି ବିକ୍ଷୋଭ ପ୍ରଦର୍ଶନ କରି ମୁଖ୍ୟମନ୍ତ୍ରୀଙ୍କ ଓଡିଆ ଭାଷା ବିରୋଧୀ ମନୋଭାବକୁ ଦୃଢ଼ ନିନ୍ଦା କରିଛନ୍ତି। ଉତ୍କଳମଣି ଗୋପବନ୍ଧୁ ଦାସଙ୍କୁ ରାଜ୍ୟ ସରକାର ସବୁ ସମୟରେ ଅପମାନିତ କରିଚାଲିଛନ୍ତି ବୋଲି ଭାଜପା ନେତା ଓ କର୍ମୀ ଅଭିଯୋଗ କରିଛନ୍ତି। ଏନେଇ ରମାରଞ୍ଜନ କହିଛନ୍ତି, କିଛିଦିନ ପୂର୍ବରୁ ମୁଖ୍ୟମନ୍ତ୍ରୀ ଏକ ସଭାରେ ବନ୍ଧୁ ଗୋପବନ୍ଧୁ କହି ଉତ୍କଳମଣିଙ୍କୁ ଅସମ୍ମାନ କରିଥିଲେ। ମୁଖ୍ୟମନ୍ତ୍ରୀ ଓଡିଶା ଜାତି, ଭାଷା ଏବଂ ସଂସ୍କୃତିକୁ ବଳି ପକାଇଦେଇଛନ୍ତି। ଗୋପବନ୍ଧୁଙ୍କ ଜନ୍ମସ୍ଥାନ ସତ୍ୟବାଦୀ ବାସିନ୍ଦାଙ୍କ ସମେତ ରାଜ୍ୟର ସମସ୍ତ ବୁଦ୍ଧିଜୀବୀ ଏଭଳି ଘଟଣାକୁ ନିନ୍ଦା କରିବା ସହ ରାଜ୍ୟ ସରକାରଙ୍କ ଖାମଖିଆଲି ନୀତିକୁ ବିରୋଧ କରିଛନ୍ତି। ଓଡିଆ ଭାଷା ପ୍ରତି ମୁଖ୍ୟମନ୍ତ୍ରୀଙ୍କ ମମତା ନାହିଁ। କେବଳ ଲୋକଦେଖାଣିଆ କ୍ୟାବିନେଟ ବସାଇ ଓଡ଼ିଆ ବିଶ୍ୱବିଦ୍ୟାଳୟ କଥା କହି ଲୋକଙ୍କୁ ଭୁଆଁ ବୁଲାଉଛନ୍ତି। ବାସ୍ତବରେ ଓଡ଼ିଆ କବି, ସାହିତ୍ୟ, ଭାଷା, ସଂସ୍କୃତି, ଐତିହ୍ୟ ଏବଂ ପରମ୍ପରାକୁ ରାଜ୍ୟ ସରକାର ସମ୍ମାନ ଦେବାକୁ ଚାହୁଁନାହାନ୍ତି ବୋଲି ରମାରଞ୍ଜନ କହିଛନ୍ତି।





**ରସିକରାୟ ମନ୍ଦିର ଏବଂ ବାରିପଦା ହରିପୁରଗଡ଼ର ପ୍ରାଚୀନ ଦୁର୍ଗର ଖନନରୁ ପ୍ରାପ୍ତ ଢାଞ୍ଚାର ସଂରକ୍ଷଣ ଓ ବିକାଶ**

ସ୍ମାରକ ସ୍ଥଳର ବିଶେଷତ୍ୱ

- ହରିପୁରଗଡ଼ର ପ୍ରାଚୀନ ଦୁର୍ଗର ଧ୍ୱଂସାବଶେଷ
- ବାରିପଦାଠାରୁ ୧୫ କିଲୋମିଟର ଦୂର ବୁଢ଼ାବଳଙ୍ଗ ନଦୀ ତଟରେ ଅବସ୍ଥିତ
- ଏହି ଗ୍ରାମ ଭଞ୍ଜ ରାଜବଂଶର ପ୍ରାଚୀନ ରାଜଧାନୀ ଭାବରେ ବ୍ୟବହୃତ
- ଢଳି ରହିଥିବା କାରଣରୁ ଲୋକମୁଖରେ "ବକ୍ର ଉଆସ" ବା "ଲିନିଂ ପ୍ୟାଲେସ୍" ଭାବରେ ପରିଚିତ
- ପ୍ରାସାଦର ଅବଶେଷ ଏବଂ ରସିକରାୟ ମନ୍ଦିର ସମେତ ଅନେକ ମନ୍ଦିର
- ମନ୍ଦିରଗୁଡ଼ିକ ୧୬ଶ-୧୭ଶ ଶତାବ୍ଦୀ ସମୟର

ଶୁଭ ଉଦ୍‌ଘାଟନ

**ବାରିପଦାର ହରିପୁରଗଡ଼ସ୍ଥିତ ପ୍ରାଚୀନ ଦୁର୍ଗର ପୁନରୁତ୍ଥାନ କାର୍ଯ୍ୟ**

**ନରେନ୍ଦ୍ର ମୋଦି**
ପ୍ରଧାନମନ୍ତ୍ରୀଙ୍କ
କରକମଳରେ

**ଶନିବାର, ୫ ଜାନୁୟାରୀ ୨୦୧୯ । ବାରିପଦା, ଓଡ଼ିଶା**

ଗରିମାମୟ ଉପସ୍ଥିତି

**ପ୍ରଫେସର ଗଣେଶୀ ଲାଲ** – ରାଜ୍ୟପାଳ, ଓଡ଼ିଶା
**ନବୀନ ପଟ୍ଟନାୟକ** – ମୁଖ୍ୟମନ୍ତ୍ରୀ, ଓଡ଼ିଶା
**ନିତିନ ଗଡ଼କରି** – ସଡ଼କ ପରିବହନ ଏବଂ ରାଜମାର୍ଗ ମନ୍ତ୍ରୀ, ଭାରତ ସରକାର
**ଜୁଏଲ ଓରାମ** – ଜନଜାତି ବ୍ୟାପାର ମନ୍ତ୍ରୀ, ଭାରତ ସରକାର
**ପିୟୂଷ ଗୋଏଲ** – ରେଳ ମନ୍ତ୍ରୀ, ଭାରତ ସରକାର
**ଧର୍ମେନ୍ଦ୍ର ପ୍ରଧାନ** – ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ, ଭାରତ ସରକାର
**ଡ. ମହେଶ ଶର୍ମା** – ସଂସ୍କୃତି ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ), ଭାରତ ସରକାର



## ସଂକ୍ଷେପରେ

### ବିଶ୍ୱାଳିରେ ସାମାଜିକ କର୍ମୀଙ୍କୁ ସମ୍ବର୍ଦ୍ଧନା

**କୁଜଙ୍ଗ, ୧୧(ସ୍ୱ.ପ୍ର.)-** ମାନବ କଲ୍ୟାଣ ଟ୍ରଷ୍ଟ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମାନବ କଲ୍ୟାଣ ଟ୍ରଷ୍ଟ ଅଧକ୍ଷା ସସ୍ମିତା ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଢେଙ୍କାନାଳ ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ ମୁଖ୍ୟଅତିଥି, ଖବରଦାତା ରଘୁନାଥ ସାହୁ ମୁଖ୍ୟବକ୍ତା, ଶ୍ରୀବଲ୍ଲଭ କର, ଦୁଷ୍ମନ୍ତ ମାଝୀ, ପ୍ରକାଶ ତ୍ରିପାଠୀ, ମାନଭଞ୍ଜନ ମଲ୍ଲ, ବାବୁରାମ ଚୌଧୁରୀ, ପ୍ରମୋଦ କୁମାର ଜେନା, ପବିତ୍ର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଟ୍ରଷ୍ଟ ପକ୍ଷରୁ କରାଯାଉଥିବା କାର୍ଯ୍ୟକୁ ଉଚ୍ଚ ପ୍ରସଂଶା କରିଥିଲେ। ଏହି ଅବସରରେ ଆଇନ ସେବା ପାଇଁ ସଞ୍ଜୟ କୁମାର ବେହେରା, ପୋଲିସ ସେବା ନିମନ୍ତେ ମନୋରଞ୍ଜନ ଚୌଧୁରୀ, ଶିକ୍ଷକତା କ୍ଷେତ୍ରରେ ତୁଳସୀ ପ୍ରସାଦ ମହାପାତ୍ର, ଅଞ୍ଜନ କୁମାର ସାହୁ, ମାନସ ବେହେରା, ସମାଜସେବା ପାଇଁ ସଞ୍ଜୟ କୁମାର ସ୍ୱାଇଁ, ସମାଜିକକର୍ମୀ ଦେବବାଲା ମହାପାତ୍ର, ଜାନକୀ ମହରାଥା, ସରୋଜିନୀ ଦଳାଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁବାସ ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ଅବସରପ୍ରାପ୍ତ ଶିକ୍ଷକଙ୍କ ସ୍ମୃତିସଭା

**କୁଜଙ୍ଗ,୧୧(ସ୍ୱ.ପ୍ର.):** କୁଜଙ୍ଗ ବ୍ଲକ ଭୂତମୁଣ୍ଡାଇଠାରେ ଅବସରପ୍ରାପ୍ତ ଶିକ୍ଷକ ତଥା ସାରସ୍ୱତ ସାଧକ ମଥୁରାନନ୍ଦ ସ୍ୱାଇଁଙ୍କ ଏକାଦଶାହରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଛି। ଅବସରପ୍ରାପ୍ତ କର୍ମଚାରୀ ସେବାସଂଘ ଭୂତମୁଣ୍ଡାଇ ଓ ଗ୍ରାମବାସୀଙ୍କ ପକ୍ଷରୁ ଆୟୋଜିତ ସଭାରେ ଅବସରପ୍ରାପ୍ତ ଶିକ୍ଷକ ମାଧ୍ୟଧର ଦାସ ଅଧ୍ୟକ୍ଷତା କରିଥିଲେ। ପୂର୍ବତନ ସରପଞ୍ଚ ସଞ୍ଜୟ କୁମାର ସ୍ୱାଇଁ, ଅବସରପ୍ରାପ୍ତ ଶିକ୍ଷକ ବ୍ରାହ୍ମାନନ୍ଦ ବେହେରା, ଡା. ବିପିନ ବିହାରୀ ସାମନ୍ତରାୟ, କବୟିତ୍ରୀ ଗୋଲାପରାଣୀ ସାହୁ, ବାବୁରାମ ଚୌଧୁରୀ, ବିଜୟ କୁମାର ଖଟେଇ, ଦୁର୍ଲ୍ଲଭ ସ୍ୱାଇଁ, ହରେକୃଷ୍ଣ ନାୟକ, ଅଭୟ କୁମାର ଦାସ, କାର୍ତ୍ତୋଲିନ ପରମାଣିକ, ପ୍ରେମାନନ୍ଦ ପାଣି, କୁଳମଣୀ ତରାଇ, ଅଭିନ୍ନ ଚନ୍ଦ୍ର ସ୍ୱାଇଁ, ବିଭୁତିଭୂଷଣ ଦାସ, ରବୀନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଶିକ୍ଷକଙ୍କ ସ୍ମୃତିଚାରଣ କରିଥିଲେ। ଅଜାଙ୍କ ବଟୁଆ ତାଙ୍କର ଅନବଦ୍ୟ କୃତୀ ହୋଇଥିବା ବେଳେ ଅନେକ ଗଳ୍ପ ଓ ଶିଶୁ ଲେଖା ତାଙ୍କୁ ଚିରଦିନ ଅମର କରିବ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ। ନଳିନୀକାନ୍ତ ସ୍ୱାଇଁ, ରଜନୀକାନ୍ତ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ହୋର୍ଡିଂରେ ଛାଇଗଲାଣି ପାରାଦୀପ

# ଦାମଙ୍କ ବ୍ୟାନରରେ ବିଜୁ, ସମ୍ବିତଙ୍କ ବ୍ୟାନରରେ ନବୀନ

ପାରାଦୀପ, ୧୧(ସ୍ୱ.ପ୍ର.):



ପାରାଦୀପରେ ବିଧାୟକ ଦାମୋଦର ରାଉତ ଓ ତାଙ୍କ ପୁଅ ସମ୍ବିତଙ୍କ ବ୍ୟାନର।

■ ପ୍ରଥମ କରି ଦାମ ଲଗାଇଲେ ନୂଆବର୍ଷ ବ୍ୟାନର
■ ଦେବାଶିଷଙ୍କ ଉପରେ ଗୋଲେଖଙ୍କ ବ୍ୟାନର
■ ବାପିଙ୍କ ଅପେକ୍ଷା ପ୍ରମୋଦଙ୍କ ବ୍ୟାନର ଅଧିକ

ସାଧାରଣ ନିର୍ବାଚନ ମୁଣ୍ଡ ଉପରେ। ତେଣୁ ନୂତନ ବର୍ଷର ଅଭିନନ୍ଦନ ଜଣାଇ ଲୋକଙ୍କ ପାଖରେ ନିଜକୁ ଉପସ୍ଥାପିତ କରିବାକୁ ନେତାମାନଙ୍କ ମଧ୍ୟରେ ଏକ ପ୍ରକାର ପ୍ରତିଯୋଗିତା ଚାଲିଛି। ପାରାଦୀପ ନିର୍ବାଚନମଣ୍ଡଳୀର ୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସର ଆଶାୟୀ ପ୍ରାର୍ଥୀମାନେ ସମସ୍ତ ଛକ, ବଜାର ଓ ସରକାରୀ ଦପ୍ତର ସମ୍ମୁଖରେ ହୋର୍ଡିଂ ଲଗାଇଛନ୍ତି। ଏପରିକି ସହରର ପ୍ରତ୍ୟେକ ବିଦ୍ୟୁତ ଖୁଣ୍ଟରେ ମାଲ ମାଲ ହୋର୍ଡିଂ ଲାଗିଛି। ସବୁ ହୋର୍ଡିଂ ଭିତରେ ବିଧାୟକ ଦାମୋଦର ରାଉତ ଓ ତାଙ୍କ ପୁଅ ସମ୍ବିତଙ୍କ ହୋର୍ଡିଂ ଚର୍ଚ୍ଚାର ବିଷୟ ହୋଇଛି। କାରଣ ୪୦ ବର୍ଷର ରାଜନୈତିକ ଜୀବନରେ ଦାମ କଦାପି ନବବର୍ଷ ଶୁଭେଚ୍ଛା ବ୍ୟାନର ଲଗାଇ ନ ଥିଲେ। ପରିବର୍ତ୍ତୀତ ଘଟଣାଚକ୍ରରେ ସେ ଚଳିତଥର ବ୍ୟାନର ଲଗାଇଛନ୍ତି। ଏଥିରେ ସେ ଲେଖିଛନ୍ତି ପାରାଦୀପର ସମସ୍ତ ଗୁରୁଜନ, ମା', ଭଉଣୀମାନଙ୍କୁ ନୂତନ ବର୍ଷର ଶୁଭେଚ୍ଛା। ପାରାଦୀପର ସ୍ୱାଭିମାନ ପାଇଁ ପୁଣି ଏକ ଲଢେଇ। ଉକ୍ତ ହୋର୍ଡିଂରେ ତାଙ୍କ ଫଟୋ ସହ ବିଜୁବାବୁଙ୍କ ଫଟୋ ରହିଛି। ସେହିପରି ଦାମଙ୍କ ବ୍ୟାନରକୁ ଲଗାଇ ତାଙ୍କ ପୁଅ ତଥା ବିଜେଡି ସମ୍ପାଦକ ସମ୍ବିତ ରାଉତରାୟଙ୍କ ଏକ ବ୍ୟାନର ଲାଗିଛି। ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଫଟୋ ରହିଛି। ସୂଚନାଯୋଗ୍ୟ, ବିଜେଡି ସେପ୍ଟେମ୍ବର ୧୨ରେ ଦାମଙ୍କୁ ଦଳରୁ ବହିଷ୍କାର କରିଥିଲା। ଏହା ପରେ ସମ୍ବିତ ଏକ ପ୍ରକାର ଜନମାନସରୁ ହଜିଯାଇଥିଲେ। ହଠାତ୍ ଗତ ଡିସେମ୍ବର ୨୬ ବିଜେଡି ପ୍ରତିଷ୍ଠା ଦିବସରେ ମୁଖ୍ୟମନ୍ତ୍ରୀଙ୍କ ପଛରେ ବସି ଚର୍ଚ୍ଚାକୁ ଆସିଥିଲେ। ବିଜେଡିର ଅନ୍ୟତମ ବିଧାୟକ ଦେବାଶିଷ ସାମନ୍ତରାୟଙ୍କ ବ୍ୟାନର ମଧ ଚାରିଆଡେ ଲାଗିଥିବା ଦେଖିବାକୁ ମିଳୁଛି। ପାରାଦୀପ ଥାନା ଛକରେ ଦେବାଶିଷଙ୍କ ବ୍ୟାନର ଉପରେ ଶ୍ରମିକନେତା ତଥା ବିଜେଡି ଶ୍ରମିକ କଲ୍ୟାଣ ସଂଘ ସମ୍ପାଦକ ଗୋଲେଖ ଚନ୍ଦ୍ର ନାୟକଙ୍କ ବ୍ୟାନର ଲାଗିଛି। କଂଗ୍ରେସ ନେତା ଅରିନ୍ଦମ ସର୍ଖେଲ (ବାପି)ଙ୍କ ବ୍ୟାନର ଖୁବ୍ କମ୍ ଜାଗାରେ ଲାଗିଥିବା ବେଳେ ପ୍ରମୋଦ ଜେନାଙ୍କ ବ୍ୟାନର ଚାରିଆଡେ ଛାଇଯାଇଛି। ଭାଜପାର ସମ୍ପଦ ସ୍ୱାଇଁ ମଧ ନିର୍ବାଚନମଣ୍ଡଳୀ ସାରା ବ୍ୟାନର ଲଗାଇ ନିଜ ଉପସ୍ଥିତି ଜାହିର କରିଛନ୍ତି। ଏହି ବ୍ୟାନର ଦୌଡ଼ରେ ପୌରାଧକ୍ଷ ତଥା ବିଜେଡି ନେତା ବସନ୍ତ ବିଶ୍ୱାଳ ଓ ସନ୍ତୋଷ ପଟ୍ଟନାୟକ ନାହାନ୍ତି କହିଲେ ଚଳେ। ରାଜନେତାଙ୍କ ବ୍ୟତିତ ବିଭିନ୍ନ ଶ୍ରମିକ ସଂଘ, ସ୍ୱେଚ୍ଛାସେବୀ ସଙ୍ଗଠନ, ବ୍ୟବସାୟିକ ସଂସ୍ଥା, ସାଂସ୍କୃତିକ ଅନୁଷ୍ଠାନ, କ୍ଲବ ମୁଖ୍ୟ ଚାରିଆଡେ ବ୍ୟାନର ଲଗାଇଛନ୍ତି। ମୋଟାମୋଟି କହିବାକୁ ଗଲେ ସାଧାରଣ ନିର୍ବାଚନ ପୂର୍ବରୁ ଏକ ପ୍ରକାର ପ୍ରଚାର ଆରମ୍ଭ ହୋଇଗଲାଣି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଲୋଡ଼ା ମାଠ,**
**ବୁଢ଼ା ହୋଇଗଲେ କଡୁରୁ ଉଠ ।**

ବୟସ ଅତିକ୍ରାନ୍ତ ହୋଇଗଲେ ବ୍ୟକ୍ତି ନିଜ ଶକ୍ତି ଓ ସାମର୍ଥ୍ୟ ଉପରୁ ଆସ୍ଥା ବା ଭରସା ହରାଇ ବସିଥାନ୍ତି। ଫଳସ୍ୱରୂପ କାହାରି କାର୍ଯ୍ୟ ବା ଉପକାରରେ ଲାଗି ପାରୁ ନ ଥିବା ହେତୁ ଅଲୋଡ଼ା ହୋଇ ଯାଇଥାନ୍ତି। ବୃଦ୍ଧ ବ୍ୟକ୍ତିମାନଙ୍କୁ ଅନୁପଯୁକ୍ତ ମନେକରି ତାଙ୍କୁ ପ୍ରାୟତଃ ଅଣଦେଖା କରାଯିବା ସହ ହତାଦର କରିବାକୁ କେହି ବି ପଛଘୁଞ୍ଚା ଦେଇ ନ ଥାନ୍ତି। ଜୀବନର ଶେଷ ପର୍ଯ୍ୟାୟରେ ଉପନୀତ ହୋଇଥିବା ବୃଦ୍ଧ ବ୍ୟକ୍ତି ସମାଜରେ ଅବହେଳିତ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅନେକ ସନ୍ତାନ ଯାହାର**
**ପାପର ସଜା ତାହାର ।**

ସନ୍ତାନର ସଂଖ୍ୟା ଯେତେ କମ୍ ହୁଏ ତାଙ୍କ ଲାଳନପାଳନ ଭଲରେ କରିବା ସେତେ ସହଜ ହୋଇଯାଏ। ପରନ୍ତୁ ସଂଖ୍ୟା ଅଧିକ ହୋଇଗଲେ ଅର୍ଥାଭାବରୁ ତାଙ୍କ ଭରଣପୋଷଣ କରିବା ନେଇ ନାନା ସମସ୍ୟା ସୃଷ୍ଟି ହୁଏ। ବହୁ ସନ୍ତାନ ପରିବାରରେ ସୁଖର ଅନ୍ତରାୟ ହେଉଥିବା ନେଇ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ. ପ୍ରା. ଲି.

## ଟ୍ରକ୍ ପଛରେ ପିଟିହେଲା ବୋଲେରୋ: ୩ ଗୁରୁତର

ବଡ଼ମ୍ବା,୧୧(ଡି.ଏନ.ଏ.)


ଦୁର୍ଘଟଣାଗ୍ରସ୍ତ ଟ୍ରକ ଓ ବୋଲେରୋ।

ପିକନିକ୍ ସାରି ଫେରୁଥିବାବେଳେ ମଙ୍ଗଳବାର ରାତି ୮ଟରେ ଏକ ବୋଲେରୋ ଟ୍ରକ ପଛରେ ଧକ୍କା ହୋଇଛି। ଫଳରେ ଏଥିରେ ଥିବା ତିଗିରିଆ ଥାନା ବିନ୍ଧାଣିମା ଗ୍ରାମର ୪ ଗୁରୁତର ହୋଇଛନ୍ତି। ସେଥିରୁ ୩ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇଛି। ସେମାନଙ୍କୁ କଟକ ବଡ଼ ମେଡିକାଲକୁ ପଠାଯାଇଛି। ବଡ଼ମ୍ବା ଥାନା ଖାରୋଡ଼ସ୍ଥିତ ମା' ମହାକାଳୀଙ୍କ ପୀଠରୁ ପିକନିକ୍ ସାରି ବିନ୍ଧାଣିମାର ୭ଜଣ ବୋଲେରୋ ଯୋଗେ ଘରକୁ ଫେରୁଥିଲେ। ଦ୍ରୁତଗତିରେ ଆସୁଥିବା ବୋଲେରୋ ଭଟ୍ଟାରିକା ଛକର ଅଳ୍ପ ଦୂର ସୁନାପାଳ ନିକଟରେ ଭାରସାମ୍ୟ ହରାଇ ଏକ ଆଖୁ ବୋଝେଇ ଟ୍ରକ୍ ପଛରେ ଧକ୍କା ହୋଇଥିଲା। ଯଦ୍ୱାରା ବୋଲେରୋ ଉପର ହୁଡ୍ ସମ୍ପୂର୍ଣ୍ଣ ଉଠି ଯାଇଥିଲା। ବୋଲେରୋରେ ଥିବା ବିନ୍ଧାଣିମାର ସନ୍ତୋଷ ବେହେରା, ସନ୍ତୋଷ ସାହୁ, ରଞ୍ଜନ ସାହୁ ଓ ବଟକୃଷ୍ଣ ମହାପାତ୍ରଙ୍କୁ ଗୁରୁତର ଅବସ୍ଥାରେ ପୋଲିସ ଉଦ୍ଧାର କରି ବଡ଼ମ୍ବା ଡାକ୍ତରଖାନାରେ ଭର୍ତ୍ତିକରାଇଥିଲା। କାମାକ୍ଷା, ସନ୍ତୋଷ ଏବଂ ରଞ୍ଜନଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ କଟକ ବଡ଼ ଡାକ୍ତରଖାନାକୁ ପଠାଇ ଦିଆଯାଇଥିଲା। ଖବର ପାଇ ବିଧାୟକ ଦେବୀପ୍ରସାଦ ମିଶ୍ର ଡାକ୍ତରଖାନାରେ ପହଞ୍ଚି ଗୁରୁତରଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଆଶୁଆରୋଗ୍ୟ କାମନା କରିଥିଲେ।

## ଦୁଇ ବଖରା ଜଳିଗଲା, ଆସିପାରିଲାନି ଅଗ୍ନିଶମ ଗାଡ଼ି

ମାହାଙ୍ଗା, ୧୧(ସ୍ୱ.ପ୍ର.)

ମାହାଙ୍ଗା ତହସିଲ ଅଧୀନ ମଧୁପୁର ପଞ୍ଚାୟତ ମେରିପୁର ଗ୍ରାମରେ ସୋମବାର ରାତିରେ ଅଗ୍ନିକାଣ୍ଡ ଘଟି ଦୀନବନ୍ଧୁ ସାହୁଙ୍କ ଦୁଇ ବଖରା ଘର ଜଳିଯାଇଛି। ଗ୍ରାମବାସୀ ନିଆଁ ଲିଭାଇବାକୁ ଚେଷ୍ଟାକରି ବିଫଳ ହୋଇଥିଲେ। କୁଆଁପାଳ ଦମକଳବାହିନୀକୁ ଖବର ଦିଆଯାଇଥିଲେ ମଧ ସେମାନେ ମାଟିପାରିଲେ। ଗ୍ରାମରେ ନିଆଁ ଲିଭାଉଥିବାରୁ ଆସି ପାରି ନ ଥିଲେ। ଫଳରେ ସବୁକିଛି ଜଳିପୋଡ଼ି ପାଉଁଶ ହୋଇ ଯାଇଥିଲା। କୁଆଁପାଳ ଅଗ୍ନିଶମ କେନ୍ଦ୍ରରେ ଗୋଟିଏ ପାଣି ଟାଙ୍କି ଓ ଗୋଟିଏ ପାଣି ପମ୍ପ ଗାଡି ଥିବାରୁ ଏକ ସମୟରେ ଦୁଇ ସ୍ଥାନରେ ଅଗ୍ନିକାଣ୍ଡ ଘଟିଲେ ଅସୁବିଧା ହେଉଛି। ତେଣୁ ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ କୁଆଁପାଳ ଅଗ୍ନିଶମ କେନ୍ଦ୍ରକୁ ଆଉ ଏକ ନିଆଁ ଲିଭା ଗାଡି ଯୋଗାଇଦେବାକୁ ମାହାଙ୍ଗା ବାସୀ ଦାବି କରିଛନ୍ତି।

ଖାଦ୍ୟରେ ବୋମା ରଖି ହାତୀ ମାରିବା ଘଟଣା

## ମୁଖ୍ୟ ଅଭିଯୁକ୍ତ ଗିରଫ

ଆଠଗଡ଼, ୧୧(ସ୍ୱ.ପ୍ର.)

ଆଠଗଡ଼ ବନାଞ୍ଚଳ ଅଧୀନ ରାଜନଗର ଗ୍ରାମରେ ଗତ ଡିସେମ୍ବର ୧୨ରେ ଏକ ହାତୀ ଶିକାର ହୋଇଥିଲା। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ସୋମବାର ରାତିରେ ବନ ବିଭାଗ ଗିରଫ କରିଛି। ବୁଧବାର ତାଙ୍କୁ କୋର୍ଟଚାଲାଣ କରାଯିବ। ସେ ହେଲେ ଗ୍ରାମର ଦେବ ଦେହୁରୀ। ଦେବେ ହାତୀ ଖାଦ୍ୟରେ ବୋମା ରଖିଥିଲେ। ଫଳରେ ହାତୀ ତାହାକୁ ଖଇବା ପରେ ତା'ପାଟିରେ ବୋମାଟି ଫାଟି ଯାଇଥିଲା। ଯଦ୍ୱାରା ଘଟଣାସ୍ଥଳରେ ହାତୀର ମୃତ୍ୟୁ ଘଟିଥିଲା। ଯେଉଁ ଜମିରେ ହାତୀର ମୃତ୍ୟୁ ଘଟିଥିଲା ବନ ବିଭାଗ କର୍ମଚାରୀ ସେହି ଜମି ମାଲିକଙ୍କୁ ସନ୍ଦେହରେ ଅଟକ ରଖି ପଚରାଉଚାର କରିଥିଲେ। ତେବେ ଜମି ମାଲିକ ସେଥିରେ ସମ୍ପୃକ୍ତ ନ ଥିବା ଦାବିକରି ରାଜନଗର ସରପଞ୍ଚ ମହେନ୍ଦ୍ର ପରିଡାଙ୍କ ନେତୃତ୍ୱରେ ଗତ ୧୩ତାରିଖରେ ଶତାଧିକ ଗ୍ରାମବାସୀ ବନଖଣ୍ଡ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବନଖଣ୍ଡ ଅଧିକାରୀ ଶସ୍ମିତା ଲେଙ୍କା, ସହକାରୀ ବନଖଣ୍ଡ ଅଧିକାରୀ ରାଜେନ୍ଦ୍ର ଦାସ, ବନାଞ୍ଚଳ ଅଧିକାରୀ ରବି ନାରାୟଣ ନାୟକ ପ୍ରମୁଖ ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଧରିବା ପାଇଁ ଗୁପ୍ତ ତଦନ୍ତ ଚଳାଇଥିଲେ। ଦେବ ଗିରଫ ହେବାପରେ ସେ ହାତୀକୁ ଖାଦ୍ୟରେ ବୋମାରଖି ମାରିଥିବା ସ୍ୱୀକାର କରିଛନ୍ତି।

## ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ଅତିଥି 'ମୁଁ ହିରୋ ସମ୍ମାନ' ପ୍ରଦାନ କରୁଛନ୍ତି।

ବାଲିଆ,୧୧

ବିରିଡ଼ି ବ୍ଲକ ବଡ଼ଖଣ୍ଡାଏତା ପଞ୍ଚାୟତ ବିଜୁ ଯୁବ ବାହିନୀ ପକ୍ଷରୁ ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଯୁବ ବାହିନୀ ସଭାପତି ସୌମେନ୍ଦ୍ର ଖଟେଇଙ୍କ ସଭାପତିତ୍ୱରେ ଆୟୋଜିତ ସଭାକୁ ଚିତ୍ତରଞ୍ଜନ ମିଶ୍ର ସଂଚାଳନା କରିଥିଲେ। ଶିକ୍ଷାବିତ ଫକୀର ଚରଣ ଖଟେଇ ମୁଖ୍ୟଅତିଥି, ସାମାଜିକ କର୍ମୀ ରମେଶ ଚନ୍ଦ୍ର ସ୍ୱାଇଁ, ନାଏବ ସରପଞ୍ଚ ଗାୟତ୍ରୀ ସ୍ୱାଇଁ, ଚିତ୍ତରଞ୍ଜନ ମିଶ୍ର, ରାଜ୍ୟ ପ୍ରିୟ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଁ ହିରୋ ଭାବେ ଶ୍ରଦ୍ଧାଞ୍ଜଳି ମହାନ୍ତି, ନିରଞ୍ଜନ ଭୋଇ, ସବ୍ୟସାଚୀ ମହାନ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ସମ୍ପାଦକ ସାଗର ସ୍ୱାଇଁ, କୋଷାଧକ୍ଷ ଅର୍ଜୁନ ଖୁଣ୍ଟିଆ, ମଳୟ କୁମାର ପ୍ରଧାନ, ଦିଲୀପ କୁମାର ସାହୁ, ପ୍ରଶାନ୍ତ ପ୍ରଧାନ, ନାଗର ସାହୁ, ଦେବାଶିଷ ସ୍ୱାଇଁ, ଖୋକନ ପ୍ରଧାନ, ରାଜେଶ ସାହୁ, ଜ୍ଞାନରଞ୍ଜନ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Branches-Bhubaneswar,Cuttack,Bhadrak, Rourkela & Brahmapur

LOAN
ସୁବର୍ଣ୍ଣ ସୁଯୋଗ।
ଓଡ଼ିଶାର ସମସ୍ତ ବର୍ଗର ଲୋକମାନଙ୍କ ପାଇଁ କମ୍ ସୁଧରେ ଏବଂ ସହଜ କିସ୍ତିରେ ଋଣ ଯୋଗାଇ ଦିଆଯାଉଛି।
(ମହିଳାମାନଙ୍କ ପାଇଁ ବିଶେଷ ରିହାତି)
B-19, New Moti Bagh, New Delhi- 110021
8658167603
7064382081

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

ସତ୍ୟମ ବିଜନେସ୍ ସଲ୍ୟୁସନ୍ସ ଦ୍ୱାରା ଲୋନ ନିଅନ୍ତୁ, ଏଜେଣ୍ଟମାନଙ୍କ ଦ୍ୱାରା ସମ୍ପର୍କ କରନ୍ତୁ
7900515385, 9690381088
ଭୁବନେଶ୍ୱର–9690243041
ସମ୍ବଲପୁର– 9690367183
ବ୍ରହ୍ମପୁର– 7900240146
ଢେଙ୍କାନାଳ– 7900982000
ନୟାଗଡ଼– 7900365000

NATIONAL FINANCE
ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର, ୨୪ ଘଣ୍ଟାରେ ସରକାରୀ ଯୋଜନା ଅଧୀନରେ ଘରେ ବସି ଋଣ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର, ବିପିଏଲ୍ କାର୍ଡ, ବାମାଶା କାର୍ଯ୍ୟ ବେରୋଜଗାର ଋଣ, ମହିଳା ଗ୍ରୁପ୍ ଋଣ ସବୁ ଋଣ ବ୍ୟାଙ୍କରୁ ପାଆନ୍ତୁ। ୨% ସୁଧ ୪୦% ସରକାରୀ ସବ୍ସିଡି।
Helpline Numbers
7626989818
7626900218
T-51, Gali No.8, Gautampuri, Delhi-110053

ନବବର୍ଷ ଧମାକା
ଗଣପତି ଫାଇନାନ୍ସ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ମୁଦ୍ରା ଯୋଜନା ଅଧୀନରେ ପ୍ରଥମ 100 କଲର୍ଙ୍କୁ ବିଶେଷ ରିହାତି
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ 24 ଘଣ୍ଟାରେ ପାଆନ୍ତୁ
2% ସୁଧ - 40% ରିହାତି
ଲକ୍ଷ ଲକ୍ଷ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
ଠକ କମ୍ପାନୀଗୁଡ଼ିକ ପ୍ରତି ସାବଧାନ
8126592819
8126568293
SCO-106, Second Floor, Vishal Tower, Connaught Place, Delhi

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ନବବର୍ଷର ଶୁଭକାମନା
ଆପଣ ସମସ୍ତଙ୍କ ପାଇଁ ଉପଲବ୍ଧ କମ୍ ସୁଧରେ ଋଣର ସୁବିଧା । ମାତ୍ର 2% ସୁଧ 35% ସରକାରୀ ସବ୍ସିଡି । ଗ୍ରୁପ୍ ଋଣର ସୁବିଧା ମଧ ଉପଲବ୍ଧ ରିହାତି ସହିତ।
SHRI JAGANNATH FINANCE GROUP
ଭାରତର ନଂ.1 କମ୍ପାନୀ
Helpline Numbers
7497815594
9485831878
Jamtara, Siskela, Balangir, Odisha - 767032

ଭାରତର ନଂ. ୧ କମ୍ପାନୀ
ଦ୍ୱାରା ଆପଣଙ୍କର ଖାଲିଥିବା ଜମିରେ, ଛାତରେ, ଫ୍ଲାଟ୍ରେ, କ୍ଷେତରେ, ଘର ଉପରେ 3G, 4G, ଡିଜିଟାଲ ଟାୱାର ଲଗାନ୍ତୁ। ଏବଂ ପାଆନ୍ତୁ ୮୦ ଲକ୍ଷ ଆଡଭାନ୍ସ + ୫୦ ହଜାର ମାସକୁ ରୋଜଗାର +୨୦ ବର୍ଷର କୋର୍ଟ ଏଗ୍ରିମେଣ୍ଟ + ଚାକିରି + BIKE + NET Call Free
Contact : 1800120002563
Ansal Bhavan, Connaught Place, New Delhi

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

MAHALAXMI FINANCE LTD
ଆଗେ ଆସନ୍ତୁ ଆଗେ ପାଆନ୍ତୁ
ନବବର୍ଷର ଶୁଭ ଅବସରରେ ସମସ୍ତ ଋଣ କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗ୍ରୁପ୍, ଗୃହ ଋଣ ଆଦି, ୭୨ ଘଣ୍ଟାରେ ୧% ସୁଧ ୫୦% ରିହାତି।
Helpline Numbers
9499219022
Dagarpada, Bania Sahi, Chandini Chowk, Cuttack Sadar, Cuttack-753002

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
ସତ୍ୟ ନଗର, କାଳୀ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

ଆକର୍ଷଣୀୟ ବାଇକ୍ ଶୁଭାରମ୍ଭ ଅଫର୍
ମାସିକ ୨765/-ର ରୋଜଗାର
ଡ୍ରାଇଭର, ଇନ୍ଧନ, ରକ୍ଷଣାବେକ୍ଷଣ ସବୁ ସୁବିଧା କମ୍ପାନୀ ତରଫରୁ
ଜିଆଇପିଏଲ୍ ବାଇକ୍ ବଟ୍ କନ୍ସେପ୍ଟ ବାଇକ୍ ଭଡ଼ାରେ ଘରେ ନିଶ୍ଚିନ୍ତରେ ବସି ଟ.62100, ମାସିକ ରୋଜଗାର ୨765 କିମ୍ବା ସର୍ବାଧିକ 1 ଲକ୍ଷ
ଠିକଣା: ସେକ୍ଟର 3, ନୋଏଡା ଉତ୍ତରପ୍ରଦେଶ
ମୋ. 8445085978

SMS JOB
ବେରୋଜଗାର ଯୁବକ, ଯୁବତୀ ଏବଂ ବେଟି ବଚାଅ, ବେଟି ପଢ଼ାଅ ଘରେ ବସି SMS JOB (Part/Full Time) କରି ମାସକୁ ୧୫୦୦୦/-ରୁ ୩୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ।
କମ୍ପାନୀ ଦ୍ୱାରା Mobile+ Laptop+ Medical Exp. FREE
CALL/SMS କରନ୍ତୁ
7352180541
7673881573

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ବେଲେଶ୍ୱର ସାହିତ୍ୟ ସଂସଦ ପକ୍ଷରୁ ମଧ୍ୟରାତ୍ରି କବିତା ପାଠୋତ୍ସବ




କବିତା ପାଠୋତ୍ସବରେ ଅତିଥି ଓ କବିମାନେ।

ପଟ୍ଟାମୁଣ୍ଡାଇ,୧।୧(ସ୍ୱ.ପ୍ର)

ନୂତନ ବର୍ଷ ୨୦୧୯କୁ ସ୍ୱାଗତ ଜଣାଇ ସ୍ଥାନୀୟ ବେଲେଶ୍ୱର ସାହିତ୍ୟ ସଂସଦ ପକ୍ଷରୁ ମଧ୍ୟରାତ୍ରିର କବିତା ପାଠୋତ୍ସବ ସୋମବାର ସ୍ଥାନୀୟ ଟାଉନ କ୍ଲବଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ସଂସଦର ସଭାପତି ବ୍ରଜବନ୍ଧୁ ଦାସ ସଭାପତିତ୍ୱ କରିଥିଲେ । ଏହି ଉତ୍ସବରେ ଅତିଥି ଭାବେ ସାହିତ୍ୟିକ କୈଳାଶ ଚନ୍ଦ୍ର ପାତ୍ର ଯୋଗଦେଇ କବିତା ମାଧ୍ୟମରେ କବିମାନେ ନୂତନ ବର୍ଷକୁ ସ୍ୱାଗତ କରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଥିଲେ । କବିତା ପାଠୋତ୍ସବରେ କବୟିତ୍ରୀ ଆରାଧନା ଦାଶ ଓ ଆରତୀ ଭଳ କବିତାଗୁଡିକର ସଂଯୋଜନା କରିଥିଲେ । ଏଥିରେ କବି ଧୀରେନ୍ଦ୍ର କୁମାର ଜେନା, ଶିବ ପ୍ରସାଦ ରାଉତ, ପ୍ରମୋଦ କୁମାର ନାୟକ, ସନ୍ତୋଷ କୁମାର ସାମଲ, ଗୋଲକ ଚନ୍ଦ୍ର ସାହୁ, ନାରାୟଣ ପ୍ରସାଦ ରାଉଳ, ସୁରେନ୍ଦ୍ର ରାଉତ, ଅନ୍ତର୍ଯ୍ୟାମୀ ବେଜ, ଭୀମସେନ ପରିଡା, କହ୍ନାଇଁ ଚରଣ ପରିଡା ଯୋଗଦେଇ କବିତା ପାଠ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରସନ୍ନ କୁମାର ବେହୁରା, ମନୋଜ କୁମାର ଶତପଥୀ, ଇଂ ତପନ କୁମାର ପାତ୍ର, ଡା. ମନୋରଞ୍ଜନ ଦାଶ, ରମେଶ ଚନ୍ଦ୍ର ଦେ, ଶୈଳେନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ ସ୍ୱରଚିତ କବିତା ପାଠ କରି ନୂଆବର୍ଷ ୨୦୧୯କୁ ସ୍ୱାଗତ ଜଣାଇଥିଲେ । ମଧ୍ୟରାତ୍ରି କବିତା ପାଠ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ସଂସଦର ଉପଦେଷ୍ଟା ଗାଳ୍ପିକ ପ୍ରଦୀପ ନାୟକ ସୂଚନା ଦେଇଥିଲେ । କବି ନାରାୟଣ ପ୍ରସାଦ ରାଉଳ ବେଦପାଠ ଓ କବି ପ୍ରମୋଦ ନାୟକ ଗୀତାପାଠ କରି ବିଶ୍ୱବାସୀଙ୍କ ସୁଖ ଶାନ୍ତି କାମନା କରିଥିଲେ । କବିତା ପାଠୋତ୍ସବରେ ବହୁ କବି, ବୁଦ୍ଧିଜୀବୀ, ଶିକ୍ଷାବିତ୍ ଓ ସାହିତ୍ୟପ୍ରେମୀ ଯୋଗ ଦେଇଥିଲେ । ଶେଷରେ ସଂସଦର ସମ୍ପାଦକ ପ୍ରମୋଦ କୁମାର ସାହୁ ଧନ୍ୟବାଦ ଦେଇଥିଲେ ।

# ପ୍ରବଳ ଶୀତରେ ଦୁଇ ଜଣଙ୍କ ମୃତ୍ୟୁ

ରାଜନଗର,୧।୧(ଡିଏନଏ)

ଗତ କିଛି ଦିନ ହେଲା ଉପକୂଳବର୍ତ୍ତୀ କେନ୍ଦ୍ରାପଡା ଜିଲାରେ ପ୍ରବଳ ଶୀତ ଅନୁଭୂତ ହେଉଛି । ଶୀତର ପ୍ରକୋପ ସହି ନ ପାରି ରାଜନଗର ଅଞ୍ଚଳରେ ଗୋଟିଏ ଦିନରେ ଦୁଇ ଜଣଙ୍କ ମୃତ୍ୟୁ ଘଟିଛି । ରାଜନଗର ବ୍ଲକ ବାଲିସାହିପାଟଣା ପଞ୍ଚାୟତ ଚମ୍ପାଦିଆ ଗାଁର ବିଧବା ମହିଳା ସପୁରୀ ରାଉତ (୬୫) ଓ କୁରୁଣ୍ଟି ପଞ୍ଚାୟତ ନୋଧାବସନ୍ତ ଗାଁର ଗୁରୁବାରୀ ଜେନା (୭୦)ଙ୍କର ସୋମବାର ରାତିରେ ପରଲୋକ ହୋଇଯାଇଛି । ପ୍ରବଳ ଶୀତ ଯୋଗୁ ଉଭୟଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ କହିଛନ୍ତି।

# ବ୍ରାହ୍ମଣୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ରାଜନଗର,୧।୧(ଡିଏନଏ)

ବ୍ରାହ୍ମଣୀ ନଦୀରେ ବୁଡିଯାଇ ରାଜନଗର ବ୍ଲକ ଓସ୍ତିଆ ଗାଁର ଶୁକଦେବ ପରିଡା (୮୦ )ଙ୍କ ମଙ୍ଗଳବାର ମୃତ୍ୟୁ ଘଟିଛି । ସକାଳେ ଶୁକଦେବ ଘର ନିକଟରେ ଥିବା ବ୍ରାହ୍ମଣୀ ନଦୀକୁ ଶୌଚ ହେବାକୁ ଯାଇଥିଲେ। । ସେଠାରେ ତାଙ୍କର ଗୋଡ ଖସି ଯିବାରୁ ପାଣିରେ ବୁଡି ଯାଇଥିଲେ । ପରିବାର ଲୋକେ ବହୁ ଖୋଜାଖୋଜି କରି ଶେଷରେ ନଦୀ ମଧ୍ୟରୁ ତାଙ୍କୁ ଉଦ୍ଧାର କରି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏ ନେଇ ରାଜନଗର ଥାନାରେ ଏକ ଅପମୃତ୍ୟୁ ମାମଲା (୧/୨୦୧୯)ରୁଜୁ ହୋଇଛି।

# ସତ୍ୟସାଈ ଶିଶୁ ବିଦ୍ୟାମନ୍ଦିର ବାର୍ଷିକୋତ୍ସବ




ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

ପଟ୍ଟାମୁଣ୍ଡାଇ, ୧।୧ (ସ୍ୱ.ପ୍ର)

ପଟ୍ଟାମୁଣ୍ଡାଇ ବ୍ଲକ ତରଡିପାଳସ୍ଥିତ ସତ୍ୟସାଇ ଶିଶୁ ବିଦ୍ୟାମନ୍ଦିରର ୨୦ତମ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ଶର୍ମା ଅଧ୍ୟକ୍ଷତା କରିଥିଲେ। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ରାହ୍ମଣୀ କଲେଜର ପୂର୍ବତନ ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ବିଶ୍ୱାଳ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରମାନେ ଭଲ ପାଠ ପଢି ଏହି ଅଞ୍ଚଳର ସୁନାମ ରଖିବା ସଙ୍ଗେ ସଙ୍ଗେ ଉତ୍ତମ ମଣିଷ ଭାବେ ନିଜକୁ ଗଢି ତୋଳିବା ପାଇଁ ମୁଖ୍ୟଅତିଥି ବିଶ୍ୱାଳ ପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତାଁ ଭାବେ କାଳୁପଡା ହାଇସ୍କୁଲ ଖୋର୍ଦ୍ଧାର ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶଶୀରେଖା ନାଥଶର୍ମା, ତରଡିପାଳ ସରପଞ୍ଚ ପ୍ରିୟଦର୍ଶିନୀ ତରାଇ, ସମିତି ସଭ୍ୟା ଝୁନଲତା ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଶିଶୁ ଶିକ୍ଷା ମନ୍ଦିରର ଅଧ୍ୟକ୍ଷ ରବି ରଞ୍ଜନ ନାଥଶର୍ମା ଶିକ୍ଷାନୁଷ୍ଠାନ ସମ୍ପର୍କରେ ସୂଚନା ଦେଇଥିଲେ । ଏହି ଅବସରରେ ଦିବାକର ନାଥଶର୍ମାଙ୍କୁ ଗାୟକ ରତ୍ନ ହରିନାଥ କଳା ସମ୍ମାନ, କବି ନୃସିଂହ ଚରଣ ରାଉତଙ୍କୁ କନକଲତା ସ୍ମୃତି ଶିକ୍ଷା ସମ୍ମାନ, କିରଣମୟୀ ଦାସଙ୍କୁ ଭୂମିକା ବାରିକ ମେଧାଛାତ୍ରୀ ପୁରସ୍କାର ଓ ବିଦ୍ୟାଳୟର ଉତ୍ତମ ଛାତ୍ର ଭାବେ ନିଶିକାନ୍ତ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିସହିତ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ କୃତୀତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରେମାନନ୍ଦ ବିଶ୍ୱାଳ ସ୍ୱାଗତ ଭାଷଣ ଓ ଶିକ୍ଷୟିତ୍ରୀ ପ୍ରିୟଙ୍କା ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ । ପୁଷ୍ପାଞ୍ଜଳି ମହାପାତ୍ର, ଗୀତାଞ୍ଜଳି ଦାସ, ସସ୍ମିତା ଧଳ, ରୀନାରାଣୀ ବାରିକ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ । ରଶ୍ମିତା ବିଶ୍ୱାଳ ଧନ୍ୟବାଦ ଦେଇଥିଲେ । ଶେଷରେ ଶିଶୁ ଶିକ୍ଷା ମନ୍ଦିରର ଛାତ୍ରୀଛାତ୍ରମାନେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

## ସପ୍ତମ ଡେରାବିଶ ମହୋତ୍ସବ ଉଦ୍‌ଯାପିତ

# ରସରକେଲୀ, ଲଛନିଆ ନାଚରେ ଝୁମିଲେ ଦର୍ଶକ

ଡେରାବିଶ, ୧।୧ (ସ୍ୱ.ପ୍ର.)



ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

ଡେରାବିଶ ସାଂସ୍କୃତିକ ସଂଗଠନ ଓ ଜିଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ଡିସେମ୍ବର ୨୫ରୁ ଆରମ୍ଭ ହୋଇଥିବା ସପ୍ତମ ଡେରାବିଶ ମହୋତ୍ସବ ସୋମବାର ବିଳମ୍ବିତ ରାତିରେ ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ମିନି ଷ୍ଟାଡିୟମଠାରେ ଚାଲିଥିବା ଏହି ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ଆୟୋଜିତ ସଭାରେ ମହୋତ୍ସବ କମିଟି ସଭାପତି ପଣ୍ଡିତ ଶରତ ଚନ୍ଦ୍ର ମିଶ୍ର ଅଧ୍ୟକ୍ଷତା କରିଥିଲେ। ସଭାରେ ବରିଷ୍ଠ ବିଜେଡ଼ି ନେତା ରବି ସାମଲ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଡେରାବିଶ ମହୋତ୍ସବ ସଂସ୍କୃତିର ବାର୍ତ୍ତା ବହନ କରିଛି ବୋଲି କହିଥିଲେ। କେନ୍ଦ୍ରାପଡ଼ା ତୁଳସୀ ମହିଳା ମହାବିଦ୍ୟାଳୟ ପ୍ରାଧ୍ୟାପକ ଅଜୟ କୁମାର ରାଉତ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। କେନ୍ଦ୍ରାପଡ଼ା ଐତିହ୍ୟର ସ୍ମୃତି ବହନ କରୁଥିବା ବଡ଼କୋଠା ଓ ରାଜା ନରେନ୍ଦ୍ରଙ୍କ ଇତିହାସ ସମ୍ପର୍କରେ ମୁଖ୍ୟବକ୍ତା ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥିଭାବେ ସାଂସ୍କୃତିକ ସଂଗଠନ ଉପସଭାପତି ଖୁର୍ସିଦ୍ ଆଲମ୍ ଖାଁ ଓ ସମ୍ପାଦକ ସରୋଜ କୁମାର ଦାସ ଯୋଗଦେଇଥିଲେ। ଏହି ଅବସରରେ ମହୋତ୍ସବ ବିଶେଷାଙ୍କ ଅତିଥିମାନେ ଉନ୍ମୋଚନ କରିଥିଲେ। ଶିକ୍ଷାବିତ୍ ଅରୁଣ କୁମାର ଜେନା ଅତିଥି ପରିଚୟ ଦେଇଥିଲେ। ବଲାଙ୍ଗୀର ଜିଲା ଲୋଇସିଂହା ସଙ୍ଗୀତ ସାଧନା ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ପରିବେଷିତ ରସରକେଲୀ, ଲଛନିଆ, ଭାଇ ଝୁଟିଆ ନୃତ୍ୟ ଦର୍ଶକଙ୍କୁ ଭରପୁର ଆନନ୍ଦର ଖୋରାକ ଯୋଗାଇଥିଲା। ଏଥିସହିତ ସାଲେପୁରସ୍ଥିତ ପପୁଲାର ମ୍ୟାଜିକ୍ ଅନୁଷ୍ଠାନର ମୁଖ୍ୟ ପପୁଙ୍କ ଦ୍ୱାରା ମ୍ୟାଜିକ୍ ଦେଖିବାକୁ ଭିଡ଼ ଜମିଥିଲା। କ୍ରୀଡ଼ାବିତ୍ ସାହାଜାନ୍ ଖାଁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସଂସ୍କୃତି, ଶିକ୍ଷା, ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୦ ଜଣ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚଳିତବର୍ଷ ମହୋତ୍ସବରେ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ହସ୍ତଶିଳ୍ପ ସାମଗ୍ରୀ ସହ ୧୫୦ରୁ ଉର୍ଦ୍ଧ୍ୱ ଖାଦ୍ୟ ସାମଗ୍ରୀ ଷ୍ଟଲ ମହୋତ୍ସବ ପଡ଼ିଆରେ ପଡିଥିଲା। ମହୋତ୍ସବ କମିଟି ସମ୍ପାଦକ ଗୁରୁଚରଣ ସେଠୀ, ବିପିନ ବିହାରୀ ସାହୁ, ତ୍ରିଲୋଚନ ରାଉତ, ଅତୁଲ୍ୟ କୁମାର ରଥ, ହଳଧର ଦାଶ, ପ୍ରଭାକର ସାମଲ, ସର୍ବେଶ୍ୱର ରଥ, ସଚ୍ଚିଦାନନ୍ଦ ରଥ, ବନମାଳୀ ପାଣ୍ଡେ, ଅଭିମନ୍ୟୁ ରାଉତ ମରୁତ ସ୍ୱାଇଁ, ଲକ୍ଷ୍ମୀକାନ୍ତ ଜେନା, କ୍ଷୀରୋଦ ଚନ୍ଦ୍ର କର, ରାଜକିଶୋର ମଲ୍ଲ, ଅନନ୍ତ ଭୂୟାଁ, ଚାଟରାଚକଡ଼ା ସରପଞ୍ଚ ପୂର୍ଣ୍ଣାନନ୍ଦ ବେହେରା, ମିହିର ସାମଲ ପ୍ରମୁଖ ଉଦ୍‌ଯାପନୀ ଉତ୍ସବ ପରିଚାଳନା କରିଥିଲେ।

# ସଡ଼କ ଦୁର୍ଘଟଣାରେ ୩ ଗୁରୁତର

ରାଜନଗର,୧।୧(ଡିଏନଏ)

ରାଜନଗର-ଗୁପ୍ତି ମୁଖ୍ୟ ରାସ୍ତାରେ ମଙ୍ଗଳବାର ଅପରାହ୍ନ ପ୍ରାୟ ୪ ଟା ସମୟରେ ଏକ ଅଟୋକୁ ବାଇକ ଧକ୍କା ଦେବା ଫଳରେ ୩ ଜଣ ଯୁବକ ଗୁରୁତର ଆହତ ହୋଇଛନ୍ତି। ପ୍ରକାଶ ଯେ, ବନ୍ଧପଡା ପଞ୍ଚାୟତ ଖଣ୍ଡେଇପଡା ଗାଁର ଦେବେନ୍ଦ୍ର ମଲ୍ଲିକ (୧୯) ,ମନୋଜ ମଲ୍ଲିକ-(୨୭), ଅଭିଷେକ ମଲିକ(୧୮ ) ନୂଆବର୍ଷ ପାଇଁ ପେଣ୍ଠ ବେଳାଭୂମିକୁ ବୁଲିବାକୁ ଯାଇଥିଲେ । ବୁଲି ସାରି ଓଡି୨୯ଏ୮୬୨୭ ନଂ ମୋଟର ସାଇକେଲରେ ଦ୍ରୁତଗତିରେ ଫେରିବା ବେଳେ ରାଜନଗର ଜୟଗୁରୁ ଆଶ୍ରମ ନିକଟରେ ରାଜନଗରରୁ ଗୁପ୍ତି ଯାଉଥିବା ଓଆର ୨୯ ଏ ୨୯୮୮ ନଂଅଟୋକୁ ଧକ୍କା ଦେଇଥିଲା । ଅଟୋଟି ଗଛରେ ପିଟି ହୋଇ ରହି ଯାଇଥିଲା । ମାତ୍ର ବାଇକ ସହ ତିନି ଜଣ ଯୁବକ ଦୂରକୁ ଛିଟିକି ପଡିଥିଲେ । ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସେମାନଙ୍କୁ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଦେବେନ୍ଦ୍ର ଓ ମନୋଜଙ୍କୁ କଟକ ବଡ ମେଡିକାଲକୁ ପଠାଯାଇଛି । ଅଭିଷେକଙ୍କୁ କେନ୍ଦ୍ରପଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ
ଭାରତ ସରକାର
ଡାକ ବିଭାଗ
ସଞ୍ଚାର ମନ୍ତ୍ରଣାଳୟ
ଭାରତ ସରକାର
ଭାରତୀୟ ଡାକ India Post

ପାସ୍‌ପୋର୍ଟ ସମ୍ବନ୍ଧୀୟ ସେବା
ଏବେ ଡାକଘରେ




ଆସ୍କା, ଭଦ୍ରକ, କଟକ, ଢେଙ୍କାନାଳ, ଯାଜପୁର ଏବଂ କେନ୍ଦୁଝରରେ
ପୋଷ୍ଟ ଅଫିସ୍ ପାସ୍‌ପୋର୍ଟ ସେବା କେନ୍ଦ୍ର (ପିଓପିଏସ୍‌କେ)ର
ଶୁଭ ଉଦ୍‌ଘାଟନ
ନରେନ୍ଦ୍ର ମୋଦି
ପ୍ରଧାନମନ୍ତ୍ରୀଙ୍କ
କରକମଳରେ

ଅଧିକ ମାତ୍ରାରେ ପାସ୍‌ପୋର୍ଟ ସମ୍ବନ୍ଧୀୟ ସେବା ପ୍ରଦାନ କରିବାରେ ଏକ ଅଭିନବ ପ୍ରୟାସ
ସ୍ଥାନୀୟ ଅଧିବାସୀଙ୍କ ପାଇଁ ପାସ୍‌ପୋର୍ଟ ସେବା ପାଇବା ସୁବିଧାଜନକ
ଆବେଦନ ସମ୍ବନ୍ଧୀୟ କାଗଜପତ୍ରର ସରଳ, ସକ୍ଷମ ଏବଂ ତ୍ୱରିତ ପ୍ରକ୍ରିୟାକରଣ

ଶନିବାର, ୫ ଜାନୁୟାରୀ ୨୦୧୯
ବାରିପଦା, ଓଡ଼ିଶା

ଗରିମାମୟ ଉପସ୍ଥିତି
ପ୍ରଫେସର ଗଣେଶୀ ଲାଲ – ରାଜ୍ୟପାଳ, ଓଡ଼ିଶା
ନବୀନ ପଟ୍ଟନାୟକ – ମୁଖ୍ୟମନ୍ତ୍ରୀ, ଓଡ଼ିଶା
ନିତିନ ଗଡ଼କରି – ସଡ଼କ ପରିବହନ ଏବଂ ରାଜମାର୍ଗ ମନ୍ତ୍ରୀ, ଭାରତ ସରକାର
ଜୁଏଲ ଓରାମ – ଜନଜାତି ବ୍ୟାପାର ମନ୍ତ୍ରୀ, ଭାରତ ସରକାର
ପିୟୂଷ ଗୋଏଲ – ରେଳ ମନ୍ତ୍ରୀ, ଭାରତ ସରକାର
ଧର୍ମେନ୍ଦ୍ର ପ୍ରଧାନ – ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ, ଭାରତ ସରକାର
ଡ. ମହେଶ ଶର୍ମା – ସଂସ୍କୃତି ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ), ଭାରତ ସରକାର



“ତ୍ୟାଗ ଓ ଧୈର୍ଯ୍ୟରେ ହିଁ ବୀରତ୍ୱ ପ୍ରଦର୍ଶିତ ହୋଇଥାଏ। ମା'ମାନଙ୍କଠାରୁ ଆମେ ଏହା ଶିଖିବା ଆବଶ୍ୟକ।

-ଫ୍ରାନ୍ସିସ୍ ପୋପ୍

## ସଂକ୍ଷେପରେ

### ଚଢ଼ିଗଲା ଟ୍ରକ୍, ୭ ମୃତ

**ଚାନ୍ଦୌଲି/ୟୁପି, ୧।୧(ପି.ଟି.):** ନୂଆବର୍ଷରେ ଉତ୍ତରପ୍ରଦେଶର ଚାନ୍ଦୌଲି ଜିଲା ମାଲ୍‌ଦା ଗ୍ରାମରେ ମଙ୍ଗଳବାର ଦୁଃଖଦ ଘଟଣା ଘଟିଛି। ସକାଳ ସାଢ଼େ ୫ଟା ସମୟରେ ଏକ ଗୋରୁ ବୋଝେଇ ଟ୍ରକ୍ ଗ୍ରାମର ଏକ ଅସ୍ଥାୟୀ ଘର ଉପରକୁ ମାଡ଼ିଯିବାରୁ ଏଥିରେ ୪ ନାବାଳକଙ୍କ ସମେତ ୭ଜଣଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାରେ ଏସ୍‌ପି ମାଲ୍‌ଦା ଥାନା ଅଧିକାରୀଙ୍କୁ ନିଲମ୍ବିତ କରିଛନ୍ତି।

### ଭୂସ୍ଖଳନରେ ୯ ମୃତ

**ଜାକର୍ତ୍ତା,୧।୧(ପି.ଟି.):** ଇଣ୍ଡୋନେସିଆର ଜାଭା ଦ୍ୱୀପରେ ଭୂସ୍ଖଳନରେ ୩୦ରୁ ଊର୍ଦ୍ଧ୍ୱ ଘର ପୋତି ହୋଇଯାଇଛି। ଏଥିରେ ୯ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୩୪ ନିଖୋଜ ଥିବା ଜାତୀୟ ବିପର୍ଯ୍ୟୟ ପରିଚାଳନା ଏଜେନ୍ସି ପ୍ରବକ୍ତା ସୁତୋପୋ ନୁଗ୍ରୋହୋ ସୂଚିତ କରିଛନ୍ତି। ଉଦ୍ଧାର କାର୍ଯ୍ୟ ଜାରି ରହିଛି। ମୃତ୍ୟୁ ସଂଖ୍ୟାରେ ବୃଦ୍ଧି ଆଶଙ୍କା ରହିଥିବା ସେ କହିଛନ୍ତି।

### ପାକିସ୍ତାନ ଜେଲରେ ୫୩୭ ଭାରତୀୟ

**ନୂଆଦିଲ୍ଲୀ/ଇସ୍‌ଲାମାବାଦ୍,୧।୧(ପି.ଟି.):** ଭାରତ ଓ ପାକିସ୍ତାନ ମଧ୍ୟରେ ଦ୍ୱିପାକ୍ଷିକ ଚୁକ୍ତି ଅନ୍ତର୍ଗତ ଉଭୟ ଦେଶରେ ରହିଥିବା ଆଣବିକ ପ୍ରତିଷ୍ଠାନ ଓ ଜେଲ୍‌ରେ ବନ୍ଦୀ ଥିବା ମତ୍ସ୍ୟଜୀବୀ ଓ ନାଗରିକମାନଙ୍କ ସୂଚନା ଆଦାନପ୍ରଦାନ ହୋଇଛି। ଏପରି ସ୍ଥଳେ ଭାରତରେ ୨୪୯ ପାକିସ୍ତାନୀ ନାଗରିକ ଓ ୯୮ ମତ୍ସ୍ୟଜୀବୀ ବନ୍ଦୀ ଥିବା ନେଇ ତାଲିକା ଭାରତୀୟ ବହିର୍ବ୍ୟାପାର ମନ୍ତ୍ରଣାଳୟ ତରଫରୁ ପାକିସ୍ତାନକୁ ଦିଆଯାଇଛି। ଅପରପକ୍ଷେ, ପାକିସ୍ତାନ ପକ୍ଷରୁ ୪୮୩ ଭାରତୀୟ ମତ୍ସ୍ୟଜୀବୀଙ୍କ ସହ ୫୩ ନାଗରିକ ତାଙ୍କ ଦେଶରେ ବନ୍ଦୀ ଥିବା ରିପୋର୍ଟ ପ୍ରଦାନ କରାଯାଇଛି। ୧୯୮୮ ଡିସେମ୍ବର ୩୧ ତାରିଖରେ ଆଣବିକ ପ୍ରତିଷ୍ଠାନର ସୁରକ୍ଷା ଓ ତତ୍‌ସମ୍ବନ୍ଧୀୟ ସୂଚନା ସମ୍ପର୍କିତ ଦୁଇଦେଶ ମଧ୍ୟରେ ଦ୍ୱିପାକ୍ଷିକ ଚୁକ୍ତି ସ୍ୱାକ୍ଷର ହୋଇଥିଲା। ୧୯୯୧ ଜାନୁୟାରୀ ୨୭ ତାରିଖରୁ ଏହି ଚୁକ୍ତି କାର୍ଯ୍ୟକାରୀ ହୋଇଥିଲା। ୧୯୯୨ ଜାନୁୟାରୀ ୧ ତାରିଖରେ ପ୍ରଥମେ ଆଣବିକ କେନ୍ଦ୍ର ସମ୍ପର୍କିତ ତଥ୍ୟ ଆଦାନପ୍ରଦାନ ହୋଇଥିଲା। ମଙ୍ଗଳବାର ୨୮ ବର୍ଷରେ ଉଭୟ ଦେଶ ମଧ୍ୟରେ ଏହି ସୂଚନା ଆଦାନପ୍ରଦାନ ହୋଇଛି।

### ଆଲ୍ଲାହାବାଦ୍ ହେବ ପ୍ରୟାଗରାଜ




**ନୂଆଦିଲ୍ଲୀ,୧।୧(ପି.ଟି.):** ଉତ୍ତରପ୍ରଦେଶର ଆଲ୍ଲାହାବାଦ୍‌ରେ ପ୍ରସିଦ୍ଧ କୁମ୍ଭମେଳାକୁ ଆଉ ୧୫ ଦିନ ବାକି ଥିବାବେଳେ ଏହି ଐତିହାସିକ ସହରର ନାମ ପ୍ରୟାଗରାଜକୁ ପରିବର୍ତ୍ତନ କରାଯିବା ପ୍ରସ୍ତାବକୁ କେନ୍ଦ୍ର ସରକାର ମଞ୍ଜୁର କରିଛନ୍ତି। ୨ ମାସ ତଳେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ନେତୃତ୍ୱାଧୀନ ସରକାର ଆଲ୍ଲାହାବାଦ୍‌ର ନାମ ପ୍ରୟାଗରାଜ ନାମିତ କରିବାକୁ ନିଷ୍ପତ୍ତି କରିଥିଲାବେଳେ ଏ ସମ୍ପର୍କିତ ପ୍ରସ୍ତାବ କେନ୍ଦ୍ର ସରକାରଙ୍କୁ ପଠାଇଥିଲେ।

### [ଇତିହାସର ଆଇନାରେ]

### ଜାନୁୟାରୀ ୨ର ପ୍ରମୁଖ ଘଟଣା

୨୦୦୬ ଜାନୁୟାରୀ ୨ରେ ପଶ୍ଚିମ ଭର୍ଜିନିଆର ସାଗୋଠାରେ ଅବସ୍ଥିତ କୋଇଲାଖଣିରେ ବିସ୍ଫୋରଣ ଯୋଗୁ ୧୨ ଶ୍ରମିକ ମୃତ୍ୟୁବରଣ କରିଥିଲେ। ସାଗୋ ହେଉଛି ପଶ୍ଚିମ ଭର୍ଜିନିଆର ଅପଶର କାଉଣ୍ଟିର ଏକ ଅନୁନ୍ନତ ଅଞ୍ଚଳ। ଏହା ବୁଖାନନ୍ ନଦୀ ପାର୍ଶ୍ୱରେ ଅବସ୍ଥିତ ଏବଂ ଏଠାରେ ସାଗୋ ମାଇନ୍ ରହିଛି। ୨୦୦୬ ସାଗୋ ମାଇନ୍ ବିସ୍ଫୋରଣ ପରଠାରୁ ଏହାକୁ ସାଗୋ ସାଇଟ୍ କୁହାଯାଏ।

୧୯୬୭ ଜାନୁୟାରୀ ୨ରେ ପୂର୍ବରୁ ଚଳଚ୍ଚିତ୍ରରେ ଅଭିନୟ କରିଥିବା ରୋନାଲ୍ଡ ରେଗାନ୍ କାଲିଫର୍ନିଆର ଗଭର୍ନର ଭାବେ ଶପଥ ନେଇଥିଲେ। ସେ ପରେ ଆମେରିକାର ରାଷ୍ଟ୍ରପତି ଭାବରେ ନିର୍ବାଚିତ ହୋଇଥିଲେ। କାଲିଫର୍ନିଆର ଗଭର୍ନର ହେଉଛନ୍ତି କାଲିଫର୍ନିଆର ରାଜ୍ୟର ମୁଖ୍ୟ। ସେ ମଧ୍ୟ ରାଜ୍ୟ ସରକାରଙ୍କ ଚିଫ୍ ଏକଜିକ୍ୟୁଟିଭ୍। କାଲିଫର୍ନିଆ ନ୍ୟାଶନାଲ୍ ଗାର୍ଡର ସେ କମାଣ୍ଡର-ଇନ୍-ଚିଫ୍।

# ନୂଆବର୍ଷରେ ଆତଙ୍କ

*ନୂଆବର୍ଷର ଅବ୍ୟବହିତ ପୂର୍ବରୁ ଓ ପରେ ବିଶ୍ୱର ତିନୋଟି ରାଷ୍ଟ୍ରରେ ଆତଙ୍କବାଦୀ ଆକ୍ରମଣ। ଆଫଗାନିସ୍ତାନରେ ତାଲିବାନର ଗୁଳିମାଡ଼ରେ ୧୫ ପୋଲିସ କର୍ମୀ ନିହତ ହୋଇଛନ୍ତି। ଜାପାନରେ ନବବର୍ଷକୁ ସ୍ୱାଗତ କରୁଥିବା ଲୋକଙ୍କ ଉପରେ କାର୍ ମାଡ଼ିଯାଇଛି। ଏଥିରେ ୯ ଜଣ ଆହତ ହୋଇଛନ୍ତି। ସେହିପରି ବ୍ରିଟେନରେ ଜଣେ ବ୍ୟକ୍ତିଙ୍କ ଛୁରାମାଡ଼ରେ ୩ ଗୁରୁତର ହୋଇଛନ୍ତି। ୨୦୧୯ ଆସୁ ଆସୁ ଏହି ୩ ଆକ୍ରମଣ ବିଶ୍ୱବାସୀଙ୍କ ମନରେ ସୃଷ୍ଟି କରିଛି ଭୟ ଓ ଆତଙ୍କ।*

## ପଥଚାରୀଙ୍କ ଉପରେ ମାଡ଼ିଗଲା କାର୍: ୯ ଆହତ

**ଟୋକିଓ,୧।୧(ଏଏଫ୍‌ପି)**

ଜାପାନ ରାଜଧାନୀ ଟୋକିଓର ରାଜରାସ୍ତାରେ ଆତଙ୍କ ଖେଳାଇଛନ୍ତି ଜଣେ କାର୍ ଚାଳକ। ହାରାଜୁକୁ ଜିଲାର ତକେଶିଟା ଷ୍ଟ୍ରିଟ୍‌ରେ ନୂଆବର୍ଷକୁ ସ୍ୱାଗତ କରିବା ପାଇଁ ଏକତ୍ରିତ ହୋଇଥିଲେ ହଜାର ହଜାର ଲୋକ। ସେମାନେ ଉତ୍ସବ ମନାଇବାରେ ବ୍ୟସ୍ତ ଥିବାବେଳେ ଭିଡ଼ ଭିତରୁ ହଠାତ୍ ଦ୍ରୁତଗତିରେ ମାଡ଼ିଆସିଥିଲା ଏକ କାର୍। ଲୋକଙ୍କୁ ଧକ୍କାଦେବା ଫଳରେ ୯ ଜଣ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଜଣକର ଚେତା ଏଯାଏ ଆସିନାହିଁ। ପୋଲିସ ହତ୍ୟା ଉଦ୍ୟମ ଅଭିଯୋଗରେ କାର୍ ଚାଳକଙ୍କୁ ଗିରଫ କରିଛି। ଜେରା ପରେ ତାଙ୍କ ପରିଚୟ ସ୍ପଷ୍ଟ ହୋଇଛି। ସେ ହେଉଛନ୍ତି ୨୧ ବର୍ଷୀୟ କଜୁହିରୋ କୁସାକାବେ। ପୋଲିସ ଏହାକୁ ଏକ ଆତଙ୍କୀବାଦୀ ଆକ୍ରମଣ ବୋଲି ଅଭିହିତ କରିଛି। ଏହାକୁ ନେଇ ଆତଙ୍କରେ ଥରିଉଠିଛି ଟୋକିଓ ସହର।



## ତାଲିବାନ ଆକ୍ରମଣ: ୧୫ ପୋଲିସ ନିହତ



**କାବୁଲ,୧।୧(ଏଏଫ୍‌ପି)**

୨୦୧୮ ଡିସେମ୍ବର ୩୧ ରାତି। ନୂଆବର୍ଷ ପାଇଁ ସବୁଠି ଉତ୍ସବର ମାହୋଲ ଲାଗିରହିଥିବାବେଳେ ଆଫଗାନିସ୍ତାନ ସୁରକ୍ଷା ବଳକୁ ଟାର୍ଗେଟ କରିଥିଲା ତାଲିବାନ। ଏହି ଆତଙ୍କବାଦୀ ସଙ୍ଗଠନର ଆକ୍ରମଣରେ ୧୫ ପୋଲିସ କର୍ମୀ ନିହତ ଓ ୨୧ ଆହତ ହୋଇଛନ୍ତି। ସର-ଇ-ପୁଲ୍ ପ୍ରଦେଶରେ ସୋମବାର ରାତିରେ ତାଲିବାନ ଆତଙ୍କବାଦୀମାନେ ଦୁଇଟି ପୋଲିସ ଆଉଟପୋଷ୍ଟକୁ ଟାର୍ଗେଟ କରିଥିଲେ। ଉଭୟ ସ୍ଥାନରେ ପୋଲିସ ଓ ଆତଙ୍କବାଦୀଙ୍କ ମଧ୍ୟରେ କିଛି ଘଣ୍ଟା ଧରି ଘମାଘୋଟ ଗୁଳି ବିନିମୟ ହୋଇଥିଲା। ଦୁଇଟିଯାକ ଆକ୍ରମଣ ପାଇଁ ତାଲିବାନ ନିଜକୁ ଦାୟୀ କରିଛି। ଆଫଗାନ୍ ସୁରକ୍ଷା ବଳକୁ ଆକ୍ରମଣ କରିବା ତାଲିବାନ ପାଇଁ ନିତିଦିନିଆ ହୋଇଗଲାଣି। ୧୭ ବର୍ଷ ହେଲା ଯୁଦ୍ଧ ପ୍ରଭାବିତ ଏହି ଦେଶରେ ସମାଧାନ ପାଇଁ ଆମେରିକା ନିରନ୍ତର ପ୍ରୟାସ କରିଆସୁଛି। ହେଲେ ତାହା ଫଳପ୍ରଦ ହେଉନାହିଁ। ତାଲିବାନ ଏବଂ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ପକ୍ଷରୁ ବାରମ୍ବାର ଆକ୍ରମଣ ଆଫଗାନିସ୍ତାନରେ ସଙ୍ଗିନ ସ୍ଥିତି ସୃଷ୍ଟି କରିଛି। ଦେଶରେ ୧୪,୦୦୦ ଆମେରିକୀୟ ସୈନ୍ୟ ମୁତୟନ ଥିବାବେଳେ ନାଟୋ ଓ ସହଯୋଗୀ ରାଷ୍ଟ୍ରଗୁଡ଼ିକର ୭,୧୦୦ ସୈନିକ ଏଠାରେ ରହିଛନ୍ତି।

## ଭିକ୍ଟୋରିଆ ଷ୍ଟେଶନରେ ଛୁରାମାଡ଼: ୩ ଗୁରୁତର

**ଲଣ୍ଡନ,୧।୧(ପି.ଟି.)**

ନୂଆବର୍ଷର ଅବ୍ୟବହିତ ପୂର୍ବରୁ ବ୍ରିଟେନର ମାଞ୍ଚେଷ୍ଟରସ୍ଥିତ ଭିକ୍ଟୋରିଆ ରେଳଷ୍ଟେଶନରେ ଜଣେ ଛୁରାଧାରୀ ଆତଙ୍କ ଖେଳାଇଛନ୍ତି। ତାଙ୍କ ଛୁରାମାଡ଼ରେ ଜଣେ ପୋଲିସ ଅଧିକାରୀଙ୍କ ସମେତ ୩ ଗୁରୁତର ହୋଇଛନ୍ତି। ବ୍ୟସ୍ତବହୁଳ ଭିକ୍ଟୋରିଆ ଷ୍ଟେଶନ, ସୋମବାର ରାତିରେ ଏକ ଟ୍ରେନ୍ ଲାଗିବାକୁ ଥାଏ। ଏତିକିବେଳେ ଜଣେ



ପୋଲିସ ଅଫିସରଙ୍କ କାନ୍ଧରେ ଛୁରାମାଡ଼ ହେଲା। ପଛକୁ ପଛ ଦୁଇଜଣ ବୟସ୍କ ମହିଳା ଓ ପୁରୁଷଙ୍କ ପେଟରେ ମଧ୍ୟ ଛୁରିରେ ଆକ୍ରମଣ ହେଲା। ଗୁରୁତର ଅବସ୍ଥାରେ ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆକ୍ରମଣକାରୀଙ୍କୁ ସ୍ଥାନୀୟ ପୋଲିସ କାବୁ କରି ପଚରାଉଚରା କରୁଛି। ନୂଆବର୍ଷରେ ଏହି ଆକ୍ରମଣ ବ୍ରିଟେନ ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଆତଙ୍କବାଦ-ନିରୋଧୀ ଅଧିକାରୀମାନେ ଏହାର ତଦନ୍ତ ଚଳାଇଛନ୍ତି।

■ ନୂଆବର୍ଷରେ ଟ୍ରମ୍ପ୍‌ଙ୍କୁ କିମ୍‌ଙ୍କ ଚେତାବନୀ

## ପ୍ରତିଶ୍ରୁତି ନ ରଖିଲେ...

**ପ୍ୟୋଙ୍ଗ୍‌ୟାଙ୍ଗ୍,୧।୧(ଆଇଏଏନ୍‌ଏସ୍)**

ଆମେରିକା ସହ ଉତ୍ତର କୋରିଆ ସୁସମ୍ପର୍କ ଚାହେଁ। ହେଲେ ୱାଶିଂଟନ ନିଜ ପ୍ରତିଶ୍ରୁତି ରଖି ଉତ୍ତର କୋରିଆ ଉପରେ ଲଗାଯାଇଥିବା କଟକଣା ପ୍ରତ୍ୟାହାର ନ କଲେ ପ୍ୟୋଙ୍ଗ୍‌ୟାଙ୍ଗ୍ ନିଜ ଆଭିମୁଖ୍ୟ ବଦଳାଇବା ନେଇ ପୁନର୍ବିଚାର କରିପାରେ। ନୂଆବର୍ଷରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ଏଭଳି ଚେତାବନୀ ଦେଇଛନ୍ତି ଉତ୍ତର କୋରିଆ ଶାସକ କିମ୍ ଜଙ୍ଗ୍ ଉନ୍। ଟ୍ରମ୍ପ୍ ଓ କିମ୍ ଗତ ଜୁନ୍‌ରେ ସିଙ୍ଗାପୁରରେ ଏକାଠି ହୋଇଥିଲେ। କୋରିଆ ଉପଦ୍ୱୀପକୁ ଆଣବିକ ନିରସ୍ତ୍ରୀକରଣ କରିବା ପାଇଁ ଉଭୟେ ଏକ ଚୁକ୍ତିନାମାରେ ସ୍ୱାକ୍ଷର କରିଥିଲେ। ହେଲେ ପ୍ୟୋଙ୍ଗ୍‌ୟାଙ୍ଗ୍ ଏବଂ ୱାଶିଂଟନ ମଧ୍ୟରେ ବାକ୍‌ଯୁଦ୍ଧ ଲାଗିରହିଥିବାରୁ ଏହି କ୍ଷେତ୍ରରେ ଅଗ୍ରଗତି ଦେଖିବାକୁ ମିଳିନାହିଁ। ଏହି ପରିପ୍ରେକ୍ଷୀରେ କିମ୍ ମଙ୍ଗଳବାର ନବବର୍ଷ ପାଳନ ଅବସରରେ ନିଜ ବକ୍ତବ୍ୟ ରଖିଛନ୍ତି।



ଆମେରିକା ସହ କୂଟନୈତିକ ସ୍ତରରେ ସୁସମ୍ପର୍କ ପ୍ରତିଷ୍ଠାର ୧୨ ମାସ ପରେ ସେ ୱାଶିଂଟନକୁ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି, ଆମେରିକା ବିଶ୍ୱ ସମୁଦାୟକୁ ଦେଇଥିବା ପ୍ରତିଶ୍ରୁତି ପାଳନ କରି ଉତ୍ତର କୋରିଆ ଉପରୁ କଟକଣା ହଟାଉ। ଅନ୍ୟଥା ନିଜ ସାର୍ବଭୌମତ୍ୱର ସୁରକ୍ଷା ଓ ରାଷ୍ଟ୍ରର ସ୍ୱାର୍ଥରକ୍ଷା ପାଇଁ ଆମେ ନୂଆପଥ ଆବିଷ୍କାର କରିବାକୁ ବାଧ୍ୟ ହେବୁ। ଆମ ଧୈର୍ଯ୍ୟକୁ ଆମେରିକା ଦୁର୍ବଳତା ବୋଲି ମନେକରିବା ଅନୁଚିତ। ଏହି ଅବସରରେ ସେ ଦ୍ୱିତୀୟ ଥର ଲାଗି ଟ୍ରମ୍ପ୍‌ଙ୍କୁ ଭେଟିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଉଭୟଙ୍କ ସାକ୍ଷାତ୍ ଅନ୍ତର୍ଜାତୀୟ ସମୁଦାୟ ପାଇଁ ନୂଆ ନିଷ୍କର୍ଷକୁ ଜନ୍ମ ଦେବ ବୋଲି କିମ୍ ଆଶାବ୍ୟକ୍ତ କରିଛନ୍ତି।

## ଆଜି ଶତ୍ରୁତା ନୁହେଁ, ବନ୍ଧୁତା



ସିକିମ୍-ତିବ୍ବତର ସଂଯୋଗସ୍ଥଳ ନାଥୁଲା ପାସ୍‌ରେ ମଙ୍ଗଳବାର ଭାରତୀୟ ସେନା ଓ ଚାଇନାର ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ) ପରସ୍ପରକୁ ଶୁଭେଚ୍ଛା ଜଣାଇ ଏକାଠି ପାଳନ କରିଛନ୍ତି ନବବର୍ଷ। ଏହାଦ୍ୱାରା ଉଭୟ ପକ୍ଷଙ୍କ ମଧ୍ୟରେ ପାରସ୍ପରିକ ଆସ୍ଥା ଓ ବିଶ୍ୱାସ ବୃଦ୍ଧି ପାଇବ ବୋଲି ଦୁଇ ସେନା ପକ୍ଷରୁ କୁହାଯାଇଛି।

## ଗୋଟିଏ ଯୁଦ୍ଧରେ ସୁଧୁରିବନି ପାକିସ୍ତାନ: ମୋଦି

**ନୂଆଦିଲ୍ଲୀ,୧।୧(ପି.ଟି.)**

କେବଳ 'ଗୋଟିଏ ଯୁଦ୍ଧ' ପରେ ପାକିସ୍ତାନ ସୁଧୁରିଯିବ ମନେକରିବା ଭାରତ ପାଇଁ ବଡ଼ ଭୁଲ ହେବ। ଆତଙ୍କବାଦୀଙ୍କ ପ୍ରତି ପାକିସ୍ତାନର ସମର୍ଥନକୁ ସର୍ଜିକାଲ୍ ଷ୍ଟ୍ରାଇକ୍ ରୋକିପାରିନାହିଁ ବୋଲି ସବୁଆଡୁ ସମାଲୋଚନା କରାଯାଉଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଡ଼ୋଶୀ ଦେଶ ପ୍ରତି ଏପରି ମନ୍ତବ୍ୟ ଦେଇଛନ୍ତି। ନୂଆବର୍ଷରେ ଏକ ସାକ୍ଷାତ୍‌କାରରେ ମୋଦି କହିଛନ୍ତି, ପାକିସ୍ତାନ ଗୋଟିଏ ଯୁଦ୍ଧ ଆଧାରରେ ନିଜ ସ୍ଥିତି ସୁଧାରିବ ନାହିଁ। ଏହି ଦେଶକୁ ଆହୁରି ସମୟ ଦରକାର। ଦଳ ନିର୍ବିଶେଷରେ ଭାରତର ସବୁ ପ୍ରଧାନମନ୍ତ୍ରୀ ପାକିସ୍ତାନ ସହ ଆଲୋଚନାକୁ କେବେ ବିରୋଧ କରି ନ ଥିଲେ।

## ଫୁରସତ

## ରୋଲ୍‌କଲ୍‌ରେ 'ଜୟ ହିନ୍ଦ୍', 'ଜୟ ଭାରତ'

**ଅହମ୍ମଦାବାଦ୍:** ଗୁଜରାଟ ସ୍କୁଲ୍‌ର ଛାତ୍ରୀଛାତ୍ରମାନେ ରୋଲ୍‌କଲ୍ ବେଳେ ଏଣିକି 'ୟେସ୍ ସାର୍', 'ପ୍ରେଜେଣ୍ଟ ସାର୍' ବଦଳରେ 'ଜୟ ହିନ୍ଦ୍', 'ଜୟ ଭାରତ' ରେସ୍‌ପଣ୍ଡ କରିବେ। ଜାନୁୟାରୀ ୧ରୁ ଏହି ନିୟମ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ଶିକ୍ଷା ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦେଶପ୍ରେମ ଜାଗ୍ରତ କରିବା ପାଇଁ ଗୁଜରାଟ ସରକାର ଏଭଳି ଏକ ଅଭିନବ ପଦକ୍ଷେପ ନେଇଛନ୍ତି। ପ୍ରାଥମିକ ଶିକ୍ଷା ଏବଂ ଗୁଜରାଟ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଏହି ବିଜ୍ଞପ୍ତି ଜାରି କରାଯାଇଛି। ସରକାରୀ, ସରକାରୀ ସାହାଯ୍ୟପ୍ରାପ୍ତ ଏବଂ ସେଲ୍‌ଫ୍ ଫାଇନାନ୍ସଡ ସ୍କୁଲ୍‌ର ଛାତ୍ରୀଛାତ୍ରମାନେ ଉପସ୍ଥାନ ଡାକିବା ସମୟରେ ଜୟ ଭାରତ ଏବଂ ଜୟ ହିନ୍ଦ୍ ବୋଲି ଉଚ୍ଚାରଣ କରିବେ। ସୋମବାର ଏକ ସମୀକ୍ଷା ବୈଠକ କରାଯାଇ ରାଜ୍ୟ ଶିକ୍ଷାମନ୍ତ୍ରୀ ଭୂପିନ୍ଦରସିଂ ଚୁଡାସାମାଙ୍କ ଦ୍ୱାରା ଏହି ନିଷ୍ପତ୍ତି ନିଆଯାଇଥିଲା।

## ୬୯,୯୪୪ ନବଜାତକଙ୍କୁ ସ୍ୱାଗତ

**ନୂଆଦିଲ୍ଲୀ:** ନୂଆବର୍ଷରେ ଭାରତ ପାଖାପାଖି ୬୯,୯୪୪ ଶିଶୁଙ୍କୁ ସ୍ୱାଗତ କରିଛି। ଭାରତରେ ଜନ୍ମିତ ଶିଶୁଙ୍କ ସଂଖ୍ୟା ବିଶ୍ୱରେ ସର୍ବାଧିକ। ଚାଇନାରେ ୪୪,୯୪୦ ଶିଶୁଙ୍କ ଜନ୍ମ ହୋଇଥିବା ବେଳେ ଏହା ଭାରତ ପଛକୁ ରହିଥିବା ୟୁନାଇଟେଡ ନେଶନ୍ସ ଇଣ୍ଟରନ୍ୟାଶନାଲ ଚିଲ୍‌ଡ୍ରେନ୍ସ ଇମରଜେନ୍ସି ଫଣ୍ଡ (ୟୁନିସେଫ୍) ପକ୍ଷରୁ ଏକ ରିପୋର୍ଟରେ ପ୍ରକାଶ କରାଯାଇଛି। ୨୦୧୯ରେ ଶିଶୁ ଅଧିକାର ସମ୍ମିଳନୀ ଜାତିସଂଘ ଦ୍ୱାରା ଗୃହୀତ ହେବାର ୩୦ବର୍ଷ ପୂର୍ତ୍ତି ପାଳିତ ହେଉଥିବା ବେଳେ ଚଳିତବର୍ଷ ବିଶ୍ୱବ୍ୟାପୀ ଏହାର ସ୍ମାରକୀ ଉତ୍ସବ ପାଳିତ ହେବ। ତଦନୁଯାୟୀ ପ୍ରତ୍ୟେକ ଦେଶର ସରକାର ଶିଶୁଙ୍କ ଜୀବନରକ୍ଷା ଲାଗି ଉନ୍ନତ ମାନର ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ଅଙ୍ଗୀକାରବଦ୍ଧ ହେବା ଆବଶ୍ୟକ ବୋଲି ୟୁନିସେଫ୍ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ୟୁନିସେଫ୍ ଡେପୁଟି ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଚାର୍ଲଟ ପେଟ୍ରି ଗୋର୍ନିଜ୍‌କା କହନ୍ତି, ପ୍ରତ୍ୟେକ ଶିଶୁଙ୍କୁ ବଞ୍ଚିବାର ଅଧିକାର ଦେଇ ସେମାନଙ୍କ ଅଧିକାର ପୂରଣ ପାଇଁ ଏକ ପ୍ରସ୍ତାବ ପ୍ରସ୍ତୁତ ହେବା ଆବଶ୍ୟକ। ସ୍ଥାନୀୟ ସ୍ୱାସ୍ଥ୍ୟକର୍ମୀଙ୍କୁ ଉପଯୁକ୍ତ ତାଲିମ ପ୍ରଦାନରେ ପୁଞ୍ଜିନିବେଶ ହେଲେ ଲକ୍ଷ ଲକ୍ଷ ଶିଶୁଙ୍କ ଜନ୍ମ ବିପଦମୁକ୍ତ ହୋଇପାରିବ। ଚଳିତବର୍ଷ ଜାନୁୟାରୀ ୧ରେ ବିଶ୍ୱରେ ୩,୯୫,୦୭୨ ଶିଶୁ ଜନ୍ମଗ୍ରହଣ କରିଥିବା ବେଳେ ତନ୍ମଧ୍ୟରୁ ଭାରତୀୟ ଶିଶୁ ହେଉଛନ୍ତି ୬୯,୯୪୪।





ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୮ ଡିଗ୍ରୀ ଏବଂ ସର୍ବନିମ୍ନ ୧୦ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୬.୨ | ୯.୯ |
| ଚାନ୍ଦବାଲି | ୨୫.୩ | ୧୦.୫ |
| କଟକ | ୨୫.୬ | ୯.୪ |
| ପାରାଦ୍ୱୀପ | ୨୬.୦ | ୧୨.୨ |
| ଭୁବନେଶ୍ୱର | ୨୭.୯ | ୯.୫ |
| ଗୋପାଳପୁର | ୨୬.୮ | ୧୨.୦ |
| ପୁରୀ | ୨୬.୮ | ୧୩.୩ |
| ଅନୁଗୋଳ | ୨୫.୧ | ୬.୬ |
| ବାରିପଦା | ୨୪.୦ | ୯.୨ |
| ଝାରସୁଗୁଡ଼ା | ୨୬.୬ | ୭.୫ |
| କେନ୍ଦୁଝର | ୨୩.୬ | ୬.୪ |
| ସମ୍ବଲପୁର | ୨୬.୬ | ୭.୮ |
| ସୁନ୍ଦରଗଡ଼ | ୨୪.୦ | ୭.୦ |
| ହୀରାକୁଦ | ୨୬.୧ | ୯.୧ |
| ତାଳଚେର | ୨୮.୧ | ୯.୪ |
| ଭବାନୀପାଟଣା | ୨୬.୩ | ୭.୦ |
| ବଲାଙ୍ଗୀର | --- | ୮.୦ |
| କୋରାପୁଟ | ୨୬.୨ | ୬.୬ |
| ଫୁଲବାଣୀ | ୨୫.୦ | ୪.୫ |
| ଟିଟିଲାଗଡ଼ | --- | ୭.୦ |
| ମାଲକାନଗିରି | ୨୯.୫ | ୯.୪ |
| ସୋନପୁର | ୨୬.୬ | ୭.୦ |
| ଦାରିଙ୍ଗିବାଡ଼ି | ୨୨.୫ | ୪.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## ଜନ୍ମଦିନରେ ସୋନାଲିଙ୍କୁ ଶୁଭେଚ୍ଛା

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ତଥା ଲେଖିକା ସୋନାଲି ବେନ୍ଦ୍ରେ ୪୪ବର୍ଷରେ ପଦାର୍ପଣ କରିଛନ୍ତି। ଜନ୍ମଦିନରେ ତାଙ୍କ ସ୍ୱାମୀ ତଥା ନିର୍ଦ୍ଦେଶକ ଗୋଲ୍‌ଡି ବେହଲ ଏକ ହୃଦୟଛୁଆଁ ବାର୍ତ୍ତା ଲେଖି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସୋନାଲି ଜଣେ 'ସର୍ବୋତ୍ତମ ସାଥୀ' ଏବଂ ତାଙ୍କର 'ମଜଭୁତ ପଣିଆ' ବୋଲି ସେ ଉଲ୍ଲେଖ କରି ସୋନାଲିଙ୍କୁ ପ୍ରଶଂସା କରିଛନ୍ତି। କ୍ୟାନ୍‌ସରରେ ପୀଡ଼ିତ ସୋନାଲି ବର୍ତ୍ତମାନ ନ୍ୟୁୟର୍କରେ ଚିକିତ୍ସାଧୀନ ଅଛନ୍ତି। ସୋନାଲିଙ୍କ ସହିତ ତାଙ୍କ ସ୍ୱାମୀ ଏକ ଫଟୋ ଉଠାଇ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଛନ୍ତି। ୨୦୧୮ ସୋନାଲିଙ୍କ ପାଇଁ ଏକ କଷ୍ଟକର ସମୟ ଥିଲା। ସ୍ୱାମୀଙ୍କ ବ୍ୟତୀତ ସୋନାଲିଙ୍କ ସାଙ୍ଗସାଥୀ, ବଲିଉଡ୍ କଳାକାରଙ୍କ ସମେତ ଅଭିନେତ୍ରୀ ନିଲମ କୋଠାରୀ ସୋନି ଏବଂ ହୃତିକ୍ ରୋଶନ୍‌ଙ୍କ ପୂର୍ବତନ ସ୍ତ୍ରୀ ସୁସାନେ ଖାନ୍ ତାଙ୍କୁ ସୋସିଆଲ ମିଡିଆରେ ଶୁଭେଚ୍ଛା ବାର୍ତ୍ତା ପଠାଇ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି।



## ସଂକ୍ଷେପରେ

### ସାନ ଭାଇ ଆକ୍ରମଣରେ ବଡ଼ ଗୁରୁତର

**ଜଗତ୍‌ସିଂହପୁର ଅଫିସ,୧୧:** ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ଯଁକୋଟି ପାଟଣା ଗ୍ରାମରେ ମଙ୍ଗଳବାର ସନ୍ଧ୍ୟାରେ ଜବିବାଡ଼ି ବିବାଦକୁ କେନ୍ଦ୍ର କରି ସାନଭାଇ ବଡ଼ ଭାଇଙ୍କୁ ମରଣାନ୍ତକ ଆକ୍ରମଣ କରିଛି। ପ୍ରକାଶ ଯେ, ଗାଁର ଚକ୍ରଧର ସ୍ୱାଇଁ (୫୫)ଙ୍କୁ ତାଙ୍କ ସାନଭାଇ ଟୁକୁନା(୫୦) ଆକ୍ରମଣ କରିଛନ୍ତି। ଏଥିରେ ଚକ୍ରଧରଙ୍କ ଡାହାଣ ହାତ ବିଶେଷ ଭାବରେ କ୍ଷତିଗ୍ରସ୍ତ ହୋଇଛି। ଏଥିସହ ମୁଣ୍ଡ ଓ ଅନ୍ୟ ସ୍ଥାନରେ କ୍ଷତ ସୃଷ୍ଟି ହୋଇଛି। ଗୁରୁତର ଅବସ୍ଥାରେ ଚକ୍ରଧରଙ୍କୁ ପ୍ରଥମେ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଖବର ଲେଖାହେଲା ବେଳକୁ ଚକ୍ରଧରଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ସୂଚନା ଅନୁଯାୟୀ ଚକ୍ରଧରଙ୍କ ଉପରେ ଓ ଟୁକୁନାଙ୍କ ତଳେ ଅନ୍ୟ ଭାଇ ଅଛନ୍ତି। ଜମିଜମାକୁ କେନ୍ଦ୍ରକରି ଚକ୍ରଧର ଓ ଟୁକୁନାଙ୍କ ମଧରେ ବିବାଦ ଥିଲା। ମଙ୍ଗଳବାର ସନ୍ଧ୍ୟାରେ ଚକ୍ରଧରଙ୍କୁ ଘରଠାରୁ ପାଖାପାଖି ୧ କିଲୋମିଟର ଦୂରରେ ଟୁକୁନା ମାରଣାସ୍ତ୍ରରେ ଆକ୍ରମଣ କରିଥିବା କୁହାଯାଉଛି। ଚକ୍ରଧର ସଂଜ୍ଞାହୀନ ଅବସ୍ଥାରେ ପଡିଥିବା ବେଳେ କିଛି ଲୋକ ଦେଖି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ତାଙ୍କୁ ମେଡିକାଲ ନେବା ବ୍ୟବସ୍ଥା କରିଥିଲେ।

### ୪ ବଖରା ଜଳିଗଲା

**ବାଲିକୁଦା,୧୧(ସ୍ୱ.ପ୍ର.):** ବାଲିକୁଦା ତହସିଲ ଅଧୀନ ଅଳାଭର ଗାଁରେ ଅଗ୍ନିକାଣ୍ଡ ଘଟି ଦୁଃଖିଶ୍ୟାମ ଜେନା ଓ ମହେନ୍ଦ୍ର ଜେନାଙ୍କ ୪ ବଖରା ପୋଡିଯାଇଛି। ରୋଷେଇ ଚୁଲିରୁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ଦୁଃଖିଶ୍ୟାମଙ୍କ ପରିବାର ଲୋକେ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ରୋଷେଇ କରୁଥିବା ବେଳେ ଅସାବଧାନତା ହେତୁ ଚାଳରେ ନିଆଁ ଲାଗିଯାଇଥିଲା। ପରେ ନିଆଁ ମହେନ୍ଦ୍ରଙ୍କ ଘରକୁ ବ୍ୟାପିଥିଲା। ଚାହୁଁ ଚାହୁଁ ଉଭୟ ପରିବାରଙ୍କ ୪ ବଖରା ପୋଡି ପାଉଁଶ ହୋଇଯାଇଥିଲା। ବାଲିକୁଦା ଅଗ୍ନିଶମ କେନ୍ଦ୍ରାଧିକାରୀ ପି.ଜଗନ୍ନାଥ ରାଓଙ୍କ ନେତୃତ୍ୱରେ ଏକ ଟିମ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ଠାକୁର ଅଭିରାମଙ୍କ ଭକ୍ତ ଗୋଷ୍ଠୀ କାର୍ଯ୍ୟକ୍ରମ

**କୁଜଙ୍ଗ,୧୧(ସ୍ୱ.ପ୍ର.):** କୁଜଙ୍ଗ ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ୍ ତଥା ସାମ୍ୟବାଦୀ ନେତା ଦିବଂଗତ ବିଭୂତି ଭୂଷଣ ପଟ୍ଟନାୟକଙ୍କ ବାସଭବନରେ ଶ୍ରୀ ଶ୍ରୀ ଠାକୁର ଅଭିରାମଙ୍କ ଭକ୍ତ ଗୋଷ୍ଠୀ ପୂଜାର୍ଚ୍ଚନା ଓ ଆଧାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସନ୍ଧ୍ୟାରେ ବାବାଜୀ ସଦାନନ୍ଦ ଦାସଙ୍କ ଅଧକ୍ଷତାରେ ଆୟୋଜିତ ସତ୍‌ସଙ୍ଗରେ ସାଧୁ ବନବିହାରୀ ଦାସ ଆଶୀର୍ବଚନ ପ୍ରଦାନ କରିଥିଲେ। ସାଧୁ ସମ୍ମିଳନୀରେ କରମଳାରୁ ବାବାଜୀ ବନବିହାରୀ ଦାସ, ଦିବ୍ୟ ଚୈତନ୍ୟ ଦାସ, ଅରୂପାନନ୍ଦ ଦାସ, କେଶବ ପ୍ରସାଦ ଦାସ, ବିଭୂ ପ୍ରସାଦ ଦାସ, ଦତାତ୍ରେୟ ଦାସ ଓ ବଦ୍ରିନାଥ ବାବାଙ୍କ ସହ ଗଙ୍ଗା ମା' ପ୍ରମୁଖ ଯୋଗ ଦେଇଥିଲେ। ସେବିକା ସ୍ୱର୍ଣ୍ଣଲତା ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମରେ ପ୍ରାରମ୍ଭରୁ ମଙ୍ଗଳ ଆରତୀ, ପ୍ରଭାତ ସଂକିର୍ତ୍ତନ, ଠାକୁରଙ୍କ ଷୋଡ଼ଶ ଉପଚାର, ହୋମ, ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଶିକ୍ଷାବିତ୍ ସରୋଜ କୁମାର ପଟ୍ଟନାୟକ, ସଚ୍ଚିଦାନନ୍ଦ ପରିଡା, ରବି ଭାଇ, ପୁରୁଷୋତ୍ତମ ଭାଇ ଓ ଶ୍ରୀନିବାସ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ପ୍ରଧାନ ଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା

**କୁଜଙ୍ଗ,୧୧(ସ୍ୱ.ପ୍ର.):** କୁଜଙ୍ଗ ବ୍ଲକ ଜଳଧରପୁରସ୍ଥିତ ରାମଚଣ୍ଡୀ ଉନ୍ନୀତ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ଜେନାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଶିକ୍ଷକ ଶିବ ପ୍ରସାଦ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବ୍ଲକ ଶିକ୍ଷା ଅଧିକାରୀ ସୁଦର୍ଶନ ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଧାନ ଶିକ୍ଷକ ଜେନାଙ୍କ ସଚ୍ଚୋଟତା ଓ କର୍ମ ପ୍ରବଣତାକୁ ପ୍ରଶଂସା କରିଥିଲେ। ସ୍ୱାମୀ ଅଖଣ୍ଡାନନ୍ଦ ଓ ଶିକ୍ଷାବିତ ମାଧ୍ୟଧର ଦାସ ପ୍ରମୁଖ ଯୋଗଦେଇ ନୈତିକ ଶିକ୍ଷା ବିନା ଜୀବନ ସଫଳ ହୁଏ ନାହିଁ ବୋଲି କହିଥିଲେ। ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ପ୍ରସନ୍ନ କର, ସ୍ଥାନୀୟ ସରପଞ୍ଚ ସ୍ନେହମୟୀ ଲେଙ୍କା, ପ୍ରଶାସନିକ ଅଧିକାରୀ ଅବନୀକାନ୍ତ ପରିଡ଼ା, ପ୍ରଭାକର ଭଟ୍ଟ, ଧୀରେନ୍ଦ୍ରନାଥ ପଲାଇ, ନବୀନ କୁମାର ପ୍ରଧାନ, ପଦ୍ମନାଭ ଦାସ, ଶ୍ରୀଚରଣ ସାହୁ, ପ୍ରମୋଦ ପରମାଣିକ, ଅଶୋକ ସ୍ୱାଇଁ, ସୁଧାଂଶୁ ମହାପାତ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅକ୍ଷୟ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ସୌରେନ୍ଦ୍ରନାଥ ସ୍ୱାଇଁ, ହରେକୃଷ୍ଣ ସ୍ୱାଇଁ, ଗୌରାଙ୍ଗ ସ୍ୱାଇଁ ପ୍ରମୁଖ ସଭା ପରିଚାଳନା କରିଥିଲେ।

# ଦିଅଁ ଦର୍ଶନରୁ ବର୍ଷ ଆରମ୍ଭ


ମା' ଶାରଳାଙ୍କ ପୀଠକୁ ଆସିଥିବା ଶ୍ରଦ୍ଧାଳୁ।

## ଝଙ୍କଡ଼ ଶାରଳା ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼

**ତିର୍ତ୍ତୋଲ,୧୧(ଡି.ଏନ.ଏ.)**

ଇଂରାଜୀ ନବବର୍ଷ ଅବସରରେ ମଙ୍ଗଳବାର ପ୍ରସିଦ୍ଧ ଝଙ୍କଡ଼ ଶାରଳା ମନ୍ଦିରରେ ମା'ଙ୍କ ଦର୍ଶନ ନିମନ୍ତେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହୋଇଥିଲା। ପ୍ରବଳ ଶୀତ ସତ୍ତ୍ୱେ ଶ୍ରଦ୍ଧାଳୁମାନେ ବଡ଼ିଭୋରରୁ ଦୂର ଦୂରାନ୍ତରୁ ଆସି ମା'ଙ୍କ ନିକଟରେ ପୂଜାର୍ଚ୍ଚନା କରିବା ସହ ନବବର୍ଷ ପାଇଁ ଶୁଭ ମନାସି ଥିଲେ। ପୂର୍ବାହ୍ନରୁ ସନ୍ଧ୍ୟା ପର୍ଯ୍ୟନ୍ତ ମନ୍ଦିର ପରିସର ଲୋକାରଣ୍ୟ ହୋଇପଡିଥିଲା। ବହୁ ରାଜନେତା, ଉଚ୍ଚ ପଦସ୍ଥ ଅଧିକାରୀ ମା'ଙ୍କ ଦର୍ଶନ କରିଥିଲେ। ସୁରୁଖୁରୁରେ ଭକ୍ତଙ୍କ ଦର୍ଶନ ନିମନ୍ତେ ତିର୍ତ୍ତୋଲ ପୋଲିସ ଓ ମନ୍ଦିର ପ୍ରଶାସନ ତରଫରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

## ଲୋକାରଣ୍ୟ ଗୋରେଖନାଥ ପୀଠ

**ରଘୁନାଥପୁର, ୧୧( ଡି.ଏନ.ଏ.)**

ନବବର୍ଷ ଉପଲକ୍ଷେ ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ କେରେକେରାସ୍ଥିତ ବିଭୂତି କ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠରେ ଭିଡ ପରିଲକ୍ଷିତ ହୋଇଥିଲା। ପ୍ରାୟ ୨୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ପୀଠକୁ ଆଗମନ ହୋଇଥିଲା। ଶୀତ ସତ୍ତ୍ୱେ ବଡି ଭୋରୁ ପ୍ରଭୁଙ୍କ ମଙ୍ଗଳା ଆଳତି ପରେ ଦୂରଦୂରାନ୍ତରୁ ଆସିଥିବା ଯାତ୍ରୀମାନେ ପ୍ରଭୁଙ୍କ ଦର୍ଶନ କରି ଦୀପ ଜାଳିଥିଲେ। ତେବେ ପୂର୍ବାହ୍ନରୁ ଯାତ୍ରୀମାନଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇଥିଲା।କାର, ବସ୍ ଓ ଟ୍ରେନ୍ ଯୋଗେ ଯାତ୍ରୀମାନେ ଆସିଥିବା ଦେଖିବାକୁ ମିଳିଥିଲା। ପୀଠ ମଧରେ ଦିନତମାମ ଭଜନ କୀର୍ତ୍ତନ ଲାଗି ରହିଥିବାବେଳେ, ଆର୍କେଷ୍ଟ୍ରା ଗ୍ରୁପ ଏହି ଦିନଟିକୁ ଶୁଭ ମନାସୀ ନିଜର ବାଦ୍ୟଯନ୍ତ୍ର ସହ ଶୁଭାରମ୍ଭ କରିଥିଲେ। ଯାତ୍ରୀଙ୍କ ଆଗମନକୁ ଲକ୍ଷ୍ୟ ରଖି ପୀଠପରିସରରେ ପ୍ରସାଦ ବିକ୍ରୟର ବ୍ୟବସ୍ଥା କରାଯାଇଥିଲା। ପୀଠ ପରିସର ଦୋକାନଗୁଡିକ ଭଲ ବ୍ୟବସାୟ କରିଥିଲେ। ଭିଡକୁ ଦୃଷ୍ଟିରେ ରଖି ତିର୍ତ୍ତୋଲ ପୋଲିସ ପକ୍ଷରୁ ବ୍ୟବସ୍ଥା କରାଯାଇଥିବାବେଳେ ଦୀର୍ଘ ଦୁଇବର୍ଷ ତଳୁ ଟ୍ରଷ୍ଟ ବୋର୍ଡ ଗଠନ ହୋଇ ନ ପାରିବାରୁ ଆନୁଷଙ୍ଗିକ ସେବା ଯୋଗାଇ ଦେବାରେ ବ୍ୟତିକ୍ରମ ଲକ୍ଷ୍ୟ କରାଯାଇଥିଲା।


ଗୋରେଖନାଥ ପୀଠରେ ଭକ୍ତଙ୍କ ସମାଗମ।

## ନବବର୍ଷ ପାଇଁ ଉତ୍ସବମୁଖର ପରିବେଶ

**ଜଗତ୍‌ସିଂହପୁର ଅଫିସ,୧୧**

ବିଦାୟ ନେଇଛି ୨୦୧୮। ନୂତନ ବର୍ଷ ୨୦୧୯କୁ ନେଇ ସମଗ୍ର ଜଗତ୍‌ସିଂହପୁର ଜିଲା ହୋଇପଡିଛି ଉତ୍ସବ ମୁଖର। ନୂଆବର୍ଷର ପ୍ରଥମ ଦିନ ମଙ୍ଗଳବାର ପଡ଼ିଥିବାରୁ ଅଧିକାଂଶ ପରିବାର ନିରାମିଷ ଭୋଜନ କରିଛନ୍ତି। ସେଥିପାଇଁ ଛତୁ, ପନିର, ପରିବା ଓ ଫଳର ଚାହିଦା ବଢିଛି। ଏସବୁର ଦର ମଧ ଆକାଶ ଛୁଆଁ ହୋଇଛି। ପୁରା ବର୍ଷ କିପରି ଭଲରେ କଟିବ ସେଥିପାଇଁ ଲୋକେ ଠାକୁରଙ୍କ ପାଖରେ ପ୍ରାର୍ଥନା କରିଛନ୍ତି। ଭୋରୁ ମହିଳାମାନେ ଘରଦ୍ୱାର ପରିଷ୍କାର କରିବା କରିବା ସହ ପୂଜାପାଠ କରିଛନ୍ତି। ଅନେକ ଲୋକ ପରିବାର ସହ ମନ୍ଦିରକୁ ଯାଇ ଦେବଦେବୀଙ୍କ ଦର୍ଶନ କରିଛନ୍ତି। ଅନୁରୂପ ଭାବେ ସୋମବାର ମଧରାତ୍ରରେ ଲୋକେ ଜିରୋ ନାଇଟ୍ ସେଲିବ୍ରେଶନ୍ କରିଥିଲେ। ଏହି ଦୁଇଦିନ ପର୍ଯ୍ୟଟନସ୍ଥଳରେ ପ୍ରବଳ ଭିଡ଼ ହୋଇଥିଲା। ଯୁବଗୋଷ୍ଠୀ ଗେଟ୍ ଟୁଗେଦର୍ ସାଙ୍ଗକୁ ଭୋଜି କରି ୨୦୧୮କୁ ବିଦାୟ ଦେଇଛନ୍ତି। ରାଜନେତାମାନେ ବିଭିନ୍ନ ସ୍ଥାନରେ ବ୍ୟାନର ଲଗାଇ ଅଭିନନ୍ଦନ ଜଣାଇଛନ୍ତି। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ନେତାମାନେ ସାଙ୍ଗଠନିକ ଦୃଷ୍ଟିକୋଣରୁ କର୍ମୀଙ୍କୁ ଉତ୍ସାହିତ କରିବା ପାଇଁ ଭୋଜିଭାତ ବ୍ୟବସ୍ଥା ମଧ କରିଛନ୍ତି। ମଙ୍ଗଳବାର ଜଗତସିଂହପୁରର ବିଭିନ୍ନ ମିଠା ଦୋକାନ, ପନିର, ଛେନା, ଦହି ଓ ଛତୁ ଆଦି ବିକ୍ରି ହେଉଥିବା ସ୍ଥାନରେ ଗ୍ରାହକଙ୍କ ଭିଡ଼ ପରିଲକ୍ଷିତ ହୋଇଛି।

## ଧାନକୁଦ ପୀଠରେ ଗହଳି

**ବିରିଡି,୧୧(ଡି.ଏନ.ଏ)**



ନବବର୍ଷ ଉପଲକ୍ଷେ ବିରିଡ଼ି ବ୍ଲକର ବିଭିନ୍ନ ଆଧାତ୍ମିକ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ମଙ୍ଗଳବାର ଭୋରରେ ଏହି ବ୍ଲକର ହାଜିପୁରସ୍ଥିତ ମହାପୁରୁଷ ପଞ୍ଚସଖାଙ୍କ ସାଧନାର କ୍ଷେତ୍ର ଧାନକୁଦ ପୀଠରେ ହଜାର ହଜାର ଭକ୍ତଙ୍କ ସମାବେଶ ହୋଇଥିଲା। ଧାନକୁଦ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଓ ପୋଲିସ ପକ୍ଷରୁ ଭିଡ଼ ନିୟନ୍ତ୍ରଣ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଜଗନ୍ନାଥ ମନ୍ଦିରରେ ହେଉଥିବା ମହାପ୍ରସାଦ ଖାଇବା ପାଇଁ ଲମ୍ବା ଧାଡି ଲାଗିଥିଲା। ସେହିପରି ଧାନକୁଦ ମନ୍ଦିର ନିକଟରେ ଥିବା ଜଗନ୍ନାଥ ମଠରେ ପୂଜା ପାଉଥିବା ରାଧାକୃଷ୍ଣ ମନ୍ଦିରରେ ଅନୁରୂପ ଭିଡ଼ ଦେଖିବାକୁ ମିଳିଥିଲା। ସେହିପରି ୨୨ ମୌଜା ବାରଡ଼ିଆସ୍ଥିତ ସିଦ୍ଧ ଜଗନ୍ନାଥଙ୍କ ପୀଠରେ ପ୍ରବଳ ଜନସାମଗମ ହୋଇଥିଲା। ଶ୍ରୀ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ଦର୍ଶନ କରିବା ସହିତ ଏଠାରେ ପ୍ରସ୍ତୁତ ମହାପ୍ରସାଦକୁ ଖାଇବା ପାଇଁ ବହୁ ଦୂରଦୂରାନ୍ତରୁ ଶ୍ରଦ୍ଧାଳୁମାନେ ଆସିଥିଲେ। ଚାନ୍ଦପୁରସ୍ଥିତ ଅଷ୍ଟଶମ୍ଭୁ ମନ୍ଦିରରେ ମଧ ଭିଡ଼ ହୋଇଥିଲା।


ଧାନକୁଦ ପୀଠରେ ଶ୍ରଦ୍ଧାଳୁଙ୍କୁ ଅବଢ଼ା ଦିଆଯାଉଛି।

## ବାଲିଘର ବାର୍ଷିକୋତ୍ସବ ୨୭ରେ

**ତିର୍ତ୍ତୋଲ,୧୧(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ଜଗନ୍ନାଥପୁର ପଞ୍ଚାୟତର ନରୁଆସ୍ଥିତ ଦେବୀମଣ୍ଡପ ପରିସରରେ ବାଲିଘର ସାହିତ୍ୟ ସଂସ୍କୃତି ପ୍ରତିଷ୍ଠାନ ପକ୍ଷରୁ ୨୯ତମ ବାର୍ଷିକୋତ୍ସବ ଓ ସାରସ୍ୱତ ମହାମିଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ସଭାପତି ଅଜୟ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆସନ୍ତା ୨୭ ତାରିଖରେ ବାଲିଘର ମୁଖ୍ୟ କାର୍ଯ୍ୟାଳୟ ପଣ୍ଡୁଆ ପଞ୍ଚାୟତ ଅନ୍ତର୍ଗତ ମୁଣ୍ଡିଦା ଗ୍ରାମରେ ଏହି ବାର୍ଷିକୋତ୍ସବ ପାଳନ କରିବାକୁ ସ୍ଥିର ହୋଇଥିଲା। ଏହି ଉପଲକ୍ଷେ ରାଜ୍ୟସ୍ତରୀୟ କବି ସମ୍ମିଳନୀ, କବିତା ପାଠୋତ୍ସବ, ଓଡିଆ ଭାଷା ସୁରକ୍ଷା ସମ୍ପର୍କିତ ଆଲୋଚନାଚକ୍ର, ପ୍ରତିଷ୍ଠିତ ସାହିତ୍ୟକଙ୍କୁ ସମ୍ବର୍ଦ୍ଧନା, ବାଲିଘର ବାର୍ଷିକ ସଂଖ୍ୟା ଉନ୍ମୋଚନ, ସହ ସମ୍ପାଦକ ପ୍ରଫେସର ସଂଗ୍ରାମ କେଶରୀ ସ୍ୱାଇଁଙ୍କ ରଚିତ ୫ଟି ଅନୁଦାବ ପୁସ୍ତକ ଉନ୍ମୋଚନ ଓ ପ୍ରତିଭାଧାରୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବ। ବାଲିଘରର ସମ୍ପାଦକ କୈଳାସ ଚନ୍ଦ୍ର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବୈଠକରେ ଅନ୍ତେଇ ବିଜୁ ପଟ୍ଟନାୟକ ମହାବିଦ୍ୟାଳୟ ଅଧକ୍ଷ ଜଗନମୋହନ ସାହୁ, ଆଇନଜୀବୀ ସୁଧୀର ଖୁଣ୍ଟିଆ, ହେମନ୍ତ ନାୟକ, ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଭ୍ୟ ଉମାକାନ୍ତ ନାୟକ, ପଣ୍ଡିତ ଧନେଶ୍ୱର ନନ୍ଦ, କବି ହୃଷିକେଷ ଜେନା, ପ୍ରଦୀପ ଦାସ, ସୁଶୀଲ ମହାନ୍ତି, ରବୀନ୍ଦ୍ର ଦାଶ, ବୀଣାପାଣି ଚୌଧୁରୀ, ପଣ୍ଡିତ ଭାସ୍କର ଚନ୍ଦ୍ର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

## ବାଲିକୁଦା ପ୍ରେସ୍ କ୍ଲବର ବନ୍ଧୁମିଳନ

**ବାଲିକୁଦା,୧୧(ସ୍ୱ.ପ୍ର.)**

ବାଲିକୁଦା ପ୍ରେସ କ୍ଲବର ଏକ ବନ୍ଧୁ ମିଳନ ପୂରୀ ଜିଲା ମା' ରାମଚଣ୍ଡୀଙ୍କ ପୀଠରେ ଅନୁଷ୍ଠିତ ହୋଇଛି। ଅତିଥି ଭାବେ ଜିଲା ସାମ୍ବାଦିକ ସଂଘ ସଭାପତି ରାଧାକାନ୍ତ ମିଶ୍ର ଯୋଗଦେଇ ଖବର ପରିବେଷଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ବାଲିକୁଦା ପ୍ରେସ କ୍ଲବ ସଭାପତି ମନୋଜ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ତାପସ ସ୍ୱାଇଁ କାମଳ ସାମ୍ବାଦିକତା ଠାରୁ ଦୂରେଇ ରହିବାକୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ସଦସ୍ୟ ପରେଶ ଦାସ, ସଞ୍ଜୟ ମହାନ୍ତି, ବିଧାନ ରାଉଳ, ଅଜୟ ରାଉତ ପ୍ରମୁଖ ଯୋଗ ଦେଇଥିଲେ।

## କବିତାରେ ନୂଆବର୍ଷକୁ ସ୍ୱାଗତ

**ତିର୍ତ୍ତୋଲ,୧୧(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ଜଗନ୍ନାଥପୁର ସାଗବାରିଆସ୍ଥିତ ସୁଶ୍ରୀ ଶୁଭଶ୍ରୀ ସାହିତ୍ୟ ସଂସଦ ସଭାଗୃହ ପରିସରରେ ସୋମବାର ମଧରାତ୍ରରେ କବିତାରେ ନବବର୍ଷକୁ ସ୍ୱାଗତ କରାଯାଇଛି। ସୁଶ୍ରୀ ଶୁଭଶ୍ରୀ, ଗଙ୍ଗୋତ୍ରୀ ଓ ପ୍ରେରଣା ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ଆୟୋଜିତ କବିତା ଆସର ଓ ବନ୍ଧୁମିଳନ କାର୍ଯ୍ୟକ୍ରମରେ ନବବର୍ଷର ବାର୍ତ୍ତା ପ୍ରଦାନ କରାଯାଇଥିଲା। ଏଥିରେ ଆଇନଜୀବୀ ବୈଷ୍ଣବ ଚରଣ ଦାସ ସଭାପତିତ୍ୱ କରିଥିଲେ। କବି କ୍ଷୀରୋଦ ସେଠୀ ଓ ବୈଦ୍ୟନାଥ ସାହୁଙ୍କ ସଂଯୋଜନାରେ ୩୦ରୁ ଉର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ। କବି ହୃଷିକେଶ ଜେନା କବିତାରେ ନୂଆବର୍ଷକୁ ଆମନ୍ତ୍ରଣ କରିଥିଲେ। ଗଙ୍ଗୋତ୍ରୀ ସମ୍ପାଦକ କୈଳାସ ଚନ୍ଦ୍ର ପ୍ରଧାନ, ପ୍ରେରଣାର ସମ୍ପାଦକ ପଣ୍ଡିତ ନାଗୁଚରଣ ଦେବତା, ସୁଶ୍ରୀ ଶୁଭଶ୍ରୀର ସମ୍ପାଦିକା ବସନ୍ତ ମଞ୍ଜରୀ ଦାସ ପ୍ରମୁଖ ନୂଆବର୍ଷକୁ ସ୍ୱାଗତ କରିବା ପାଇଁ ଏହି ଆସର କବିମାନଙ୍କର ଅଭିନବ ପ୍ରୟାସ ବୋଲି କହିଥିଲେ। ଅନ୍ୟମାନଙ୍କ ମଧରେ ହେମନ୍ତ କୁମାର ନାୟକ, ସୁଶ୍ରୀ ଶୁଭଶ୍ରୀର ମୁଖ୍ୟ ସମ୍ପାଦକ ଗୋଲୋକ ବିହାରୀ ପଲାଇ, ସମୀର ରଞ୍ଜନ ଦାସ, ଅରୁଣ କୁମାର ବେହେରା, ନଗେନ୍ଦ୍ରନାଥ ସ୍ୱାଇଁ, ଶ୍ୟାମସୁନ୍ଦର ବେହେରା, ପ୍ରଦୀପ ଦାସ, ରବୀନ୍ଦ୍ର ଦାଶ, ନିଳମଣି ମଲ୍ଲିକ, ବିପ୍ଳବ ସ୍ୱାଇଁ ପ୍ରମୁଖ ଏଥିରେ ଯୋଗଦେଇଥିଲେ। ସୁଶୀଲ ମହାନ୍ତି ସ୍ୱାଗତ ଭାଷଣ ଓ ସୁଶ୍ରୀ ଶୁଭଶ୍ରୀର ସଭାପତି ପ୍ରେମଚରଣ ରାଉତ ଧନ୍ୟବାଦ ଦେଇଥିଲେ।


କବିତା ପାଠ ଉତ୍ସବରେ ଉପସ୍ଥିତ ଅତିଥି ଓ କବିମାନେ।

## ଜରାଶ୍ରମରେ ନବବର୍ଷ ପାଳିଲେ ପିଡିଏ କର୍ମଚାରୀ



ଜରାଶ୍ରମ ବୃଦ୍ଧାବୃଦ୍ଧଙ୍କ ସହ ପିଡିଏ କର୍ମଚାରୀ।

**ପାରାଦୀପ,୧୧(ସ୍ୱ.ପ୍ର.)**

ପାରାଦୀପ ଉନ୍ନୟନ କର୍ତ୍ତୃପକ୍ଷ (ପିଡିଏ)ର ୧୨ ଜଣ କର୍ମଚାରୀ ମଙ୍ଗଳବାର ସନ୍ଧ୍ୟାରେ ବାଲିଝରୀ ବସ୍ତିରେ ଥିବା ଜରାଶ୍ରମରେ ନୂଆବର୍ଷ ପାଳନ କରିଛନ୍ତି। ପିଡିଏ ସଚିବ ତଥା ଏଡିଏମ୍ କାହ୍ନୁଚରଣ ଧିରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କର୍ମଚାରୀମାନେ ନିଜସ୍ୱ ଦରମାରୁ କିଛି ଅର୍ଥ ସଂଗ୍ରହ କରି ଜରାଶ୍ରମରେ ଥିବା ବୃଦ୍ଧାବୃଦ୍ଧଙ୍କୁ ଖାଦ୍ୟ ଦେବା ସହ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଜରାଶ୍ରମ ଅନ୍ତେବାସୀଙ୍କୁ ଆଗାମୀ ଦିନରେ କିପରି ସରକାରୀ ଯୋଜନା ତଥା ତୀର୍ଥ ଭ୍ରମଣ ଓ ସ୍ୱାସ୍ଥ୍ୟସେବା ସୁବିଧା ଯୋଗାଇ ଦିଆଯିବ ସେ ସମ୍ପର୍କରେ ଆଲୋଚନା କରିବେ ବୋଲି କହିଥିଲେ।

■ ଜଗତ୍‌ସିଂହପୁର ଜିଲା ସଂସ୍କୃତି ଭବନ

## ୧୨ ବର୍ଷରେ ସରିଲା କାମ, ବିଲ୍ଡିଂରେ ଫାଟ

**ଜଗତ୍‌ସିଂହପୁର ଅଫିସ, ୧୧**

କଳା, ସଂସ୍କୃତିର ପ୍ରାଣକେନ୍ଦ୍ର ହେଉଛି ଜଗତ୍‌ସିଂହପୁର। କିନ୍ତୁ ଏହି ଜିଲା ମୁଖ୍ୟାଳୟରେ ଏକ ସଂସ୍କୃତି ଭବନ ନିର୍ମାଣ ପାଇଁ ଲାଗିଗଲା ୧୨ ବର୍ଷ। ଦୁଃଖର କଥା ହେଲା ପ୍ରାୟ ୨ କୋଟି ଟଙ୍କା ବ୍ୟୟରେ ଭବନ ନିର୍ମାଣ ସରିବାର ଅଳ୍ପଦିନ ମଧରେ ବିଲ୍ଡିଂର ଏକାଧିକ ସ୍ଥାନରେ ଫାଟ ସୃଷ୍ଟି ହୋଇଛି। ବର୍ଷାଦିନେ ଏଥିରୁ ପାଣି ଗଳିବାର ଆଶଙ୍କା ରହିଛି। ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀ ଓ ଠିକାଦାରଙ୍କ ମଧରେ ସଲାସୁତୁରା ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହେଉଛି। ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ସାଧାରଣରେ ଦାବି ହେଉଛି।

ଜିଲା ସଂସ୍କୃତି ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ୨୦୦୫-୦୬ରେ ଜଗତ୍‌ସିଂହପୁର ପୂର୍ତ୍ତ ବିଭାଗ ନିକଟରେ ସ୍ଥାନ ଚିହ୍ନଟ ହୋଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ୧ କୋଟି ୧୦ ଲକ୍ଷ ୧୪୯ ଟଙ୍କା ବ୍ୟୟ ଅଟକଳରେ କାମ ଆରମ୍ଭ ହୋଇଥିଲା। ୨ୟ ପର୍ଯ୍ୟାୟରେ ଅର୍ଥାତ୍ ୨୦୧୩-୧୪ରେ ୬୭ ଲକ୍ଷ ୮୬୯ ଟଙ୍କା ବ୍ୟୟ ବରାଦ ହୋଇଥିଲା। ଏହି ଅନୁଦାନ ରାଶି ଜଗତ୍‌ସିଂହପୁର ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ଏହାବାଦ୍ ପାଣି ଏବଂ ଅନ୍ୟାନ୍ୟ କାମ ପାଇଁ ଜନସ୍ୱାସ୍ଥ୍ୟ ବିଭାଗକୁ ଦାୟିତ୍ୱ ଦିଆଯାଇଥିଲା। ଏ ବାବଦ ୧୪ ଲକ୍ଷ ୭୪ ହଜାର ୬୯୭ ଟଙ୍କା ଅନୁଦାନ ବ୍ୟବସ୍ଥା ହୋଇଥିଲା। ସେହିପରି ବିଦ୍ୟୁତ କାମ ପାଇଁ ୨୯ ଲକ୍ଷ ୭୨ ହଜାର ଟଙ୍କା ବରାଦ ହୋଇଥିଲା। ତଥାପି କାମ ସରିବାରେ ବହୁ ବିଳମ୍ବ ହେବାରୁ ତତ୍କାଳୀନ ଜିଲାପାଳ ତାଗିଦ୍ କରିଥିଲେ। ପରେ ତରବରିଆ ଭାବେ କାମ ସାରି ଦିଆଯାଇଥିଲା। ମାତ୍ର କୌଣସି କାମ ଠିକ ଭାବେ ହୋଇ ନ ଥିବା ସ୍ଥାନୀୟ ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି। ଜଗତସିଂହପୁର ପୂର୍ତ୍ତ ବିଭାଗ କିନ୍ତୁ କାମ ସାରି ଦେଇଥିବା ଦର୍ଶାଇ ବାହାବାହା ନେବାକୁ ଚେଷ୍ଟା କରିଛି। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ, ଏହି ବିଭାଗକୁ ୨୦୧୧-୧୨ରୁ ନିର୍ମାଣ କାମ ଦିଆଯାଇଥିଲା। ଠିକାଦାର ଥିଲେ ଏମ୍/ଏସ୍ ଏ. ଆର୍ କନ୍‌ଷ୍ଟ୍ରକ୍ସନ। କିନ୍ତୁ ଭବନ ନିର୍ମାଣ କାମ କେବେ ଶୁଭାରମ୍ଭ ହୋଇଥିଲା ତାହା ବିଭାଗ ଜାଣିନି। ବିଭାଗ ପକ୍ଷରୁ ୧୫।୭।୨୦୧୧ରେ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ସେତେବେଳେ ବ୍ୟୟ ଅଟକଳ ଥିଲା ୧,୧୭,୦୩,୭୪୧ ଟଙ୍କା। କାର୍ଯ୍ୟ ୧୪।୬।୨୦୧୨ ମଧରେ ଶେଷ ହେବା କଥା। କିନ୍ତୁ ବିଳମ୍ବ ହୋଇଥିଲା। ୩୧।୧୨।୨୦୧୫ରେ ବିଲ୍ଡିଂ ନିର୍ମାଣ ସରିଥିଲା। କିନ୍ତୁ ମୋଟ ଖର୍ଚ୍ଚ ୧,୧୦,୮୬,୨୫୫ ଟଙ୍କାରେ ସୀମିତ ଥିଲା ବୋଲି ପୂର୍ତ୍ତ ବିଭାଗ ଜଗତ୍‌ସିଂହପୁର ଖଣ୍ଡ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଜନ ସୂଚନା ଅଧିକାରୀ ସୂଚନା ଦେଇଛନ୍ତି। ୨୦୧୫ରେ ତତ୍କାଳୀନ ନିର୍ବାହୀ ଯନ୍ତ୍ରୀ କହିଥିଲେ, ବିଲ୍ଡିଂ ନିର୍ମାଣ ପାଇଁ ୨ କୋଟି ୨୨ ଲକ୍ଷ ୯୪ ହଜାର ଟଙ୍କା ପ୍ରଶାସନିକ ଅନୁମୋଦନ ମିଳିଥିଲା। କିନ୍ତୁ ୧ କୋଟି ୧୦ ଲକ୍ଷ ୯୫ ହଜାର ଟଙ୍କାରେ କାମ ଆରମ୍ଭ ହୋଇଥିଲା। ବିଲ୍ଡିଂ ବାଦ୍ ସିଲିଂ, ସାଉଣ୍ଡ, ପ୍ଲିନ୍ଥ, ପାଚେରି, ଆପ୍ରୋଚ୍ ରୋଡ୍, ଡେକୋରେଟିଂ ଲାଇଟ୍, ଡ୍ରେନ୍ ଉପରେ କଭର୍ ଆଦି କାମ ବିଷୟରେ ଗୁରୁତର ସହ ଚିନ୍ତା କରାଯାଇଥିଲା। ଅନୁରୂପ ଭାବେ ଷ୍ଟେଜ୍, ମହିଳା ଓ ପୁରୁଷ ଶୌଚାଳୟ, ଲେଡିଜ୍ ଗ୍ରୀନ୍ ରୁମ୍, ଭିଆଇପି କୋଠରୀ, ଲବି, ବାରଣ୍ଡା, ଷ୍ଟୋୟାର କେସ୍ ଏବଂ କାର୍ଯ୍ୟାଳୟ ଆଦି କାର୍ଯ୍ୟକ୍ଷମ ହେବ ବୋଲି କୁହାଯାଇଥିଲା। କିନ୍ତୁ ବିଭାଗ କାମ ସାରିଥିବା ଦର୍ଶାଇଥିଲେ ସୁଦ୍ଧା ସାଉଣ୍ଡ, ଡେକୋରେଟିଂ ଲାଇଟ୍ କି ଅନ୍ୟ ବ୍ୟବସ୍ଥା କରାଯାଇନାହିଁ। ଏହା ଭିତରେ କେହି ସାଂସ୍କୃତିକ କାର୍ଯ୍ୟକ୍ରମ କରିବାକୁ ଚାହିଁଲେ ଡେକୋରେଟରଙ୍କ ଉପରେ ନିର୍ଭର କରିବାକୁ ପଡୁଛି।

■ନିମ୍ନମାନର କାର୍ଯ୍ୟ ଅଭିଯୋଗ
■ଏଯାଏ ହେଲାନି ଡେକୋରେଟିଂ ସିଷ୍ଟମ୍

# ଶିଳ୍ପବିହୀନ ଜିଲାରେ ବିଷାକ୍ତ ଧୂଆଁ ଭୟ

**କେନ୍ଦ୍ରାପଡ଼ା ଅଫିସ୍, ୧।୧**

ଶିଳ୍ପ ବିହୀନ ଜିଲାବାସୀଙ୍କୁ ଅଣନିଃଶ୍ୱାସୀ କରୁଛି ରାସାୟନିକ ଗ୍ୟାସ। ଜିଲାରେ ଗୋଟିଏ ହେଲେ ବି ଶିଳ୍ପ ପ୍ରତିଷ୍ଠାନ ନଥିବା ବେଳେ କେନ୍ଦ୍ରାପଡ଼ା ଜିଲାବାସୀ ବିଷାକ୍ତ ଗ୍ୟାସ୍ ପ୍ରଭାବରେ ପ୍ରଭାବିତ ହେଉଛନ୍ତି। ପଡ଼ୋଶୀ ଯାଜପୁର ଓ ଜଗତ୍‌ସିଂହପୁର ଜିଲାରେ ଥିବା ଏକାଧିକ କଳ କାରଖାନାକୁ ଚଣ୍ଡିଖୋଲ-ପାରାଦୀପ ରାସ୍ତା ଦେଇ ଗାଡ଼ିମୋଟରରେ ରାସାୟନିକ ସାମଗ୍ରୀ ନେବାଆଣିବା ସହ କାରଖାନାର ବିଷାକ୍ତ ଧୂଆଁ ଜିଲାବାସୀଙ୍କୁ ଅସ୍ତବ୍ୟସ୍ତ କରିଦେଇଛି। ଜଗତସିଂହପୁର ଜିଲାର ଇଫ୍‌କୋ, ପିପିଏଲ, ଆଇଓସିଏଲ ପରି ୯ ଶିଳ୍ପାନୁଷ୍ଠାନରୁ ବର୍ଜ୍ୟବସ୍ତୁ ନିଷ୍କାସିତ ହେଉଥିବା ବେଳେ ବିଷାକ୍ତ ଧୂଆଁରେ କେନ୍ଦ୍ରାପଡ଼ାବାସୀ ପ୍ରଭାବିତ ହେଉଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ପକ୍ଷରୁ ଦୃଷ୍ଟି ଦିଆଯାଉ ନଥିବା ବେଳେ ସଚେତନତା କାର୍ଯ୍ୟକ୍ରମ ମଧ୍ୟ କରାଯାଉନି। କେତେକ ସମୟରେ ରାସାୟନିକ ଦ୍ରବ୍ୟ ପରିବହନ କରୁଥିବା ଗାଡ଼ିମୋଟର ଦୁର୍ଘଟଣାଗ୍ରସ୍ତ ହେବା ଯୋଗୁ କେନ୍ଦ୍ରାପଡାବାସୀ ବିଭିନ୍ନ ଅସୁବିଧା ଭୋଗୁଛନ୍ତି।

ଏହି ସମସ୍ୟାର ସମାଧାନ କେବଳ ବର୍ଷକରେ ଥରେ କ୍ରାଇସିସ ମେଣ୍ଟେନାନ୍ସ ମିଟିଂରେ ସୀମିତ ରହୁଥିବା ବହୁ ବୁଦ୍ଧିଜୀବୀ କହିଛନ୍ତି। ଏହି ସମସ୍ୟା ନେଇ ରାଜ୍ୟ ସୂଚନା ଅଧିକାର ଅଭିଯାନର ସଦସ୍ୟମାନେ ଗତ ଜୁନରେ ମହାକାଳପଡା ବ୍ଲକ ବଡିଘର ପଞ୍ଚାୟତ ବଡଟୁବିଠାରେ ଏକ ଜନଶୁଣାଣି ଶିବିର ଆୟୋଜନ କରିଥିଲେ। ପରିବେଶ ପ୍ରଦୂଷଣ ପ୍ରଭାବରେ ହେଉଥିବା ସମସ୍ୟା ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର ପୂର୍ଣ୍ଣିମା ମାଝି, ସୁଦର୍ଶନ ବେରା, ହରିପଦ ବିଶ୍ୱାସ ପ୍ରମୁଖ ୫୦ରୁ ଊର୍ଦ୍ଧ୍ୱ ଲୋକ ରାସାୟନିକ ଧୂଆଁ ପ୍ରଭାବ ସମ୍ପର୍କରେ ଅଭିଯୋଗ କରିଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଏହି ଶିଳ୍ପାଞ୍ଚଳରୁ ପ୍ରତ୍ୟହ ରାସାୟନିକ ଗ୍ୟାସ ନିର୍ଗତ ହେଉଥିବାରୁ ଜିଲାବାସୀ ଚର୍ମରୋଗଠାରୁ କ୍ୟାନସର ପର୍ଯ୍ୟନ୍ତ ଦୁରାରୋଗ୍ୟର ଶିକାର ହେଉଛନ୍ତି। ସେହିପରି ପରିବେଶବିତ୍ ହେମନ୍ତ କୁମାର ରାଉତ, ପ୍ରମୋଦ କୁମାର ସ୍ୱାଇଁ, ଅଶୋକ ସ୍ୱାଇଁ ପ୍ରମୁଖ ପାରାଦୀପସ୍ଥିତ ଶିଳ୍ପାଞ୍ଚଳରୁ ନିର୍ଗତ ବର୍ଜ୍ୟବସ୍ତୁ ଜାତୀୟ ଉଦ୍ୟାନ ଭିତରକନିକାର ପରିବେଶକୁ ନଷ୍ଟ କରୁଥିବା ପ୍ରମାଣିତ କରିଥିଲେ। ନଦୀ ଜଳରେ ପ୍ରବାହିତ ଏହି ବର୍ଜ୍ୟବସ୍ତୁ ସାମୁଦ୍ରିକ ଜୀବଙ୍କ ଉପରେ ପ୍ରଭାବ ପକାଉଥିବା ନେଇ ଜନଶୁଣାଣିରେ ଅଭିଯୋଗ ହୋଇଥିଲା।

ଗତ ଜୁନ୍‌ରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଆଦିତ୍ୟ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ ବିପର୍ଯ୍ୟୟ କାର୍ଯ୍ୟକାରୀ ପରିଷଦର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରାସାୟନିକ ଦୁର୍ଘଟଣା ଓ ଶିଳ୍ପାନୁଷ୍ଠାନ ଦୁର୍ଘଟଣା ପରି ବିପର୍ଯ୍ୟୟ କ୍ଷେତ୍ରରେ 'ରାଜ୍ୟ କ୍ରାଇସିସ ଗ୍ରୁପ' ତତ୍ପରତାର ସହିତ କାର୍ଯ୍ୟ କରିବ ବୋଲି ନିଷ୍ପତ୍ତି ହୋଇଥିଲା। ଏଠାରେ ଦର୍ଶାଯାଇଥିଲା ଯେ, ପ୍ରାୟ ପ୍ରତି ମାସରେ ରାସାୟନିକ ପଦାର୍ଥ ପରିବହନ କରୁଥିବା ଟ୍ୟାଙ୍କର ଓଲଟି ବିପର୍ଯ୍ୟୟ ସୃଷ୍ଟି କରୁଛି। ଏହାବ୍ୟତୀତ ଟକ୍ସିକ ବର୍ଜ୍ୟର ପରିଚାଳନାରେ ତ୍ରୁଟି ଯୋଗୁ ପରିବେଶ ଦୂଷିତ ହେଉଛି। ଅନେକ ସମୟରେ ଏହାର ପ୍ରଭାବରୁ ଖାଦ୍ୟ ପଦାର୍ଥ ସଂକ୍ରମିତ ହେଉଛି। ଏହି କ୍ରାଇସିସ୍ ଗ୍ରୁପ ଶିଳ୍ପାଞ୍ଚଳର ଆଖପାଖ ଅଞ୍ଚଳ ସର୍ଭେ କରିବା ସହିତ ଏହାର ନିରାକରଣର ବ୍ୟବସ୍ଥା କରିବ। ଏହି ନିଷ୍ପତ୍ତିକୁ ଇତିମଧ୍ୟରେ ୬ ମାସ ବିତିଯାଇଛି। କେନ୍ଦ୍ରାପଡ଼ା ଜିଲା ଅଦ୍ୟାବଧି କ୍ରାଇସିସ ମେଣ୍ଟେନିଂ ଗ୍ରୁପର ସର୍ଭେ ପରିସରକୁ ଆସି ନଥିବା ବେଳେ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଜିଲା ଜନ ସୁରକ୍ଷା ମଞ୍ଚ ପକ୍ଷରୁ ଦାବି ହୋଇଛି। ଏ ସମ୍ପର୍କରେ ଜିଲାପାଳ ଦାଶରଥି ଶତପଥୀ କୁହନ୍ତି, ଏ ନେଇ ଫ୍ୟାକ୍ଟ୍ରି ଏଣ୍ଡ ବ୍ୟଏଲର ନିର୍ଦ୍ଦେଶାଳୟ ଓ ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯିବ।

**କେନ୍ଦ୍ରାପଡ଼ା ଜିଲା**

- ପ୍ରଭାବ ପକାଉଛି ପଡ଼ୋଶୀ ଜିଲାର ଶିଳ୍ପାନୁଷ୍ଠାନରୁ ନିର୍ଗତ ବିଷାକ୍ତ ଗ୍ୟାସ୍
- ସଚେତନତା ପ୍ରତି ଦୃଷ୍ଟି ଦେଉନି ଜିଲା ପ୍ରଶାସନ
- ପ୍ରାକୃତିକ ପରିବେଶ ନଷ୍ଟ, ପ୍ରଭାବିତ ହେଉଛନ୍ତି ଜିଲାବାସୀ

## ଉତ୍କଳ ସମ୍ମିଳନୀର ସ୍ୱନକ୍ଷତ୍ର ଦିବସ

**କେନ୍ଦ୍ରାପଡା ଅଫିସ, ୧।୧**

କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଉତ୍କଳ ସମ୍ମିଳନୀର ସ୍ୱନକ୍ଷତ୍ର ଦିବସ କେନ୍ଦ୍ରାପଡା ଜିଲା ଶାଖା ପକ୍ଷରୁ ମଙ୍ଗଳବାର ପାଳନ କରାଯାଇଛି। ନନ୍ଦ କିଶୋର ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଭାଷା ଆନ୍ଦୋଳନ ଓ ଉତ୍କଳ ସମ୍ମିଳନୀ ସମ୍ପର୍କରେ ଆଲୋଚନା ହୋଇଥିଲା। ଶିକ୍ଷାବିତ୍ ଡ. ବାସୁଦେବ ଦାସ, ଶୁଭ୍ରାଂଶୁ ଦାସ, ରାଜକିଶୋର ତ୍ରିପାଠୀ, ଗୋପାଳକୃଷ୍ଣ ଜେନା ଓ ସନ୍ତୋଷ ଖୁଣ୍ଟିଆ ଆଲୋଚକଭାବେ ଯୋଗଦେଇଥିଲେ। ଆଲୋଚକମାନେ ଦର୍ଶାଇଥିଲେ ଯେ, ୧୯୩୬ରେ ଓଡିଶାକୁ ଭାଷାଭିତ୍ତିକ ରାଜ୍ୟଭାବେ ପରିଚୟ ମିଳିଥିଲା । ଏହାର ପୃଷ୍ଠଭୂମିରେ ଉତ୍କଳଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପରି ଦୃଢ଼ମନା ବ୍ୟକ୍ତି ଥିଲେ। ସେମାନେ ଉତ୍କଳ ସମ୍ମିଳନୀ ସଂଗଠନକୁ ଆରମ୍ଭକରି ଏହି ଆନ୍ଦୋଳନକୁ ପ୍ରୋତ୍ସାହିତ କରିଥିଲେ। ମେନକା ପାଣିଗ୍ରାହୀ, ସୁପ୍ରିୟା ରାଉତ, ଶ୍ରୀଧର ମହାନ୍ତି, ଏଲିନା ମହାନ୍ତି, ତପସ୍ୱିନୀ ମହାନ୍ତି ଓ ମନୋଜ ଦାସ ପ୍ରମୁଖ ଯୋଗଦେଇଥିଲେ।

## ସଂକ୍ଷେପରେ

### ଦୁର୍ଘଟଣାରେ ଜଣେ ଗୁରୁତର, ଆସିଲାନି ଆମ୍ବୁଲାନ୍ସ

**ଡେରାବିଶ, ୧।୧ (ସ୍ୱ.ପ୍ର.):** ଡେରାବିଶ ବ୍ଲକ ଅଧୀନ ୫ ନଂ (କ) ଜାତୀୟ ରାଜପଥର ନୂଆହାଟଠାରେ ମଙ୍ଗଳବାର ଦୁର୍ଘଟଣା ଘଟି ପଟ୍ଟାମୁଣ୍ଡାଇ ଥାନା ଅଧୀନ ଅରୁଆକଦଳୀବଣ ଗ୍ରାମର ଜୟଦେବ ଦାସ (୫୦) ଗୁରୁତର ହୋଇଛନ୍ତି। ଜୟଦେବ ଚଣ୍ଡିଖୋଲରୁ ବାଇକ୍ (ଓଡ଼ି.-୨୯-ବି-୦୭୯୧) ଯୋଗେ ନିଜ ଗାଁକୁ ଯାଉଥିବା ନୂଆହାଟଠାରେ ଏକ ଅଜଣା ଗାଡ଼ି ତାଙ୍କୁ ପଛରୁ ଧକ୍କା ଦେଇଥିଲା। ସେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ରାସ୍ତା କଡ଼ରେ ପଡ଼ିଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିଥିଲେ। ଡେରାବିଶ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ପାଇଁ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସକୁ ବାରମ୍ବାର ଫୋନ୍ କରିଥିଲେ ହେଁ ଦୀର୍ଘ ଏକ ଘଣ୍ଟା ପରେ ବି ଆମ୍ବୁଲାନ୍ସ ଆସି ନଥିଲା। ତେବେ ଏ ନେଇ ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀଙ୍କୁ ଫୋନ୍ ଯୋଗେ ଜଣାଇଥିଲେ ବି ସେମାନେ ଆସି ନଥିଲେ। ଫଳରେ ସ୍ଥାନୀୟ ଲୋକେ ତାଙ୍କୁ ଏକ ଅଟୋ ଯୋଗେ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### ସ୍ୱାଧୀନତା ସଂଗ୍ରାମୀ ଯଦୁମଣିଙ୍କ ଜୟନ୍ତୀ



**କେନ୍ଦ୍ରାପଡା ଅଫିସ, ୧।୧:** ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ଉପ ବାଚସ୍ପତି ଯଦୁମଣି ମଙ୍ଗରାଜଙ୍କ ୧୨୫ତମ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି । ଏହି ଅବସରରେ ଯଦୁମଣି ମଙ୍ଗରାଜ ସ୍ମୃତି କମିଟି ପକ୍ଷରୁ ସହରର ତିନିମୁହାଣି ଛକରେ ସ୍ଥାପିତ ସ୍ୱର୍ଗତ ମଙ୍ଗରାଜଙ୍କ ପ୍ରତିମୂର୍ତ୍ତିରେ ସାମୂହିକ ମାଲ୍ୟାର୍ପଣ କରାଯାଇଥିଲା । ଉକ୍ତ ସ୍ଥାନରେ ଶିକ୍ଷାବିତ୍ ନନ୍ଦ କିଶୋର ପରିଡାଙ୍କ ଅଧ୍ୟକ୍ଷତାରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଶିକ୍ଷାବିତ୍ ଡ. ବାସୁଦେବ ଦାସ, ଶୁଭ୍ରାଂଶୁ କୁମାର ଦାସ, ନକୁଳଚରଣ ଦାସ, ବିପିନ ବିହାରୀ ବାରିକ, ଆଇନ୍‌ଜୀବୀ ସଞ୍ଜୟ କୁମାର ଜେନା, ନୃସିଂହ ତ୍ରିପାଠୀ ଓ ମଧୁସୂଦନ ଗେରୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମଙ୍ଗରାଜଙ୍କ ସ୍ମୃତିଚାରଣ କରିଥିଲେ । ଅତିଥିମାନେ ସ୍ୱର୍ଗତ ମଙ୍ଗରାଜଙ୍କ କେନ୍ଦ୍ରାପଡାବାସୀଙ୍କ ପାଇଁ ଉତ୍ସର୍ଗୀକୃତ ଜୀବନ, ସାମାଜିକ କର୍ମ ସମ୍ପର୍କରେ ଆଲୋକପାତ କରିଥିଲେ ।

### ଉନ୍ମତ୍ତ ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

**କେନ୍ଦ୍ରାପଡା ଅଫିସ, ୧।୧:** କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବଗଡା ଗ୍ରାମର ପପୁ ପାଣି ନାମକ ଜଣେ ଯୁବକ ମଙ୍ଗଳବାର ହଠାତ୍ ଏକ ମୋବାଇଲ ଟାୱାର ଉପରେ ଚଢି ଆତ୍ମହତ୍ୟା ପାଇଁ ଉଦ୍ୟମ କରିଥିଲେ। । ଅପରାହ୍ନରେ ସେ ମୋବାଇଲ ଟାୱାରକୁ ଉଠି ବାପାଙ୍କ ନିକଟରୁ ଟଙ୍କା ଦାବି କରିଥିଲେ। ଟଙ୍କା ନ ଦେଲେ ଟାୱାର ଉପରୁ ଡେଇଁ ପଡିବେ ଧମକ ଦେଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ବୁଝାସୁଝା କରି ତଳକୁ ଓହ୍ଲାଇ ଆଣିବାରେ ସକ୍ଷମ ହୋଇଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

### ମା' ବୁଢ଼ୀ ଜାଗୁଳାଇ ୟୁଥ୍ ସୋସାଇଟିର ନୂତନ ଗୃହ ଉଦ୍‌ଘାଟିତ

**ଆଳି,୧।୧ (ଡି.ଏନ୍.ଏ.):** ଆଳି ନିଆଳ ହାଟଠାରେ ନିର୍ମିତ ନିଆଳ ଗ୍ରାମସ୍ଥିତ ମା' ବୁଢ଼ୀ ଜାଗୁଳାଇ ୟୁଥ୍ ସୋସାଇଟିର ନୂତନ ଗୃହକୁ ମଙ୍ଗଳବାର ସନ୍ଧ୍ୟାରେ ଆଳି ବିଧାୟକ ଦେବେନ୍ଦ୍ର ଶର୍ମା ଉଦ୍‌ଘାଟନ କରିଛନ୍ତି। ବିଧାୟକ ପାଣ୍ଠିରୁ ୬ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ ଏହି ଗୃହ ନିର୍ମାଣ କରାଯାଇଛି। କଥିତ ସଂଘ ସଭାପତି ସ୍ୱରୂପ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ ଉତ୍ସବରେ ଆଳି ବିଧାୟକ ଶର୍ମା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିଆଳ ପୂର୍ବତନ ସରପଞ୍ଚ ସନ୍ତୋଷ ମଲିକ, ଦର୍ପନାରାୟଣ ସାହୁ ପ୍ରମୁଖ ଯୋଗଦେଇଥିଲେ। ସଂଘ ସମ୍ପାଦକ ଶ୍ୟାମସୁନ୍ଦର ମଲିକ, କୋଷାଧ୍ୟକ୍ଷ ପ୍ରମୋଦ ପରିଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ତାପସ ମଲିକ, ବାଦଲ ମଲିକ, ସୁବ୍ରତ ମହାନ୍ତି, ରଞ୍ଜନ ମଲିକ ପ୍ରମୁଖ ସହଯୋଗ କରିଥିଲେ।

## ଅଟୋ ଓଲଟି ୬ ମହିଳା ଶ୍ରମିକ ଆହତ

**ମହାକାଳପଡ଼ା, ୧।୧ (ଡି.ଏନ୍.ଏ.)**



ଦୁର୍ଘଟଣା ଘଟିଥିବା ସ୍ଥାନରେ ଆହତ ଓ ଅନ୍ୟମାନେ।

ମହାକାଳପଡ଼ା ବ୍ଲକ ପେଟ୍‌ଛେଲା ପଞ୍ଚାୟତ ଗୁପ୍ତଗିରି ଶାଖାନାଳ ନିକଟ ବଜାରପୁରଠାରେ ଶ୍ରମିକଙ୍କୁ ନେଇ ଯାଉଥିବା ଏକ ଅଟୋ(ନଂ.- ଓଡ଼ି-୨୯-ଏ-୧୬୬୭) ମଙ୍ଗଳବାର ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ଫଳରେ ୬ଜଣ ମହିଳା ଶ୍ରମିକ ଆହତ ହୋଇଛନ୍ତି। ଖବରପାଇ ଅଗ୍ନିଶମ ସେବା ସଂସ୍ଥାର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଶ୍ରମିକମାନଙ୍କୁ ଉଦ୍ଧାର କରି ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଗୁରୁତରମାନେ ହେଲେ ଅନିମା ଦାସ, ଅଞ୍ଜଳି ଦାସ, ସରସ୍ୱତୀ ଦାସ, ମାଧବୀ ଦାସ, ଲକ୍ଷ୍ମୀ ସର୍ଦ୍ଦାର ଓ ଶୋଭା ଦାସ ।

ଘଟଣା ମୁତାବକ, ଶ୍ରମିକମାନେ ବରକନ୍ଧା ଅଞ୍ଚଳକୁ ଧାନ କାଟିବାକୁ ଯାଇ ସନ୍ଧ୍ୟାରେ ଏକ ଅଟୋ ଯୋଗେ ଫେରୁଥିଲେ। ଅଟୋଟି ଭାରସାମ୍ୟ ହରାଇ ଗୁପ୍ତଗିରୀ ଶାଖାନାଳ ନିକଟ ବଜାରପୁରଠାରେ ଓଲଟି ପଡ଼ିଥିଲା। ଅଟୋରେ ମୋଟ ୧୪ଜଣ ମହିଳା ଶ୍ରମିକ ଥିବା ବେଳେ ସେମାନଙ୍କ ମଧ୍ୟରୁ ୬ଜଣ ଆହତ ହୋଇଥିବା ବେଳେ ଅନ୍ୟମାନେ ସୁସ୍ଥ ଥିବା ଜଣାପଡିଛି। ଅଟୋଚାଳକ ନିଶାଗ୍ରସ୍ତ ଅବସ୍ଥାରେ ଗାଡ଼ି ଚଳାଉ ଥିବାରୁ ଦୁର୍ଘଟଣା ଘଟିଥିବା ସ୍ଥାନୀୟ ଲୋକେ କହିଛନ୍ତି।

## ନୂତନ ବର୍ଷ ଉପଲକ୍ଷେ ମା'ଜଞ୍ଜାଳୀଦେବୀଙ୍କ ପୀଠରେ ଭଜନ କୀର୍ତ୍ତନ

**ରାଜକନିକା,୧।୧(ଡି.ଏନ୍.ଏ.)**

ରାଜକନିକା ବ୍ଲକ ଅନ୍ତର୍ଗତ ଅବ୍‌ଦୁଲପୁର ଗ୍ରାମର ଆରାଧଦେବୀ ମା'ଜଞ୍ଜାଳୀଦେବୀଙ୍କ ପୀଠରେ ମଙ୍ଗଳବାର ନୂତନ ବର୍ଷ ଉପଲକ୍ଷେ ଭଜନ କୀର୍ତ୍ତନ କରାଯାଇଛି । ମା'ଜଞ୍ଜାଳୀଦେବୀ କୀର୍ତ୍ତନମଣ୍ଡଳୀ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୨୦୧୯ ବର୍ଷରେ ରାଜ୍ୟ ଓ ଦେଶର ମଙ୍ଗଳ ପାଇଁ ସଦସ୍ୟମାନେ ମା'ଙ୍କ ନିକଟରେ ମଙ୍ଗଳ କାମନା କରିଥିଲେ। ଏହି ଭଜନ କୀର୍ତ୍ତନ ସମାରୋହରେ କୀର୍ତ୍ତନ ମଣ୍ଡଳୀର ବରିଷ୍ଠ ସଦସ୍ୟ ଅର୍ଜୁନୀ ଚରଣ ଦାସ, ଚକ୍ରଧର ପାଣ୍ଡବ, ଘନଶ୍ୟାମ ଦାସ, ଚିନ୍ତାମଣି ସାହୁ, ବିଷ୍ଣୁ ଚରଣ ଦାସ ଓ ଦୁର୍ଯ୍ୟୋଧନ ବେହେରା ପ୍ରମୁଖ କଳାକାରମାନେ ପୁରାତନ ଭଜନ କୀର୍ତ୍ତନ ପରିବେଷଣ କରିଥିଲେ ।

## ଫୁଟବଲ ଟୁର୍ନାମେଣ୍ଟ: ଆଳି ଆଥଲେଟିକ ଚାମ୍ପିୟନ

**ଆଳି, ୧।୧ (ଡି.ଏନ୍.ଏ.)**




ଉଦ୍‌ଯାପନୀ ଅବସରରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

ହାରାମଣୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆଳି ହାଇସ୍କୁଲ ମିନି ଷ୍ଟାଡିୟମ୍ ପରିସରରେ ଚାଲିଥିବା ୧୩ତମ ଶରତ କୁମାର ଦେବ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ରାଜକନିକା ତରାସର ନେତାଜୀ କ୍ଲବ ଓ ଆଳି ଆଥଲେଟିକ ଆସୋସିଏଶନ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ନେତାଜୀ କ୍ଲବକୁ ୨-୧ ଗୋଲ ଦେଇ ଆଳି ଆଥଲେଟିକ ଆସୋସିଏଶନ ଚାମ୍ପିୟନ ହୋଇଥିଲା। ଅଧ୍ୟାପକ ରମେଶ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ କେନ୍ଦ୍ରାପଡା ଜିଲାପରିଷଦ ସଭାପତି ମାନସ ପରିଡା ମୁଖ୍ୟଅତିଥି, ଏସ୍‌ଏନ୍ କଲେଜ ଅଧ୍ୟକ୍ଷ ବୈକୁଣ୍ଠନାଥ ପରିଡା ମୁଖ୍ୟବକ୍ତା, ଆଡଭୋକେଟ ଚିରଞ୍ଜିବୀ ଦାସ, ଆଳି ଆଥଲେଟିକ ଆସୋସିଏଶନର ସମ୍ପାଦକ ବିଜୟାନନ୍ଦ ସେନାପତି, ହାରାମଣି ଚାରିଟେବୁଲ ଟ୍ରଷ୍ଟର ଚେୟାରମ୍ୟାନ କୃଷ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ଆଳି ଆଥଲେଟିକ ଆସୋସିଏଶନକୁ ଚାମ୍ପିୟନ ଟ୍ରଫି ଓ ନେତାଜୀ କ୍ଲବକୁ ରନର୍ସଅପ ଟ୍ରଫି ପ୍ରଦାନ କରିଥିଲେ।

## ସମସ୍ୟା ସମାଧାନ ପାଇଁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରୁଛି ୟୁଥ ଗ୍ରୁପ୍

**କେନ୍ଦ୍ରାପଡା ଅଫିସ, ୧।୧**

ସାମାଜିକ ଗଣମାଧ୍ୟମରେ ମହାକାଳପଡା ୟୁଥ ଗ୍ରୁପ ଗଠନକୁ ଇତିମଧ୍ୟରେ ଦୁଇ ବର୍ଷ ବିତିଛି । ଏହି ଗ୍ରୁପ ଜରିଆରେ ସ୍ଥାନୀୟ ଅଞ୍ଚଳର ସାମୂହିକ ଓ ବ୍ୟକ୍ତିଗତ ସମସ୍ୟା ସମାଧାନ ପାଇଁ ଉଦ୍ୟମ କରାଯାଉଛି। ଗ୍ରୁପ ଜରିଆରେ ୨୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଗତ ଓ ୩୦ରୁ ଅଧିକ ସାମୁହିକ ସମସ୍ୟାର ସମାଧାନ ହୋଇଛି। ପ୍ରଶାସକ ଓ ରାଜନେତାମାନେ ଏଥିରେ ସହଯୋଗ କରିଛନ୍ତି । ଏବେ ଗ୍ରୁପରେ ପ୍ରାୟ ୨୫୦ରୁ ଊର୍ଦ୍ଧ୍ୱ ସଦସ୍ୟ ରହିଛନ୍ତି। ଏ ସମ୍ପର୍କରେ ଗ୍ରୁପ ଆଡମିନ ବିଭୂତିଭୂଷଣ ରାଉତ କୁହନ୍ତି, ସାମାଜିକ ଗଣମାଧ୍ୟମରେ ମହାକାଳପଡା ୟୁଥ ଗ୍ରୁପ ଜରିଆରେ କେନ୍ଦ୍ରାପଡା ଜିଲାର ଉପାନ୍ତ ଅଞ୍ଚଳ ବିଶେଷକରି ମହାକାଳପଡାର ବିକାଶ ଉପରେ ଗୁରୁତ୍ୱ ଦିଆଯାଇଥିଲା । ବିଭିନ୍ନ ଅଞ୍ଚଳର ଉତ୍ସାହୀ ବ୍ୟକ୍ତିଙ୍କୁ ଏଥିରେ ସାମିଲ କରାଯାଇଥିଲା । ସ୍ଥାନୀୟ ଅଞ୍ଚଳ ସମସ୍ୟା ଉତ୍‌ଥାପନ କରି ପ୍ରଶାସନ ଓ ରାଜନେତାଙ୍କ ଦୃଷ୍ଟି ଆକର୍ଷଣ କରିବା ଏହି ଗ୍ରୁପର ପ୍ରାଥମିକ ଲକ୍ଷ୍ୟ । ସେହିପରି ଗ୍ରୁପର ଅନ୍ୟଜଣେ ଆଡମିନ୍ ପ୍ରତାପ କୁମାର ମହାନ୍ତି କୁହନ୍ତି, ଏହି ଉପାନ୍ତ ଅଞ୍ଚଳରେ ଅନେକ ସମସ୍ୟା ରହିଛି। ଏସବୁ ସମସ୍ୟାକୁ ଗ୍ରୁପ ସାହାଯ୍ୟରେ ଦୃଷ୍ଟିକୁ ଅଣାଯାଇ ଏହାର ସମାଧାନ କରାଯାଉଥିବାରୁ ସ୍ଥାନୀୟ ଲୋକଙ୍କ ଆସ୍ଥା ବଢୁଛି। ଗ୍ରୁପ ସମ୍ପର୍କରେ ବାରଡାଙ୍ଗର ସୁଦାମ ସାହୁ କୁହନ୍ତି, ବହୁ ଦିନ ଧରି ପ୍ରଶାସକ ଓ ରାଜନେତାଙ୍କ ନିକଟରେ ବାସଗୃହ ସମସ୍ୟା ସମ୍ପର୍କରେ ଗୁହାରି କରି ଆସୁଥିଲି । ପରେ ୟୁଥ ଗ୍ରୁପ ପକ୍ଷରୁ ଉଦ୍ୟମ ହେବା ପରେ ଚଳିତ ବର୍ଷ ବାସଗୃହ ଯୋଜନାରେ ସାମିଲ ହୋଇଛି। ସେହିପରି ରାଜଗଡର ଶାନ୍ତିଲତା ଜେନା କୁହନ୍ତି, ଆର୍ଥିକ ଅନଟନ ପାଇଁ ଗୋଡରେ ଲାଗିଥିବା ରଡ ବାହାର କରାଯାଇପାରୁ ନ ଥିଲା । ଚିକିତ୍ସାରେ ଅବହେଳା ଯୋଗୁ ଉକ୍ତ ସ୍ଥାନରେ ଘା ହୋଇ ପୂଯ ହୋଇଯାଇଥିଲା । ଗତ କିଛି ଦିନ ପୂର୍ବେ ଏହି ଗ୍ରୁପ ସଦସ୍ୟମାନେ ଏଥିପାଇଁ ଟଙ୍କା ଦେଇଥିବାରୁ କଟକରେ ଗୋଡର ଚିକିତ୍ସା ଆରମ୍ଭ ହୋଇଛି । ସେହିପରି ଦେଉଳପଡା ପଞ୍ଚାୟତ ଅମରାବାଡର ଅବସରପ୍ରାପ୍ତ ଶିକ୍ଷକ ନିରାକାର ଜେନା କୁହନ୍ତି, ସ୍ଥାନୀୟ ଅଞ୍ଚଳରେ ଓରଡଠାରୁ ଅଳାଇଲୋ ପର୍ଯ୍ୟନ୍ତ ରାସ୍ତା ସମସ୍ୟା ଲାଗି ରହିଥିଲା । ଏହି ଗ୍ରୁପ ସଦସ୍ୟଙ୍କ ଉଦ୍ୟମ ଯୋଗୁ ରାସ୍ତା ନିର୍ମାଣ ଆରମ୍ଭ ହୋଇଛି । ଏ ସମ୍ପର୍କରେ ବିଡିଓ ରମେଶ ଚନ୍ଦ୍ର ସେଠୀ କୁହନ୍ତି, ଗ୍ରୁପରେ ବହୁ ସମୟରେ ସ୍ଥାନୀୟ ଅଞ୍ଚଳର ସମସ୍ୟା ଉତ୍‌ଥାପନ କରାଯାଇଛି । ସମସ୍ୟାର ଗୁରୁତ୍ୱ ଥିଲେ ପ୍ରଶାସନ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯାଉଛି ।

## ବିଜେଡିର ଜୋନ୍‌ସ୍ତରୀୟ ପ୍ରତିଷ୍ଠା ଦିବସ

**ଡେରାବିଶ, ୧।୧ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ବିଜେଡି ପକ୍ଷରୁ ସୋମବାର ୧୩ ନଂ. ଜୋନ୍‌ସ୍ତରୀୟ ପ୍ରତିଷ୍ଠା ଦିବସ ବ୍ଲକ ଅଧୀନ ବାରିମୂଳଠାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ଦେବାଶିଷ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପାଟକୁରା ବିଧାୟକ ବେଦପ୍ରକାଶ ଅଗ୍ରୱାଲ ଯୋଗଦେଇଥିଲେ। ଦଳର ୨୧ତମ ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ଏହି ସମାବେଶକୁ ଉଦ୍‌ବୋଧନ ଦେଇ ବିଧାୟକ ଅଗ୍ରୱାଲ କହିଥିଲେ, ପାଟକୁରା ନିର୍ବାଚନ ମଣ୍ଡଳୀ ପ୍ରତି ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ଦୃଷ୍ଟି ରହିଛି। କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଓ କଟକ ଜିଲାକୁ ଗମନାଗମନର ସୁବିଧା ପାଇଁ ଲୁଣା ଓ ଚିତ୍ରୋତ୍ପଳା ନଦୀରେ ରାଜ୍ୟ ସରକାର ନିର୍ମାଣ କରିଥିବା ସେତୁ ଆଜି ସମ୍ପର୍କର ସେତୁରେ ପରିଣତ ହୋଇଥିବା ବିଧାୟକ ଉଲ୍ଲେଖ କରିଥିଲେ। ଏହି ଉତ୍ସବରେ ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ରାଜେଶ ଦାସ, ପୂର୍ବତନ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗଣେଶ୍ୱର ବେହେରା, ୧୩ ନଂ. ଜୋନ୍ ଜିଲା ପରିଷଦ ସଭ୍ୟା ଜବା ମୁର୍ମୁ, ପୂର୍ବତନ ଜିଲା ପରିଷଦ ସଭ୍ୟ ଭବାନୀ ପ୍ରସାଦ ଓଝା, ୧୪ ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ପୂର୍ଣ୍ଣିମା ମଲ୍ଲ ପ୍ରମୁଖ ଉପସ୍ଥିତ ଥିଲେ। ଅନୁରୂପ ଭାବେ ବାରିମୂଳ ସରପଞ୍ଚ ଶୁଦ୍ଧଦେବ ବେହେରା, ପୂର୍ବତନ ସମିତିସଭ୍ୟ ପ୍ରମୋଦ କୁମାର ସାମଲ, ବ୍ଲକ ଯୁବ ବିଜେଡି ସଭାପତି ଗୋଲକଚନ୍ଦ୍ର ସାହୁ, ନହଙ୍ଗ ସରପଞ୍ଚ ଉମାକାନ୍ତ ନାୟକ, ଗୁଆଲସିଂ ସରପଞ୍ଚ ବଟକୃଷ୍ଣ ସେଠୀ, କୁରୁଜଙ୍ଗା ସରପଞ୍ଚ ଚନ୍ଦ୍ରକାନ୍ତ ପ୍ରଧାନ, ଯୁବନେତା ପ୍ରସନ୍ନ କୁମାର ସାହୁ, ରବୀନ୍ଦ୍ର କୁମାର ସାହୁ, କେଲୁ ଚରଣ ନାଥ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯାଇଥିଲା।

## ପଲେଇ ପଞ୍ଚାୟତ ଓବିସି ସେଲ୍ ବୈଠକ



ବୈଠକରେ ଉପସ୍ଥିତ ଥିବା କଂଗ୍ରେସ କର୍ମୀମାନେ।

**ଡେରାବିଶ, ୧।୧ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ଅଧୀନ ସବଳଙ୍ଗସ୍ଥିତ ବଳଦେବ ଜୀଉ ବନ ପ୍ରକଳ୍ପଠାରେ ବ୍ଲକ କଂଗ୍ରେସ ଓବିସି ସେଲ୍‌ର ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ବ୍ଲକ ସଭାପତି ଚିତ୍ତରଞ୍ଜନ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଓବିସି ସେଲ୍ ଜିଲା ସଭାପତି ବିଧୁଭୂଷଣ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପଞ୍ଚାୟତ ଓବିସି ସେଲ୍ ସମ୍ପାଦକ ଅଜୟ କୁମାର ମଲ୍ଲ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ବୈଠକରେ ସଂଗଠନକୁ ସୁଦୃଢ଼ କରିବା ପାଇଁ ଯୁବଗୋଷ୍ଠୀଙ୍କ ହାତରେ ଦାୟିତ୍ୱ ଦେବାକୁ ନିଷ୍ପତ୍ତି ନିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ନରୋତ୍ତମ ପରିଡ଼ା, ପୂର୍ବତନ ପଲେଇ କଂଗ୍ରେସ ସଭାପତି ପ୍ରଦୀପ୍ତ କୁମାର ମହାନ୍ତି, ମିଟୁ ମହାପାତ୍ର, ସମିତିସଭ୍ୟ ମାନସ ଜେନା, ହୃଷୀକେଶ ଦାସ, ରବୀନ୍ଦ୍ର ବେହେରା, ଚିନ୍ମୟ ଦାଶ, ଅକ୍ଷୟ କୁମାର ଜେନା, ହାରୁନ୍ ଅଲ୍ଲୀ, ସସ୍ମିତା ବେହେରା, ନାଏବ ସରପଞ୍ଚ ସୁମିତ୍ରା ବେହେରା, ଦିଲ୍ଲୀପ ଶର୍ମା, ବିଜୟ କୁମାର ସ୍ୱାଇଁ, ଭାସ୍କର ବିଶ୍ୱାଳ, ପ୍ରମୋଦ ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ରଘୁନାଥ ମହାନ୍ତି ଧନ୍ୟବାଦ ଦେଇଥିଲେ।

■ ଶବରପଡ଼ାରେ ପହଞ୍ଚୁନାହିଁ ଖାଦ୍ୟ ସୁରକ୍ଷା ଯୋଜନା

## ମୂଷାଗାତ ଖୋଳି ସାଉଁଟୁଛନ୍ତି ଧାନ

**ମହାକାଳପଡା, ୧।୧ (ଡି.ଏନ.ଏ.)**



ଦୁଇ ଜଣ ମହିଳା ମୂଷା ଗାତରୁ ଧାନ ସଂଗ୍ରହ କରୁଛନ୍ତି।

- ୧୦୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରନ୍ତି
- ସରକାରୀ ଯୋଜନା ସମ୍ପର୍କରେ ନାହାନ୍ତି ଅବଗତ
- କ୍ଷୁଧା ମେଣ୍ଟାଇବା ପାଇଁ ଖୋଳୁଛନ୍ତି ମୂଷା ଗାତ

ଅନୁସୂଚିତ ଜାତି ଓ ଜନଜାତିଙ୍କ ବିକାଶ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନାରେ ବହୁ ଅର୍ଥ ବ୍ୟୟ କରୁଛନ୍ତି। ଏସବୁ ଯୋଜନା ପ୍ରକୃତରେ କେତେଦୂର କାର୍ଯ୍ୟକାରୀ ହେଉଛି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତୃଣମୂଳସ୍ତରରେ ସରକାରୀ ଯୋଜନାଗୁଡିକ ପହଞ୍ଚି ପାରୁ ନ ଥିବାରୁ ଏହି ଶ୍ରେଣୀର ଲୋକେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି କେନ୍ଦ୍ରାପଡା ଜିଲା ମହାକାଳପଡା ବ୍ଲକର ଶବରପଡା ଗ୍ରାମରେ । ଏହି ଗ୍ରାମରେ ରାଜ୍ୟ ଅବା ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ପହଞ୍ଚି ପାରି ନ ଥିବାରୁ ଧାନକ୍ଷେତରେ ଥିବା ମୂଷାଗାତରୁ କେତେଜଣ ଲୋକେ ଧାନ ସଂଗ୍ରହ କରି କ୍ଷୁଧା ମେଣ୍ଟାଉଥିବା ଦେଖିବାକୁ ମିଳିଛି। ଏହି କାର୍ଯ୍ୟରେ ପରିବାରର ମହିଳାଙ୍କଠାରୁ ଆରମ୍ଭ କରି ପିଲାମାନେ ମଧ୍ୟ ଲାଗିଥିବା ଦେଖିବାକୁ ମିଳିଛି। ଏପରିକି କୁନିକୁନି ପିଲାମାନେ ପାଠ ପଢ଼ା ଛାଡି ହାତରେ ଶାବଳ ଧରି ମୂଷା ଗାତରୁ ଧାନ ସଂଗ୍ରହରେ ଲାଗିଥାନ୍ତି। ମଙ୍ଗଳବାର ଏପରି ଏକ ଦୃଶ୍ୟ ଦେଖିବାକୁ ମିଳିଥିଲା ମହାକାଳପଡା ବ୍ଲକ ଜମ୍ବୁ-ମାର୍ଶାଘାଇ ମୁଖ୍ୟ କେନାଲ ପୂର୍ତ୍ତ ବିଭାଗରାସ୍ତାର ସ୍ଥାନୀୟ ରାମଚଣ୍ଡୀ ନଦୀ ନିକଟରେ। କ୍ଷୁଧା ମେଣ୍ଟାଇବା ପାଇଁ ଏକ କ୍ଷେତରୁ (ରାମଚଣ୍ଡୀପଡା) ଶବରପଡା ଗ୍ରାମର ଅଞ୍ଜନା ମଲିକ (୩୦) ଓ ପୁତୁଲି ମଲିକ (୨୨) ମୂଷାଗାତ ଖୋଳି ଧାନ ସଂଗ୍ରହ କରୁଥିଲେ। ସେମାନେ କୌଣସି ସରକାରୀ ଯୋଜନା ସମ୍ପର୍କରେ ଅବଗତ ନ ଥିବା ବେଳେ ପେଟ ପାଇଁ ସେମାନେ ଏପରି କରିବାକୁ ବାଧ ହେଉଛନ୍ତି ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଗ୍ରାମରେ ଥିବା ସରକାରୀ ଜଙ୍ଗଲ ଜମିରେ ୧୦୦ରୁ ଊର୍ଦ୍ଧ୍ୱ ଶବର ପରିବାର ବସବାସ କରୁଛନ୍ତି। ସେମାନଙ୍କର ନିଜସ୍ୱ ଚାଷଜମି ନ ଥିବାରୁ ନଦୀ ଅବା ସମୁଦ୍ରରୁ ମାଛ, କଙ୍କଡା ଧରି ଅବା ଶ୍ରମିକଭାବେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରିଥାନ୍ତି। ମାତ୍ର ସଚେତନତା ଅଭାବରୁ ଏହି ପରିବାରଗୁଡିକ ନିକଟରେ ରାଜ୍ୟ ଅବା କେନ୍ଦ୍ରର ଖାଦ୍ୟ ସୁରକ୍ଷା ଯୋଜନା ପହଞ୍ଚିପାରି ନ ଥିବା ବେଳେ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା, ବିଜୁ କୁଡିଆ, ଏମଜିଏନ୍‌ଆରଇଜିଏସ୍ ଓ ମିଶନ ଶକ୍ତି ଯୋଜନା ଭଳି ବହୁ ସରକାରୀ ଯୋଜନା ପାଇବାରୁ ବଞ୍ଚିତ ହେଉଛନ୍ତି।

ଏ ସମ୍ପର୍କରେ ବ୍ଲକ ବିଡିଓ ରମେଶ ଚନ୍ଦ୍ର ସେଠୀ କହିଛନ୍ତି, ଖୁବ୍‌ଶୀଘ୍ର ଶବରପଡାରେ ତଦନ୍ତ କରାଯାଇ ଏଠାକାର ଲୋକଙ୍କୁ ସରକାରୀ ସହାୟତା ପ୍ରଦାନ କରାଯିବ।

# ଘରୋଇ ଜମିରେ ହେବ ଟ୍ରେଞ୍ଚ୍, ସୋଲାର ଫେନ୍ସିଂ

ଭୁବନେଶ୍ୱର, ୧।୧(ବ୍ୟୁରୋ)

ଦିନକୁ ଦିନ ହାତୀ-ମଣିଷ ଲଢ଼େଇ ବଢ଼ିବାରେ ଲାଗିଛି। ଏଥିପାଇଁ କେତେବେଳେ ହାତୀ ମଣିଷ ଦ୍ୱାରା ଶିକାର ହେଉଛି ତ ଆଉ କେତେବେଳେ ହାତୀ ଦ୍ୱାରା ମଣିଷ ଶିକାର ହେଉଛି। ତେବେ ଏହି ସମସ୍ୟାର ସମାଧାନ ପାଇଁ ବନ ବିଭାଗ ନୂଆ ଯୋଜନା କରୁଛି। ହାତୀଙ୍କ ବାଟ ରୋକିବାକୁ ସରକାରୀ ଜମି ପରିବର୍ତ୍ତେ ଏବେ ଘରୋଇ ଜମିରେ ଟ୍ରେଞ୍ଚ୍ ଖୋଳାଯିବା ସହ ସୋଲାର ଫେନ୍ସିଂ କରାଯିବ। ସମ୍ପୃକ୍ତ ଜମି ମାଲିକଙ୍କୁ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଦିଆଯିବ। ପିପିପି ମୋଡ୍‌ରେ ଏହା କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ପିସିସିଏଫ୍(ବନ୍ୟପ୍ରାଣୀ) ତଥା ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ସନ୍ଦୀପ ତ୍ରିପାଠୀ କହିଛନ୍ତି।

ସେହିପରି ରାଜ୍ୟରେ ବିଭିନ୍ନ ଅଞ୍ଚଳରେ ହାତୀ ଉପଦ୍ରବ ଦେଖିବାକୁ ମିଳିଛି। ଏହାକୁ ରୋକିବା ପାଇଁ ହାତୀଙ୍କୁ ଘଉଡ଼ାଇବା ଲାଗି ମାସକ ମଧ୍ୟରେ ପଶ୍ଚିମବଙ୍ଗରୁ ସ୍ୱତନ୍ତ୍ର 'ଗଜ' ଗାଡ଼ି ଅଣାଯିବ। ଏଥିରେ ସାଇରନ୍, ଟ୍ରାଙ୍କୁଲାଇଜରଠାରୁ ଆରମ୍ଭ କରି କ୍ରେନ୍ ଭଳି ବିଭିନ୍ନ ସରଞ୍ଜାମ ରହିଛି। ଅନ୍ୟପକ୍ଷରେ ହାତୀ ଆକ୍ରମଣରେ ମୃତ ବ୍ୟକ୍ତିଙ୍କ ପରିବାରକୁ ୪ଲକ୍ଷ ବଦଳରେ ୫ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ବନ ବିଭାଗ ସରକାରଙ୍କୁ ପ୍ରସ୍ତାବ ଦେଇଥିବା ପିସିସିଏଫ୍ କହିଛନ୍ତି।

ଅନ୍ୟପଟେ ଏହି ଯୋଜନାକୁ ନେଇ ବନ୍ୟପ୍ରାଣୀ ବିଶେଷଜ୍ଞମାନେ ସନ୍ତୁଷ୍ଟ ନୁହନ୍ତି। ସେମାନଙ୍କ ମତରେ ବନ୍ୟପ୍ରାଣୀ ସୁରକ୍ଷା ସହିତ ହାତୀ-ମଣିଷ ଲଢ଼େଇ ପାଇଁ ବନ ବିଭାଗ ଅନେକ ପଦକ୍ଷେପ ନେଉଛି। ତେବେ ଯୋଜନା କାର୍ଯ୍ୟକ୍ଷମ ହେବା ପରେ ହିଁ ସଫଳ ହେବ କି ନାହିଁ ଜଣାପଡ଼ିବ। ସୂଚନା ମୁତାବକ, ୨୦୧୧-୧୨ରୁ ୨୦୧୮-୧୯ ମଧ୍ୟରେ ହାତୀ ଓ ଅନ୍ୟାନ୍ୟ ବନ୍ୟଜନ୍ତୁଙ୍କ ଆକ୍ରମଣରେ ୬୮୦ ଜଣଙ୍କ ଜୀବନ ଯାଇଛି। ଏହି ସମୟରେ ୫୪୮ ହାତୀଙ୍କ ମୃତ୍ୟୁ ଘଟିଛି। ହାତୀ-ମଣିଷ ଲଢ଼େଇ ରୋକିବାକୁ ବନବିଭାଗର ପ୍ରୟାସ କେତେ ସଫଳ ହେଉଛି ତାହା ଭବିଷ୍ୟତରେ ଜଣାପଡ଼ିବ ବୋଲି ବିଶେଷଜ୍ଞମାନେ କହିଛନ୍ତି।



■ ବନ ବିଭାଗର ହାତୀ-ମଣିଷ ଲଢ଼େଇ ଚିନ୍ତା
■ ହାତୀ ଉପଦ୍ରବ ରୋକିବାକୁ ଆସିବ 'ଗଜ'

# ସାତକୋଶିଆରେ ୩ରୁ ପକ୍ଷୀ, ୯ରୁ କୁମ୍ଭୀର ଗଣନା

ଗଣିଆ,୧।୧(ଡି.ଏନ.ଏ.)

ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ନୟାଗଡ଼ ଓ ସାତକୋଶିଆ ବ୍ୟାଘ୍ର ସଂରକ୍ଷଣାଞ୍ଚଳରେ ପ୍ରତିବର୍ଷ ପରି ଚଳିତବର୍ଷ ପକ୍ଷୀ ଓ କୁମ୍ଭୀର ଗଣନା କରାଯିବ। ଜାନୁୟାରୀ ୩ରେ ପକ୍ଷୀ ଓ ୯, ୧୦, ୧୧ ତିନିଦିନ ଧରି କୁମ୍ଭୀର ଗଣନା କାର୍ଯ୍ୟ କରାଯିବ। ଅନୁଗୋଳ ଜିଲା ଟିକରପଡାଠାରେ ଗଣନା କାର୍ଯ୍ୟରେ ନିୟୋଜିତ ହେବାକୁ ଥିବା କର୍ମଚାରୀଙ୍କୁ ନେଇ ଏକ ତାଲିମ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି । ସାତକୋଶିଆ ଡିଏଫ୍ଓ ଆର. ରାମାସ୍ୱାମୀ କୁମ୍ଭୀର ଗଣନା ଓ ଏସିଏଫ୍ ଶୁଭେନ୍ଦୁ ପ୍ରସାଦ ବେହେରା ପକ୍ଷୀ ଗଣନା ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ସାତକୋଶିଆରେ ୮ଟି ୟୁନିଟ୍ ଓ ମହାନଦୀ ଡିଭିଜନରେ ୫ଟି ୟୁନିଟ୍ ଗଣନା କାର୍ଯ୍ୟ ପାଇଁ ନିୟୋଜିତ ହେବେ ବୋଲି ବନ୍ୟପ୍ରାଣୀ ବିଭାଗ ତରଫରୁ ସୂଚନା ମିଳିଛି। ମହାନଦୀ ଅବବାହିକାର କଟକ ଜିଲା ନରସିଂହପୁର ବ୍ଲକ ଚକ୍ରଗଡଠାରୁ ବୌଦ୍ଧ ଜିଲାର କିଆକଟା ପର୍ଯ୍ୟନ୍ତ ଓ ବିଭିନ୍ନ ଜଳାଶୟ ଗୁଡିକରେ ଏହି ଗଣନା କାର୍ଯ୍ୟ କରାଯିବ। ଗଣନା ସମୟରେ ମହାନଦୀରେ ନୌକା ଚାଳନା, ମାଛ ଧରିବା ଓ ପର୍ଯ୍ୟଟକଙ୍କ ନୌକା ବିହାରକୁ ନିଷେଧ କରାଯାଇଥିବା ଛାମୁଣ୍ଡିଆ ବନାଞ୍ଚଳ ଅଧିକାରୀ ବେଣୁଧର ବେହେରା ସୂଚନା ଦେଇଛନ୍ତି।

# ଡିଏସ୍‌ପି ର୍ୟାଙ୍କ୍‌ର ୨୪ ଅଧିକାରୀଙ୍କ ବଦଳି

କଟକ ଅଫିସ,୧।୧

ଓଡ଼ିଶା ପୋଲିସର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୋଲିସ (ଡିଏସ୍‌ପି) ର୍ୟାଙ୍କ୍‌ର ୨୪ ଜଣ ଅଧିକାରୀଙ୍କ ବଦଳି ହୋଇଛି। ଏନେଇ ମଙ୍ଗଳବାର ଓଡ଼ିଶା ପୋଲିସ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। କେନ୍ଦ୍ରାପଡା ଡିଏସ୍‌ପି ଜୟନ୍ତ ମହାପାତ୍ରଙ୍କୁ ବ୍ରହ୍ମପୁର ଏସ୍‌ଡିପିଓ ଭାବେ ବଦଳି କରାଯାଇଥିବାବେଳେ କଟକ ଆଇୟୁସିଏଡବ୍ଲ୍ୟୁ ଡିଏସ୍‌ପି ରବୀନ୍ଦ୍ର ମଲ୍ଲିକଙ୍କୁ ଘଟଗାଁ ଏସ୍‌ଡିପିଓ ଭାବେ ବଦଳି କରାଯାଇଛି। ସେହିପରି ଉଦଳା ଏସ୍‌ଡିପିଓ କୃଷ୍ଣ ପ୍ରସାଦ ପଟ୍ଟନାୟକଙ୍କୁ ବାରିପଦା ସଦର ଏସ୍‌ଡିପିଓ, ବାରିପଦା ସଦର ଏସ୍‌ଡିପିଓ ଅଭିମନ୍ୟୁ ନାୟକଙ୍କୁ ନୟାଗଡ଼ ପିସିଆର ସେଲ୍ ଡିଏସ୍‌ପି, ବଲାଙ୍ଗୀର ଆଇୟୁସିଏଡବ୍ଲ୍ୟୁ ଡିଏସ୍‌ପି ପ୍ରଶାନ୍ତ ପଟ୍ଟନାୟକଙ୍କୁ ନୂଆପଡା ଏସ୍‌ଡିପିଓ, ବଲାଙ୍ଗୀର ସଦର ଏସ୍‌ଡିପିଓ କ୍ଷୀରସାଗର ନାୟକଙ୍କୁ ବରଗଡ଼ ଏସ୍‌ଡିପିଓ, ବରଗଡ଼ ଏସ୍‌ଡିପିଓ ସୁରେଶ ନାୟକଙ୍କୁ ପାଟଣାଗଡ଼ ଏସ୍‌ଡିପିଓ, ପାଟଣାଗଡ ଏସ୍‌ଡିପିଓ ସେସା ବରିହାଙ୍କୁ ବଲାଙ୍ଗୀର ପିସିଆର ସେଲ ଡିଏସ୍‌ପି, ନୂଆପଡା ଏସ୍‌ଡିପିଓ ବିଦ୍ୟୁତ୍ ଚନ୍ଦ୍ର ପଣ୍ଡାଙ୍କୁ ଆନନ୍ଦପୁର ଏସ୍‌ଡିପିଓ, ଗୋଇନ୍ଦା ଡିଏସ୍‌ପି ବିଚିତ୍ରାନନ୍ଦ ସାମଲଙ୍କୁ ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଏସ୍‌ଡିପିଓ, ଟିଟିଲାଗଡ଼ ଏସ୍‌ଡିପିଓ ସରୋଜ ମହାପାତ୍ରଙ୍କୁ କଣ୍ଟାବାଞ୍ଜି ଏସ୍‌ଡିପିଓ, କଣ୍ଟାବାଞ୍ଜି ଏସ୍‌ଡିପିଓ ପ୍ରଫୁଲ୍ଲ ମିଶ୍ରଙ୍କୁ ଯାଜପୁର ଡିଆଇବି ଡିଏସ୍‌ପି, ଧର୍ମଗଡ ଏସ୍‌ଡିପିଓ ସୁରେନ୍ଦ୍ର ନାଥ ଶତପଥୀଙ୍କୁ ଟିଟିଲାଗଡ଼ ଏସ୍‌ଡିପିଓ, ହୋମ୍‌ଗାର୍ଡ ଡିଏସ୍‌ପି ଶ୍ରୀମନ୍ତ ବାରିକ୍‌ଙ୍କୁ ବଲାଙ୍ଗୀର ସଦର ଏସ୍‌ଡିପିଓ, ସୁନ୍ଦରଗଡ଼ ଆଇଏଏଚ୍‌ଟିୟୁ ଡିଏସ୍‌ପି ସୁବୋଧ ମଲ୍ଲିକଙ୍କୁ ସୁନ୍ଦରଗଡ଼ ଆଇୟୁସିଏଡବ୍ଲ୍ୟୁ ଡିଏସ୍‌ପି, ତିର୍ତ୍ତୋଲ ଏସ୍‌ଡିପିଓ ଶିବ ଚରଣ ମଲ୍ଲିକଙ୍କୁ ଅନୁଗୋଳ ଏସ୍‌ଡିପିଓ, କଟକ ପିସିଆର ସେଲ୍ ଡିଏସ୍‌ପି ଆଲୋକ ରଞ୍ଜନ ରାୟଙ୍କୁ ଆଠଗଡ଼ ଏସ୍‌ଡିପିଓ, ମୟୂରଭଞ୍ଜ ଡିଏସ୍‌ପି ଜାଦୁନାଥ ଜେନାଙ୍କୁ ଚାନ୍ଦବାଲି ଏସ୍‌ଡିପିଓ, କମିଶନରେଟ ପୋଲିସ୍‌ର ଏସିପି ଫଗୁଆ ସିଂଙ୍କୁ ଗୋଇନ୍ଦା ସ୍ପେଶାଲ ବ୍ରାଞ୍ଚ୍ ଡିଏସ୍‌ପି, ବ୍ରହ୍ମପୁର ଏସ୍‌ଡିପିଓ ଅଶୋକ ମହାନ୍ତିଙ୍କୁ ଉଦୟଗିରି ଏସ୍‌ଡିପିଓ, ଉଦୟଗିରି ଏସ୍‌ଡିପିଓ ଅନିଲ ପ୍ରଧାନଙ୍କୁ ଗଜପତି ଡିଏସ୍‌ପି, ପଟ୍ଟାମୁଣ୍ଡାଇ ଡିଏସ୍‌ପି ଉମା ଶଙ୍କର ମହାରଣାଙ୍କୁ ବାଙ୍କୀ ଏସ୍‌ଡିପିଓ, ବାଙ୍କୀ ଏସ୍‌ଡିପିଓ ପୂର୍ଣ୍ଣ ଚନ୍ଦ୍ର ପ୍ରଧାନଙ୍କୁ ଜଗତସିଂହପୁର ଡିଆଇବି ଡିଏସ୍‌ପି ଭାବେ ବଦଳି କରାଯାଇଛି।

# ଧରିତ୍ରୀ CAREER APPOINTMENT

every Wednesday & Saturday

## WANTED

A Reputed Real Estate/ Construction Company Requires **Marketing Manager**- 7 Nos., **Marketing Executive**- 12 Nos. (Fixed Salary + Incentive). Fresher can also apply.
Plot No. A/78, Sahid Nagar, BBSR
9439270333

## LCJ SILVER

LALCHAND JEWELLERS REQUIRED
1. SALES CONSULTANT: 4 Nos.
2. SALES SUPERVISOR: 2 Nos.
For the Bhubaneswar Store. Minimum Qualification +3 & 2 yrs. Retail/ Jewellery Experience. Send Resume at
Indramani_r@yahoo.com
or Call: 0674-2534625, 2536666

## OFFICIALLY JOB

ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs., ମାସିକ ଦରମା upto Rs.25000/-.
Contact Immediately:
Mob: 8763257042

## ଆବଶ୍ୟକ

ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27000/-.
Contact: 9938676412

## CONTACT:- 9938414918

ଭୁବନେଶ୍ୱର Office ପାଇଁ Accountant, Computer Operator, Field Officer, Office Asst., Receptionist & Supervisor ଆବଶ୍ୟକ। ଯୋଗ୍ୟତା: 10th/above. ବୟସ: (17-30) yrs, Monthly Salary upto Rs. 24000/-.

## Urgent Required for ACCOUNTANT

**Qualification:** B.Com. (with Tally)
**Age limit:** 30 years & above
SHREE VISHNU TEXTILE
Sankaracharya matha Road, Swargadwar, Puri-752001
Contact: 9778428741

## ବ୍ଲକସ୍ତରୀୟ ନିଯୁକ୍ତି

ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ Candidate ଆବଶ୍ୟକ।
ଦରମା: 7,000/- to 42,000/-.
ଯୋଗାଯୋଗ: 9668051710

## Req. for Limited Co.

❶ ପୂର୍ବତନ ସୈନିକ
❷ ଡ୍ରାଇଭର (HMV-LMV)
ବେତନ-19500-27500 ସବୁ ସୁବିଧା / ଡ୍ୟୁଟି ୮ ଘଣ୍ଟା
ଡ୍ୟୁଟି - ଓଡ଼ିଶା, ମଧ୍ୟପ୍ରଦେଶ ମୋଟ ଖାଲି ପଦବୀ-215
ପ୍ରାର୍ଥୀମାନେ ନିଜ Bio-data ଇମେଲ୍ କରନ୍ତୁ
nutekindialimited2019@gmail.com
Phone. No. 08057878485

## M.S. Swaminathan Research Foundation (MSSRF)

http//www.mssrf.org

Invites application for the following posts:

**DEVELOPMENT COORDINATOR**
Qualification: M.Sc. (Agri) with Specialization in Agricultural Extension / Rural Development.

**DEVELOPMENT ASSISTANT**
Master Degree in any Social Science with a specialization in Rural Development. Adequate Knowledge of Rural Development and Gender.

The eligible and interested candidates are requested to apply through the website career link. The last Date of Submission of application is **31st December, 2018.** Only shortlisted candidates will be contacted for an interview to be held at **OUAT, Bhubaneswar.**

## SWIGGY REQUIRES

Work Full Time/ Part Time with Swiggy as a
**DELIVERY EXECUTIVE**
(Bike and DL) and
**earn up to 12000 - 25000 / month**
(Incentives and Insurance worth 6 lakhs extra).
**Walk-in at Swiggy office at**
Gulmohar Building, Ground Floor, Behera Sahi, Nayapalli (opp. NABARD) Regiona, Bhubaneshwar, Odisha-751012
or give a missed call or call us on
**011 30017619**

See Career Appointment on every Wednesday & Saturday

## REQUIRED

A reputed business house in Bhubaneswar requires
● **COUNTER SALESMAN**
2-3 year experience in selling two wheeler spare-parts
Interested candidate may send recent photo with resume to
Email ID: hr.rctpl@gmail.com, Mob.: 7077799953

## URGENTLY REQUIRED

Requires 30 Nos. Smart **SALES PERSONS** (Male/ Female) for direct Marketing at door to door/ Office to Office/ dealer to dealer sales for a appliances Manufacturing Company of their product throughout Odisha. Good Salary with excellent incentives.
Contact: Plot No. 58, Bapuji Nagar, Lane-4, BBSR-9, Ph. No.: 6371131951, Toll Free: 180-0258-5150

## URGENTLY REQUIRED

Sales & Service Engineer for a Medical Equipments Importer Company having offices all over India. Starting Salary Rs. 16000/- + Accommodation + TA + Other benefits. Qualifications: BE/B.Tech. from any branches. Freshers Welcome. Send your CV to
info.inquiry@adagemedical.co.in

## CONSULTANT

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ। ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/-। ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର। ରହିବା + ଖାଇବା + ବୀମା
CONSULTANT
07303523302

## WANTED

**Computer Operator**
(having knowledge in ms-office, fresher /experience may apply)
Accommodations facility available
**PRINTONIX**
02/65-67, 1st Floor, P.D Market, CRP Square, Bhubaneswar. Email : pupuli79@gmail.com
Ph: 9937281776

## WANTED

Branch Office ରେ କାମ କରିବା ପାଇଁ Female Candidates ଆବଶ୍ୟକ
ଯୋଗ୍ୟତା - 10th / Above
Salary - Rs.10,000 / Above
Contact : 8480659517

ଚେନ୍ନାଇରେ ଚାକିରି + ରୁମ୍। ହିନ୍ଦୀ କହିପାରୁଥିବେ । ଘରୋଇ ରୋଷେୟା/ସେବକ / କାର ଡ୍ରାଇଭର / ଅଫିସ୍ ଆସିଷ୍ଟାଣ୍ଟ / ହାଉସ୍ କ୍ଲିନର୍
ବେତନ: ୧୨୦୦୦-୧୬୦୦୦ ।
ଅଗରୱାଲ, ଏଫ୍‌ଏଫ୍‌ଏଫ୍ ଲିଃ
9884761210

## ଆବଶ୍ୟକ

ଟାଟା ମୋଟର୍ସ ସୁକିନ୍ଦା ପାଇଁ ଲେଦ୍ ମେକାନିକ୍, ଓଲ୍ଡର, ଅଭିଜ୍ଞ ମେକାନିକ୍, ଆସିଷ୍ଟାଣ୍ଟ ମେକାନିକ ଏବଂ ରିସେପ୍ସନିଷ୍ଟ ଆବଶ୍ୟକ।
ଯୋଗାଯୋଗ କରନ୍ତୁ :
Mob : 9337072344, 6370703554

## URGENT REQUIRED

ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। ଦରମା: 25,000/-, ଶିକ୍ଷାଗତ ଯୋଗ୍ୟତା: 8th to 10th & above.
Contact:
8339922964

ସୁବର୍ଣ୍ଣ ଅବସର "ଭୁବନେଶ୍ୱର ଓ କଟକ"
**ବାଇକ ଚାଳକ ପାଇଁ ଚାକିରି**
(ପାର୍ଟ ଟାଇମ ଆଉ ଫୁଲ୍ ଟାଇମ ଚାକିରି ଉପଲବ୍ଧ)
Rs. 24000/- ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ
ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ
Call: 08033948529
RAPIDO BIKE TAXI, C/O SAMIR KUMAR MOHANTY, 3RD FLOOR, NEAR KUSUMDEVI WOMENS COLLEGE, DARKHAPATNA KALYANI NAGAR, P.S. MADHUPATNA, CUTTACK.
(For Bhubaneswar & Cuttack)

## NEW YEAR NEW VACANCY

Qualification : 10th/Above
Monthly
Rs 7000/- Onwards
Age Below 30 Years
CONTACT
9937172198

## MODERN PUBLIC SCHOOL

*A CBSE Affiliated English Medium School Since 1998*
Classes up to Standard– XII
MEGHADAMBARU, BALASORE, ODISHA-756056
VACANCY FOR SESSION 2019-20

| POST | SUBJECT | QUALIFICATION |
|---|---|---|
| PGT | Physics, Chemistry, Biology, Mathematics, English, Comp. Sc & Physical Edu. | M.Sc/M.A in the subject with B.Ed/MCA/M.P.Ed |
| TGT | Science(Physics, Chem., Biology), Math, English, SST, Hindi, Odia & Sanskrit) | B.Sc/B.A in the subject with B.Ed |
| PRT/ Pre-Primary | Evs, English, Math., Hindi, Odia | Graduate with B.Ed/NTT |
| Lab. Assistant | Science (Physics, Chemistry, Biology), Computer | B.Sc./BCA |
| Project Administrator | - | i) MBA with 5 yrs experience, ii) Ex-Serviceman with Officer's Rank and having Computer knowledge can also apply |

Preference will be given to candidates with good academic records, good communication skills in English and teaching experience. Only shortlisted candidates will be called for interview as per our vacancy * Salary is as per Qualification, Experience and Efficiency * Download the Resume format from school website **www.mpsbalasore.org** and E-mail the C.V to **secretary.mps98@gmail.com** *Time & Date of Interview: **9.30AM on 13th January 2019** (**Sunday**) * Venue: Modern Public School, Balasore (Meghadambaru Branch) *For any Query you may contact Mob. No: **9438018448** * Last Date of Application is 5th January 2019.
**Sd./- Principal**

## URGENT REQUIREMENT

SINCE 1947 LIBERTY

**SALES OFFICERS & SALES REPRESENTATIVES FOR ODISHA STATE**

**EXP:** 3 Yrs (FMCG/AGARBATHI INDUSTRIES)
**Qualification:** 12th Pass
Please send your updated Resume along with the copy of last 3 months drawn Salary.

SRI VIJAYALAKSHMI AGARBATHI WORKS

Required Dealers for Odisha/ SO & SR for different HQ
Please Contact for more information:
**Odisha ASM: 7008758413,**
**Email: liberty1947hr@gmail.com**

## BRIDGE & ROOF CO. (INDIA) LTD.

बी एण्ड आर B AND R
(A GOVERNMENT OF INDIA ENTERPRISE)
CIN No. U27310WB1920GOI003601

ADVT. REF NO : B&R / AD / RCRT / 2018 / 2

Bridge & Roof Co. (India) Ltd. a Mini Ratna, Category-1, Central Public Sector Enterprise, under the Administrative Control of Department of Heavy Industry, Ministry of Heavy Industries and Public Enterprises, Govt. of India, invites applications from Indian nationals for the following posts:

| Sl. No. | Name Of Posts | No. of Vacancy | Grade | Scale of Pay (2007 pay scale) (in Rs.) | Place of posting (Tentative) |
|---|---|---|---|---|---|
| (1) | Officer (Accounts) | 4 (Four) | E-1 | 16,400 -3% -40,500 | Vizag, Bhubaneswar Delhi & Mumbai |

For Complete details, please log in our website www.bridgeroof.co.in. within 19.01.2019

Sd/
GM (HR & LA)

## Satya MicroCapital Ltd

(RBI Registered NBFC- MFI)

**Mega Walk-in Interview**

Golden opportunity to make career in Banking / Finance
**EDO (Field Officer) - 100 Vacancy**
**Education:** 12th / Graduate with 0 to 1 Yr experience (Good communication Skill)
**Salary:** 10,000- 15,000 PM
18- 30 Yrs of Age
**Facilities:** Accommodation + PF + Insurance + Gratuity + Bonus + Allowance + Promotion Opportunity + Training
**Interview Date:** 5th and 6th January 2019 | 10 am to 4 pm
**Venue: Hotel Miland Palace,** Plot No. 540, Cuttack Road, Near Budheswari Temple, Bhubaneswar, Odisha 751006
Contact No- 8448092877 / 7978799274 / 7290074814
Bike is mandatory for this Job

## ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ, ବଲାଙ୍ଗିର

ଦୂରଭାଷ ନମ୍ବର: ୦୬୬୫୨-୨୩୨୯୧୬

**ବିଜ୍ଞାପନ**

ନମ୍ବର: ୧୩୪୫୬ ତାରିଖ: ୩୧।୧୨।୨୦୧୮

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚୀତ କରାଯାଉଅଛି କି ବଲାଙ୍ଗିର ଜିଲ୍ଲାର ଚାରିଗୋଟି ଆଦର୍ଶ ବିଦ୍ୟାଳୟ ଯଥା: ୧. ପଥରଚେପା, ୨. ଖାରମୁଣ୍ଡା, ୩. ଝରଣୀ ଓ ୪. ଭାଲୁମୁଣ୍ଡା ପରିସରରେ ଥିବା ଛାତ୍ରୀନିବାସର ଚୁକ୍ତିଭିତ୍ତିକ ପଦବୀଗୁଡ଼ିକ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି।

**ଉପରୋକ୍ତ ଆଦର୍ଶ ବିଦ୍ୟାଳୟର ଛାତ୍ରୀନିବାସ ନିମନ୍ତେ ଚୁକ୍ତିଭିତ୍ତିକ ପଦବୀର ବିବରଣୀ**

| କ୍ରମିକ ନଂ. | ପଦବୀର ନାମ | ପଦବୀ ସଂଖ୍ୟା | ଆବଶ୍ୟକ ଯୋଗ୍ୟତା | ବୟସ ସୀମା | ମାସିକ ପାରିଶ୍ରମିକ |
|---|---|---|---|---|---|
| ୧. | ତତ୍ତ୍ୱାବଧାରକ (ମହିଳା, ବିଧବା, ନିରାଶ୍ରୟା/ପରିତ୍ୟକ୍ତାଙ୍କୁ ଅଗ୍ରାଧିକାର ଦିଆଯିବ) | ୦୪ | ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟରୁ ସ୍ନାତକ ହୋଇଥିବା ଆବଶ୍ୟକ | ୪୦-୬୦ | ୫୦୦୦/- |
| ୨. | ମୁଖ୍ୟ ରୋଷେୟା (ମହିଳା ପ୍ରାର୍ଥିନୀଙ୍କୁ ଅଗ୍ରାଧିକାର ଦିଆଯିବ) | ୦୪ | ରୋଷେଇ ତାଲିମ ପ୍ରାପ୍ତ ପ୍ରାର୍ଥୀ/ପ୍ରାର୍ଥିନୀଙ୍କୁ ଅଗ୍ରାଧିକାର ଦିଆଯିବ | ୨୧-୩୫ | ୩୦୦୦/- |
| ୩. | ସହାୟକ ରୋଷେୟା (ମହିଳା ପ୍ରାର୍ଥିନୀଙ୍କୁ ଅଗ୍ରାଧିକାର ଦିଆଯିବ) | ୦୮ | ରୋଷେଇରେ ଅଭିଜ୍ଞ ପ୍ରାର୍ଥୀ/ପ୍ରାର୍ଥିନୀଙ୍କୁ ଅଗ୍ରାଧିକାର ଦିଆଯିବ | ୨୧-୩୨ | ୨୫୦୦/- |
| ୪. | ଜଗୁଆଳି ତଥା ଝାଡୁଦାର | ୦୪ | ଦଶମ ପାସ୍ | ୨୧-୩୨ | ୩୦୦୦/- |

ଆବେଦନ ପତ୍ର ଏବଂ ତତ୍ ସମ୍ବନ୍ଧୀୟ ନିର୍ଦ୍ଦେଶାବଳୀ ଜିଲ୍ଲା କାର୍ଯ୍ୟାଳୟ ୱେବ୍‌ସାଇଟ: **www.balangir.nic.in**ରୁ ଡାଉନଲୋଡ୍ କରିପାରିବେ ନତୁବା ସମ୍ପୃକ୍ତ ଅଧକ୍ଷକ, ଆଦର୍ଶ ବିଦ୍ୟାଳୟଙ୍କଠାରୁ ମଧ ସଂଗ୍ରହ କରିପାରିବେ। ସମସ୍ତ ଯୋଗ୍ୟତାଧାରୀ ଆଗ୍ରହୀ ପ୍ରାର୍ଥୀ/ପ୍ରାର୍ଥିନୀ ଏହି ବିଜ୍ଞାପନ ପ୍ରକାଶ ହେବାର ୧୫ଦିନ ମଧ୍ୟରେ ସମ୍ପୃକ୍ତ ଅଧକ୍ଷକ, ଆଦର୍ଶ ବିଦ୍ୟାଳୟରେ କେବଳ ରେଜିଷ୍ଟ୍ରି ପୋଷ୍ଟ କିମ୍ବା ସ୍ପିଡ୍ ପୋଷ୍ଟ ମାଧ୍ୟମରେ ଆବେଦନ କରିପାରିବେ। ଆବେଦନର ଶେଷ ତାରିଖ: ୨୦ ଜାନୁୟାରୀ ୨୦୧୯ ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ। ଅସମ୍ପୂର୍ଣ୍ଣ ଦରଖାସ୍ତଗୁଡ଼ିକ ଗ୍ରହଣ କରାଯିବ ନାହିଁ। କୌଣସି କାରଣ ନ ଦର୍ଶାଇ ଯେ କୌଣସି ଦରଖାସ୍ତ କିମ୍ବା ସମସ୍ତ ଦରଖାସ୍ତକୁ ରଦ୍ଦ କରିବାର ଅଧିକାର ଓ ସ୍ୱତ୍ୱ ସମ୍ପୃକ୍ତ ଅଧକ୍ଷଙ୍କର ରହିଅଛି। ପୂର୍ବରୁ ଯେଉଁ ପ୍ରାର୍ଥୀ/ପ୍ରାର୍ଥିନୀ ମାନେ ଏହି କାର୍ଯ୍ୟାଳୟର ବିଜ୍ଞାପନ ନମ୍ବର: ୧୨୫୦୩ ତାରିଖ ୦।୧୨।୨୦୧୮ ଅନୁସାରେ ଆବେଦନ କରିଥିବେ ବର୍ତ୍ତମାନ ସେମାନେ ପୁନର୍ବାର ଆବେଦନ କରିବାର ଆବଶ୍ୟକ ନାହିଁ।

ନିର୍ଦ୍ଦେଶାନୁସାରେ
ଜିଲ୍ଲାପାଳ ତଥା ସଭାଧକ୍ଷ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସମୂହ, ବଲାଙ୍ଗିର
ସ୍ୱା./- ଜିଲ୍ଲା ଶିକ୍ଷାଧିକାରୀ, ବଲାଙ୍ଗିର

## WALK-IN-INTERVIEW URGENTLY

**Required MARKETING/SALES OFFICER (Male).**
**QUALIFICATION: +2/+3 above, Own Bike with DL.**
**Add: Krishna Plast, Plot No-6, Bhoi Sahi, Nayapalli, BBSR-12.**
**Send your CV to: krishna_homesmith@rediffmail.com**
**Salary: 9,000 to 12,000 + T.A and D.A + Fuel**
Mob: 7873906037, 7978001740, 9338501500

## AMRI - ASIAN CANCER INSTITUTE

AMRI HOSPITALS BHUBANESWAR — Asian Cancer Institute, Reviving Hopes...
(A unit of AIOPL)

**WE ARE NOW IN BHUBANESHWAR AT AMRI HOSPITAL**

An Initiative by the country's eminent medical professionals in oncology. Asian Cancer Institute is a centre of excellence in comprehensive cancer care research & education with compassion & state of the art technology. Asian Cancer Institute (formerly known as Asian Institute of Oncology) invites applications for the following positions in **Bhubaneshwar** & **Mumbai.**

**CLINICAL**

➤ **SURGICAL REGISTRAR**
MS General Surgery, DNB / MCH Surgical Oncology with relevant oncology experience will be preferred.

➤ **MEDICAL REGISTRAR**
MD /MBBS with relevant experience in Medical Oncology.

➤ **RESIDENT MEDICAL OFFICER**
MBBS with relevant experience preferably in Oncology.

Interested candidates may send or email resumes on the following address

**Contact:** Bhubaneshwar : **0674-66666600** / Extn. **8013 / 8038**
Mobile: **9078004004** | Mumbai: **022 5025 5025**
Email: **hr@acicancer.com**
www.asiancancerinstitute.com

## AIMS COLLEGE SAMBALPUR

Fully Residential +2 & +3 Sc. College

| | DEPARTMENT | QUALIFICATION | MALE/ FEMALE |
|---|---|---|---|
| Lecturer | Maths | M. Phil | Both Male & Female |
| | Physics | M. Phil | |
| | Chemistry | M.Sc or M. Phil | |
| | Sanskrit | M.Sc | |
| | Zoology | M.Sc or M. Phil | |
| Non-Faculty | Ward boy | 10th Pass | Male Only |

Interested and eligible candidates are requested to send their CV to the fallowing Email ID.
(JHARSUGUDA HIGHWAY), PARDHIAPALI, SAMBALPUR
Ph: 8249871494, 7653955820, 7873006725
Email ID:- aims.sambalpur@gmail.com

## go gas

**A Career Filled With Energy Awaits You**

**Confidence Petroleum India Limited** is a leading BSE listed company engaged in Petroleum Business and needs talented sales professionals to be part of our success story.

**LOCATION - BHUBANESWAR**

**State Head : 1 Post-** Should be natural leader who can handle PAN Odisha operations. Must have 12 – 15 years FMCG or Service sector sales experience Age : Below 47 years.

**Business Development Manager: 1 Post -** Generate leads and business potential to develop new business in assigned area. Exp. 5-7 years in sales of FMCG & telecom Industry Age : Below 32 years

**Territory Manager : 1 Post -** Should be natural leader who can handle the entire territory independently. Must be a team player who loves to drive sales aggressively. Team handling skills would be of key importance. Experience 6 – 10 years. Age : Below 35 years.

**Assistant Territory Manager: 1 Post -** Driving business, Expanding town coverage and increasing dealer network to build business Exp. 3-5 years in sales of FMCG & telecom Industry. Age : Below 28 years

**Marketing Executive : 2 posts**
Sales professional who can handle the dealers and help them increase their sales volume. Experience 2 – 5 years. Age. Below 28 years.

aaamedia.in

Those interested can mail within 2-3 days their latest CV along with a recent passport size color photograph to us at **career@confidencegroup.co**
All candidates to write the position applied for and the location in the subject line. Preference would be given to candidates who can join us immediately. Salary would not be a constraint for the talented professionals.

## TANISHQ From TATA

Are you a Diamond in the rough?

**TITAN COMPANY LIMITED**
(No.1 *GREAT PLACE TO WORK ORGANIZATION IN THE RETAIL CATEGORY) India's largest Jewellery, TANISHQ which is part of TITAN COMPANY LIMITED, looking for dynamic, committed and hardworking frontline retail professionals to part of our large format showroom at BILASPUR & KORBA (C.G.).

**SHOWROOM MANAGER**
The Candidate should be a Graduate / Post Graduate with 5-7 yrs. of Exp. in Retail Hospitality or service Industry should also possess high Degree of leadership, Communication, Analytical and people skills candidates from jewellery background preferred.

**ACCOUNTS MANAGER**
The candidate should be a graduate/post graduate with 3-5 years with M.Com / CA / ICWA as qualification. Candidate must have experience of handling team of accountants & managing accounts of firm, with high knowledge of GST, TDS, Income-Tax, Balance sheet preparation is must.

Contact us:
**RAMA MAGNETO MALL**
Shrikant Verma Marg, Bilaspur, Chhattisgarh
**8962430666**
tanishqbsp@hotmail.com

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

Exam Mate

Mock Test Paper for Std X, XII CBSE Board, IIT - JEE Main & Advanced. FOR ANSWERS VISIT : www.dharitri.com

# MOCK TEST PAPER # 3

## CLASS-XII (PHYSICS)

**Time Allowed : 3 hours** **Maximum Marks: 70**

### GENERAL INSTRUCTIONS

i. ***All questions are compulsory. There are 27 questions in all.***

ii. ***This question paper has five sections : Section A, Section B, Section C and Section D.***

iii. ***Section A contains five questions of one mark each, Section B contains seven questions of two marks each, Section C contains twelve questions of three marks each, Section D contains three questions of five marks each.***

iv. ***There is no overall choice. However, an internal choice has been provided in one question of two marks, one question of three marks and all the three questions of five marks weightage. You have to attempt only one of the choices in such questions.***

### SECTION-A

1. Figure shows three point charges +2q, –q, +3q. Two charges +2q and –q are enclosed within a surface S. What is the electric flux due to this configuration through the surface S ?




2. Which is the best method of reducing current in an ac circuit and why ?

3. Why is an AM signal likely to be more noisy than a FM signal upon transmission through a channel?

4. Is Ohm's law true for all conductors ? Name two types of commercially available resistors ?

5. How does focal length of a lens change when red light is replaced by blue light ?

### SECTION-B

6. Two conductors are made of the same material and have the same length. Conductor A is solid wire of diameter 1 mm. Conductor B is a hollow tube of outer diameter 2 mm and inner diameter 1 mm. Find the ratio of resistance $R_A$ to $R_B$.

7. Prove that an ideal capacitor, in an ac circuit does not dissipate power.

8. Two particles A and B of de Broglie wavelengths $\lambda_1$ and $\lambda_2$ combine to form a particle C. The process conserves momentum. Find the de Broglie wavelength of the particle C. (The motion is one dimensional).

9. i. Identify the logic gates marked P and Q in the given logic circuit.




ii. Write down the output at X for the inputs A = 0, B = 0 and A = 1, B = 1

10. With the help of an example, explain, how the neutron to proton ratio changes during alpha decay of a nucleus.

**OR**

Calculate the energy released in MeV in the following nuclear reaction.

$^{238}_{92}U \rightarrow ^{234}_{90}Th + ^{4}_{2}He + Q$

[Mass of $^{238}_{92}U$ = 238.05079 u, Mass of $^{234}_{90}Th$ = 234.043630 u, Mass of $^{4}_{2}He$ = 4.002600 u, 1 u = 931.5 MeV $c^{-2}$]

11. Distinguish between the term 'average value' and 'rms value' of an alternating current. The instantaneous current from an ac source is I = 5 sin (314)t ampere. What are the average and rms values of the current ?

12. Can reflection result in plane polarized light if the light is incident on the interface from the side with higher refractive index ?

### SECTION-C

13. A concave lens made of a material of refractive index $\mu_1$ is kept in a medium of refractive index $\mu_2$. A parallel beam of light is incident on the lens. Complete the path of the rays of light emerging from the concave lens if (i) $\mu_1 > \mu_2$ (ii) $\mu_1 = \mu_2$ and (iii) $\mu_1 < \mu_2$.

14. An electron and a proton are accelerated through the same potential. Which one of the two has (i) greater value of de Broglie wavelength associated with it and (ii) less momentum ? Justify your answer. [mass of proton is 1837 times the mass of electrons]

15. In Young's double slit experiment, the two slits 0.15 mm apart are illuminated by monochromatic light of wavelength 450 nm. The screen is 1.0 m away from the slits.

a. Find the distance of the second (i) bright fringe, (ii) dark fringe from the central maximum.

b. How will the fringe pattern change if the screen is moved away from the slits ?

16. What is a carrier wave ? Why high frequency carrier waves are employed for transmission?

17. Where on the earth's surface is the value of vertical component of the earth's magnetic field zero? The horizontal component of the earth's magnetic field at a given place is 0.4 x $10^{-4}$ Wb $m^{-2}$ and angle of dip is $30^0$. Calculate the value of (i) vertical component, (ii) the total intensity of the earth's magnetic field.

18. In the figure, a long uniform potentiometer wire AB is having a constant potential gradient along its length. The null points for the two primary cells of emfs $\varepsilon_1$ and $\varepsilon_2$ connected in the manner shows are obtained at a distance of 120 cm and 300 cm from the end A. Find (i) $\varepsilon_1/\varepsilon_2$ and (ii) position of null point for the cell $\varepsilon_1$. How is the sensitivity of potentiometer increased ?




**OR**

Using Kirchhoff's rules determine the value of unknown resistance R in the circuit so that no current flows through 4Ω resistance. Also find the potential difference between A and D.




19. Name the three different modes of propagation of electromagnetic waves. Explain the mode of propagation used in the frequency range from a few MHz to 40 MHz using a proper diagram.

20. In a diode AM detector, the output circuit consists of R = 1 kΩ and C = 10 μF. A carrier signal of 100 kHz is to be detected. Is it good ? If yes, then explain why ? If not, what value of C would you suggest?

21. Show that the first few frequencies of light that is emitted when electron fall to the $n^{th}$ level from levels higher than n, are approximate harmonics (i.e., in the ratio 1 : 2 : 3....) when n >> 1.

22. Define the term electric potential due to a point charge. Find the electric potential at the centre of a square of side $\sqrt{2}$ m, having charges 100μC, –50μC, 20μC and –60μC at the four corners of the square.

23. A long solenoid S has n turns per meter, with diameter a. At the centre of this coil we place a small coil of N turns and diameter b (where b < a). If the current in the solenoid increases linearly, with time, what is the induced emf appearing in the smaller coil. Plot graph showing nature of variation in emf, if current varies as a function of $mt^2$ + C.

24. In an intrinsic semiconductor, the energy gap $E_g$ is 1.2 eV. Its hole mobility is much smaller than electron mobility and independent of temperature. What is the ratio between conductivity at 600 K and that at 300 K ? Assume that the temperature dependence of intrinsic carrier concentration $n_i$ is give by $n_i = n_0 \exp\left(-\frac{E_g}{2k_BT}\right)$, where $n_0$ is constant. $k_B$ = 8.62 x $10^{-5}$ eV $K^{-1}$.

### SECTION-D

25. Describe the working of an astronomical telescope. Find the expression for its magnifying power when final image is at least distance of distinct vision.

**OR**

State Huygen's principle. Use Huygen's construction to explain refraction of plane wavefront at a plane surface. Draw diagrams to show the behaviour of a (i) convex lens, (ii) concave mirror when a plane wavefront falls on it.

26. Derive an expression for a potential at a point due to an electric dipole.

**OR**

Obtain the expression for the capacitance of a parallel plate capacitor. Three capacitors of capacitances $C_1$, $C_2$ and $C_3$ are connected in parallel. Derive an expression for the equivalent capacitance.

27. State Biot-Savart's law. Using this law derive an expression for the magnetic field at a point situated at a distance of x metre from the centre of a circular coil of N turns and radius r carrying a current of IA.

**OR**

Explain the difference between diamagnetic paramagnetic and ferromagnetic substances.

For Answers visit: www.dharitri.com

Vidyamandir Classes
GURUKUL FOR IITJEE AND MEDICAL PREPARATION

ADMISSION TEST ON 13th & 20th JANUARY 2019
(FOR CLASS VII, VIII, IX, X & XI STUDENTS) Ph. No. 0674 - 2421400, 2421800, 85990 87100 / 85990 87200
Preparation For: JEE Mains & Advanced, Medical (NEET / AIIMS), KVPY, Olympiad, NTSE & Board.

Jaydev Vihar Centre : 1st Floor Above HDFC Bank, Madhusudan Nagar, Kalinga Stadium Square, •Damana Centre: Plot No. 248, 1st Floor, Near Damana Square, Sailashree Vihar Road, Chandrasekharpur, Bhubaneswar
Corporate Office: Vidyamandir Classes, Aggarwal Corporate Heights, 3rd Floor, Plot No. A-7 Netaji Subhash Place, Opposite Wazirpur Depot, Pitampura, Delhi, www.vidyamandir.com

# ଏ ମାସର କୃଷିସୂଚନା

**ଧାନ :** ଖରିଫ ଧାନ ଅମଳ ପରେ ସାଇତି ରଖିବା ପୂର୍ବରୁ ୩-୪ ଦିନ ଟାଣ ଖରାରେ ଶୁଖାନ୍ତୁ । ଏଥି ସହିତ ଅମାର ସଫାକରି ସମସ୍ତ ଫାଟ ଓ କଣାକୁ ବନ୍ଦ କରିବା ସହ କବାଟ ଓ ଝରକାରେ ଫାଙ୍କ ଥିଲେ ବନ୍ଦ କରିଦିଅନ୍ତୁ । ବସ୍ତାଗୁଡ଼ିକ ଧାନ ରଖିବା ପୂର୍ବରୁ ଗରମ ପାଣିରେ ଫୁଟାଇ ଖରାରେ ଶୁଖାଇବା ଆବଶ୍ୟକ।

**ଆଖୁ:** ୬ ରୁ ୮ ମାସ ହୋଇଥିବା ଆଖୁକୁ ବିହନ ରୂପେ ବ୍ୟବହାର କରନ୍ତୁ । ଆଖୁଚାଷ ଲାଗି ଜମି ପ୍ରସ୍ତୁତ କରନ୍ତୁ । ହେକ୍ଟର ପିଛା ୭୫ରୁ ୧୨୫ କୁଇଣ୍ଟାଲ ଆଖୁ ବିହନ ଆବଶ୍ୟକ ।
- ମୂଳିଫସଲରୁ ବିହନ ବ୍ୟବହାର କରନ୍ତୁ ନାହିଁ ।
- ଲଗାଇବା ପୂର୍ବରୁ ଆଖୁଗୁଳାକୁ ଶତକଡ଼ା ୦.୫ ଭାଗ ଏମିସାନ୍ ବା ୦.୨୫ ଭାଗ ଏରିଟାନ୍ ୧୦ ଲିଟର ପାଣିରେ ୧୨ରୁ ୨୪ ଘଣ୍ଟା ବୁଡ଼ାଇଲେ ଭଲ ଗଜା ବାହାରେ ।
- ଧାଡ଼ିକୁ ଧାଡ଼ି ସଅଳ କିସମ ୬୦ ସେ.ମି., ମଧ୍ୟମ କିସମ ୭୫ ସେ.ମି., ବିଳମ୍ବ କିସମ ୯୦ ସେ.ମି. ବ୍ୟବଧାନରେ ଲଗାନ୍ତୁ ।
- ଲଗାଇବା ବେଳେ ହେକ୍ଟର ପ୍ରତି ୬୦ କି.ଗ୍ରା. ଫସ୍‌ଫରସ୍ ଓ ୧୦୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ ।

**ଡାଲିଜାତୀୟ :** ୧ କି.ଗ୍ରା. ବିହନ ପିଛା ୩ ଗ୍ରାମ୍ ଥିରାମ୍ କିମ୍ବା ୧.୫ ଗ୍ରାମ୍ ବାଭିଷ୍ଟିନ୍ ଗୋଳାଇ ବିହନ ବୁଣନ୍ତୁ ।
- ହେକ୍ଟର ପ୍ରତି ୨୫ କି.ଗ୍ରା. ବିହନରେ ୫୦୦ ଗ୍ରାମ୍ ରାଇଜୋବିୟମ୍ ବୀଜାଣୁ କଲ୍‌ଚର ପ୍ରୟୋଗ କରନ୍ତୁ ।
- ବିହନକୁ ଧାଡ଼ିରେ ବୁଣନ୍ତୁ । ଧାଡ଼ିକୁ ଧାଡ଼ି ୩୦ ସେ.ମି. ବ୍ୟବଧାନ ରଖନ୍ତୁ।
- ଜମିକୁ ଭଲ ଭାବରେ ଚାଷ କରି ହେକ୍ଟର ପିଛା ୧୦/୧୨ ଶଗଡ଼ ଶଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ।
- ମୁଗ, ବିରି ସକାଶେ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୨୦ କି.ଗ୍ରା. ପଟାସ୍, ବୁଟ ପାଇଁ ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୨୦ କି.ଗ୍ରା. ପଟାସ୍ ଏବଂ ମଟର ଲାଗି ୨୫ କି.ଗ୍ରା. ଯବକ୍ଷାରଜାନ, ୫୦ କି.ଗ୍ରା. ଫସ୍‌ଫେଟ୍ ଓ ୨୫ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ ।
- ଜଉପୋକ ଲାଗିଲେ ହେକ୍ଟର ପିଛା ରୋଗର ୧ ଲିଟର କିମ୍ବା ଇମଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୫୦ ମି.ଲି.କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।
- ପାଉଁଶିଆ ରୋଗ ଦେଖାଦେଲେ ହେକ୍ଟର ପିଛା ୨.୫ କି.ଗ୍ରା. ସେଚିତ ଗନ୍ଧକ ବା ସଲ୍‌ଫେକ୍ସ ସିଞ୍ଚନ କରନ୍ତୁ ।



## ଆଳୁ

ମାଟିର ଆବଶ୍ୟକତାକୁ ଚାହିଁ ୮-୧୦ ଦିନ ଅନ୍ତରରେ ପାଣି ମଡାନ୍ତୁ । ସିଆରର ଦୁଇ ତୃତୀୟାଂଶ ପର୍ଯ୍ୟନ୍ତ ପାଣି ମଡ଼ାଇବା ଜରୁରୀ। ଆଳୁ ଅମଳ ହେବାର ୧୫ ଦିନ ପୂର୍ବରୁ ପାଣି ମଡ଼ାଇବା ବନ୍ଦ କରନ୍ତୁ । ସଅଳ ପତ୍ରପୋଡ଼ା ରୋଗ ଦମନ ଲାଗି ହେକ୍ଟର ପିଛା ୨ କି.ଗ୍ରା. ଇଣ୍ଡୋଫିଲ୍ ଏମ୍-୪୫ ଔଷଧକୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ୧୫ ଦିନ ଅନ୍ତରରେ ୩ ଥର ସିଞ୍ଚନ କରନ୍ତୁ । ବିଳମ୍ବ ପତ୍ରପୋଡ଼ା ରୋଗ ନିମନ୍ତେ ରିଡୋମିଲ୍ ଏମ୍.ଜେଡ ଔଷଧ ୧ କି.ଗ୍ରା.କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ମୂଳକଟା ପୋକ ଦମନ ପାଇଁ କ୍ଲୋରୋପାଇରିଫସ୍ ୧ ଲିଟରକୁ ୫୦୦ ଲିଟର ପାଣିରେ ମିଶାଇ ଗଛମୂଳ ମାଟିରେ ପକାନ୍ତୁ। ପାଗ ମେଘୁଆ ହେଲେ ଆଗତୁରା ପ୍ରତିଷେଧମୂଳକ ଔଷଧ ସିଞ୍ଚନ କରନ୍ତୁ।



**ତୈଳବୀଜ ଫସଲ**

**ଚିନାବାଦାମ –** ଚିନାବାଦମ ବୁଣିବାର ଦୁଇତିନି ସପ୍ତାହ ବେଳକୁ ଖୁସାଇ ଘାସ ବାଛି ଦିଅନ୍ତୁ । ଯଦି ଜିପ୍‌ସମ୍ ହଳ ସମୟରେ ଦିଆ ଯାଇ ନ ଥାଏ, ତେବେ ଏହି ସମୟରେ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍‌କୁ ଦୁଇପାଖରେ ଦେଇ ମାଟିରେ ମିଶାଇ ଦିଅନ୍ତୁ । ୧୨ରୁ ୧୫ ଦିନ ବ୍ୟବଧାନରେ ବତର ଦେଖି ପାଣି ମଡ଼ାନ୍ତୁ। ଲାଲ୍ ଶୁଁବାଳୁଆ ପାଇଁ ହେକ୍ଟର ପିଛା ୧ ଲିଟର ଇକାଲକ୍ସ ବା ପ୍ରୋଫେନୋଫସ୍ ସିଞ୍ଚନ କରନ୍ତୁ । ଜଉପୋକ ସକାଶେ ହେକ୍ଟର ପିଛା ୧ ଲିଟର ରୋଗର କିମ୍ବା ୧୨୫ ଗ୍ରାମ୍ ଥାୟୋମେଥୋକ୍ସାମ୍ ସିଞ୍ଚନ କରନ୍ତୁ । ପତ୍ରଦାଗ ରୋଗ (ଟିକା) ଦେଖାଦେଲେ ହେକ୍ଟର ପ୍ରତି ୫୦୦ ମି.ଲି. ଟେବୁକୋନାଜୋଲ୍/ହେକ୍ସାକୋନାଜଲ୍ ସିଞ୍ଚନ କରନ୍ତୁ।

**ସୋରିଷ –** ଆବଶ୍ୟକତା ନେଇ ଜଳସେଚନ କରନ୍ତୁ । ଜଉପୋକ ପ୍ରତିକାର ଲାଗି ହେକ୍ଟର ପିଛା ୧ ଲିଟର ରୋଗର କିମ୍ବା ମେଟାସିଟକ୍ସ ସିଞ୍ଚନ କରନ୍ତୁ । କରତିଆ ମାଛି ଲାଗିଲେ ହେକ୍ଟର ପିଛା ୧୦୦୦ ମି.ଲି. ଇକାଲକ୍ସ ସିଞ୍ଚନ କରନ୍ତୁ ।

**ସୂର୍ଯ୍ୟମୁଖୀ –** ରୋଗ ଓ ପୋକ ନିରାକରଣ ପାଇଁ ସମନ୍ୱିତ ରୋଗ ପୋକ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ । ୪୫ ଦିନ ପର୍ଯ୍ୟନ୍ତ ଜମିକୁ ଘାସ ମୁକ୍ତ ରଖନ୍ତୁ । ମାଟିର ବତର ଦେଖି ଜଳସେଚନ କରନ୍ତୁ ।



**ପନିପରିବା**

**କୋବି –** କୋବି ଜାତୀୟ ଫସଲରେ ବିନ୍ଧାପୋକ, ଠିକିରିଆ ପୋକ, କରତିଆ ମାଛି ଆଦି ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ କିମ୍ବା ୫୦୦ ମି.ଲି. ଇଣ୍ଡକ୍ସାକାର୍ବ କିମ୍ବା ୨୦୦ ମି.ଲି. ଫ୍ଲୁବେଣ୍ଡିଆମାଇଡ୍ ୫୦୦ ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ ।

**ଶାଗ –** ଶୀତଦିନିଆ ପୋଇ, ଧନିଆ, ମେଥି, ପାଳଙ୍ଗ, କୋଶଳା, ସୋରିଷ ଆଦି ଶାଗ ଚାଷ କରନ୍ତୁ ।

–କୃଷି ବୈଷୟିକ ସୂଚନା କେନ୍ଦ୍ର,
ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି,ଭୁବନେଶ୍ୱର



# ଉପକାରୀ ତୈଳବୀଜ

ଆମ ଦେଶ ତଥା ରାଜ୍ୟରେ ପୁଷ୍ଟିହୀନତା ଏକ ଚିନ୍ତାଜନକ ବିଷୟ। ବିଶେଷକରି ପିଲାମାନେ ଓ ଦାରିଦ୍ର୍ୟରେ ବସବାସ କରୁଥିବା ଲୋକେ ଏହାର ଶିକାର ହୋଇଥାଆନ୍ତି। ସେମାନଙ୍କର ଦୈନିକ ଆହାରରେ ଉଚ୍ଚ ଶକ୍ତିଯୁକ୍ତ ଖାଦ୍ୟ ଉପାଦାନ ଅନ୍ତର୍ଭୁକ୍ତ ହୋଇପାରିଲେ ଏ ସମସ୍ୟା ରହନ୍ତା ନାହିଁ। ତାହାକୁ ଭରଣା କରିବା ଲାଗି ଅନ୍ୟ ଉଦ୍ଭିଦଜ କିମ୍ବା ପ୍ରାଣିଜ ଖାଦ୍ୟ ତୁଳନାରେ ଅଳ୍ପ ଖର୍ଚ୍ଚରେ ତୈଳବୀଜ ଅଧିକ ଶକ୍ତିଯୁକ୍ତ ଓ ପୁଷ୍ଟିସାର ପ୍ରଦାନକାରୀ ଭାବେ ବେଶ୍ ଆଦରଣୀୟ।

ତୈଳବୀଜ ଫସଲରେ ଶକ୍ତି ସ୍ନେହସାର ବା ତେଲ ରୂପେ ସଞ୍ଚିତ ହୋଇଥାଏ। ତାହା ଉନ୍ନତ ପୁଷ୍ଟିସାର, ସ୍ନେହସାର ଓ ତୈଳ ଦ୍ରବୀଭୂତ ଭିଟାମିନ୍ ବିଶେଷକରି ଭିଟାମିନ୍-'ଏ', ପ୍ରାକୃତିକ ଖାଦ୍ୟ ଓ ସହଜଲବ୍ଧ ବିସ୍କୁଟ ବା କେକ୍ ମାଧ୍ୟମରେ ଯୋଗାଉଥିବାରୁ ଦିନକୁ ଦିନ ତୈଳବୀଜର ଚାହିଦା ବଢ଼ିବାରେ ଲାଗିଛି। ଖାଇବା ତେଲ ପ୍ରଦାନକାରୀ ଫସଲ ମଧ୍ୟରେ ଚିନାବାଦାମ, ସୋୟାବିନ୍, ରାଶି, ପେଷି, ଅଳସୀ, ସୂର୍ଯ୍ୟମୁଖୀ, ସୋରିଷ, କୁସୁମୀ ରହିଛି। ବିଶେଷକରି ତୈଳବୀଜ ମଞ୍ଜିରୁ ପ୍ରାୟ ୧୪-୪୨ ପ୍ରତିଶତ ସ୍ନେହସାର, ଉପାଦେୟ ଫ୍ୟାଟି ଏସିଡ୍, ଯଥେଷ୍ଟ ପରିମାଣର କାଲ୍‌ସିୟମ୍, ଫସ୍‌ଫରସ୍, ଲୌହ, ସୋଡିୟମ୍ ବ୍ୟତୀତ ଭିଟାମିନ୍-'ବି' କମ୍ପ୍ଲେକ୍ସ, 'ଇ' ଓ 'କେ' ଆଦି ମିଳିଥାଏ।

**ଚିନାବାଦାମ–** ଏହାକୁ 'ଗରିବ ଲୋକର ପୁଷ୍ଟିସାର' କୁହାଯାଏ। ଏହା ଖାଇବା ଦ୍ୱାରା ପ୍ରଚୁର ଶକ୍ତି ପାଇବା ସହ ଶରୀର ବୃଦ୍ଧି ଓ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ। ୧୦୦ ଗ୍ରାମ୍ ଚିନାବାଦାମ ମଞ୍ଜିରୁ ୫୬୭ କିଲୋ କ୍ୟାଲୋରି ଶକ୍ତି, ୪୪-୫୬% ସ୍ନେହସାର ଓ ୨୨-୩୦% ପୁଷ୍ଟିସାର ମିଳିଥାଏ। ଏଥିରେ ଯଥେଷ୍ଟ ପରିମାଣର ଫସ୍‌ଫରସ୍, କାଲ୍‌ସିୟମ, ମାଗ୍ନେସିୟମ୍, ଲୌହ, ପଟାସ୍ ଏବଂ ତମ୍ବା ସହ ଭିଟାମିନ୍-'ବି', 'ଇ' ଓ 'କେ' ରହିଥାଏ। ଏହାର ଉପସ୍ଥିତି ଖାଦ୍ୟକୁ ସୁଷମ କରିବା ସହିତ ଶରୀରର ଓଜନ ପରିଚାଳିତ ହୋଇ ହୃଦ୍‌ରୋଗ ସମସ୍ୟା କମାଇଥାଏ।

**ରାଶି–** 'ତୈଳବୀଜ ଫସଲର ରାଣୀ' ଭାବେ ଅଭିହିତ ରାଶି। ଏହାର ମଞ୍ଜିରେ ୫୦% ପର୍ଯ୍ୟନ୍ତ ସ୍ନେହସାର ଏବଂ ୧୮% ପୁଷ୍ଟିସାର ସହ ପ୍ରତି ୧୦୦ ଗ୍ରାମ୍‌ରେ ୫୭୩ କିଲୋ କ୍ୟାଲୋରି ଶକ୍ତି ରହିଥାଏ। ଏଥିସହ ଅତ୍ୟାବଶ୍ୟକ ଆମିନୋ ଏସିଡ୍, ପ୍ରଚୁର ତନ୍ତୁ, ଫସ୍‌ଫରସ୍, ଲୌହ, ମାଗ୍ନେସିୟମ୍, କାଲ୍‌ସିୟମ୍, ମାଙ୍ଗାନିଜ୍ ତମ୍ବା ଏବଂ ଦସ୍ତା, ପ୍ରାକୃତିକ ଆଣ୍ଟିଅକ୍ସିଡାଣ୍ଟ ଭରପୂର ରହିଥାଏ।

**ପେଷି–** ୧୦୦ ଗ୍ରାମ୍ ପେଷି ମଞ୍ଜିରେ ୨୦ଗ୍ରାମ୍ ପୁଷ୍ଟିସାର, ୪୨ ଗ୍ରାମ୍ ସ୍ନେହସାର, ୨୮ଗ୍ରାମ୍ ଜଳ ଓ ୫୩୪ କିଲୋ କ୍ୟାଲୋରି ଶକ୍ତି ରହିଥାଏ। ଏହା ସ୍ୱାସ୍ଥ୍ୟ ଲାଗି ବେଶ୍ ହିତକାର। କୋଲେଷ୍ଟେରଲ୍‌ର ମାତ୍ରା କମାଇବା ସହ ରକ୍ତରେ ଶର୍କରା ମାତ୍ରାକୁ ନିୟନ୍ତ୍ରଣରେ ରଖିବାରେ ସାହାଯ୍ୟ କରିଥାଏ। ଶିଶୁମାନଙ୍କର ମସ୍ତିଷ୍କ ବିକାଶରେ ଖୁବ୍ ଉପକାରୀ।

**ଅଳସୀ–** ୧୦୦ ଗ୍ରାମ୍ ଅଳସୀ ମଞ୍ଜିରେ ୪୮୩ କିଲୋ କ୍ୟାଲେରି ଶକ୍ତି ସହ ୧୦-୨୫ ଗ୍ରାମ୍ ପୁଷ୍ଟିସାର ଓ ୩୦-୪୦ ଗ୍ରାମ୍ ସ୍ନେହସାର ରହିଥାଏ। ଏଥିରେ ଅତ୍ୟାବଶ୍ୟକ ଖାଦ୍ୟସାର ଯଥା– ଥାୟାମିନ୍, ରାବୋଫ୍ଲାଭିନ୍, ନିୟାସିନ୍, କାଲ୍‌ସିୟମ୍, ଫସ୍‌ଫରସ୍ ଓ ଭିଟାମିନ୍ 'ଇ' ଓ 'କେ' ରହିଥିବାରୁ ଏହା ରକ୍ତ ପ୍ରବାହ ବନ୍ଦ କରିବା ଏବଂ ଅସ୍ଥି ଗଠନ ପ୍ରକ୍ରିୟାରେ ବିଶେଷ ସହାୟକ ହୋଇଥାଏ।

**ଭୁବନେଶ୍ୱର, ୧୧(କ୍ରୀଡ଼ା ପ୍ରତିନିଧି):** ମେଣ୍ଢାଶାଳସ୍ଥିତ ଗୁରୁକୁଳ ଟେନିସ କମ୍ପ୍ଲେକ୍ସରେ ଆରମ୍ଭ ହୋଇଛି ଏଆଇଟିଏ-ଓଟିଏ ପୁରୁଷ ୫୦କେ ର୍‍ୟାଙ୍କିଙ୍ଗ ଟେନିସ୍ ଟୁର୍ନାମେଣ୍ଟ। ଏଥିରେ ଟପ୍ ଏବଂ ଦ୍ୱିତୀୟ ସିଡ୍‌ର ମାନ୍ୟତା ପାଇଥିବା ଚିନ୍ମୟ ପ୍ରଧାନ ଓ ଅଂଶୁ କୁମାର ଭୂୟାଁଙ୍କ ସମେତ ୪ ଓଡ଼ିଆ ଖେଳାଳି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ଅନୁଷ୍ଠିତ ପ୍ରି-କ୍ୱାର୍ଟରରେ ଚିନ୍ମୟ ଅନ୍ୟତମ ଓଡ଼ିଆ ଖେଳାଳି ଅଭିଜିତ ପ୍ରଧାନଙ୍କୁ ୭-୫, ୭-୫ ସେଟ୍‌ରେ ହରାଇଥିବାବେଳେ ଅଂଶୁ ଛତିଶଗଡ଼ର ସାର୍ଥକ ଦେଓରାସଙ୍କୁ ୬-୨, ୬-୪ ସେଟ୍‌ରେ ପରାସ୍ତ କରିଛନ୍ତି। ଅନ୍ୟତମ ଓଡ଼ିଶା ଖେଳାଳି ଆଦିତ୍ୟ ଶତପଥୀ ମହାରାଷ୍ଟ୍ରର ପୁନିତ ଧୋକେଙ୍କୁ ୬-୦, ୬-୪ ଏବଂ ଅମୃତଜୟ ମହାନ୍ତି ଓଡ଼ିଆ ଖେଳାଳି ସନ୍ତୋଷ ମଲିକଙ୍କୁ ୭-୫, ୬-୧ ସେଟ୍‌ରେ ହରାଇ କ୍ୱାର୍ଟରରେ ପହଞ୍ଚିଛନ୍ତି। ବାହାର ରାଜ୍ୟ ଖେଳାଳିଙ୍କ ମଧ୍ୟରେ ପଶ୍ଚିମବଙ୍ଗର ଅନୁରାଗ ଅଗ୍ରୱାଲ, ଦିଲ୍ଲୀର ରିତ୍‌ଭିକ୍ କାଶ୍ୟପ, ପଶ୍ଚିମବଙ୍ଗର ଆଦିତ୍ୟ ବର୍ଦ୍ଧନ ଆର.ଚୌଧୁରୀ ଓ ତେଲେଙ୍ଗାନାର ସାଇ କାର୍ତ୍ତିକ ଆର. ଗନ୍ତା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରତିଯୋଗିତାରେ ପଶ୍ଚିମବଙ୍ଗ, ଛତିଶଗଡ଼, କର୍ନାଟକ, ତାମିଲନାଡୁ, ତେଲେଙ୍ଗାନା, ମହାରାଷ୍ଟ୍ର, ଉତ୍ତର ପ୍ରଦେଶ, ନୂଆଦିଲ୍ଲୀ, ଗୁଜରାଟ ଏବଂ ଓଡ଼ିଶା ଆଦି ୧୦ ରାଜ୍ୟରୁ ୩୫ ଖେଳାଳି ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗିତାର ଚାମ୍ପିୟନ ଖେଳାଳି ୧୫ ଓ ରନର୍ସଅପ୍ ୧୨ ଏଆଇଟିଏ ର୍‍ୟାଙ୍କିଙ୍ଗ୍ ପଏଣ୍ଟ ହାସଲ କରିବ।

# ପରାଜୟ ଏଡ଼ାଇବା ଲକ୍ଷ୍ୟରେ ଓଡ଼ିଶା

**ରଣଜୀ ଟ୍ରଫି**

**କଟକ ଅଫିସ,୧୧**

ନ୍ୟୁ ଦିଲ୍ଲୀ ପାଲମ ସ୍ଥିତ ଏୟାରଫୋର୍ସ କମ୍ପ୍ଲେକ୍ସ ଗ୍ରାଉଣ୍ଡରେ ଚାଲିଥିବା ଓଡ଼ିଶା ବିପକ୍ଷ ରଣ୍‌ଜୀ ଟ୍ରଫି କ୍ରିକେଟ ମ୍ୟାଚ୍ ସର୍ଭିସେସ ନିୟନ୍ତ୍ରଣରେ ରହିଛି। ମଙ୍ଗଳବାର ୩ୟ ଦିବସରେ ସର୍ଭିସେସ ବଢ଼ିଆ ବ୍ୟାଟିଂକରି ୪୧୭/୮ରେ ଇନିଂସ ଘୋଷଣା କରିଛି । ବାମହାତୀ ଅଲରାଉଣ୍ଡର ବିକାଶ ହଥୱାଲା ୧୧୫ରନ୍‌ର ଶତକୀୟ ଇନିଂସ ଖେଳିଛନ୍ତି। ଅନ୍ୟପକ୍ଷରେ ପ୍ରଥମ ଇନିଂସରେ ୧୭୭ରନ କରିଥିବା ଓଡ଼ିଶା ୩ୟ ଦିବସ ଷ୍ଟମ୍ପ ଅପସାରଣ ବେଳକୁ ଦ୍ୱିତୀୟ ଇନିଂସ୍‌ରେ ଗୋଟିଏ ଉଇକେଟ ହରାଇ ୬୫ରନ୍ କରିଛି । ହାତରେ ୯ ଉଇକେଟ ଥିବାବେଳେ ଦଳ ଏବେ ବି ୧୭୫ରନ୍ ପଛରେ ରହିଛି । ବୁଧବାର ମ୍ୟାଚ୍‌ର ଅନ୍ତିମ ଦିବସ। ସମ୍ପୂର୍ଣ୍ଣ ଦିବସ ବ୍ୟାଟିଂ କରିପାରିଲେ ଓଡ଼ିଶା ମ୍ୟାଚ ଡ୍ର ରଖିବା ସହ ପରାଜୟ ଏଡାଇ ପାରିବ। ମାତ୍ର ଏହା କଷ୍ଟସାଧ ମନେ ହେଉଛି।

> **ସଂକ୍ଷିପ୍ତ ସ୍କୋର**
>
> ■ **ସର୍ଭିସେସ ପ୍ରଥମ ଇନିଂସ: ୪୧୭/୮/ ଘୋଷଣା (ବିକାଶ ହଥୱାଲା-୧୧୫, ନଭନୀତ ସିଂ-୬୪, ଗୋବିନ୍ଦ ପୋଦ୍ଦାର-୨/୮୫, ଅଭିଷେକ ରାଉତ-୨/୧୦୩)।**
>
> ■ **ଓଡ଼ିଶା ଦ୍ୱିତୀୟ ଇନିଂସ୍: ୬୫/୧ (ଦେବାଶିଷ ସାମନ୍ତରାୟ-୩୫, ଶାନ୍ତନୁ ମିଶ୍ର-୩୦*, ଖଲିଲ ଅହମ୍ମଦ-୧/୩୦)।**

ସୋମବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ସର୍ଭିସେସ ୪ ଉଇକେଟ ହରାଇ ୧୮୩ରନ୍ କରିଥିଲା। ଅଧିନାୟକ ରଜତ ପାଲିୱାଲ ୨୨ ଓ ମଧ୍ୟକ୍ରମ ବ୍ୟାଟ୍ସମ୍ୟାନ ବିକାଶ ହଥ୍‌ୱାଲା ୯ରନ୍ କରି ଅପରାଜିତ ଥିଲେ। ମଙ୍ଗଳବାର ଖେଳର ପ୍ରଥମ ସେସନ୍‌ରେ ଓଡ଼ିଶା ବୋଲରଙ୍କୁ ଉଭୟ ସଫଳତାର ସହ ମୁକାବିଲା କରିଥିଲେ। ୧୩୫ବଲରୁ ରଜତ ଅର୍ଦ୍ଧଶତକ ପୂରଣ କରି ବ୍ୟକ୍ତିଗତ ୬୨ରନ୍ କରିଥିବା ବେଳେ ଉଇକେଟ କିପରଙ୍କ ହାତରେ ଧରାପଡ଼ି ପ୍ୟାଭିଲିୟନ ଫେରିଥିଲେ । ଓଡ଼ିଶା ନିମନ୍ତେ ଏହି ଗୁରୁତ୍ୱପୂର୍ଣ୍ଣ ବ୍ରେକଥ୍ରୁ ରାଜେଶ ମହାନ୍ତି ଦେଇଥିଲେ । ୯୨ବଲରୁ ଅର୍ଦ୍ଧଶତକ ପୂରଣ କରିବା ସହ ବିକାଶ ଗୋଟିଏ ପାର୍ଶ୍ୱରୁ ଦଳର ସ୍କୋରକୁ ବଢ଼ାଉଥିଲେ ମଧ ଅନ୍ୟ ପାର୍ଶ୍ୱରୁ ଓଡ଼ିଶା ବୋଲରଙ୍କୁ ଉଇକେଟ ମିଳିଥିଲା। ଫଳରେ ସର୍ଭିସେସ କୌଣସି ଉଇକେଟ ଯୋଡ଼ିରେ ବଡ଼ ଭାଗୀଦାରି ପାଇ ନ ଥିଲା। ଉଇକେଟ କିପର ଦେଭେନ୍ଦର ଲୋହଚାବ ୧୫ ଓ ଅରୁଣ ବାମଲ ୧୬ରନ କରି ଆଉଟ ହୋଇଥିଲେ । କ୍ରିଜ୍‌କୁ ଆସିବା ମାତ୍ରେ ବଡ ଶଟ୍ ଖେଳି ଖଲିଲ ଅହମ୍ମଦ କିଛି ସମୟ ଓଡ଼ିଶା ବୋଲରଙ୍କ ଚିନ୍ତା ବଢ଼ାଇ ଦେଇଥିଲେ । ତେବେ ପାର୍ଟଟାଇମ ବୋଲର ଶାନ୍ତନୁ ମିଶ୍ର ଖଲିଲଙ୍କୁ ୩୪ରନ୍‌ରେ କଟ୍ ଆଣ୍ଡ ବୋଲ୍ଡ କରି ପ୍ୟାଭିଲିୟନ ଫେରାଇବାରେ ସଫଳ ହୋଇଥିଲେ । ୪୧୭ରନ୍‌ରେ ସର୍ଭିସେସ ଇନିଂସ ଘୋଷଣା କରିଥିଲା । ବିକାଶ ୧୦ ଚୌକା ଓ ୨ ଛକା ସହାୟତାରେ ୧୯୬ବଲରୁ ୧୧୫ରନର ଶତକୀୟ ଇନିଂସ୍ ଖେଳଥିଲେ । ନିମ୍ନକ୍ରମର ବ୍ୟାଟ୍ସମ୍ୟାନ ଗୁରୁଦେବ ପଠାନିଆ ୧୫ରନ୍‌ରେ ଅପରାଜିତ ଥିଲେ । ଓଡ଼ିଶା ପକ୍ଷରୁ ଅଭିଷେକ ରାଉତ ଓ ଗୋବିନ୍ଦ ପୋଦ୍ଦାର ୨ଟି ଲେଖାଏ, ରାଜେଶ ମହାନ୍ତି, ସୂର୍ଯ୍ୟକାନ୍ତ ପ୍ରଧାନ, ଅନୁରାଗ ଷଡ଼ଙ୍ଗୀ ଓ ଶାନ୍ତନୁ ମିଶ୍ରଙ୍କୁ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ । ଦ୍ୱିତୀୟ ଇନିଂସ ଆରମ୍ଭ କରିଥିବା ଓଡ଼ିଶା ପ୍ରଥମ ଉଇକେଟରେ ୬୩ରନ୍ ଯୋଡ଼ିଥିଲା । ଷ୍ଟମ୍ପ ଅପସାରଣର କିଛି ମିନିଟ ପୂର୍ବରୁ ଶାନ୍ତନୁ ୩୦ରନ୍‌ରେ ଖଲିଲ ଅହମ୍ମଦଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ଦେବାଶିଷ ସାମନ୍ତରାୟ ୩୫ରନ ଓ ଶୁଭ୍ରାଂଶୁ ସେନାପତି କୌଣସି ରନ ନ କରି ଅପରାଜିତ ଅଛନ୍ତି ।

## ଗିଲଟନ ଚେସ୍‌ରେ ଦେବାଶିଷ ପ୍ରଭାବୀ

**ଭୁବନେଶ୍ୱର, ୧୧(କ୍ରୀଡ଼ା ପ୍ରତିନିଧି)**



ଦେବାଶିଷ ଦାସ

ସ୍ୱିଡେନରେ ଚାଲିଥିବା ସମ୍ମାନଜନକ ଗିଲଟନ କପ୍ ଚେସ୍ ଟୁର୍ନାମେଣ୍ଟର ୫ମ ରାଉଣ୍ଡ ଶେଷସୁଦ୍ଧା ଓଡ଼ିଶା ଗ୍ରାଣ୍ଡମାଷ୍ଟର ଦେବାଶିଷ ଦାସ(୨୫୪୪ ରେଟିଂ)ଙ୍କୁ ମିଶ୍ରିତ ଫଳ ମିଳିଛି। ସେ ୩ଟି ମ୍ୟାଚରେ ବିଜୟୀ ହୋଇଥିବାବେଳେ ଗୋଟିଏ ଲେଖାଏ ପରାଜୟ ଓ ଡ୍ର ସହ ୩.୫ ପଏଣ୍ଟ ପାଇଛନ୍ତି। ମଙ୍ଗଳବାର ବିଶ୍ରାମ ଦିବସ ହୋଇଥିବାବେଳେ ବୁଧବାର ୬ଷ୍ଠ ରାଉଣ୍ଡରେ୍ ସ୍ୱିଡେନ ଗ୍ରାଣ୍ଡମାଷ୍ଟର ବେଲୋନ ଲୋପେଜ ଜୁଆନ ମାନୁଏଲ(୨୩୩୪)ଙ୍କୁ ଭେଟିବେ ଦେବାଶିଷ। ପ୍ରଥମ ରାଉଣ୍ଡରେ ଭାରତୀୟ କ୍ୟାଣ୍ଡିଡେଟ ମାଷ୍ଟର ରାହିଲ ମଲିକ(୨୨୭୬)ଙ୍କୁ ହରାଇ ଅଭିଯାନ ଆରମ୍ଭ କରିଥିବା ଦେବାଶିଷ ଦ୍ୱିତୀୟ ରାଉଣ୍ଡରେ ନରୱେ ଫିଡେମାଷ୍ଟର ଲର୍ଲେଣ୍ଡ ମିକାଲସେନ(୨୩୫୭)ଙ୍କଠାରୁ ହାରି ଯାଇଥିଲେ। ତେବେ ସେ ତୃତୀୟ ରାଉଣ୍ଡରେ ନରୱେ ଫିଡେମାଷ୍ଟର ଆନ୍ଦ୍ରେ ନେଲସନ(୨୨୧୧)ଙ୍କୁ ହରାଇ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲେ। ୪ର୍ଥ ରାଉଣ୍ଡରେ ଅଷ୍ଟ୍ରେଲିଆ ଅନ୍ତର୍ଜାତୀୟ ମାଷ୍ଟର ଜନ ପଲ୍ ୱାଲାସ(୨୩୬୭)ଙ୍କୁ ସେ ହରାଇଥିବାବେଳେ ୫ମ ରାଉଣ୍ଡରେ ନରୱେ ଫିଡେମାଷ୍ଟର ଜୋହାନେସ ହଗ୍(୨୪୦୨)ଙ୍କ ସହ ପଏଣ୍ଟ ଭାଗ କରିଛନ୍ତି। ଟୁର୍ନାମେଣ୍ଟରେ ୨୫ ଦେଶର ୧୬୧ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଏହା ମଧରେ ୧୨୫ ଟାଇଟଲଧାରୀ (୨୬ ଗ୍ରାଣ୍ଡମାଷ୍ଟର, ୫ ମହିଳା ଗ୍ରାଣ୍ଡମାଷ୍ଟର, ୩୪ ଅନ୍ତର୍ଜାତୀୟ ମାଷ୍ଟର, ୪ ମହିଳା ଅନ୍ତର୍ଜାତୀୟ ମାଷ୍ଟର, ୪୧ ଫିଡେ ମାଷ୍ଟର, ୭ ମହିଳା ଫିଡେ ମାଷ୍ଟର ଓ ୮ ମହିଳା କ୍ୟାଣ୍ଡିଡେଟ ମାଷ୍ଟର) ସାମିଲ। ୯ ରାଉଣ୍ଡ ବିଶିଷ୍ଟ ଏହି ଟୁର୍ନାମେଣ୍ଟ ୫ ତାରିଖରେ ଉଦ୍‌ଯାପିତ ହେବ।

## ■ ଗଡ଼େଶ୍ୱର ଜୁନିୟର କ୍ରିକେଟ ଲିଗ୍: ସେମିଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ



ଏସ. ହିମାଂଶୁ ଅତିଥିଙ୍କଠାରୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

**ଭୁବନେଶ୍ୱର, ୧୧(କ୍ରୀଡ଼ା ପ୍ରତିନିଧି):** ଗାଡ଼କଣରେ ଚାଲିଥିବା ଗଡ଼େଶ୍ୱର ଜୁନିୟର (୧୫ ବର୍ଷରୁ କମ୍) କ୍ରିକେଟ ଲିଗ୍‌ର ଅନ୍ତିମ ୨ଟି ଲିଗ୍ ମ୍ୟାଚ ମଙ୍ଗଳବାର ଶେଷ ହୋଇଛି। ଏଥିରେ ଗ୍ରୀନ୍ସ ଏକାଡେମୀ ଓ ପାରାମାଉଣ୍ଟ ବିଜୟୀ ହୋଇଛନ୍ତି। ଏଥିସହ ପ୍ରତିଯୋଗିତାର ସେମିଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଛି। ବୁଧବାର ପ୍ରଥମ ସେମିଫାଇନାଲରେ ରାମେଶ୍ୱର-ପାରାମାଉଣ୍ଟ ଏବଂ ଦ୍ୱିତୀୟ ସେମିଫାଇନାଲରେ ଗ୍ରୀନ୍ସ ଏକାଡେମୀ-ସହିଦ ସ୍ପୋର୍ଟିଂ ମଧ୍ୟରେ ମୁକାବିଲା ହେବ।

ମଙ୍ଗଳବାର ଲିଗ୍ ମ୍ୟାଚରେ ପାରାମାଉଣ୍ଟ ୯ ଉଇକେଟରେ ଭାରତ ଭୂଷଣ ଏକାଡେମୀ (ବିବିସିଏ)କୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ବିବିସିଏ ନିର୍ଦ୍ଧାରିତ ୨୫ ଓଭରରେ ୯ ଉଇକେଟରେ ୯୦ ରନ କରିଥିଲା। ଆୟୁଷ ମହାନ୍ତି (୫୧*)ଅର୍ଦ୍ଧଶତକ କରିଥିବାବେଳେ ଅନ୍ୟମାନେ ଫେଲ୍ ମାରିଥିଲେ। ପାରାମାଉଣ୍ଟ ବୋଲରଙ୍କ ମଧ୍ୟରେ ସ୍ୱୟଂ ସାର୍ଥକ ରାଉତରାୟ ୩ ଉଇକେଟ ନେଇଥିଲେ। ଜବାବରେ ପାରାମାଉଣ୍ଟ ୧୪.୫ ଓଭରରେ ୧ ଉଇକେଟ ହରାଇ ବିଜୟ ହାସଲ କରିଥିଲା। ୫ ଓଭରରେ ୧୫ ରନ ଦେଇ ୩ଟି ଉଇକେଟ ପାଇଥିବା ସ୍ୱୟଂ ସାର୍ଥକ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପାଇଥିଲେ। ଅନ୍ୟ ଏକ ମ୍ୟାଚରେ ଗ୍ରୀନ୍ସ ଏକାଡେମୀ ପ୍ରଥମେ ବ୍ୟାଟିଂ କରି ୨୪.୩ ଓଭରରେ ୧୩୭ରେ ଅଲଆଉଟ ହୋଇଯାଇଥିଲା। ଏସ. ହିମାଂଶୁ ୪୮ ବଲ୍‌ରୁ ୫୭ ଓ ଆୟୁଷ ଚାନ୍ଦ ୩୬ ରନ ସ୍କୋର କରିଥିଲେ। ପ୍ରତିପକ୍ଷ ଦଳର ସାମିନ ନୌସାଦ ୩ ଏବଂ ତନ୍ମୟ ନିଶାଙ୍କ ୨ଟି ଉଇକେଟ ନେଇଥିଲେ। ୧୩୮ ରନ ବିଜୟ ଲକ୍ଷ୍ୟ ପିଛା ପରି ଓସ୍କାର ୯ ଉଇକେଟ ହରାଇ ୧୦୭ ରନ କରିବାକୁ ସକ୍ଷମ ହୋଇଥିଲା। ରାତୁଲ ମହାନ୍ତି ସର୍ବାଧିକ ୨୫ ରନ କରିଥିଲେ। ଗ୍ରୀନ୍ସ ପକ୍ଷରୁ ସୂର୍ଯ୍ୟକାନ୍ତ ଭୂତିଆ ୩ ଏବଂ ଏସ.ହିମାଂଶୁ ୨ଟି ଉଇକେଟ ନେଇଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ହିମାଂଶୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ପ୍ରଦୀପ ଜେନା, ପ୍ରସନ୍ନ ବେଉରା ଓ ଆଶୁତୋଷ ସାମନ୍ତରାୟ ଖେଳ ପରିଚାଳନା କରିଥିବାବେଳେ ସ୍କୋରର ଦାୟିତ୍ୱ ତୁଲାଇଥିଲେ ରଶ୍ମିରଞ୍ଜନ ମଲ୍ଲ।

## ମେଘାଳୟ ନିୟନ୍ତ୍ରଣରେ କିଟ୍ ରଣ୍‌ଜୀ

**ଭୁବନେଶ୍ୱର, ୧୧(ସ୍ପୋର୍ଟ୍ସ ବ୍ୟୁରୋ):** ସ୍ଥାନୀୟ କିଟ୍ କ୍ରିକେଟ ଷ୍ଟାଡିୟମରେ ସିକ୍କିମ ବିପକ୍ଷରେ ଚାଲିଥିବା ରଣଜୀ ଟ୍ରଫି ପ୍ଲେଟ୍ ପର୍ଯ୍ୟାୟ ମ୍ୟାଚ୍ ମେଘାଳୟ ନିୟନ୍ତ୍ରଣରେ ରହିଛି। ଉଇକେଟ୍‌କିପର ପୁନିତ୍ ବିଷ୍ଟଙ୍କ ତ୍ରିଶତକ ପରେ ଯୋଗେଶ ନାଗର (୧୪୮) ଓ ଗୁରିନ୍ଦର ସିଂ (୧୦୧*)ଙ୍କ ଦମ୍‌ଦାର ଶତକ ସହାୟତାରେ ମେଘାଳୟ ପ୍ରଥମ ଇନିଂସରେ ୭ ଉଇକେଟ୍‌ରେ ୮୨୬ ରନ କରି ଇନିଂସ ଘୋଷଣା କରିଛି। ଜବାବରେ ୬୦୭ ରନ ପଛରେ ଥାଇ ୨ୟ ଇନିଂସ ଆରମ୍ଭ କରିଥିବା ଘରୋଇ ସିକ୍କିମ ମଙ୍ଗଳବାର ୩ୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ୨ ଉଇକେଟ୍ ହରାଇ ୭୨ ରନ ସଂଗ୍ରହ କରିଛି। ଅଧିନାୟକ ନୀଲେଶ ଲାମିଚାନୀ ୩୮ ଓ ଆଶିଷ ଥାପ୍ପା ୬ ରନ କରି ଅପରାଜିତ ରହିଛନ୍ତି। ହାତରେ ଆହୁରି ୮ ଉଇକେଟ୍ ରହିଥିବାବେଳେ ସିକ୍କିମ ଇନିଂସ ପରାଜୟ ଏଡ଼ାଇବା ପାଇଁ ୫୩୬ ରନ ଆବଶ୍ୟକ କରୁଛି। ଅପରପକ୍ଷରେ ଚତୁର୍ଥ ଦିବସରେ ସିକ୍କିମର ବଳକା ୮ ଉଇକେଟ୍ ଅକ୍ତିଆର କରି ମେଘାଳୟ ବୋନସ୍ ପଏଣ୍ଟ ସହ ବିଜୟ ହାସଲ ଲକ୍ଷ୍ୟରେ ରହିଛି। ବୁଧବାର ମ୍ୟାଚ୍‌ର ଅନ୍ତିମ ଦିବସ ହୋଇଥିବାରୁ ଫଳାଫଳ ବାହାରିବା ସମ୍ଭାବନା ରହିଛି। ସୋମବାର ଖେଳ ଶେଷ ସୁଦ୍ଧା ମେଘାଳୟ ପ୍ରଥମ ଇନିଂସରେ ୩ ଉଇକେଟ୍ ହରାଇ ୫୫୫ ରନ କରିଥିଲା। ସେତେବେଳକୁ ପୁନିତ୍ ୩୦୧ ଓ ନାଗର ୩୦ ରନ କରି ଅପରାଜିତ ରହିଥିଲେ। ମଙ୍ଗଳବାର ଏହି ଅସମାପ୍ତ ପ୍ରଥମ ଇନିଂସ ସ୍କୋରରୁ ବ୍ୟାଟିଂ ଆରମ୍ଭ କରି ମେଘାଳୟ ୮୨୬/୭ ସ୍କୋରରେ ଇନିଂସ ଘୋଷଣା କରିଥିଲା। ପୁନିତ୍ ପୂର୍ବଦିନ ସ୍କୋରରେ ଆଉ ୪୨ ରନ ଯୋଡ଼ି ୩୪୩ (୫୩ ଚୌକା, ୧ ଛକା) କରି ଆଉଟ୍ ହୋଇଥିଲେ। ଲି ୟଙ୍ଗ୍ ଲେପ୍‌ଚା ଏହି ପ୍ରାଇଜ୍ ଉଇକେଟ୍ ପାଇଥିଲେ।

## ବରାହୀପୁର ଫୁଟବଲ: ଉଡ଼ିଯୋହଳ ଚାମ୍ପିୟନ



ଫାଇନାଲ ପୂର୍ବରୁ ଅତିଥିମାନେ ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି।

**କଣ୍ଟାପଡା,୧୧(ଡି.ଏନ୍.ଏ.)**

କଣ୍ଟାପଡା ବ୍ଲକ ଅନ୍ତର୍ଗତ ବରାହୀପୁର ଗୋପୀନାଥ ଆଥଲେଟିକ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ଗୁପ୍ତମାଣିକ-ବରାହୀପୁର ଖେଳପଡିଆଠାରେ ୩୬ତମ ଦିନିକିଆ ଫୁଟବଲ ଟୁର୍ନାମେଣ୍ଟ ଆୟୋଜିତ ହୋଇଯାଇଛି। ଫାଇନାଲରେ ୟୁନାଇଟେଡ ଫୁଟବଲ ଟିମ ଗଣ୍ଡରପୁରକୁ ୧-୦ ଗୋଲରେ ହରାଇ ଜଳେଶ୍ୱର ଫୁଟବଲ ଟିମ ଉଡିଯୋହଳ ଚାମ୍ପିୟନ ହୋଇଛି। କ୍ୱାର୍ଟର ପର୍ଯ୍ୟାୟର ପ୍ରଥମ ମ୍ୟାଚରେ ଗୋଲଡେନ ଷ୍ଟାର ଫୁଟବଲ ଟିମ ଏରଞ୍ଚକୁ ୩-୦ଗୋଲରେ ହରାଇ ମା'କାଳିଜାଇ, ୨ୟ କ୍ୱାର୍ଟରରେ ଏମ.ଏସ. ଇଲେଭେନ ବାଣୀବିହାରକୁ ୨-୦ ଗୋଲରେ ହରାଇ ବରୁଣେଇ ଦହିଗାଁ, ୩ୟ କ୍ୱାର୍ଟରରେ ଭୁବନେଶ୍ୱର-୨କୁ ୩-୦ ଗୋଲରେ ହରାଇ ବଳେଶ୍ୱର ଫୁଟବଲ ଟିମ ଉଡିଯୋହଳ ଓ ୪ର୍ଥ କ୍ୱାର୍ଟରରେ ମାରୁ ସୁଇଚକ୍ଲବ କଟକକୁ ୧-୦ରେ ହରାଇ ୟୁନାଇଟେଡ କ୍ଲବ ଗଣ୍ଡରପୁର ସେମିଫାଇନାଲରେ ପ୍ରବେଶ କରିଥିଲା। ପ୍ରଥମ ସେମିରେ ଚିଲିକାକୁ ୧-୦ରେ ହରାଇ ଉଡିଯୋହଳ ଓ ଦ୍ୱିତୀୟ ସେମିରେ ଦହିଗାଁକୁ ଟାଇବ୍ରେକରରେ ହରାଇ ଗଣ୍ଡରପୁର ଫାଇନାଲରେ ପ୍ରବେଶ କରିଥିଲା। ପୁରସ୍କାର ବିତରଣୀ ଉତ୍ସବରେ ପ୍ରଶାନ୍ତ କୁମାର ମଲିକ ମୁଖ୍ୟଅତିଥି, ଶରତ ଚନ୍ଦ୍ର ପାଢ଼ୀ ମୁଖ୍ୟବକ୍ତା ଓ ଉପେନ୍ଦ୍ର କୁମାର ଦାସ ସମ୍ମାନିତ ଅତିଥିଭାବେ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ସହ ୬୦୦୦ ଓ ରନର୍ସଅପ ଦଳକୁ ୪୦୦୦ଟଙ୍କା ପ୍ରଦାନ କରିଥିଲେ। ରେଫରି ବ୍ରହ୍ମାନନ୍ଦ ଦାସ, ସଞ୍ଜିବ ଦାସ, ଦୁର୍ଗା ଆଚାର୍ଯ୍ୟ, ଚିତ୍ତରଞ୍ଜନ ପ୍ରଧାନ ଓ ଆଶୀର୍ବାଦ କାନୁନଗୋ ମ୍ୟାଚଗୁଡିକୁ ପରିଚାଳନା କରିଥିଲେ। ଗଣ୍ଡରପୁରର ତୋଫାନ ନାୟକଙ୍କୁ ଶ୍ରେଷ୍ଠ ଖେଳାଳି, ଉଡିଯୋହଳର ଏସ.କେ. କମଲଙ୍କୁ ଶ୍ରେଷ୍ଠ ଗୋଲକିପର ପୁରସ୍କାର ପ୍ରଦାନ କରାଯାଇଥିଲା।

## କୁଚ୍‌ବିହାର ଟ୍ରଫି: ଦୃଢ଼ ସ୍ଥିତିରେ ଆସାମ

**କଟକ ଅଫିସ,୧୧**

ବୋଷ୍ ଗ୍ରାଉଣ୍ଡରେ ଚାଲିଥିବା ଓଡ଼ିଶା-ଆସାମ ୧୯ବର୍ଷରୁ କମ୍ ବାଳକ କୁଚ୍‌ବିହାର ଟ୍ରଫି ମ୍ୟାଚ୍‌ର ଦ୍ୱିତୀୟ ଦିବସ ଖେଳ ଶେଷ ହୋଇଛି। ଏହି ମ୍ୟାଚ୍‌ରେ ଓଡ଼ିଶାର ପ୍ରଥମ ଇନିଂସ ୧୨୭ରନ ଜବାବରେ ଆସାମ ୨୪୦ରନ କରିଛି। ଓଡ଼ିଶା ଏହାର ଦ୍ୱିତୀୟ ଇନିଂସରେ ମଙ୍ଗଳବାର ଦ୍ୱିତୀୟ ଦିବସ ଖେଳ ଷ୍ଟମ୍ପ ଅପସାରଣ ସୁଦ୍ଧା ୫ ଉଇକେଟ ହରାଇ ୧୩୬ରନ୍ କରିଛି। ଘରୋଇ ମାଟିରେ ଓଡ଼ିଶା ମ୍ୟାଚ୍‌କୁ ହାତଛଡ଼ା କରିବା ଭଳି ପରିସ୍ଥିତି ଉପୁଜିଛି। ମଙ୍ଗଳବାର ଆସାମ ଦିନର ଅସମାପ୍ତ ସ୍କୋର ୮୬/୧ରୁ ଖେଳ ଆରମ୍ଭକରି ୨୪୦ରନରେ ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ନିବିର ଡେକା ୫୫ରନ୍ କରିଥିବାବେଳେ ଡେନିଶ ଦାସ, ଶିଭମ ମିତ୍ତଲ ଓ ଗୁଞ୍ଜାଜ୍ୟୋତି ଡେକା ପ୍ରତ୍ୟେକ ୩୩ ରନ ଲେଖାଏଁ କରିଥିଲେ। ଓଡ଼ିଶା ପକ୍ଷରୁ ବିନୀତ କୁମାର ମହାନ୍ତି ଓ ଅଙ୍କିତକାର ଜୈସ୍ୱାଲ ୪ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଦ୍ୱିତୀୟ ଇନିଂସ୍‌ରେ ମଧ ଓଡ଼ିଶାର ବ୍ୟାଟିଂ ବିପର୍ଯ୍ୟୟ ଘଟିଛି। କେବଳ ଅଧିନାୟକ ସ୍ୱସ୍ତିକ ସାମଲଙ୍କ ଅପରାଜିତ ୮୩ରନକୁ ଛାଡ଼ିଦେଲେ ଅନ୍ୟ କୌଣସି ଖେଳାଳି ଉପଯୋଗୀ ଇନିଂସ ଖେଳିପାରି ନାହାନ୍ତି। ରଘୁନାଥ ମଲ୍ଲ ୧୨ରନ, ବିନୀତ କୁମାର ମହାନ୍ତି ୧୮ରନ କରିଥିଲେ। ଆସାମ ପକ୍ଷରୁ ସୁନୀତ ଲଛିତ ୩ଟି ଉଇକେଟ ଅକ୍ତିଆର କରିଥିଲେ।



ମଙ୍ଗଳବାର ସିଡ୍‌ନୀସ୍ଥିତ କରିବିଲି ହାଉସ୍‌ଠାରେ ଅଷ୍ଟ୍ରେଲିଆ ଓ ଭାରତୀୟ କ୍ରିକେଟ ଦଳ ପାଇଁ ଆୟୋଜିତ ଏକ ଅଭ୍ୟର୍ଥନା ଉତ୍ସବ ଅବସରରେ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ସ୍କଟ ମୋରିସନ (ବାମରୁ ଦ୍ୱିତୀୟ) ଓ ତାଙ୍କ ସ୍ତ୍ରୀ ଜେନି (ବାମ) ଭାରତୀୟ କ୍ରିକେଟ ଅଧିନାୟକ ବିରାଟ କୋହଲି (ଡାହାଣରୁ ଦ୍ୱିତୀୟ) ଏବଂ ତାଙ୍କ ସ୍ତ୍ରୀ ଅନୁଷ୍କା ଶର୍ମା (ଡାହାଣ)।

## ଅନ୍ତିମ ଲଢ଼େଇ

**ଡିନ୍ ଜୋନ୍ସ**

ଭବିଷ୍ୟବାଣୀ ସତ ହୋଇଛି। ଏମ୍‌ସିଜିରେ ଭାରତ ତୃତୀୟ ଟେଷ୍ଟରେ ବିଜୟ ହାସଲ କରିଛି। ଏଥିରେ ଈଶାନ୍ତ, ଶାମି ଓ ଯଶ୍‌ପ୍ରୀତ ଚମତ୍କାର ବୋଲିଂ କରି ନୂଆ କୀର୍ତ୍ତିମାନ ସୃଷ୍ଟି କରିଛନ୍ତି। ଟେଷ୍ଟ କ୍ରିକେଟ ଇତିହାସରେ ଗୋଟିଏ କ୍ୟାଲେଣ୍ଡର ବର୍ଷରେ ଏହି ତ୍ରୟ ସର୍ବାଧିକ ଉଇକେଟ ହାସଲ କରିପାରିଛନ୍ତି। ପ୍ରାୟ ଅଧା ଖେଳାଳିଙ୍କ ଅନଭିଜ୍ଞ ସତ୍ତ୍ୱେ ଭାରତୀୟ ଦଳ ଅଷ୍ଟ୍ରେଲିଆରେ ପ୍ରଭାବୀ ପ୍ରଦର୍ଶନ କରିବା ସାମାନ୍ୟ କଥା ନୁହେଁ। ପୂର୍ବରୁ ଅନେକ ଚେଷ୍ଟାକରି ବିଫଳ ହୋଇଛନ୍ତି। ଅଷ୍ଟ୍ରେଲିଆକୁ ଧୂଳି ଚଟାଇବା ଲାଗି ବିରାଟ କୋହଲିଙ୍କ ଦଳକୁ ଏକ ସୁଯୋଗ ଆସିଛି।

ସିଡ୍‌ନୀ ପିଚ୍ ସାମାନ୍ୟ ଶୁଷ୍କ। ଏଠାରେ ବଲ୍ ମଧ ସେତେଟା ଟର୍ନ କରିବ ନାହିଁ। ଅଷ୍ଟ୍ରେଲିଆ ଏହି ମ୍ୟାଚରେ ମିଚେଲ ମାର୍ଶଙ୍କ ସ୍ଥାନରେ ମାର୍ନସ ଲବୁଚେନ୍‌ଙ୍କୁ ଖେଳାଇବ। କିନ୍ତୁ ବର୍ତ୍ତମାନ ପ୍ରଶ୍ନ ଉଠୁଛି ଭାରତ ଏହାର ଦଳରେ କୌଣସି ଅଦଳବଦଳ କରିବ କି ନା। ମୋ ବିଚାରରେ ଜାଡେଜା ଓ କୁଲଦୀପଙ୍କୁ ଖେଳାଇବା ଉଚିତ ହେବ। ଅଷ୍ଟ୍ରେଲିଆ ବାମହାତୀ ଅର୍ଥୋଡକ୍ସ ଲେଗ୍‌ସ୍ପିନକୁ ଭଲରୂପେ ଖେଳି ପାରେନା। ଜାଡେଜା ମେଲବୋର୍ନଠାରେ ଚମତ୍କାର ବୋଲିଂ କରିଥିଲେ। କୁଲଦୀପଙ୍କୁ ଖେଳାଇବା ଦ୍ୱାରା ୬ଷ୍ଠ ସ୍ଥାନରେ ପନ୍ଥଙ୍କ ଉପରୁ କିଛି ଚାପ କମିଯିବ। ସିରିଜର ଅନ୍ତିମ ତଥା ଗୁରୁତ୍ୱପୂର୍ଣ୍ଣ ମ୍ୟାଚ ନ ଖେଳିବା ରୋହିତ ଶର୍ମାଙ୍କ ପାଇଁ ଦୁର୍ଭାଗ୍ୟଜନକ। ୧୯୭୭-୭୮ରେ ବିଶେନ ସିଂ ବେଦୀଙ୍କ ଅଧୀନରେ ଭାରତ ଅଳ୍ପକେ ୨-୩ରେ ସିରିଜ ହାରିଯାଇଥିଲା। ଏଥର କୋହଲିଙ୍କ ନେତୃତ୍ୱରେ ସିରିଜ ଜିତିବାର ସମ୍ଭାବନା ଦେଖାଦେଇଛି। ଆଇସିସି ମ୍ୟାଚ ରେଫରି ଏମ୍‌ସିଜି ପିଚ୍‌କୁ ଆଭରେଜ ମାନ୍ୟତା ଦେଇଛନ୍ତି। ଭାରତ ପାଇଁ ଅଷ୍ଟ୍ରେଲିଆ କାହିଁକି ଧିମା ଟର୍ନିଂ ପିଚ୍ ପ୍ରସ୍ତୁତ କଲା ତାହା ବୁଝି ହେଉନାହିଁ। ସେମାନେ ହୁଏତ କଠିନ ବାଉନ୍ସି ଓ ଫାଷ୍ଟ ପିଚ୍ ତିଆରି କରି ପାରିଥାନ୍ତେ। ଆହୁରି ମଧ ପୂଜାରା ଓ ବିରାଟ କିପରି ଇନିଂସ ଗଢୁଛନ୍ତି ତାହା ଉପରେ ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନମାନେ କାହିଁକି ଧ୍ୟାନ ଦେଉନାହାନ୍ତି। ଏହି ଦୁଇ ଖେଳାଳିଙ୍କ ଧୈର୍ଯ୍ୟ ଓ ରକ୍ଷଣାତ୍ମକ ଖେଳ ବାସ୍ତବିକ୍ ଦର୍ଶନୀୟ। ଅନ୍ୟପକ୍ଷରେ ଅଷ୍ଟ୍ରେଲୀୟମାନେ ଯେତେବେଳେ ବାଉଣ୍ଡାରୀ ମାରିବାକୁ ଯାଉଛନ୍ତି ଅବା ତରବରିଆ ହୋଇ ରନ ସଂଗ୍ରହ କରିବାକୁ ଚେଷ୍ଟା କରୁଛନ୍ତି, ସେତେବେଳେ ଆଉଟ ହେଉଛନ୍ତି। ଡ୍ରେସିଂରୁମ୍‌ରେ ସେମାନେ ଏ ବିଷୟରେ ଆଲୋଚନା ମଧ କରୁଥିବେ। ଭାରତ ଯଦି ଏହି ସିରିଜ ୩-୧ରେ ଜିତେ ତେବେ ଏହାଠାରୁ ବଡ଼ ଖୁସିର ବିଷୟ ଅବା କ'ଣ ହୋଇପାରେ। ବିରାଟ ଓ ତାଙ୍କ ଖେଳାଳିମାନେ ଅନ୍ତିମ ଲଢ଼େଇରେ ବିଜୟ ହାସଲ କରି ବର୍ଡର-ଗାଭାସ୍କର ଟ୍ରଫି ହାସଲ କରିବେ ବୋଲି ମୁଁ ଆଶା କରୁଛି।

–ଗେମ୍ ପ୍ଲାନ

THE ULTIMATE INVERTER BATTERY
EXIDE
INVATUBULAR

## ସଂକ୍ଷେପରେ

### ବାଳାଶ୍ରମ ପିଲାଙ୍କ ସହ ନବବର୍ଷ ପାଳିଲେ ଜିଲ୍ଲାପାଳ

**ଯାଜପୁର ଅଫିସ୍, ୧।୧:** ନୂଆବର୍ଷରେ ଉତ୍କଳ ବାଳାଶ୍ରମର ପିଲାମାନଙ୍କ ସହ ଜିଲାପାଳ ରଞ୍ଜନ କୁମାର ଦାସ ସମୟ ଅତିବାହିତ କରିଥିଲେ । ବାଳାଶ୍ରମର ପିଲାମାନେ ଅନୁଭବ ନ କରନ୍ତୁ ଯେ ସେମାନେ ଅବହେଳିତ ବା ନିରାଶ୍ରୟ। ତେଣୁ କୌଣସି ଉତ୍ସବ ମହୋତ୍ସବଗୁଡ଼ିକରେ ପ୍ରଶାସନ ସେମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ସହ ସାମିଲ ହେବା ଆବଶ୍ୟକ ବୋଲି ଜିଲାପାଳ ଦାସ କହିଥିଲେ । ଜିଲାପାଳ ସମସ୍ତ ପିଲାମାନଙ୍କୁ ଶୀତବସ୍ତ୍ର ପ୍ରଦାନ କରିଥିଲେ। ରେଡକ୍ରସ ପକ୍ଷରୁ ପିଲାମାନଙ୍କର ପୋଷାକ ଇତ୍ୟାଦି ସଫା ପାଇଁ ଏକ ୱାସିଂମେଶିନ ଜିଲ୍ଲାପାଳ ବାଳାଶ୍ରମକୁ ପ୍ରଦାନ କରିଥିଲେ । ବାଳାଶ୍ରମର ଉନ୍ନତି ପାଇଁ ଅନ୍ୟ ପ୍ରଶାସନିକ ଅଧିକାରୀ ଓ ବାଳାଶ୍ରମ କର୍ମଚାରୀଙ୍କ ସହ ଜିଲାପାଳ ଆଲୋଚନା କରିଥିଲେ।

### ଜିଲାପାଳଙ୍କ କାର୍ଯ୍ୟାଳୟରେ ବାୟୋମେଟ୍ରିକ ବ୍ୟବସ୍ଥା ଉଦ୍‌ଘାଟିତ

**ଯାଜପୁର ଅଫିସ୍, ୧।୧:** ନୂଆବର୍ଷ ୨୦୧୯ ଅବସରରେ ଜିଲା କାର୍ଯ୍ୟାଳୟରେ କର୍ମଚାରୀଙ୍କ ଉପସ୍ଥାନ ପାଇଁ ବାୟୋମେଟ୍ରିକ୍ ବ୍ୟବସ୍ଥାକୁ ଜିଲାପାଳ ରଞ୍ଜନ କୁମାର ଦାସ ମଙ୍ଗଳବାର ଶୁଭାରମ୍ଭ କରିଛନ୍ତି। ଜିଲାପାଳ ଦାସଙ୍କ ସମେତ ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ ଅନ୍ୟାନ୍ୟ ସମସ୍ତ ଅଧିକାରୀ ଓ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ। ବାୟୋମେଟ୍ରିକ ବ୍ୟବସ୍ଥା ଦ୍ୱାରା ଅଧିକାରୀ , କର୍ମଚାରୀମାନେ ଶୃଙ୍ଖଳିତ ଓ ସମୟାନୁବର୍ତ୍ତୀ ହୋଇପାରିବେ ବୋଲି ଜିଲାପାଳ ଦାସ ଆଶାବ୍ୟକ୍ତ କରିଥିଲେ। ସେହିପରି ଟାଟା ଷ୍ଟିଲ ସହଯୋଗରେ ୮ ଜଣ କର୍ମଚାରୀଙ୍କୁ ଜିଲାପାଳଙ୍କ କାର୍ଯ୍ୟାଳୟର ପରିଷ୍କାର ପରିଚ୍ଛନ୍ନତା ପାଇଁ ନିୟୋଜିତ କରାଯାଇଛି।

### ରାତ୍ରିକାଳୀନ ଆହାର କେନ୍ଦ୍ର ଶୁଭାରମ୍ଭ

**ଯାଜପୁର ଅଫିସ୍, ୧।୧:** ଯାଜପୁର ସଦର ମହକୁମା ନିକଟସ୍ଥ ଆହାର କେନ୍ଦ୍ରଠାରେ ସୋମବାର ସନ୍ଧ୍ୟାରେ ଜିଲାପାଳ ରଞ୍ଜନ କୁମାର ଦାସ ରାତ୍ରକାଳୀନ ଆହାର ବ୍ୟବସ୍ଥାକୁ ଉଦ୍‌ଘାଟନ କରିଛନ୍ତି। ପୂର୍ବରୁ ଆହାର କେନ୍ଦ୍ର କେବଳ ଦିନବେଳା ଖୋଲା ରହୁଥିବାବେଳେ ଡିସେମ୍ବର ୩୧ ତାରିଖଠାରୁ ସରକାର ରାତ୍ରବେଳା ଆହାର ବ୍ୟବସ୍ଥା କରିଛନ୍ତି। ଏହାଫଳରେ ଚିକିତ୍ସାଳୟକୁ ଆସୁଥିବା ରୋଗୀମାନଙ୍କ ସହାୟକମାନେ ବେଶ୍ ଉପକୃତ ହୋଇପାରିବେ। ଅପରପକ୍ଷରୁ ଗରୀବ, ଦୁସ୍ଥ ଓ ଅସହାୟ ଲୋକମାନେ ମଧ ରାତ୍ରକାଳୀନ ଖାଦ୍ୟ ବ୍ୟବସ୍ଥା ଦ୍ୱାରା ଉପକୃତ ହୋଇପାରିବେ ବୋଲି ଜିଲାପାଳ ଦାସ କହିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧରେ ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ପୂର୍ବତନ ପୌରାଧକ୍ଷ ଭବପ୍ରସାଦ ଦାସ, ପୌରନିର୍ବହୀ ଅଧିକାରୀ ସରୋଜ କୁମାର ରାଉତ, ପୂର୍ବତନ କାଉନସିଲର ସନ୍ତୋଷ କୁମାର ମଲ୍ଲିକ, ଲୋକସମ୍ପର୍କ ଅଧିକାରୀ, ପୌରସଂସ୍ଥାର ଓଏସ୍‌ଡି ସୁଦର୍ଶନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଚୋରା ମଦ ଜବତ: ଜଣେ ଗିରଫ

**ଛତିଆ,୧।୧(ଡି.ଏନ୍.ଏ.):** ବୈରୀ ଥାନା ଅନ୍ତର୍ଗତ ପାରିଆ ପଞ୍ଚାୟତର ବରୁଣିଆ ଗ୍ରାମ ନିକଟସ୍ଥ ଚାଖୁଣ୍ଡା ଜଙ୍ଗଲରେ ଛତିଆ ବିଟ୍ ହାଉସ୍ ଅଧିକାରୀ ଅମୀୟ ବେହେରା ଓ ଶ୍ରୀଧର ହେମ୍ବ୍ରମ୍ ଚଢ଼ାଉ କରି ଦେଶୀ ମଦ ଜବତ ସହିତ ବରୁଣିଆ ଗ୍ରାମର ବସନ୍ତ ଦାସଙ୍କୁ ଗିରଫ କରିଛନ୍ତି।

## କଳିଙ୍ଗନଗର ଗୁଳିକାଣ୍ଡ ଘଟଣା

# ଆଜି ପୂରୁଛି ୧୩ ବର୍ଷ, ସରିନି ଦୁଃଖ ଦୁର୍ଦ୍ଦଶା

- ୮ ରୁ ୧୦ ହଜାର ଟଙ୍କାର ସରକାରୀ ଚାକିରି
- କଷ୍ଟେମଷ୍ଟେ ଚଳୁଛନ୍ତି ଶହୀଦଙ୍କ ପରିବାରବର୍ଗ

**ଯାଜପୁର ଅଫିସ,୧।୧**

ସରକାରୀ ନିୟମିତ ଚାକିରିଆ ବୋଲି କହୁଛନ୍ତି। ହେଲେ ଦରମା ମିଳୁଛି ମାତ୍ର ୮ ରୁ ୧୦ ହଜାର ଟଙ୍କା। ଏହାସହ କୌଣସି ଭତ୍ତା ନାହିଁ। ଛୁଟି ମିଳୁ ନାହିଁ। ଚାକିରି ନିୟମିତ ହୋଇ ନ ଥିବାରୁ ସ୍ୱଳ୍ପ ଦରମାରେ ଆଜିର ମହଙ୍ଗା ଦୁନିଆରେ ପରିବାରକୁ ନେଇ ଚଳିବା ଅସମ୍ଭବ ହେଉଛି। ଏହି ଚାକିରିକୁ ନେଇ ଏବେ ବି ଆଶା ଆଶଙ୍କାରେ ଦିନ ଗଡୁଛି। ଟାଟା କମ୍ପାନୀ ବିସ୍ଥାପନ ବିରୋଧି ସଂଗ୍ରାମରେ ଝାସ ଦେଇ ଶହୀଦ ହୋଇଥିବା ପରିବାରବର୍ଗଙ୍କ ଏହା ହେଉଛି କୋହଭରା ନିବେଦନ।

କଳିଙ୍ଗନଗର ଗୁଳିକାଣ୍ଡକୁ ବୁଧବାର ୧୩ ବର୍ଷ ପୁରୁଛି । ହେଲେ ଶହୀଦ ହୋଇଥିବା ଆଦିବାସୀ ପରିବାରବର୍ଗଙ୍କ ଦୁଃଖ ଦୁର୍ଦ୍ଦଶାକୁ ଦେଖିଲେ ପ୍ରଶାସନ ଓ ଟାଟା ଷ୍ଟିଲ କର୍ତ୍ତୃପକ୍ଷଙ୍କ ଆଭିମୁଖ୍ୟ ସ୍ପଷ୍ଟ ବାରି ହୋଇପଡୁଛି। ୧୩ ଶହୀଦ ପରିବାରବର୍ଗଙ୍କୁ ଉପଯୁକ୍ତ ଥଇଥାନ ଏ ପର୍ଯ୍ୟନ୍ତ ହୋଇପାରି ନାହିଁ। ଜୋରଜବରଦସ୍ତ ବିସ୍ଥାପନ ବିରୋଧରେ ସ୍ୱର ଉତ୍ତୋଳନ କରି ପୋଲିସର ଗୁଳିମାଡ଼ରେ ଶହୀଦ ହୋଇଥିବା ପରିବାରବର୍ଗଙ୍କୁ ସରକାରୀ ସ୍ଥାୟୀ ନିଯୁକ୍ତିଟିଏ ମିଳିପାରି ନାହିଁ। ସରକାରୀ ଅନୁଷ୍ଠାନରେ ସେହି ପରିବାରର ଜଣେ ଲେଖାଏ ଉତ୍ତରାଧିକାରୀଙ୍କୁ ନିଯୁକ୍ତି ମିଳିଛି ସତ, ହେଲେ ସେମାନେ ସ୍ଥାୟୀ ନା ଅସ୍ଥାୟୀ, କେତେ ଦରମା ପାଉଛନ୍ତି, ସେହି ଦରମାରେ ପରିବାର କେମିତି ଚଳୁଛି ଆଦି ବୁଝିବାକୁ କାହାରି ତର ନାହିଁ । ଶିକ୍ଷା ବିଭାଗରେ ୧୦ ଜଣ ଓ ମେଡିକାଲ, ଜିଲାପାଳଙ୍କ କାର୍ଯ୍ୟାଳୟ ଓ ତହସିଲ କାର୍ଯ୍ୟାଳୟରେ ଜଣେ ଲେଖାଏ ନିଯୁକ୍ତି ପାଇଛନ୍ତି। ଶିକ୍ଷା ବିଭାଗରେ କାମ କରୁଥିବା ଅଧିକାଂଶ ରୋଷେୟା ଓ ଚୌକିଦାର ଶ୍ରେଣୀର। ଏହାବାଦ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଅନୁକମ୍ପା ରାଶି ୧୦ଲକ୍ଷ ଟଙ୍କା ପାଇଛନ୍ତି ସିନା ହେଲେ ପରିବାରରେ ଅଧିକାଂଶ ନିରକ୍ଷର ହୋଇ ଯାଇଛନ୍ତି। ଶହୀଦ ରଙ୍ଗଲାଲଙ୍କ ବଡ଼ ପୁଅ ସମାଙ୍କ ସ୍ତ୍ରୀ,୨ ପୁଅ ଓ ୧ ଝିଅ ଅଛନ୍ତି । ସମା ଓ ତାଙ୍କ ସ୍ତ୍ରୀ ନୀରକ୍ଷର ସିନା ହେଲେ ପୁଅଝିଅଙ୍କୁ ପାଠ ପଢାଇବାକୁ ସେ ପଣ କରିଛନ୍ତି। ସମାଙ୍କୁ ଚଣ୍ଡିଖୋଲ ହାଇସ୍କୁଲରେ ଏକ ପିଅନ ଚାକିରି ମିଳିଛି। ମାସକୁ ଦରମା ମାତ୍ର ୮ରୁ ୧୦ ହଜାର ଟଙ୍କା। ଚାକିରି ଏ ପର୍ଯ୍ୟନ୍ତ ନିୟମିତ ହୋଇନାହିଁ । ଫଳରେ ମହଙ୍ଗାଭତ୍ତା, ଘରଭଡ଼ା, ଆଦି ସରକାରୀ ସୁବିଧା ପାଇବାରୁ ସେ ବଞ୍ଚିତ । ସତେ ଯେପରି ସରକାର ଶହୀଦଙ୍କ ପରିବାରବର୍ଗଙ୍କୁ ଦୟା କରୁଛନ୍ତି ବୋଲି ଏଠାରେ ମତପ୍ରକାଶ ପାଉଛି। କେବଳ ସମାଙ୍କ କ୍ଷେତ୍ରରେ ନୁହଁ ଅନ୍ୟ ଶହୀଦଙ୍କ ପରିବାରବର୍ଗଙ୍କୁ ମିଳିଥିବା ଚାକିରି ମଧ ନିୟମିତ ହୋଇନାହିଁ। ଫଳରେ ବର୍ଷକର ଆବଶ୍ୟକତା ମେଣ୍ଟାଇବା ସେମାନଙ୍କ ପକ୍ଷେ କଷ୍ଟକର ବ୍ୟାପାର ହୋଇଛି । ଏସଂକ୍ରାନ୍ତରେ ବିସ୍ଥାପନ ବିରୋଧି ଜନମଞ୍ଚର ସଭ୍ୟ ବାବୁଲି ପୂର୍ତ୍ତି କୁହନ୍ତି ଆଗ ଭଳି ଆଉ ଦାବି ହାସଲ କରାଯାଉ ନାହିଁ । ବିସ୍ଥାପନ ବିରୋଧି ଜନମଞ୍ଚ ଟାଟା ଷ୍ଟିଲ କମ୍ପାନୀର ମଧ୍ୟସ୍ଥ ସାଜିଛି। ଯଦ୍ୱାରା ଶହୀଦ ପରିବାରବର୍ଗଙ୍କୁ ସବୁପ୍ରକାରେ ଉପେକ୍ଷିତ କରାଯାଉଛି। ଶହୀଦ ପରିବାରବର୍ଗଙ୍କୁ ନିଯୁକ୍ତି କେବଳ ଧୂଆଁବାଣ ବୋଲି ସେ କ୍ଷୋଭର ସହ ପ୍ରକାଶ କରିଛନ୍ତି । ଏ ସଂକ୍ରାନ୍ତରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି ଶହୀଦ ପରିବାରବର୍ଗଙ୍କୁ ନିଯୁକ୍ତି କ୍ଷେତ୍ରରେ ଯଦି ଅବହେଳା କରାଯାଇଛି ତେବେ ସରକାରଙ୍କୁ ଏନେଇ ଦୃଷ୍ଟି ଆକର୍ଷଣ କରାଯିବ ।








## ବିବାହ ପାଇଁ ମିଳିଲାନି ପରିବାରର ସ୍ୱୀକୃତି

# ପ୍ରେମିକଙ୍କ ପରେ ଆତ୍ମହତ୍ୟା କଲେ ନାବାଳିକା

**କୋରେଇ,୧।୧(ସ୍ୱ.ପ୍ର.)**

ସବୁଆଡ଼େ ନୂଆବର୍ଷ ଖୁସିର ଲହରି ଖେଳିଯାଇଥିବା ବେଳେ ପାଣିକୋଇଲି ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି ଏକ ଦୁଃଖଦ ଘଟଣା। ବିବାହ ପାଇଁ ପରିବାରର ସ୍ୱୀକୃତି ନ ମିଳିବାରୁ ମଙ୍ଗଳବାର ପାଣିକୋଇଲି ଥାନା ଅଞ୍ଚଳର ଜଣେ ନାବାଳିକା ସୋମବାର ବିଳମ୍ବିତ ରାତିରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ମଙ୍ଗଳବାର ପାଣିକୋଇଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା (୧/୧୯) ରୁଜୁ କରିଛି। ପ୍ରକାଶ ଯେ, ପାଣିକୋଇଲି ଥାନା ଅନ୍ତର୍ଗତ ଅଳତିରି ଗ୍ରାମର ଜଣେ ଯୁବକଙ୍କର ଉକ୍ତ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କ ସହ ପ୍ରେମ ସମ୍ପର୍କ ଥିଲା ବୋଲି ଶୁଣିବାକୁ ମିଳିଛି। ହେଲେ ଉଭୟ ଭିନ୍ନ ସମ୍ପ୍ରଦାୟର ହୋଇଥିବାରୁ ବିବାହ ପାଇଁ ପରିବାରର ସ୍ୱୀକୃତି ନ ମିଳିବାରୁ ଗତ ୨୯ ତାରିଖରେ ଯୁବକ ଜଣକ ଆତ୍ମହତ୍ୟା କରିଥିଲେ। ପ୍ରେମିକଙ୍କ ମୃତ୍ୟୁ ପରେ ଲୋକ ଲଜ୍ଜାରେ ଭାଙ୍ଗିପଡ଼ି ନାବାଳିକା ଜଣକ ଆତ୍ମହତ୍ୟା କରିଥିଲେ।

# କଳିଙ୍ଗନଗରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

**କଳିଙ୍ଗନଗର,୧।୧(ଡି.ଏନ.ଏ)**

ଆଜି ଜାନୁୟାରୀ ୨ତାରିଖ। କଳିଙ୍ଗନଗର ଗୁଳିକାଣ୍ଡକୁ ଇତିମଧ୍ୟରେ ୧୩ବର୍ଷ ପୁରି ଯାଇଛି। ପ୍ରତିବର୍ଷ ପରି ବୁଧବାର ଆଦିବାସୀମାନେ ବିରଭୂମିରେ ପୂଜାକରି ଏକ ଶୋଭାଯାତ୍ରାରେ ଚମ୍ପା କୋଇଲିଠାରୁ ଅମ୍ବଗଡିଆ ସହିଦ ସ୍ତମ୍ଭ ପର୍ଯ୍ୟନ୍ତ ଆସିବେ। ଏଥିରେ ସର୍ବଭାରତୀୟ ହ କମିଟି ସମ୍ପାଦକ ଲକ୍ଷ୍ମୀଧର ଟିୟୁ, ସହସମ୍ପାଦକ ଅଜୟ କାଲୁଣ୍ଡିଆ, ଇଣ୍ଡିୟାନ ରିପବ୍ଲିକାନ ଦଳର ଅଧକ୍ଷ ଅବଦୁଲ ଓାଲି ଓ ବିସ୍ଥାପନ ବିରୋଧୀ ଜନମଞ୍ଚର ସ୍ଥାନୀୟ ନେତା ବିରେନ ଜାମୁଦା ,ଅମର ସିଂ ବାନାରା, ରବୀନ୍ଦ୍ର ଜାରିକା, ମୋଟେଇ ଜାମୁଦା, ପ୍ରମୁଖ ଶୋଭାଯାତ୍ରା କାର୍ଯ୍ୟକ୍ରମରେ ଯୋଗ ଦେବାର ରହିଛି। ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ୭ପ୍ଲାଟୁନ ପୋଲିସ ଫୋର୍ସ ସହ ଦୁଇଜଣ ଡିଏସ୍‌ପି, ଜଣେ ଅଡିସନାଲ ଏସ୍‌ପିଙ୍କ ସମେତ ୩୬ଜଣ ପୋଲିସ ଅଫିସର ସଜାଗ ରହିଛନ୍ତି ବୋଲି କଳିଙ୍ଗନଗର ଥାନାଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ କହିଛନ୍ତି।

୧୩ବର୍ଷ ମଧରେ ଗୁଳିକାଣ୍ଡରେ ଶହୀଦ ହୋଇଥିବା ୧୩ଜଣ ଆଦିବାସୀ ପରିବାରଙ୍କୁ ଏଯାବତ୍ ସରକାର କିମ୍ବା କମ୍ପାନୀ ପକ୍ଷରୁ ଦିଆଯାଇଥିବା ପ୍ରତିଶ୍ରୁତି ପୂରଣ କରାଯାଇ ନାହିଁ। ମୃତ ଭଗବାନ ସଏଙ୍କ ମା’ ସିନି ସଏ କ୍ଷୋଭର ସହ କହିଛନ୍ତି ଯେ, ସରକାର ଓ କମ୍ପାନୀ ମିଳିମିଶି ବିସ୍ଥାପନ ବିରୋଧୀ ଜନମଞ୍ଚର ନେତୃତ୍ୱ ନେଉଥିବା ନେତାଙ୍କୁ ହାତ ବାରିଷି କରିଛନ୍ତି। କୋଟିକୋଟି ଟଙ୍କାର ଠିକା କାର୍ଯ୍ୟ ସେମାନେ କରୁଛନ୍ତି। ଆଦିବାସୀଙ୍କୁ ଭାଗଭାଗ କରି ସେମାନଙ୍କ ମଧରେ ଲଢ଼େଇକରି କମ୍ପାନୀ ତାହାର ସ୍ୱାର୍ଥ ହାସଲ କରୁଛି। ନିଜ ସ୍ୱାର୍ଥ ପାଇଁ କମ୍ପାନୀ ହାତରେ ସେମାନେ ବନ୍ଧା ପଡି ନିଜ ଜାତିଭାଇଙ୍କୁ ହଇରାଣ ହରକତ କରୁଛନ୍ତି। ୨୦୦୬ ମସିହା ଗୁଳିକାଣ୍ଡ ଘଟଣାରେ ସରକାର ତଦନ୍ତ ପାଇଁ ୨୦୦୯ ସେପ୍ଟେମ୍ବର ୪ ତାରିଖରେ ଜଷ୍ଟିସ ପ୍ରଦ୍ୟୁମ୍ନ କୁମାର ମହାନ୍ତିଙ୍କୁ ଦାୟିତ୍ୱ ଦେଇଥିଲେ। ଜଷ୍ଟିସ ମହାନ୍ତି ୨୦୧୫ ଜୁଲାଇ ୩ତାରିଖରେ ସରକାରଙ୍କୁ ତାଙ୍କ ରିପୋର୍ଟ ଦେଇଥିଲେ ମଧ କାହିଁକି ସରକାର ପୁଣି ଦୁଇବର୍ଷ ସରକାର ରିପୋର୍ଟକୁ ଚାପି ରଖିଲେ ତାହା ଏବେ ଆଦିବାସୀଙ୍କ ମନରେ ସନ୍ଦେହ ସୃଷ୍ଟି କରିଛି। ଜଷ୍ଟିସ୍‌ଙ୍କ ଉକ୍ତ ରିପୋର୍ଟରେ କୌଣସି ପୋଲିସ ଅଧିକାରୀ ଓ ସରକାରୀ ବାବୁଙ୍କୁ ଦାୟୀ କରାଯାଇ ନାହିଁ। ଓଲାଟା ଆଦିବାସୀମାନେ ଗୁଳିଖାଇବା ପାଇଁ ନିଜେ ଦାୟୀ ବୋଲି ପରୋକ୍ଷରେ ବୁଝାପଡୁଛି।

# ଶ୍ରେଷ୍ଠ ପୌରାଞ୍ଚଳ ଭାବେ ଯାଜପୁରକୁ କୋଟିଏ ଟଙ୍କା ପ୍ରୋତ୍ସାହନ ରାଶି

**ଯାଜପୁର ଅଫିସ୍, ୧।୧**

ଯାଜପୁର ପୌରପରିଷଦ ୪ର୍ଥ ରାଜ୍ୟ ଅର୍ଥ କମିଶନରଙ୍କ ପକ୍ଷରୁ ୨୦୧୫-୧୬ ବର୍ଷ ପାଇଁ ଶ୍ରେଷ୍ଠ ପ୍ରଦର୍ଶନ ପୌରସଂସ୍ଥା ଭାବେ ପୁରସ୍କୃତ ହୋଇଛି। ଏଥିପାଇଁ ଏକ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ପୌର ସଂସ୍ଥାକୁ ପ୍ରାପ୍ତ ହୋଇଛି । ଜିଲାପାଳ ତଥା ଯାଜପୁର ପୌରସଂସ୍ଥାର ପ୍ରଶାସକ ରଞ୍ଜନ କୁମାର ଦାସ ଏହି ପ୍ରମାଣ ପତ୍ର ଓ ଚେକ୍‌କୁ ସାର୍ବଜନୀନ କରିବା ସହ ପୂର୍ବ କାଉନ୍‌ସିଲର ସମସ୍ତ ସଦସ୍ୟ, ପୌରନିର୍ବାହୀ ଅଧିକାରୀ ଓ କର୍ମଚାରୀମାନଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ଏହା ଐକ୍ୟବଦ୍ଧ ଓ ନିଷ୍ଠାପର ଉଦ୍ୟମର ଫଳ ଯାହାର ସୁଫଳ ସାଧାରଣ ଜନତାମାନେ ପାଇବେ ବୋଲି ଜିଲାପାଳ କହିଛନ୍ତି। ଅନ୍ୟମାନଙ୍କ ମଧରେ ପୌରନିର୍ବାହୀ ଅଧିକାରୀ ସରୋଜ କୁମାର ରାଉତ, ଓଏସ୍‌ଡି ସୁଦର୍ଶନ ମିଶ୍ର, ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ମୁଖ୍ୟ କିରାଣୀ ପ୍ରଦୀପ କୁମାର ନାୟକ ପ୍ରମୁଖଙ୍କ ସହ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ନବବର୍ଷ ଅବସରରେ

# ବିରଜା ମନ୍ଦିରରେ ୬୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ଭିଡ଼

**ବିରଜାକ୍ଷେତ୍ର,୧।୧(ଡି.ଏନ୍.ଏ)**

ନୂଆ ବର୍ଷରେ ପ୍ରାୟ ୬୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା’ ବିରଜାଙ୍କ ଦର୍ଶନ କରି ଆଶିଷ ଲାଭ କରିଛନ୍ତି। ମା’ ବିରଜାଙ୍କ ମନ୍ଦିର ସମେତ ଯାଜପୁର ସହରର ବିଭିନ୍ନ ଦେବାଦେବୀ ମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ବର୍ଷର ପ୍ରଥମ ଦିନରେ ପାରମ୍ପରିକ ରୀତିନୀତି ଅନୁଯାୟୀ ମା’ ବିରଜାଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ମା’ ବିରଜାଙ୍କୁ ଚନ୍ଦନ ବେଶରେ ସଜ୍ଜିତ କରାଯାଇଥିଲା। ଭୋର ୫ଟାରୁ ପହୁଡ଼ ଖୋଲିବା ଠାରୁ ପହୁଡ଼ ବନ୍ଦ ହେବା ରାତ୍ର ୧୦ଟା ପର୍ଯ୍ୟନ୍ତ ଭକ୍ତମାନଙ୍କ ଭିଡ଼ ମନ୍ଦିର ପରିସରରେ ଲାଗି ରହିଥିଲା। ରାଜ୍ୟ ତଥା ରାଜ୍ୟବାହାରୁ ପଶ୍ଚିମ ବଙ୍ଗ, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ବିହାର, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ରାଜସ୍ଥାନ ପ୍ରଭୃତି ରାଜ୍ୟରୁ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ମନ୍ଦିର ପ୍ରଶାସକ ପକ୍ଷରୁ ଭକ୍ତମାନଙ୍କୁ ପୂଜାର୍ଚ୍ଚନା ଓ ମା’ଙ୍କ ଦର୍ଶନ ନିମନ୍ତେ ସମସ୍ତ ସୁବନ୍ଦୋବସ୍ତ କରାଯାଇଥିଲା। ମା’ ବିରଜା ମନ୍ଦିର ବ୍ୟତିତ ଯାଜପୁର ସହରରେ ଥିବା ରାମମନ୍ଦିର, ରକ୍ଷାକାଳୀ ମନ୍ଦିର, ଜଗନ୍ନାଥ ମନ୍ଦିର, ତ୍ରିଲୋଚନେଶ୍ୱର ମନ୍ଦିର, ବରାହ ମନ୍ଦିର ପ୍ରଭୃତି ମନ୍ଦିରଗୁଡ଼ିକରେ ମଧ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳିଥିଲା।



ମା’ବିରଜା।

# ଥାନପତି କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ: ପାଣିକୋଇଲି ବିଜୟୀ

**କୋରେଇ,୧।୧(ସ୍ୱ.ପ୍ର.)**

କୋରେଇ ବ୍ଲକ ଅନ୍ତର୍ଗତ କରଦା ପଞ୍ଚାୟତର ବର୍ତ୍ତମଣା ଗ୍ରାମରେ ମଙ୍ଗଳବାର ଥାନପତି କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଥାନାଧିକାରୀ ଅଜୟ କୁମାର ଜେନା ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ସରପଞ୍ଚ ଗଣେଶ ସାହୁ ମୁଖ୍ୟଅତିଥି, ସୁବାସ ସାହୁ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। କ୍ଲବ୍ସାର ପାଣିକୋଇଲି ଓ ବନାମ ଚୋରଦା ଯାଜପୁର ମଧରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଚୋରଦା ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୮ ଉଇକେଟ ହରାଇ ୧୦୨ ରନ କରିଥିଲା। ଜବାବରେ ପାଣିକୋଇଲି ୧୧ ଓଭରରେ ୬ ଉଇକେଟ ହରାଇ ୧୦୩ରନ କରିବିଜୟୀ ହୋଇଥିଲା। ଆଇନଜୀବୀ ବିଜୟ କୁମାର ସାହୁ, ହରି ଦାସ, ଦେବୀ ପ୍ରସାଦ ସାହୁ ପ୍ରମୁଖ ଖେଳ ପରିଚାଳନା କରିଥିଲେ । କ୍ଲବ ତରଫରୁ ବସନ୍ତ ମଳିକ, ରତ୍ନାକର ମଳିକ, ମଣ୍ଟୁ ମଳିକ, ପବନ ମହାନ୍ତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



ଥାନା ଅଧିକାରୀ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରୁଛନ୍ତି।

# ସଡ଼କ ଦୁର୍ଘଟଣାରେ ଯୁବକ ଗୁରୁତର

**ଛତିଆ,୧।୧(ଡି.ଏନ୍.ଏ.)**

୧୬ ନଂ. ଜାତୀୟ ରାଜପଥ ଛତିଆ କଲେଜ ଛକ ପାର୍ଶ୍ୱରେ ମଙ୍ଗଳବାର ଅପରାହ୍ଣରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ସ୍କୁଟି ଚାଳକ ଗୁରୁତର ଆହତ ହୋଇଛନ୍ତି। ଆହତ ଯୁବକଙ୍କ ପରିଚୟ ମିଳିପାରି ନାହିଁ। ତାଙ୍କୁ ପ୍ରଥମେ ବଡ଼ଚଣା ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଅବସ୍ଥା ଗୁରୁତର ଥିବାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପ୍ରକାଶ ଯେ, ଯୁବକଜଣକ ଏକ ସ୍କୁଟିରେ କଟକ ପଟୁ ଚଣ୍ଡିଖୋଲ ଆଡକୁ ଯାଉଥିବା ସମୟରେ ଏକ ବସ୍ ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରିବା ସହିତ ୧୦୮ ଆମ୍ବୁଲାନ୍ସ ଯୋଗେ ବଡଚଣା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ ।

## ସର୍ବଭାରତୀୟ ମାନବିକ ଅଧିକାର ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ

# ଯାଜପୁରର ୯ ସାମାଜିକ କର୍ମୀ ସମ୍ବର୍ଦ୍ଧିତ

**କୋରେଇ,୧।୧(ସ୍ୱ.ପ୍ର.)**

ସର୍ବଭାରତୀୟ ମାନବିକ ଅଧିକାର ସଂଘ ପକ୍ଷରୁ ଭୁବନେଶ୍ୱରଠାରେ ମଙ୍ଗଳବାର ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଯାଜପୁର ଜିଲାର ୯ ଜଣ ସାମାଜିକ କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେମାନେ ହେଲେ ପ୍ରଫୁଲ୍ଲ କୁମାର ଦାସ, ଅଶୋକ କୁମାର ରାଉତ, ମହେନ୍ଦ୍ର ଧଳ, ବିଶ୍ୱଜିତ ରାଜ, ତାରିଣୀ ପ୍ରସାଦ ଦାସ, ଅକ୍ଷୟ କୁମାର ଧଳ, ସୁବାସ ବଳସାମନ୍ତ, ଇତିଶ୍ରୀ ସାମଲ, ଶକ୍ତି ପ୍ରସାଦ ମହାପାତ୍ର ଭୁବନେଶ୍ୱର ମେୟର ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥି, ଏମ୍‌ପି ପସନ୍ନ ପାଟଶାଣୀ ମୁଖ୍ୟବକ୍ତା, ଡ. ଜଗତାନନ୍ଦ ସରସ୍ୱତୀ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସଂଘର ଜାତୀୟ ସଭାପତି ଏମ.ୟୁ ଦୁଆ, ଉପସଭାପତି ମନୋରଞ୍ଜନ ମହାନ୍ତି, ସଂଘର ଓଡ଼ିଶା ମୁଖ୍ୟ ଚିନ୍ମୟ ମହାନ୍ତି, ସମୀର ମହାନ୍ତି, ଶିବାନନ୍ଦ ରାୟ ପ୍ରମୁଖ ଉପସ୍ଥିତ ରହି ସମାଜସେବାରେ ନିୟୋଜିତ ସାମାଜିକ କର୍ମୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।



## ଯାଜପୁର ଜିଲାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍

# ୧୦୦ଦିନର କାମ ପାଇଛନ୍ତି ମାତ୍ର ୧୯୩

**ଯାଜପୁର ଅଫିସ,୧।୧**

କେନ୍ଦ୍ରୀୟ ପ୍ରବର୍ତ୍ତିତ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଯାଜପୁର ଜିଲାରେ ବାଟବଣା ହୋଇଯାଇଛି। ଗ୍ରାମୀଣ ଶ୍ରମଜୀବୀଙ୍କୁ ବାର୍ଷିକ ଶହେ ଦିନ କାମ ଯୋଗାଇଦେବା ପାଇଁ ପ୍ରଣିତ ଆଇନରୁ କାମ ମିଳିବ ଏବଂ ସ୍ଥାୟୀ ସମ୍ପତ୍ତି ସୃଷ୍ଟି ହେବା ଯେଉଁ ଆଶା ସୃଷ୍ଟି ହୋଇଥିଲା ତାହା ଏବେ ଫସର ଫାଟିଛି। ୨୦୧୮-୧୯ ଆର୍ଥିକ ବର୍ଷରେ ଡିସେମ୍ବର ସୁଦ୍ଧା ଜିଲାରେ ମାତ୍ର ୧୯୩ ଜଣ ୧୦୦ଦିନର କାମ ପାଇଥିବା ସରକାରୀ ତଥ୍ୟରୁ ଜଣାପଡିଛି। ସେଥିମଧ୍ୟରୁ ବଡ଼ଚଣା, ଦାନଗଦୀ, ଧର୍ମଶାଳା, ଯାଜପୁର ଓ ସୁକିନ୍ଦା ବ୍ଲକରେ ଦୁଇ ଅଙ୍କ ଛୁଇଁ ପାରିନାହିଁ। ଏହାବାଦ ଜିଲାକୁ ଅନୁଦାନ କ୍ରମଶଃ କମିବାରେ ଲାଗିଥିବା ରିପୋର୍ଟରୁ ସ୍ପଷ୍ଟ ହେଉଛି ।

ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଲୋକହିତକର ଯୋଜନାରେ ଠିକାଦାରୀ କାର୍ଯ୍ୟକୁ ପ୍ରୋତ୍ସାହନ ଯୋଗୁ ପ୍ରକୃତ ଶ୍ରମିକ କାମ ପାଇପାରୁ ନାହାନ୍ତି। ହାତରେ ଜବକାର୍ଡ ଧରି କାମ ପାଇଁ ଆବେଦନ କରୁଛନ୍ତି, ହେଲେ କୋଟିକୋଟି ଟଙ୍କାର କାମ ଥାଇ ସୁଦ୍ଧା ଶ୍ରମିକମାନେ ୧୦୦ଦିନର କାମ ପାଇପାରୁ ନାହାନ୍ତି। କାର୍ଯ୍ୟ ଅନୁସାରେ ଯେତିକି ସଂଖ୍ୟାରେ ଶ୍ରମିକ ନିୟୋଜନ ହେବା କଥା ସେତିକି ସଂଖ୍ୟାରେ ନିୟୋଜନ ହୋଇପାରୁ ନାହାନ୍ତି। ଫଳରେ ଏହି ଯୋଜନାରେ ମେଶିନ ଦ୍ୱାରା କାର୍ଯ୍ୟ କରାଯାଉଥିବା ଏକ ପ୍ରକାର ସ୍ପଷ୍ଟ ହୋଇଯାଇଛି। ୩୫ ଶତକଡ଼ା ଜଳସେଚନ ଲକ୍ଷ୍ୟ ରଖି ଗାଁ ପ୍ରତି ଏହି ଯୋଜନାରୁ ୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ବନ୍ଧ, ମୁଁଡା କରିବା ପ୍ରତିଶ୍ରୁତି ସରକାର ଦେଇଥିଲେ ମଧ ଏନେଇ ଟାଳଟୁଳ ନୀତି ଅବଲମ୍ବନ କରାଯାଉଛି। ଏବେ ଧାନ ଅମଳ ପରେ ଶ୍ରମଜୀବୀ ହାତରେ କିଛି କାମ ନ ଥିବାବେଳେ ଏହି ଯୋଜନାକୁ ଅପେକ୍ଷା କରି ଆଖିର ପାଣି ମଲାଣି। ପୂର୍ବରୁ ୨୦୧୭-୧୮ ଆର୍ଥିକ ବର୍ଷରେ ୬୯୩ ଜଣ ଓ ୨୦୧୬-୧୭ ଆର୍ଥିକ ବର୍ଷରେ ୨୪୦ ଜଣ ୧୦୦ ଦିନର କାମ ପାଇଥିଲେ। ତେବେ ଚଳିତ ଆର୍ଥିକ ବର୍ଷ ଏହାର ସଫଳତା ହାର ବହୁ ମାତ୍ରାରେ ହ୍ରାସ ଘଟିଛି। ବଡ଼ଚଣା ବ୍ଲକରେ ୮ଜଣ, ବରୀରେ ୧୫, ବିଞ୍ଝାରପୁରରେ ୧୯, ଦାନଗଦୀରେ ୭, ଦଶରଥପୁରରେ ୫୨, ଧର୍ମଶାଳାରେ ୬, ଯାଜପୁରରେ ୩, କୋରେଇରେ ୩୬, ରସୁଲପୁରରେ ୩୮ ଓ ସୁକିନ୍ଦା ବ୍ଲକରେ ୯ ଜଣ ୧୦୦ ଦିନର କାମ ପାଇଛନ୍ତି। ତେବେ ଜିଲାର ଅଧିକାଂଶ ବ୍ଲକରେ କେବଳ ମିଥ୍ୟା ମଷ୍ଟରରୋଲ ବ୍ୟବହାର କରି ମେଶିନ ଜରିଆରେ ଶ୍ରମିକଙ୍କ ନାମରେ ଯୋଜନା ଅନ୍ତର୍ଗତ ଅର୍ଥ ହଡପ ହେଉଥିବା ଅଭିଯୋଗ ହୋଇଆସୁଛି। ଦାୟିତ୍ୱରେ ଥିବା ଉଚ୍ଚପଦସ୍ଥ ଅଧିକାରୀଙ୍କ ଆବଶ୍ୟକ ତଦାରଖ ଅଭାବରୁ ଏହି ଦୁର୍ନୀତି ବଢିବାରେ ଲାଗିଛି। ଏଥିଯୋଗୁ ଅନୁଦାନ ମଧ ହ୍ରାସ ପାଇବାରେ ଲାଗିଛି। ୨୦୧୮-୧୯ ଆର୍ଥିକ ବର୍ଷରେ ୪୯୨୮.୦୩ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର ହୋଇଥିବାବେଳେ ଏହାର ପୂର୍ବ ବର୍ଷ ୨୦୧୭-୧୮ ଆର୍ଥିକ ବର୍ଷରେ ୫୪୫୪.୪୭ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଏଥିରେ ଅଙ୍ଗନୱାଡି ଗୃହ ନିର୍ମାଣରେ ୩୫୮ଟି ନିର୍ମାଣାଧିନ ରହିଥିବାବେଳେ ୬୪ଟି ସମ୍ପୂର୍ଣ୍ଣ ହୋଇଥିବା ଦର୍ଶାଯାଇଛି। ଏଥିରେ ୪୭୫.୫୧ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ସେହିପରି ଖେଳପଡିଆରେ ୯୪ଟି ନିର୍ମାଣାଧିନ ଓ ୧୩ଟି ସମ୍ପୂର୍ଣ୍ଣ ହୋଇଛି। ଏଥିରେ ୮୩.୯୪ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ପ୍ରାଣୀ ସମ୍ପଦର ଉନ୍ନୟନରେ ୨୬୯.୯ଲକ୍ଷ ଟଙ୍କା ଖର୍ଚ୍ଚ ହୋଇସାରିଛି । ଏଥିରେ ୫୩୨ଟି ନିର୍ମାଣାଧୀନ ଓ ୮୯ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ତେବେ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ କର୍ତ୍ତୃପକ୍ଷ ଦର୍ଶାଇଛନ୍ତି ଯେ, ଏମ୍‌ଏନ୍‌ଆରଇଜିଏସ୍ କାର୍ଯ୍ୟ ଉପରେ ବିଭାଗ ଅଧିକ ଗୁରୁତ୍ୱ ଦେଉଛି । ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୧୦୦ ଦିନର କାର୍ଯ୍ୟ ପାଇଥିବା ଶ୍ରମିକଙ୍କ ସଂଖ୍ୟା ନିଶ୍ଚିତ ଭାବେ ବୃଦ୍ଧି ଘଟିବ ।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ଗାଡ଼ି ଧକ୍କାରେ ଜଣେ ମୃତ

**ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର,୧।୧(ଡି.ଏନ୍.ଏ./ସ୍ୱ.ପ୍ର.):** ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବରୁହାଁ–ବାଲିଚନ୍ଦ୍ରପୁର ପୂର୍ତ୍ତ ବିଭାଗ ରାସ୍ତାର ମାଣ୍ଡୁକା ଛକ ନିକଟରେ ମଙ୍ଗଳବାର ପୂର୍ବାହ୍ନରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ କେନ୍ଦ୍ରାପଡ଼ା ଜିଲା ନିକିରାଇ ଥାନା ଅନ୍ତର୍ଗତ ସଦାନନ୍ଦପୁର ଗ୍ରାମର ରମାକାନ୍ତ ପୃଷ୍ଟି (୪୪)। ଖବରପାଇ ବାଲିଚନ୍ଦ୍ରପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ରମାକାନ୍ତଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାରୁ ପ୍ରକାଶ ଯେ, ରମାକାନ୍ତ ବାଇକ୍‌ଯୋଗେ ବାଲିଚନ୍ଦ୍ରପୁରଠାରୁ ଅରେଇକଣା ଅଭିମୁଖେ ଯାଉଥିଲେ। ଏହି ସମୟରେ ମାଣ୍ଡୁକା ଛକ ନିକଟରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା।

# ଅନ୍ତର୍ଜାତୀୟ ମାନବ ଅଧିକାର ସଂସ୍ଥାର ଇଷ୍ଟ ଜୋନ ଅଧ୍ୟକ୍ଷ ନିରଞ୍ଜନ

**ବିଞ୍ଝାରପୁର,୧।୧(ଡି.ଏନ.ଏ):** ସମାଜରେ ସାଧାରଣଙ୍କୁ ନିଜର ହକ୍ ଓ ଅଧିକାର ସାବ୍ୟସ୍ତ ପାଇଁ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରିଆସୁଥିବା ଅନ୍ତର୍ଜାତୀୟ ମାନବ ଅଧିକାର ସଂସ୍ଥାରେ ବିଞ୍ଝାରପୁର ଅଞ୍ଚଳର ବରିଷ୍ଠ ସମାଜିକ କର୍ମୀ ନିରଞ୍ଜନ ପଣ୍ଡା ଜୋନ ଅଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ପଣ୍ଡା ଏହି ସଂସ୍ଥାର ଭାରତ ବର୍ଷର ଇଷ୍ଟ ଜୋନ୍‌ର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିବେ। ଏଥିନେଇ ସଂସ୍ଥା ପକ୍ଷରୁ ସମ୍ମତି ପତ୍ର ପ୍ରଦାନ ପରେ ବିଞ୍ଝାରପୁର ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ପଣ୍ଡା ଦିଲ୍ଲୀର ଜଣେ ପ୍ରତିଷ୍ଠିତ ବ୍ୟବସାୟୀ ଭାବେ ଖ୍ୟାତି ଅର୍ଜନ କରିଥିବା ବେଳେ ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଘଣ୍ଟିଆଳି ପଞ୍ଚାୟତର ଅଧିବାସୀ ଅଟନ୍ତି। ବର୍ଷ ବର୍ଷ ଧରି ସେ ବିଞ୍ଝାରପୁର ସମେତ ଯାଜପୁର ଜିଲାର ବିଭିନ୍ନ ଅଞ୍ଚଳରେ ଦଳିତ ଗରିବ ଲୋକଙ୍କ ସମସ୍ୟା ସହିତ ଜଡିତ ରହି ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ପ୍ରୟାସ ଜାରି ରଖିଥିଲେ।

■ ଧର୍ମଶାଳା ମହୋତ୍ସବର ୮ମ ସନ୍ଧ୍ୟା

# ମନମୋହିଲା ସାଂସ୍କୃତିକ କାର୍ଯ୍ୟକ୍ରମ



ମହୋତ୍ସବର ୮ମ ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ।

**ଧର୍ମଶାଳା,୧।୧(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକାଠାରେ ଚାଲିଥିବା ୧୪ତମ ଧର୍ମଶାଳା ମହୋତ୍ସବର ମଙ୍ଗଳବାର ୮ମ ସନ୍ଧ୍ୟାରେ ପ୍ରବଳ ଜନସମାଗମ ହୋଇଥିଲା। ନୂଆବର୍ଷ ହୋଇଥିବାରୁ ଦୂର ଦୂରାନ୍ତରୁ ଲୋକେ ଆସି ମହୋତ୍ସବ ପଡିଆ ବୁଲିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମର ଭରପୂର ମଜା ଉଠାଇଥିଲେ। ମହୋତ୍ସବ ପଡିଆରେ ପସରା ମେଲାଇଥିବା ବିଭିନ୍ନ କିସମର ଚଟପଟି ଖାଦ୍ୟ ଠାରୁ ଆରମ୍ଭ କରି ହସ୍ତତନ୍ତ, ଶୀତ ବସ୍ତ୍ର ଓ ଘରକରଣା ସାମଗ୍ରୀ ବିକ୍ରି ହେଉଥିବା ଦୋକାନଗୁଡ଼ିକରେ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ମହୋତ୍ସବରେ ପଡିଥିବା ବାଉଁଶ, ବେତ, କପଡା, କାଠ ତିଆରି ଘରସଜା ଓ ଘରକରଣା ସାମଗ୍ରୀ ଷ୍ଟଲରେ ଗୃହିଣୀଙ୍କ ଭିଡ ଜମିଥିଲା। ଅପରପକ୍ଷରେ ପିଲାମାନେ ଦୋଳି ଖେଳି ମଜା ନେଉଥିଲେ। ଅଷ୍ଟମ ସନ୍ଧ୍ୟାରେ ଆନନ୍ଦପୁର ବୀଣାପାଣି କଳାନିକେତନର କଳାକାରଙ୍କ ଦ୍ୱାରା ପରିବେଶିତ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ ଉପଭୋଗ୍ୟ ହୋଇଥିଲା। ବୁଧବାର ବଲିଉଡ ନାଇଟ୍‌ରେ ସୋହିନୀ ମିଶ୍ର, ନୀରଜ ବକ୍ସି, ମନସ୍ୱିନୀ ପଟ୍ଟନାୟକ ଓ ପୂର୍ଣ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ କଳାକାରଙ୍କ ଦ୍ୱାରା ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଧର୍ମଶାଳା ମହୋତ୍ସବ କମିଟି ସଭାପତି ଜଳଧର ମହାନ୍ତି, ସମ୍ପାଦକ ସତ୍ୟପ୍ରିୟ ମହାନ୍ତି, ରାମଚନ୍ଦ୍ର ମଲ୍ଲିକ, କୋଷାଧ୍ୟକ୍ଷ ସୁଦିପ୍ତ ସ୍ୱାଇଁ, ସବ୍ୟସାଚୀ ସୁନ୍ଦରାୟ, ଅନିରୁଦ୍ଧ ରାଉତ, ନକୁଳ ସାହୁ, ସବ୍ୟସାଚୀ ବେହେରା ପ୍ରମୁଖ କମିଟି ସଭ୍ୟ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

# ନିଶାମୁକ୍ତ ସମାଜ ଗଠନ ପାଇଁ ଏକାଠି ହେଲେ ମହିଳା

**କୁଆଖିଆ,୧।୧(ଡି.ଏନ୍.ଏ)**

ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ଓଡଙ୍ଗ ଗ୍ରାମର ଅଙ୍ଗେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ନିଶାମୁକ୍ତ ସମାଜ ଗଠନ ପାଇଁ ଆହ୍ୱାନ ଦିଆଯାଇଛି। ୩ଟି ପଞ୍ଚାୟତର ଶତାଧିକ ମହିଳା ଓ ଜନପ୍ରତିନିଧିଗଣ ଯୋଗଦେଇ ମଦ ମୁକ୍ତ ଗାଁ ଗଠନ ଦିଗରେ ଦାବି ଉପସ୍ଥାପନ କରିବା ସହ ମଦ ବିରୋଧୀ ଆନ୍ଦୋଳନକୁ ଆହୁରି ଜୋରଦାର କରିବା ସପକ୍ଷରେ ମତବ୍ୟକ୍ତ କରିଛନ୍ତି। ଓଡିଶା ନିଶା ନିବାରଣ ଅଭିଯାନର କର୍ମୀ ଦେବବ୍ରତ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସଚେତନତା ସଭାରେ ଅବସରପ୍ରାପ୍ତ ବିଚାରପତି ଗୟାଧର ପଣ୍ଡା ରାଜ୍ୟରେ ମଦ ବନ୍ଦ ବିକ୍ରି ଉପରେ ରୋକ ଲଗାଇବା ଉପରେ ମତ ରଖିଥିଲେ। ଏହାଛଡା ବାରବାଟୀ ବଜାରରେ ବେଆଇନ ଭାବରେ ଗଢି ଉଠିଥିବା ମଦ ଦୋକନା ବନ୍ଦ କରିବା ଉପରେ ଗୁରୁତ୍ୱାରୋପ କରଥିଲେ। ଅଭିଯାନର ରାଜ୍ୟ ସାଧାରଣ ସମ୍ପାଦକ ରମାକାନ୍ତ ମଣ୍ଡଳ, ଆଇନଜୀବୀ ରାମଚନ୍ଦ୍ର ରାୟ, ସାମାଜିକ କର୍ମୀ ଅନିରୁଦ୍ଧ ସାମନ୍ତରାୟ, ନିର୍ମଳ ଚନ୍ଦ୍ର ସାମଲ, ଆରତୀ ପହି, ସମତି ସଭ୍ୟ ପ୍ରଦୀପ୍ତ ନାୟକ, ବାରବାଟୀ ସମିତି ସଭ୍ୟ ଚୈତନ୍ୟ ନାୟକ, ଶ୍ରମିକ ନେତା ନୃସିଂହ ଚରଣ ମିଶ୍ର, ଯୁବ ସଂଗଠକ ପ୍ରଫୁଲ ରାଉତ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ମଦ ହଟାଅ ଅଭିଯାନକୁ ଗତିଶିଳ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।



ନିଶାମୁକ୍ତ ସମାଜ ଗଠନ ଉଦ୍ଦେଶ୍ୟରେ ଅନୁଷ୍ଠିତ ସଭାରେ ଉପସ୍ଥିତ ଅତିଥି।

# ପାଚେରିରେ ସଙ୍ଗୀତର ଛାପ

**ଯାଜପୁର ଅଫିସ୍, ୧।୧:** ନିଜ ବାଡ଼ି ବଗିଚାକୁ କେହି କେହି ଫୁଲଫଳ ଚାଷରେ ଉପଯୋଗ କରନ୍ତି କିମ୍ବା କେହି ପଡିଆ ଭାବେ ମଧ୍ୟ ଛାଡିଦିଅନ୍ତି। ସେହିପରି କିଏ କିଏ ଘରର ବାହାର ପାର୍ଶ୍ୱ ପାଚେରୀକୁ ସାଧା ଭାବେ କିମ୍ବା ରଙ୍ଗ ଦେଇ ଛାଡି ସଜାଇଥାନ୍ତି। ତେବେ ଯାଜପୁରର ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ ଏକ ଅଭିନବ ବ୍ୟବସ୍ଥା ସ୍ୱରୂପ ନିଜ ସରକାରୀ ବାସଭବନର ଭିତର ପାର୍ଶ୍ୱ ପାଚେରୀକୁ ବିଭିନ୍ନ ଓଡିଆ ସଂଗୀତ ତାଳରେ ଚିତ୍ରିତ କରିଛନ୍ତି। କେତେକ ଚିତ୍ରରେ ଠେକୁଆ କଇଁଛର ଦୌଡ ପ୍ରତିଯୋଗିତା, ବିହଙ୍ଗ ବିପ୍ଳବ ଇତ୍ୟାଦି କଥାବସ୍ତୁ ଅତି ଚମତ୍କାର ଭାବେ ଉପସ୍ଥାପିତ ହୋଇଛି। ଆଉ କେତେକରେ ସୀମାହୀନ ଦରିଆ ସାଥୀହିନ ଜୀବନ, ଏଇଯେ ବନଲତା ପାହାଡ, ଭସାମେଘ ମୁଁ ଯେ ଭାସିଯାଏ ଦୂରେ, ଦୂର ତାଳବଣ ଆକାଶେ ଶୁଣାଏ, ମାଝିରେ.... , ଶେଷ ଶ୍ରାବଣ ଇତ୍ୟାଦି ସଙ୍ଗୀତକୁ ଚମତ୍କାର ଭାବରେ ଚିତ୍ରରେ ଦର୍ଶାଯାଇଛି। ଆଉ ଏହାକୁ ସୁନ୍ଦର ରୂପ ଦେଇଛନ୍ତି ଚିତ୍ରଶିଳ୍ପୀ ସତ୍ୟଜିତ୍ ହାଲଦାର। ନୂଆବର୍ଷ ଅବସରରେ ଜିଲାପାଳ ରଞ୍ଜନ କୁମାର ଦାସ, ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜଗୋପାଳ ଆଚାର୍ଯ୍ୟଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ, କର୍ମଚାରୀ ଓ ସାଧାରଣ ଲୋକମାନେ ଏହାକୁ ଦେଖିବାପରେ ଉପଜିଲାପାଳଙ୍କୁ ଧନ୍ୟବାଦ ଓ ଶୁଭେଚ୍ଛା ଜଣାଇଛନ୍ତି।

# ଅଗ୍ନିକାଣ୍ଡରେ ଜଳିଗଲା ୬ ବଖରା



**କୋରେଇ,୧।୧(ସ୍ୱ.ପ୍ର.):** କୋରେଇ ବ୍ଲକ ଅନ୍ତର୍ଗତ ବରୁଣ୍ଡେଇ ପଞ୍ଚାୟତ ବରୁଣ୍ଡେଇ ଗ୍ରାମରେ ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟି ମଙ୍ଗଳବାର ୨ ସଂଖ୍ୟାଲଘୁ ପରିବାରର ୬ ବଖରା ଜଳିଯାଇଛି। ଏଥିସହ ସମସ୍ତ ଆସବାବପତ୍ର, ଧାନ, ଚାଉଳ ଓ ନଗଦ ଟଙ୍କା ପୋଡି ପାଉଁଶ ହୋଇଯାଇଛି। ବିପନ୍ନମାନେ ହେଲେ ମହମ୍ମଦ ରଫିକଉଦ୍ଦିନ ଓ ସେକ୍ ଆଲ୍ଲାଉଦ୍ଦିନ୍। ପ୍ରକାଶ ଯେ, ମଙ୍ଗଳବାର ସକାଳ ୮.୩୦ରେ ଘରେ ନିଆଁ ଲାଗିଯାଇଥିଲା। ନିଆଁ ଲାଗିଯିବା ଦେଖି ସେମାନେ ସ୍ଥାନୀୟ ଲୋକଙ୍କୁ ଡାକିଥିଲେ। ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇବା ସହ ବୈତରଣୀରୋଡ ଦମକଳ ବାହିନୀକୁ ଖବର ଦେଇଥିଲେ। ଦମକଳ ବାହିନୀ ପହଞ୍ଚିବା ବେଳକୁ ଘର ସମ୍ପୂର୍ଣ୍ଣ ପୋଡ଼ି ଯାଇଥିଲା। ଖବରପାଇ ତାରାକୋଟ ରାଜସ୍ୱ ନିରୀକ୍ଷକ ଓ ସ୍ଥାନୀୟ ସରପଞ୍ଚ ସୌଭାଗ୍ୟ କୁମାର ମହାନ୍ତି ବିପନ୍ନଙ୍କ ନିକଟରେ ପହଞ୍ଚି ଜରିପାଲ ଦେଇଥିବା ଜଣାପଡ଼ିଛି। ବିପନ୍ନଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ଲୋକ ଓ ସମିତି ସଭ୍ୟା ଜୟନ୍ତୀ ସାହୁ ଦାବି କରିଛନ୍ତି।

# ତହସିଲ କିରାଣିଙ୍କୁ ବିଦାୟ ସମ୍ବର୍ଦ୍ଧନା

**ରସୁଲପୁର,୩୧।୧୨(ଡି.ଏନ୍.ଏ.):** ରସୁଲପୁର ତହସିଲର ବରିଷ୍ଠ କିରାଣୀ ରବୀନ୍ଦ୍ର ଦାସଙ୍କୁ ମତହସିଲ ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ନଥି ରକ୍ଷକ ଗଗନ ବିହାରୀ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଦ୍ୟାୟକାଳୀନ ସମ୍ବର୍ଦ୍ଧନା ସଭାରେ ତହସିଲଦାର ସରୋଜ କୁମାର ପଣ୍ଡା ମୁଖ୍ୟଅତିଥି, ଅତିରିକ୍ତ ତହସିଲଦାର ରମାକାନ୍ତ ଦାସ, ସୁପରଭାଇଜର ମହେଶ୍ୱର ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ବିଦ୍ୟାୟୀ କିରାଣୀ ଦାସଙ୍କ ଦୀର୍ଘ ନିରାମୟ ଓ ପରିବାରିକ ଜୀବନ ସୁଖମୟ ହେଉ ବୋଲି କାମନା କରିଥିଲେ। ଉକ୍ତ ଉତ୍ସବରେ ରାଜସ୍ୱ ନିରୀକ୍ଷକ ରମେଶ ସାହୁ, ଦୁର୍ଯୋଧନ ଷଡ଼ଙ୍ଗୀ, ସନ୍ତୋଷ ପରିଡା, ନୃସିଂହ ବେହେରାଙ୍କ ସମେତ ତହସିଲର ବହୁ କର୍ମଚାରୀ ଯୋଗଦେଇ ଦାସଙ୍କ ଗୁଣାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ ।

# ରାକେଶ ଜିଲା କଂଗ୍ରେସ ସମ୍ପାଦକ

**ଚଣ୍ଡିଖୋଲ,୧।୧(ଡି.ଏନ୍.ଏ.):** ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଜିଲା କଂଗ୍ରେସ ସଭାପତି ମନୋଜ ରାଉତ ବଡ଼ଚଣାର ଯୁବ ସଂଗଠକ ରାକେଶ କୁମାର ବାରିକଙ୍କୁ ମଙ୍ଗଳବାର ଜିଲା କଂଗ୍ରେସ ସମ୍ପାଦକଭାବେ ମନୋନୀତ କରିଛନ୍ତି। ଯାଜପୁର ଜିଲା ତଥା ବଡ଼ଚଣା ବ୍ଲକରେ କଂଗ୍ରେସକୁ ସେ ମଜଭୁତ କରିବେ ବୋଲି ପତରାଜପୁର ପଞ୍ଚାୟତ ନାଏବ ସରପଞ୍ଚ ରହେବରୀ ବିବି, ନଳୀପୁର ପଞ୍ଚାୟତ କଂଗ୍ରେସ କମିଟି ସଭାପତି ଚାନ୍ଦ ଖାଁ, ନିରଞ୍ଜନ ସାମଲ, ସୁବ୍ରତ ମଲିକ, ନୃସିଂହ ମଲିକ, ଗୁରୁଚରଣ ନାୟକ, ହାକିମ୍ ଖାଁ ଓ ମହେନ୍ଦ୍ର ରେଙ୍ଗଲା ପ୍ରମୁଖ ବହୁ କଂଗ୍ରେସ କର୍ମୀ ଆଶାବ୍ୟକ୍ତ କରିଛନ୍ତି। ଏହି ନିଯୁକ୍ତି ପାଇଁ ସମ୍ପାଦକ ବାରିକ ପିସିସି ସଭାପତି, ଉପସଭାପତି ଶୁଭେନ୍ଦୁ ମହାନ୍ତି, ପୂର୍ବତନ ମନ୍ତ୍ରୀ ସୀତାକାନ୍ତ ମହାପାତ୍ର, ଜିଲା କଂଗ୍ରେସ ସଭାପତି ମନୋଜ ରାଉତ ଓ ପୂର୍ବତନ ଜିଲାପରିଷଦ ସଦସ୍ୟ ଅଜୟ କୁମାର ସାମଲଙ୍କୁ କୃତଜ୍ଞତା ଜଣାଇଛନ୍ତି।



ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨ ଜାନୁୟାରୀ, ୨୦୧୯



ଭଗବାନଙ୍କ ନାମ ଜପିଲେ ମଣିଷର ଦେହ, ମନ ସବୁ ଶୁଦ୍ଧ ହୋଇଯାଏ।
-ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ଇସ୍ତଫା ଦେଲେ ବରୁଣ୍ଡେଇ ପଞ୍ଚାୟତ ବିଜେଡି ସଭାପତି

କୋରେଇ,୧।୧(ସ୍ୱ.ପ୍ର.)- କୋରେଇ ବ୍ଲକ ଅନ୍ତର୍ଗତ ବରୁଣ୍ଡେଇ ପଞ୍ଚାୟତର ବିଜେଡି ସଭାପତି ବଳରାମ ମହାନ୍ତି ମଙ୍ଗଳବାର ସଭାପତି ପଦରୁ ଇସ୍ତଫା ଦେଇଛନ୍ତି। ଦଳୀୟ କାର୍ଯ୍ୟରେ ତାଙ୍କୁ ଅଣଦେଖା କରାଯାଉଥିବା ଦର୍ଶାଇ ବଳରାମ ଇସ୍ତଫା ଦେଇଥିବା କହିଛନ୍ତି। ଇସ୍ତଫା ପତ୍ରକୁ ସେ ବିଧାୟକ ଆକାଶ ଦାସ ନାୟକଙ୍କ ନିକଟକୁ ପଠାଇଛନ୍ତି। ସେ ଜଣେ ଅଣ କଂଗ୍ରେସ ଏବଂ ଦକ୍ଷ ସଂଗଠକ ଭାବେ ସ୍ଥାନୀୟ ଅଞ୍ଚଳରେ ଖୁବ୍ ପରିଚିତ।

### ବିରଜା ସେବା ସମିତିର ମାସିକ ବୈଠକ

ବିରଜାକ୍ଷେତ୍ର,୧।୧(ଡି.ଏନ୍.ଏ)- ଶ୍ରୀ ବିରଜା ସେବା ସମିତିର ନୂତନବର୍ଷରେ ନୂତନ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ମନ୍ଦିର ପରିସରରେ ବିଶ୍ୱମ୍ଭର ମିଶ୍ରଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ପାଣ୍ଡବ ସାହୁ ପୂର୍ବ କାର୍ଯ୍ୟକ୍ରମର ବିବରଣୀ ପାଠ କରିବା ସହିତ ଆସନ୍ତା ମାଘ ମାସରେ ମା'ଙ୍କ ଜନ୍ମଦିନ ଉପଲକ୍ଷେ ସମିତିର କାର୍ଯ୍ୟକ୍ରମ ଉପସ୍ଥାପିତ କରିଥିଲେ। ନୂତନ ବର୍ଷରେ ଜାନୁୟାରୀ ୧୩ ତାରିଖ ରବିବାର ସମସ୍ତ ସଭ୍ୟ ତ୍ରିଲୋଚନ ପାର୍କଠାରେ ଏକତ୍ରିତ ହୋଇ ବଣଭୋଜି କରିବାକୁ ସ୍ଥିର କରାଯାଇଛି। ଉକ୍ତ ବୈଠକରେ ଅନ୍ୟାନ୍ୟ କାର୍ଯ୍ୟକ୍ରମର ବିସ୍ତୃତ ବିବରଣୀ ପ୍ରସ୍ତୁତ କରିବା ପାଇଁ ଆଲୋଚନା ହୋଇଥିଲା। ଉକ୍ତ ବୈଠକରେ ଉପସଭାପତି ପ୍ରମୋଦ କୁମାର ଦ୍ୱିବେଦୀ, ମହେନ୍ଦ୍ର କୁମାର ଦାସ, ସୁବାସ ଚନ୍ଦ୍ର ମହାନ୍ତି, ଗଦାଧର ରାଉତ, ନଟବର ନାୟକ, ରବି ଶତପଥି, ପ୍ରଭାତ କୁମାର ରାଉତରାୟ, ମଧୁସୂଦନ ମହାନ୍ତି, ବ୍ରଜକିଶୋର ମହାନ୍ତି, ବୃନ୍ଦାବନ ମିଶ୍ର, ପ୍ରତିମା କର, ନବକିଶୋର ଦାସ, ଅକ୍ଷୟ କୁମାର ବେହେରା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଆଜୀବନ ସଭ୍ୟଭାବେ କମଳାକାନ୍ତ ନାୟକ, ଅଶ୍ୱିନୀ କୁମାର ସାମଲ, ନିତ୍ୟାନନ୍ଦ ମିଶ୍ର, ଜୟଦେବ ଆଟୋଇଙ୍କୁ ଗ୍ରହଣ କରାଯାଇଥିଲା। ସର୍ବଶେଷରେ ଗିରିଧାରୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

### ପୋଲିସ ପକ୍ଷରୁ ଅସହାୟଙ୍କୁ କମ୍ବଳ ବଣ୍ଟନ

ବିରଜାକ୍ଷେତ୍ର,୧।୧(ଡି.ଏନ୍.ଏ)- ଯାଜପୁର ଥାନା ଆମ ପୋଲିସ ସମିତି ପକ୍ଷରୁ ସୋମବାର ସହରର ବୃଦ୍ଧାବୃଦ୍ଧ ଏବଂ ବାଳାଶ୍ରମରେ ଥିବା ଅସହାୟ ଅନ୍ତେବାସୀଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ଜିଲା ଆରକ୍ଷୀ ଅଧୀକ୍ଷକ ଚରଣ ସିଂ ମୀନା ଓ ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ ଯାଜପୁର ସହରରେ ଥିବା ବୃଦ୍ଧାବୃଦ୍ଧଙ୍କୁ ବାଳାଶ୍ରମ ପଡ଼ିଆ ନିକଟରେ ଥିବା ବୁଦ୍ଧ ମୂର୍ତ୍ତି ପାଖରେ କମ୍ବଳ ବଣ୍ଟନ କରିଥିଲେ। ସେହିପରି ଅସହାୟ, ଗରିବ ଶ୍ରେଣୀର ପିଲାମାନେ ଥିବା ବାଳାଶ୍ରମର ଅନ୍ତେବାସୀଙ୍କୁ ଆରକ୍ଷୀ ଅଧୀକ୍ଷକ ଓ ଉପଜିଲାପାଳ କମ୍ବଳ ବଣ୍ଟନ କରିଥିଲେ। ସହରର ୭୦ଜଣ ବୃଦ୍ଧାବୃଦ୍ଧ ଓ ବାଳାଶ୍ରମର ୬୩ଜଣ ଅନ୍ତେବାସୀଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ଏହି କମ୍ବଳ ବଣ୍ଟନ ସମୟରେ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମଲ୍ଲ, ତହସିଲଦାର ସୁନୀଲ କୁମାର ମେହେର, ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ଯାଜପୁର ଥାନାଧିକାରୀ ମାନସ ରଞ୍ଜନ ଚକ୍ର, ଯାଜପୁର ବ୍ଲକ ଉନ୍ନୟନ ଅଧିକାରୀ ସୌରଭ ଚକ୍ରବର୍ତ୍ତୀ, ଆମ ପୋଲିସର ସଦସ୍ୟ ଚାନ୍ଦ ବାବୁ, ସୁନୀଲ ରାଉତରାୟ, ମଞ୍ଜର ଆଲମ, ବାଳାଶ୍ରମର ସୁପରିଟେଣ୍ଡେଣ୍ଟଙ୍କ ସମେତ ଯାଜପୁର ଥାନାର ଅନ୍ୟାନ୍ୟ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

### ବର୍ଷପୂର୍ତ୍ତି କବିତା ପାଠୋତ୍ସବ

ଧର୍ମଶାଳା, ୧।୧(ଡି.ଏନ୍.ଏ.)- ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ଗୋକର୍ଣ୍ଣେଶ୍ୱର ମନ୍ଦିର ପରିସରରେ ସୋମବାର ବର୍ଷପୂର୍ତ୍ତି କବିତା ପାଠୋତ୍ସବ ଓ ପୁସ୍ତକ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ସଭାପତି ରାଜକିଶୋର ପାଢ଼ୀଙ୍କ ସଭାପତିତ୍ୱରେ ଡ. ଚକ୍ରଧର ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ଡ. ରାମଚନ୍ଦ୍ର ନାୟକ, ଅତିଥି ଭାବେ ପୂର୍ବତନ ବିଧାୟକ ରବି ଲାବଣ୍ୟ ଯୋଗଦେଇ ଥିଲେ। ଏହି ଅବସରରେ କବି ରାଜ କିଶୋର ପାଢ଼ୀଙ୍କ ପୁସ୍ତକ ''ହାତି ନେ ଘୋଡା ନେ ମୋ ପେଁକାଳି ବଜାଇ ଦେ'' ଡ.କଳ୍ପନା ମହାନ୍ତିଙ୍କ ପୁସ୍ତକ 'ଶୂନ୍ୟ', ଶ୍ରୀଧର ସାହୁଙ୍କ 'ମୋହରୁ ମୁକ୍ତି ଯାଏ' ଉନ୍ମୋଚିତ ପୁସ୍ତକ ଗୁଡିକ ଉପରେ ଅର୍ଜୁନ ପୃଷ୍ଟି ଓ ପ୍ରଦୀପ କୁମାର ସାମଲ ସମୀକ୍ଷା କରିଥିଲେ। ଉତ୍ସବରେ ରାମଚନ୍ଦ୍ର ନାୟକ ଓ ପରମାନନ୍ଦ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଯଧିର ସ୍ୱାଇଁଙ୍କ ଅଧକ୍ଷତାରେ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବେଣୁଧର ନାୟକ ଅତିଥି ସ୍ୱାଗତ ଭାଷଣ ଓ ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ସ୍ୱାଇଁ ବିବରଣୀ ପାଠ କରିଥିଲେ। ସବିତା ମିଶ୍ର, ଅମ୍ରିତା ସିଂହ, ଚନ୍ଦନ ପ୍ରଧାନ, ପ୍ରମିଳା ପ୍ରତାପ କବିତା ସଂଯୋଜନା କରିଥିଲେ। ଶେଷରେ ଯୁଗଳ କିଶୋର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଧାନ ମଣ୍ଡି ଜଗୁଛନ୍ତି ଚାଷୀ

ଯାଜପୁର ଅଫିସ,୧।୧

ପ୍ରଥମ ପର୍ଯ୍ୟାୟରେ ଜିଲାରେ ୫,୪୪,୦୦୦ କୁଇଣ୍ଟାଲ ଧାନ କିଣିବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। କିନ୍ତୁ ମଙ୍ଗଳବାର ସୁଦ୍ଧା ୭୧ଟି ପ୍ୟାକ୍ସ ଜରିଆରେ ୧,୪୬,୫୧୮ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଛି। ହେଲେ ଧାନ କିଣିବାର ୨୪ଘଣ୍ଟା ମଧ୍ୟରେ ଚାଷୀଙ୍କ ଆକାଉଣ୍ଟକୁ ଟଙ୍କା ଜମା ହେଉନାହିଁ। ଚାଷୀ ମଣ୍ଡିକୁ ଧାନ ଆଣି ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରୁଥିବାବେଳେ ମିଲର୍ସମାନେ ଠିକ ସମୟରେ ଆସୁନାହାନ୍ତି। ଜିଲାର ପ୍ରାୟ ସମସ୍ତ ପ୍ୟାକ୍ସରେ ଏହି ଅନିୟମିତତା ଲାଗି ରହିଛି। ବିଡମ୍ବନା ଯେ, ମଧ୍ୟସ୍ଥିମାନେ ପ୍ୟାକ୍ସକୁ ଅଧିକ କବଜା କରିଥିବା ଦେଖିବାକୁ ମିଳିଛି। ଚାଷୀଙ୍କୁ ପ୍ୟାକ୍ସ କର୍ମକର୍ତ୍ତା ହଇରାଣ ହରକତ କରୁଥିବାବେଳେ ମଧ୍ୟସ୍ଥିମାନଙ୍କଠାରୁ ସହଜରେ ଧାନ କ୍ରୟ କରୁଛନ୍ତି।

ସରକାର ଚାଷୀମାନଙ୍କ ସଫଳତା ପାଇଁ ନିକଟରେ କାଳିଆ ଯୋଜନା ପ୍ରଣୟନ କରିଛନ୍ତି। ଯାହାକି ସୋମବାର ବିଧିବଦ୍ଧ ଭାବେ ଆରମ୍ଭ ହୋଇସାରିଛି। ଏହାବାଦ ଚାଷୀଙ୍କ ଉନ୍ନତି ପାଇଁ ବହୁବିଧ ନିୟମ ପ୍ରଣୟନ କରିଛନ୍ତି। କିନ୍ତୁ ନିୟମକୁ ଅତିକ୍ରମ କରି ଅସାଧୁ ବ୍ୟବସାୟୀମାନେ ଚାଷୀମାନଙ୍କୁ ଅବାଟରେ ପକାଇ ହଇରାଣ ହରକତ କରୁଥିବା ଦେଖିବାକୁ ମିଳୁଛି। ମିଲର୍ସମାନେ ଚାଷୀଙ୍କୁ ଶୋଷଣ କରିବା ପାଇଁ କ୍ଷେତ୍ର ପ୍ରସ୍ତୁତ କରୁଛନ୍ତି। ଫଳରେ ଚାଷୀମାନେ ଉବୁଟୁବୁ ହୋଇ ମିଲର୍ସଙ୍କ କଥାରେ ରାଜି ହେବାକୁ ବାଧ୍ୟ ହେଉଛନ୍ତି। ମୁଖ୍ୟତଃ ଚାଷୀମାନଙ୍କ କୃଷିଋଣ, ଧାନବିକ୍ରି ପରି କେତୋଟି ହାତ ଗଣତି ସମସ୍ୟା ରହିଛି। ଉକ୍ତ ସମସ୍ୟାର ଉପଯୁକ୍ତ ପରିଚାଳନା ନ ହୋଇ ବ୍ୟତିକ୍ରମ ହେଲେ ଚାଷୀର ଜୀବନରେ ମାନସିକ ଓ ଶାରୀରିକ ଚାପ ସୃଷ୍ଟି ହୁଏ। କେତେକ ଚାଷୀ ଚାପକୁ ପ୍ରତିହତ କରି ନ ପାରି ଆତ୍ମହତ୍ୟାକୁ ଆପଣାଉଛନ୍ତି। ଏହିକ୍ରମରେ ଗତ ୪ ବର୍ଷରେ ଯାଜପୁର ଜିଲାରେ ୧୬ ଜଣ ଚାଷୀ ଆତ୍ମହତ୍ୟା କରିଥିବା ଅଭିଯୋଗ ଉଠିଛି। ହେଲେ ପ୍ରଶାସନ ପକ୍ଷରୁ ତଦନ୍ତ ପରେ ଜଣେ ବି ଚାଷୀ ଆତ୍ମହତ୍ୟା ହୋଇଥିବା ରିପୋର୍ଟ ଦିଆଯାଇ ନାହିଁ। ସହରାଞ୍ଚଳ କିମ୍ବା ପ୍ରଶାସନର ନିକଟସ୍ଥ ଚାଷୀମାନେ ସରକାରଙ୍କ ହାତ ପହଞ୍ଚରେ ଥାଇ କିଛିଟା ସରକାରୀ ସୁବିଧା ପାଇପାରିଥାନ୍ତି। କିନ୍ତୁ ଗ୍ରାମାଞ୍ଚଳ ଚାଷୀଙ୍କ ଅବସ୍ଥା ଅବର୍ଣ୍ଣନୀୟ। ଏକ ଦୁଃଖଦ ପରିବେଶରେ ଜୀବନ ନିର୍ବାହ କରିଥାନ୍ତି। ଚଳିତବର୍ଷ ସରକାର ଚାଷୀମାନଙ୍କୁ ଧାନର ଉପଯୁକ୍ତ ମୂଲ୍ୟ ଦେବା ପାଇଁ ସମୟୋପଯୋଗୀ ନୀତି

## ୭୧ ପ୍ୟାକ୍ସରେ ୧,୪୬,୫୧୮ କୁଇଣ୍ଟାଲ ସଂଗ୍ରହ



ପ୍ରଚଳନ କଲେ ଏବଂ ଏହି ନୀତିରେ ଶ୍ରେୟ କେବଳ ଜିଲା ପ୍ରଶାସନର ପ୍ରତ୍ୟେକ୍ଷ ଦୃଷ୍ଟିଥିବା ଅଞ୍ଚଳରେ ପ୍ରତିଫଳିତ ହେଲା। ଜିଲାର ଦଶରଥପୁର, ବିଞ୍ଝାରପୁର, ବରୀ ବ୍ଲକ ପରି ଉପାନ୍ତ ଅଞ୍ଚଳରେ ଚାଷୀମାନେ ମିଲର୍ସମାନଙ୍କ ଠାରୁ ମାତ୍ରାଧିକ ଶୋଷଣର ଶିକାର ହେଉଛନ୍ତି। ପ୍ରଶାସନ ସମୀକ୍ଷା କରିବା ଉଚିତ ଯେ, ନିର୍ଦ୍ଦିଷ୍ଟ ବଜାର ପ୍ରାଙ୍ଗଣ ଓ ସେବା ସମବାୟ ସମିତି ଧାନକ୍ରୟ କେନ୍ଦ୍ରରେ ମିଲର୍ସ ବିନା ଦ୍ୱିଧାରେ ସଙ୍ଗେ ସଙ୍ଗେ ଧାନ ନେଉଛନ୍ତି କି ନାହିଁ। ଏହାସହ କେତେକ କ୍ରୟକେନ୍ଦ୍ରରେ ମୁକ୍ତାକାଶ ତଳେ ଶହଶହ ବସ୍ତାଧାନ ପାହାଡପରି ଗଦା ହୋଇଛି। ଏହି ଧାନକ୍ରୟ କେନ୍ଦ୍ରରୁ ଧାନ ନ ଉଠାଇବା ଅନ୍ତରାଳରେ ଚାଷୀମାନଙ୍କ ଆର୍ଥିକ ଶୋଷଣର କାରଣ ଅକୁହା ହୋଇ ରହିଯାଉଛି। ଯେଉଁ ଠାରେ ମିଲର୍ସ ଆର୍ଦ୍ରତା କିମ୍ବା ନିମ୍ନମାନର ଧାନ ଆଳରେ ପ୍ରାୟ ୧୦ କେଜି ପର୍ଯ୍ୟନ୍ତ ଧାନ କଟନି ଛଟନି କରୁଛନ୍ତି। ଧାନକ୍ରୟ କେନ୍ଦ୍ରରୁ ସିଧାସଳଖ ଧାନ ମିଲର୍ସକୁ ଚାଲିଯାଉଛି। ଯେଉଁ କ୍ରୟକେନ୍ଦ୍ରରେ ନିର୍ଦ୍ଧାରିତ ଓଜନ ସହ ମିଲର୍ସକୁ ଧାନ ନେବାକୁ ଅନୁରୋଧ କଲେ ଧାନର ମାନ ଠିକ୍ ନାହିଁ ବୋଲି ପ୍ରତ୍ୟାଖ୍ୟାନ କରୁଛି। ଫଳରେ କ୍ରୟ କେନ୍ଦ୍ରରେ ଧାନ ପଡ଼ି ରହୁଛି। ଜାଗା ଅଭାବ ଓ ମିଲର୍ସଙ୍କ ଅସହଯୋଗ ପାଇଁ ଚାଷୀମାନଙ୍କ ଧାନ କିଣାଯାଇପାରୁ ନାହିଁ। ଚାଷୀମାନଙ୍କ ଶହ ଶହ ବସ୍ତାଧାନରେ ହଜାର ହଜାର ଟଙ୍କାର ଶୋଷଣ ହେଉଛି। ଦ୍ୱିତୀୟତଃ ଖାଲିବସ୍ତାରେ ନୂତନ ଢାଞ୍ଚାରେ ଶୋଷଣ ହେଉଛି। ମିଲର୍ସ ଧାନ ଆଣିବା ପାଇଁ ଖାଲିବସ୍ତା ଦେଉ ନାହାନ୍ତି। କିନ୍ତୁ ଚାଷୀଙ୍କଠାରୁ ବସ୍ତାଆଳରେ ୫୦ଟଙ୍କା ପର୍ଯ୍ୟନ୍ତ ନେଉଛନ୍ତି। ମିଲର୍ସ ଓ ବ୍ୟବସାୟୀ ମେଣ୍ଟରେ ଚାଷୀ କ୍ଷତି ସହୁଛି। ପ୍ରଥମେ ଓଜନ ତାପରେ ଦାମ ପରେ ଖାଲିବସ୍ତା ଓ ଶେଷରେ ବିଳମ୍ବିତ ପାଉଣାର ହରଡଘଣାରେ ଚାଷୀ ପେଷି ହୋଇଯାଉଛି। ଜିଲା ପ୍ରଶାସନଙ୍କ ପ୍ରତ୍ୟେକ୍ଷ ତଦନ୍ତ ଓ ସମୀକ୍ଷା ଚାଷୀଙ୍କ ମଧ୍ୟରେ କିଛିଟା ଆଶା ସଞ୍ଚାର କରିପାରେ ବୋଲି ମତପ୍ରକାଶ ପାଉଛି। ଏସଂକ୍ରାନ୍ତରେ ସିଏସ୍‌ଓ ସୁରେନ୍ଦ୍ର କୁମାର ହୋତା କୁହନ୍ତି ଧାନ ସଂଗ୍ରହରେ କୌଣସି ଅନିୟମିତତା ହେଉନାହିଁ। ଚାଷୀ କେମିତି ସୁରୁଖୁରୁରେ ଧାନ ବିକ୍ରି କରି ପାଉଣା ପାଇବେ ସେ ନେଇ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା ହୋଇଛି।

## ଈଶାଣେଶ୍ୱର ମହାଦେବଙ୍କ ପୀଠରେ ଗୀତା ପାଠ

କୋରେଇ,୧।୧(ସ୍ୱ.ପ୍ର.)

ନୂତନ ବର୍ଷକୁ ସ୍ୱାଗତ କରିବା ଉପଲକ୍ଷେ ଗୋଳେଇପୁର ପଞ୍ଚାୟତ ଅନ୍ତର୍ଗତ ସୋତି ଗ୍ରାମର ଆରାଧ୍ୟ ଦେବତା ଈଶାଣେଶ୍ୱର ମହାଦେବଙ୍କ ପୀଠରେ ୨୪ତମ ବାର୍ଷିକ ଗୀତା ପାଠ ଓ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ଅଦ୍ୱୈତ ପ୍ରସାଦ ଦାସ ସଭାପତିତ୍ୱ କରିଥିଲେ। ରାହାସ ବିହାରୀ ଦାସ, ପଣ୍ଡିତ ସୁର୍ଯ୍ୟମଣୀ ପଣ୍ଡା ଓ ନୀଳମଣୀ ପଣ୍ଡା ଗୀତା ପାଠ କରିଥିଲେ। ମଙ୍ଗଳବାର ପ୍ରତ୍ୟୁଷରୁ ମହାଦେବଙ୍କ ପୂଜାକର୍ମ ପରେ ଗୀତା ପାଠ ଓ ସମୂହ ନାମ ସଙ୍କୀର୍ତ୍ତନ ହୋଇଥିଲା। ଗ୍ରାମର ଉମାକାନ୍ତ ଖଣ୍ଡେଇ, ସୁର୍ଯ୍ୟମଣୀ ସାହୁ, ବାବୁଲି ପାଳ, ବିଷ୍ଣୁଚରଣ ବାରିକ, ରମାନାଥ ମହାପାତ୍ର, ରାମଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ୟାସନଗର ପୂର୍ବତନ ନଗରପାଳ ବନ୍ଦିତା ପରିଡ଼ା, ଶ୍ରମିକ ନେତା ରଘୁନାଥ ମାଝି, ବ୍ଲକ କଂଗ୍ରେସ ସଭାପତି ମଧୁସୂଦନ ସାହୁ, ସୁଦର୍ଶନ ପରିଡ଼ା, ସୁରେନ୍ଦ୍ର ରାୟ ପ୍ରମୁଖ ଯୋଗ ଦେଇଥିଲେ।

## ବରିଷ୍ଠ ନାଗରିକଙ୍କ ହାତରେ ଶୃଙ୍ଖଳିତ ସମାଜ ଗଠନର ଚାବିକାଠି

ବିଞ୍ଝାରପୁର,୧।୧(ଡି.ଏନ.ଏ)

ବରିଷ୍ଠ ନାଗରିକମାନେ ନିଜକୁ ଦୁର୍ବଳ ମନେ ନ କରି ସାମ୍ପ୍ରତିକ ସ୍ଥିତିରେ ସମାଜରେ ବିଭିନ୍ନ ଅନ୍ଧବିଶ୍ୱାସ, କୁସଂସ୍କାର ଦୂର କରିବା ଦିଗରେ ଆଗଭର ହୋଇ କାର୍ଯ୍ୟ କରିବା ଆବଶ୍ୟକ ବୋଲି ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଅବିଭକ୍ତ ଫତେପୁର ପଞ୍ଚାୟତର ମା' ବରୁଣେଇ ଅବସରପ୍ରାପ୍ତ ବରିଷ୍ଠ ନାଗରିକ ମଞ୍ଚର ତୃତୀୟ ବାର୍ଷିକ ଉତ୍ସବ ଅବସରରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ମଞ୍ଚର ସଭାପତି ବଟକୃଷ୍ଣ ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବିଡିଓ ଦାମୋଦର ଖୁଣ୍ଟିଆ, ମୁଖ୍ୟ ବକ୍ତାଭାବେ ଅବସରପ୍ରାପ୍ତ ଅଧ୍ୟାପକ ଅଜୟ କୁମାର ଓଝା, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସଭାପତି ରାଧାକାନ୍ତ ସାହୁ, ବରୁଣେଇଁ ଅବସରପ୍ରାପ୍ତ ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ଧ୍ରୁବ ଚରଣ ଓଝା ପ୍ରମୁଖ ଯୋଗ ଦେଇଥିଲେ। ସଭାରେ ବରିଷ୍ଠନାଗରିକଙ୍କ ସୁରକ୍ଷା, ଆଇନ ସହାୟତା, କର୍ତ୍ତବ୍ୟ ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଫତେପୁର, ଟିଣା, ବାଛୋଳ ପଞ୍ଚାୟତର ୬୦ରୁ ଊର୍ଦ୍ଧ୍ୱ ଅବସରପ୍ରାପ୍ତ ବରିଷ୍ଠ ନାଗରିକମାନେ ଯୋଗଦଦେଇ ଥିଲେ।

## ନୂଆବର୍ଷ ଉପଲକ୍ଷେ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼

ବିଞ୍ଝାରପୁର,୧।୧(ଡି.ଏନ୍.ଏ))

ବିଞ୍ଝାରପୁର ଅଞ୍ଚଳରେ ନୂଆ ବର୍ଷର ପ୍ରଥମଦିବସରେ ମନ୍ଦିରଗୁଡ଼ିକରେ ପୂଜାର୍ଚ୍ଚନା ପାଇଁ ଶ୍ରଦ୍ଧାଳୁମାନଙ୍କ ଭିଡ଼ ଲାଗି ରହିଥିଲା। ମଙ୍ଗଳବାର ସକାଳୁ ଶ୍ରଦ୍ଧାଳୁମାନେ ନିଜ ନିଜର ଶୁଭମନାସୀ ପ୍ରଭୁଙ୍କ ନିକଟରେ ଆଶୀର୍ବାଦ ପାଇବାପାଇଁ ଅରେଇସ୍ଥିତ ବାବା ବରୁଣେଶ୍ୱର, ସିଂହପୁରସ୍ଥିତ ମା' ଦରିଆ ନାହାକାଣୀ, ବିରିପଟାସ୍ଥିତ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା ପାଇଁ ଭିଡ ଲଗାଇଥିଲେ। ନୂଆବର୍ଷକୁ ସ୍ୱାଗତ ଜଣାଇବାପାଇଁ ସୋମବାର ସନ୍ଧ୍ୟା ସମୟରୁ ବିଞ୍ଝାରପୁର ଅଞ୍ଚଳର ପୁରପଲ୍ଲୀରେ ଉତ୍ସାହ ଦେଖିବାକୁ ମିଳିଥିଲା।

## ମାଙ୍କେଡ଼ିଆଙ୍କ ସହ ନୂଆବର୍ଷ ପାଳିଲେ ଘଡ଼େଇ



ମାଙ୍କେଡିଆ ବସ୍ତିରେ ଲୋକଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଉଛି।

କାଳିଆପାଣି,୧।୧(ଡି.ଏନ୍.ଏ.)

କାଳିଆପାଣି ଖଣି ଅଞ୍ଚଳରେ ଲୋକମାନେ ନବବର୍ଷ ୨୦୧୯କୁ ଧୂମଧାମରେ ପାଳନ କରିଛନ୍ତି। ପୂର୍ବତନ ମନ୍ତ୍ରୀ ପ୍ରଫୁଲ ଘଡ଼େଇଙ୍କୁ କର୍ମୀ ଓ ବିଭିନ୍ନ ଗ୍ରାମର ଲୋକମାନେ ଭେଟି ପୁଷ୍ପଗୁଚ୍ଛ ପ୍ରଦାନ କରିବା ସହ ନୂଆ ବର୍ଷର ଶୁଭେଚ୍ଛା ଜଣାଇଥିଲେ। ଖଣି ଅଞ୍ଚଳର ରାଁସୋଳ ପଞ୍ଚାୟତର ମାଙ୍କେଡ଼ିଆ ବସ୍ତିରେ ୬୦ଜଣ ମାଙ୍କେଡ଼ିଆ ବୃଦ୍ଧାବୃଦ୍ଧଙ୍କୁ ଘଡ଼େଇ ଶୀତବସ୍ତ୍ର କମ୍ବଳ ବଣ୍ଟନ କରିଥିଲେ। ଅରଣ୍ୟ କ୍ଲବ ପକ୍ଷରୁ ଆୟୋଜିତ ଏହି କମ୍ବଳ ବଣ୍ଟନ କାର୍ଯ୍ୟକ୍ରମରେ ଶ୍ରମିକ ସଂଘ ସମ୍ପାଦକ ନାରାୟଣ ଚନ୍ଦ୍ର ଧିର, ପୂର୍ବତନ ବ୍ଲକ ଅଧକ୍ଷା ଭଗବତୀ ମହାନ୍ତ, ସରପଞ୍ଚ ନୀଳେନ୍ଦ୍ର ପ୍ରଧାନ ଓ କ୍ଲବ ପକ୍ଷରୁ ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ। ସେହିପରି ଚିଙ୍ଗୁଡ଼ିପାଳ ଗ୍ରାମପଞ୍ଚୟତର ଛତାଟାଙ୍ଗର ଗ୍ରାମରେ ୭୦ଜଣ ଓ ବାଘୁଆସାହି ଠାରେ ୬୦ଜଣଙ୍କୁ ଶୀତବସ୍ତ୍ର କମ୍ବଳ ବାଣ୍ଟି ଥିଲେ। ବିଭିନ୍ନସ୍ଥାନରେ ବଣ ଭୋଜି, ବନ୍ଧୁମିଳନ କାର୍ଯ୍ୟକ୍ରମରେ ଲୋକମାନେ ମସ୍‌ଗୁଲ ହେଉଥିବା ଦେଖିବାକୁ ମିଳିଥିଲା।

## 'ଶୋଭନୀୟତାର ବିକାଶରେ ଯୁବଗୋଷ୍ଠୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

ଚଣ୍ଡିଖୋଲ,୧।୧(ଡି.ଏନ୍.ଏ.)

ବଡ଼ଚଣା ବ୍ଲକ ଅନ୍ତର୍ଗତ ଉଦୟଗିରିସ୍ଥିତ ଶୋଭନୀୟ ଶିକ୍ଷାଶ୍ରମର ତିନି ଦିନ ବ୍ୟାପୀ ହେବାକୁ ଥିବା ବାର୍ଷିକୋତ୍ସବ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଶୋଭନୀୟ ଶିକ୍ଷାଶ୍ରମର ଅଧକ୍ଷା ଅରୁନ୍ଧତୀ ଦେବୀ ସଭାପତିତ୍ୱ କରିଥିଲେ। କିଟ୍ ଓ କିସ୍‌ର ସଭାପତି ଶାଶ୍ୱତୀ ବଳ ଯୋଗଦେଇ ଉତ୍ସବ ଉଦ୍‌ଘାଟନ କରିଥିଲେ। ଶୋଭୀନୀୟତାର ବିକାଶ ପାଇଁ କୁମାର ଭାଇଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଯୁବଗୋଷ୍ଠୀ ଆଗେଇ ଆସିବା ଉଚିତ ଓ ଏଥିରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ବଳ କହିଥିଲେ। ବିଶିଷ୍ଟ ସାଧୁ ସ୍ୱାମୀ ସମର୍ପଣ ମୁଖ୍ୟ ଅତିଥି, ବିଶିଷ୍ଟ ସାହିତ୍ୟିକ ଦାସ ବେନହୁର ମୁଖ୍ୟ ବକ୍ତା ଓ ପ୍ରମୋଦ କୁମାର ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶୋଭନୀୟ ଆନ୍ଦୋଳନର ନିର୍ଦ୍ଦେଶିକା ରୁକ୍ମିଣୀ ଦେବୀ, ନ୍ୟୁୟର୍କରୁ ଆସିଥିବା ଅଧ୍ୟାପକ ଦେବଦତ୍ତ ଦାସ, ସୁପ୍ରିମକୋର୍ଟର ଆଇନଜୀବୀ ସୁରେନ୍ଦ୍ର କୁମାର ପତ୍ରି ପ୍ରମୁଖ ଯୋଗଦେଇ ଅତୀତରେ ଉଦୟଗିରିରେ ଥିବା ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ଥିଲା ଓ ଭାରତବର୍ଷକୁ ଦିଗ୍‌ଦର୍ଶନ ଦେଉଥିଲା ବୋଲି ମତ ପ୍ରକାଶ କରିଥିଲେ। ଯାଜପୁରରୋଡ଼ ଏସ୍‌ଡିପିଓ କେଦାରନାଥ ସାହୁ, ଜୁଭେନାଇଲ ଜଷ୍ଟିସ୍ ବୋର୍ଡର ସଦସ୍ୟା ଜୟଶ୍ରୀ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। କୁମାର ଭାଇଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ଶିକ୍ଷାଶ୍ରମ ସମାଜର ଶାନ୍ତି, ସୁରକ୍ଷା ଓ ମଙ୍ଗଳ ପାଇଁ ଉଦ୍ଦିଷ୍ଟ ବୋଲି ପ୍ରକାଶ କରିଥିଲେ।




ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

## ବରୁଣେଶ୍ୱର ମହାବିଦ୍ୟାଳୟ ପ୍ରତିଷ୍ଠା ଦିବସ

ବିଞ୍ଝାରପୁର,୧।୧(ଡି.ଏନ.ଏ)

ପ୍ରତିବର୍ଷ ପରି ଏ ବର୍ଷମଧ ବର୍ଷର ପ୍ରଥମ ଦିବସରେ ଅରେଇସ୍ଥିତ ବରୁଣେଶ୍ୱର ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ ବାବା ବରୁଣେଶ୍ୱରଙ୍କ ନିକଟରେ ଆଧ୍ୟାତ୍ମିକ ପରିବେଶରେ ଅନୁଷ୍ଠିତ ହୋଇଛି। ବରୁଣେଶ୍ୱର ମହାବିଦ୍ୟାଳୟର ପ୍ରତିଷ୍ଠା ଅବସରରେ ମଙ୍ଗଳବାରର ବାବା ବରୁଣେଶ୍ୱରଙ୍କୁ ରୁଦ୍ରାଭିଷେକ କରାଯାଇ ଆଶୀର୍ବାଦ ଭିକ୍ଷା କରାଯାଇଥିଲା। ଏହି ରୁଦ୍ରାଭିଷେକ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ କିର୍ତ୍ତନ ବିହାରୀ ସାମଲ ସଂକଳ୍ପ କରିଥିବା ବେଳେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ରହିଥିଲେ।

## ୧୯୮୨ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ

ଚଢ଼େଇଧରା, ୧।୧ (ଡି.ଏନ୍.ଏ)– ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଧୁପୁରଗଡ଼ ହାଇସ୍କୁଲର ୧୯୮୨ ମ୍ୟାଟ୍ରିକ୍ ବ୍ୟାଚ୍‌ର ସୋମବାର ଏକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଜିତ୍ ସିଂହ, ପ୍ରମିଳା ପରିଡା, ହରପ୍ରିୟା ପତି, ବିଜୟ ଧୀର, ଦିଲ୍ଲୀପ ଧୀର, ଅରୁଣ ସିଂହ, ପ୍ରତିମା ଜେନାମଣି, ପିତବାସ ବିଶ୍ୱାଳ ପ୍ରମୁଖ ଉତ୍ସବରେ ଉପସ୍ଥିତ ଥିଲେ।

## ସାମାଜିକ ନ୍ୟାୟ ଆନ୍ଦୋଳନ ତୀବ୍ରତର କରିବାକୁ ଶପଥ

ବରୀ,୧।୧(ସ୍ୱ.ପ୍ର.)

ସାମାଜିକ ନ୍ୟାୟ ଆନ୍ଦୋଳନକୁ ତୀବ୍ରତର କରିବା ପାଇଁ ବରିଷ୍ଠ କଂଗ୍ରେସ ନେତା ସନତ କୁମାର ଜେନା ମଙ୍ଗଳବାର ନୂଆବର୍ଷରେ ସାମନ୍ତମୁଣ୍ଡସ୍ଥିତ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ନିକଟରେ ଶପଥ ନେଇଛନ୍ତି। ଏ ନେଇ ବରୀ ବ୍ଲକ ଅଧୀନ ଧାରପୁରସ୍ଥିତ ସାମନ୍ତମୁଣ୍ଡ ଛକରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶତାଧିକ ଯୁବଛାତ୍ର, ପଛୁଆବର୍ଗ, ଦଳିତ, ସଂଖ୍ୟାଲଘୁ ବର୍ଗର ଲୋକେ ସାମିଲ ହୋଇ ଏହି ଶପଥକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ମୋଟ ୯୪ ଭାଗ ଦଳିତ ପଛୁଆବର୍ଗ ସାମାଜିକ ନ୍ୟାୟପାଇଁ ଆନ୍ଦୋଳନରେ ସାମିଲ ହୋଇଛନ୍ତି ବୋଲି କଂଗ୍ରେସ ନେତା ସନତ କହିଛନ୍ତି। ଆଗାମୀ ଦିନରେ ବିଭିନ୍ନ ଜିଲା ଓ ବ୍ଲକ ସ୍ତରରେ ଏହି ଆନ୍ଦୋଳନକୁ ତୀବ୍ରତର କରାଯାଇ ନ୍ୟାୟ ପାଇଁ ଲଢେଇ ଜାରି ରହିବ ବୋଲି ସୂଚନା ଦିଆଯାଇଛି। ଏହି ଆନ୍ଦୋଳନର ଆବାହକ କୃଷ୍ଣଚନ୍ଦ୍ର ଶଗରିଆ ଓ ଅକ୍ଷୟ କୁମାର ମଲ୍ଲିକ ଏବଂ ବରିଷ୍ଠ କଂଗ୍ରେସ ନେତା ଶ୍ରୀକାନ୍ତ ଜେନାଙ୍କୁ ନିମନ୍ତ୍ରଣ କରାଯିବ।

## ନବବର୍ଷରେ ବରୀ ଚଳଚଞ୍ଚଳ

ବରୀ,୧।୧(ସ୍ୱ.ପ୍ର.)

ଇଂରାଜୀ ନୂଆବର୍ଷ ୨୦୧୯କୁ ସ୍ୱାଗତ କରିବା ପାଇଁ ମଙ୍ଗଳବାର ସକାଳୁ ବରୀ ଅଞ୍ଚଳ ଚଳଚଞ୍ଚଳ ହୋଇ ଉଠିଥିଲା। ସ୍ଥାନୀୟ ଜନପ୍ରତିନିଧି, ସରକାରୀ କର୍ମଚାରୀ, ଠିକାଦାର, ପ୍ରଶାସନିକ ଅଧିକାରୀ, ଆଇନଜୀବୀ, ଖବରଦାତାଙ୍କ ମଧ୍ୟରେ ଶୁଭେଚ୍ଛା ଆଦାନ ପ୍ରଦାନ ପାଇଁ ମନରେ ଉଦ୍‌ବେଗ ଦେଖିବାକୁ ମିଳିଥିଲା। ସରପଞ୍ଚ ଓ କର୍ମଚାରୀ ବିଡିଓ ପ୍ରଭାସ ବେଉରାଙ୍କୁ ନୂତନ ବର୍ଷର ଅଭିନନ୍ଦନ ଜଣାଇବା ପାଇଁ ବ୍ଲକ କାର୍ଯ୍ୟାଳୟରେ ଭିଡ ଜମାଇଥିଲେ। ସେହିପରି ତହସିଲ, ଥାନା, କଚେରି ଆଦି ବିଭିନ୍ନ ସ୍ଥାନରେ ଥିଲା ଖୁସିର ମାହୋଲ। ନୂତନ ବର୍ଷକୁ ସୁଖ ଶାନ୍ତିରେ କାଟିବା ପାଇଁ ଅନେକ ଲୋକ ମନ୍ଦିରରେ ପୂଜାର୍ଚ୍ଚନା କରି ଆଶୀର୍ବାଦ ଭିକ୍ଷା କରିଥିଲେ। ସନ୍ଧ୍ୟାରେ ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହେଲେ ନବବର୍ଷର ଶୁଭେଚ୍ଛା ପାଇଁ ବଜାରରେ ଥିବା କେତେକ ହାତଗଣତି ଫୁଲ ଦୋକାନରେ ଫୁଲତୋଡ଼ା ନ ମିଳିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

## ରାଜ୍ୟସ୍ତରୀୟ ଗୋପୀନାଥଜୀଉ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ:ନିମପୁର ବିଜୟୀ

କୋରେଇ,୧।୧(ସ୍ୱ.ପ୍ର.)

ପଥରପଦା ପଞ୍ଚାୟତ ଅନ୍ତର୍ଗତ ଓରିନ୍ଦା ଗ୍ରାମର ଗୋପିନାଥଜୀଉ କ୍ରିକେଟ କ୍ଲବ ଆନୁକୂଲ୍ୟରେ ୨୪ତମ ରାଜ୍ୟସ୍ତରୀୟ ଗୋପିନାଥ ଜୀଉ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ନିମପୁର ସ୍ପୋର୍ଟିଂ ଆଣ୍ଡ କ୍ରିକେଟ କ୍ଲବ ଜଗତପୁର ଓ ବନାମ ସ୍ପୋର୍ଟ୍ସ ଇଲେଭେନ ଷ୍ଟାର କ୍ରିକେଟ କ୍ଲବ ଯାଜପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉପଦେଷ୍ଟା ତଥା କୋରେଇ ପ୍ରେସ କ୍ଲବ ସଭାପତି ସୁବାସ ଧଳ ମୁଖ୍ୟ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ସରପଞ୍ଚ ପ୍ରକାଶ ଚନ୍ଦ୍ର ମଲ୍ଲିକ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଯାଜପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୨ ଓଭର ମଧ୍ୟରେ ୬ ଉଇକେଟ ହରାଇ ୧୭୭ ରନ ସଂଗ୍ରହ କରିଥିଲା। ଜବାବରେ ନିମପୁର ୧୯.୩ ଓଭରରେ ୩ ଉଇକେଟ ହରାଇ ୧୭୮ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଯାଜପୁରର ଅଂଶୁମାନ ନାୟକ ସର୍ବାଧିକ ୫୪ ଓ ନିମପୁରର ଅବିନାଶ ନାୟକ ୮୬ ରନ କରିଥିଲେ। ଦୁର୍ଗା ପଟ୍ଟନାୟକ ଓ ଜହର ଅଲ୍ଲୀ ଖେଳ ପରିଚାଳନା କରିଥିଲେ। ବୁଧବାର ବ୍ରିଲିଆଣ୍ଟ ପାଣିକୋଇଲି ଓ ବନାମ ସୋଲାର କଟକ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

## ଚିକିତ୍ସାରେ ରିହାତି ଦେବ ଟାଟା ମେଡିକା ହସ୍ପିଟାଲ

ଡୁବୁରୀ,୧।୧(ଡି.ଏନ.ଏ.)

କଳିଙ୍ଗନଗରସ୍ଥିତ ଟାଟା ମେଡିକା ହସ୍ପିଟାଲ ଗରିବ ଶ୍ରେଣୀର ଲୋକଙ୍କୁ ରିହାତିରେ ସେବା ଯୋଗାଇ ଦେବାକୁ ମଙ୍ଗଳବାର ଘୋଷଣା କରିଛି। ଏ ନେଇ ହସ୍ପିଟାଲର ସୁପରିଣ୍ଟେଣ୍ଡେଣ୍ଟ ସୁଧାଂଶୁ ଶେଖର ସୂତାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସାଧାରଣ ଲୋକଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା କ୍ଷେତ୍ରରେ ୨୦୧୯ ନୂତନ ବର୍ଷରେ ମେଡିକାଲ ପକ୍ଷରୁ ନିଆଯାଇଥିବା ବିଭିନ୍ନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ସୁପରିଣ୍ଟେଣ୍ଡେଣ୍ଟ ସୂତାର କହିଛନ୍ତି। ସରକାରୀ ହସ୍ପିଟାଲଗୁଡ଼ିକରୁ ଆସୁଥିବା ରୋଗୀଙ୍କ ପାଇଁ ମୁଣ୍ଡର ସିଟି ସ୍କାନ୍ ୫ଶହ ଟଙ୍କା, ପେଟ ଓ ଛାତିର ସିଟି ସ୍କାନ୍ ପାଇଁ ୮ଶହ ଟଙ୍କା ଧାର୍ଯ୍ୟ କରାଯାଇଛି। ଉକ୍ତ ଅଞ୍ଚଳର ଆର୍ଥିକ ଅନଗ୍ରସର ରୋଗୀଙ୍କ ପାଇଁ ୧୫ ଶଯ୍ୟା ବିଶିଷ୍ଟ ସ୍ୱତନ୍ତ୍ର ୱାର୍ଡର ବ୍ୟବସ୍ଥା କରାଯାଇଛି। ଶୀତତାପ ନିୟନ୍ତ୍ରିତ କୋଠରୀ ପାଇଁ ରୋଗୀଙ୍କୁ ଦିନକୁ ମାତ୍ର ୫ଶହ ଟଙ୍କା ଦେବାକୁ ପଡ଼ିବ। ଏତଦ୍‌ବ୍ୟତୀତ ଅସ୍ତ୍ରୋପଚାର ଏବଂ ଅନ୍ୟାନ୍ୟ ଚିକିତ୍ସା ପାଇଁ ରିହାତି ମିଳିବ। ଗରିବଲୋକଙ୍କୁ ବ୍ୟୟବହୁଳ ଚିକିତ୍ସାରୁ ରିହାତି ପାଇଁ ହସ୍ପିଟାଲ ତରଫରୁ ଏକ ସ୍ୱତନ୍ତ୍ର ସେଲର ବ୍ୟବସ୍ଥା କରାଯାଇଛି। ଏଥିରେ ରୋଗୀଙ୍କୁ ନିଜର ସମସ୍ତ କାଗଜପତ୍ର ସହ ନାମ ପଞ୍ଜୀକରଣ କରିବାକୁ ହେବ। ଚଳିତ ମାସଠାରୁ ରୋଗୀ ଏହି ସୁବିଧା ପାଇପାରିବେ। ପ୍ରତି ମାସର ପ୍ରଥମ ରବିବାର ମେଦବହୁଳ, ଦ୍ୱିତୀୟ ରବିବାର ମୁଖ ଗହ୍ୱର, ତୃତୀୟ ରବିବାର ମଧୁମେହ ଓ ଉଚ୍ଚ ରକ୍ତଚାପ ଏବଂ ଶେଷ ରବିବାର ଫୁସଫୁସ୍‌ଜନିତ ରୋଗ ଯଥା ଯକ୍ଷ୍ମା, ଶ୍ୱାସ ରୋଗୀଙ୍କୁ ମାଗଣାରେ ସେବା ଯୋଗାଇ ଦିଆଯିବ। ବିଭିନ୍ନ ପ୍ରକାର ପରୀକ୍ଷାର ଖର୍ଚ୍ଚରୁ ୩୦ଭାଗ ଛାଡ଼ କରାଯିବ ବୋଲି ସୂତାର ପ୍ରକାଶ କରିଛନ୍ତି। ଏହି ଅବସରରେ ହସ୍ପିଟାଲର ମୁଖ୍ୟ କାର୍ଯ୍ୟନିର୍ବାହୀ ସଂଯୁକ୍ତା ପାଲ୍, ମେଡିକା ହସ୍ପିଟାଲର ଡାକ୍ତର ଗୌରୀ ଶଙ୍କର ଷଡ଼ଙ୍ଗୀ, ଆଞ୍ଚଳିକ ଅଧିକାରୀ ସୁରେଶ ସ୍ୱାଇଁଙ୍କ ସମେତ ହସ୍ପିଟାଲ କର୍ମଚାରୀ ଉପସ୍ଥିତ ଥିଲେ।



ଟାଟା ମେଡିକା ହସ୍ପିଟାଲର କାର୍ଯକ୍ୟନିର୍ବାହୀ ଅଧିକାରୀଙ୍କ ସହ ଅନ୍ୟ କର୍ମଚାରୀ।

# ୫ ପରିବାରଙ୍କ ୭ ବଖରା ଭସ୍ମୀଭୂତ



ପୋଡ଼ିଯାଇଥିବା ଘର।

**ନୂଆଗାଁ,୧୧ (ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ପାରାଡିପି ପଞ୍ଚାୟତର ରାମପଲ୍ଲୀ ଦହିକିଆପଶି ସାହିରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟି ୫ ପରିବାରଙ୍କ ୭ ବଖରା ଭସ୍ମୀଭୂତ ହୋଇଯାଇଛି। ଅପରାହ୍ନ ୩ .୩୦ ମିନିଟ୍ ସମୟରେ ଚୁଲିରୁ ନିଆଁ ବାହାରି ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ନିଆଁ ଲାଗିବା ପରେ ଗ୍ରାମବାସୀ ଲିଭାଇବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ପାଣି ଅଭାବ ଯୋଗୁ ସମ୍ଭବ ହୋଇପାରି ଥିଲା। ଖବର ପାଇ ନୂଆଗାଁ ଦମକଳ ବାହିନୀ ପହଞ୍ଚିବା ବେଳକୁ ଘର ସମେତ ଧାନ, ଚାଉଳ, ଲୁଗାପଟା, ଟଙ୍କା, କଂସାବାସନ ଆଦି ପୋଡିଯାଇଥିଲା। ବିପନ୍ନ ପରିବାର ହେଲେ କୁମର ବେହେରା, ମାଟିଆ ବେହେରା, ଛାଟିଆ ବେହେରା, ସୋମନାଥ ବେହେରା ଓ କ୍ଷେତ୍ରବାସୀ ବେହେରା। ଏହି ପରିବାରଗୁଡିକ ଏବେ ଖୋଲା ଆକାଶ ତଳେ ପଡିରହିଛନ୍ତି। ଖବର ଲେଖାହେବା ସୁଦ୍ଧା କୌଣସି ବିଭାଗୀୟ ଅଧିକାରୀ ପହଞ୍ଚି ନ ଥିବାବେଳେ ପାରାଡିପି ସରପଞ୍ଚ ସବିତା ସାହୁ ପହଞ୍ଚି ରନ୍ଧାଖାଦ୍ୟ ବ୍ୟବସ୍ଥା କରିଥିଲେ। ଏ ସମ୍ପର୍କରେ ନୂଆଗାଁ ତହସିଲର ସୁପରଭାଇଜର ହେମନ୍ତ କୁମାର ମଙ୍ଗରାଜ କହନ୍ତି, ଖଜଣା ଆଦାୟ ସମୟ ଯୋଗୁ ଆର୍‌ଆଇ ବ୍ୟସ୍ତ ରହୁଛନ୍ତି। ବୁଧବାର ସେମାନଙ୍କୁ ପଲିଥିନ ଦିଆଯିବ। ଯେଉଁମାନଙ୍କ ଘର ପୋଡିଛି ସେମାନେ ସରକାରଙ୍କ ବସୁନ୍ଧରା ଯୋଜନାରେ ଘର ପାଇବା ତାଲିକାରେ ଅଛନ୍ତି। ସେମାନେ ଯେପରି ଶୀଘ୍ର ଘର ପାଇବେ ସେ ବ୍ୟବସ୍ଥା କରିବୁ।

# ମା’ ବାଟପନ୍ତେଇଙ୍କ ବାର୍ଷିକ ପୂଜୋତ୍ସବ ୧୬ରେ

**ଗଣିଆ,୧୧(ଡି.ଏନ.ଏ.)**

ଗଣିଆ ବ୍ଲକର ଆଦିବାସୀ ପ୍ରବଣ ବଡଶିଲିଙ୍ଗା ପଞ୍ଚାୟତର ଆରାଧ୍ୟା ଦେବୀ ମା’ ବାଟପନ୍ତେଇଙ୍କ ବାର୍ଷିକ ପୂଜୋତ୍ସବ ନିମିତ୍ତ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପୂଜା କମିଟି ସଭାପତି ଲକ୍ଷ୍ମଣ ଜାନିଙ୍କ ସଭାପତିତ୍ୱରେ ମା’ଙ୍କ ପୀଠରେ ଅନୁଷ୍ଠିତ ବୈଠକରେ କମିଟି ସମ୍ପାଦକ ବିପ୍ରଚରଣ ମଳିକ, ପ୍ରଫୁଲ୍ଲ କୁମାର ନାୟକ, ଉପେନ୍ଦ୍ର ଜାନି, ଅକ୍ରୂର ଜାନିଙ୍କ ସମେତ ବିଭିନ୍ନ ଗ୍ରାମର ମୁଖିଆମାନେ ଯୋଗଦେଇଥିଲେ । ଶାନ୍ତିଶୃଙ୍ଖଳାର ସହ ଯେପରି ପୂଜାତ୍ସୋବ ଓ ଯାତ୍ରା ଅନୁଷ୍ଠିତ ହେବ ସେ ନେଇ ଆଲୋଚନା ହୋଇଥିଲା । ଜାନୁୟାରୀ ୧୫ ତାରିଖରେ ଶୁଭାଧିବାସ ପରେ ୧୬ ତାରିଖରେ ମା’ଙ୍କ ବାର୍ଷିକ ପୂଜୋତ୍ସବ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହାକୁ ଦେଖିବା ପାଇଁ ଗଣିଆ, ଦଶପଲ୍ଲା ସମେତ ନିକଟସ୍ଥ ବୌଦ୍ଧ ଜିଲାରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ବ୍ୟାପକ ବନ୍ଦୋବସ୍ତ କରାଯିବ ବୋଲି ଆୟୋଜକ କମିଟି ତରଫରୁ ସୂଚନା ମିଳିଛି ।

# ଦୁର୍ଘଟଣାରେ ଆହତ ଛାତ୍ରଙ୍କ ମୃତ୍ୟୁ

**ଖୋର୍ଦ୍ଧା ଅଫିସ/ଯାଁଳା/ଓଡଗାଁ,୧୧(ଡି.ଏନ.ଏ./ସ୍ୱ.ପ୍ର.)**

ଡିସେମ୍ବର ୨୪ ବିଳମ୍ବିତ ରାତିରେ ଓଡଗାଁ ପ୍ରଧାନମନ୍ତ୍ରୀ କୌଶଳ କେନ୍ଦ୍ରରୁ ଛାତ୍ରୀଛାତ୍ର ପାରାଦୀପକୁ ନାରାୟଣୀ ବସ୍ ଯୋଗେ ପିକ୍‌ନିକ୍ କରିବାକୁ ଯାଉଥିଲେ। ୧୬ ନଂ. ଜାତୀୟ ରାଜପଥ ଗଙ୍ଗପଡା ଟୋଲ ଗେଟ୍ ପିଣ୍ଡିରେ ବସ୍‌ଟି ପିଟି ହୋଇ ଖଣ୍ଡ ବିଖଣ୍ଡିତ ହୋଇଯାଇଥିଲା। ଦୁର୍ଘଟଣାରେ ୫୪ଜଣ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଛାତ୍ରଙ୍କ ସୋମବାର ରାତିରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତକ ହେଲେ ରୋଶନ କୁମାର ମହାପାତ୍ର। ଘର ନୟାଗଡ ଜିଲା ଓଡଗାଁ ଥାନା ରାବେରା ଗାଁରେ। ସେ ଓଡଗାଁ ରଘୁନାଥ ସମବାୟ ମହାବିଦ୍ୟାଳୟରେ ଯୁକ୍ତ ୩ ବିଜ୍ଞାନର ପ୍ରଥମ ବର୍ଷ ଛାତ୍ର ଥିଲେ। ଓଡଗାଁସ୍ଥିତ ପ୍ରଧାନମନ୍ତ୍ରୀ କୌଶଳ କେନ୍ଦ୍ରରେ ସେ ତାଲିମ ନେଉଥିଲେ। ରୋଶନ ଏମ୍‌ସରେ ଚିକିତ୍ସାଧୀନ ଥିଲେ। ଅବସ୍ଥାରେ ପରିବର୍ତ୍ତନ ନ ହେବାରୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କ ମୃତ୍ୟୁ ଘଟିଥିଲା। ମଙ୍ଗଳବାର ସନ୍ଧ୍ୟାରେ ରାବେରା ଗାଁରେ ମୃତଦେହ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

# ଶ୍ରୀରାମକୃଷ୍ଣ ସେବାଶ୍ରମରେ କଳ୍ପତରୁ ଉତ୍ସବ

**ବୋଲଗଡ଼,୧୧(ଡି.ଏନ.ଏ.)**

ବୋଲଗଡ ବ୍ଲକ ଟିକାତାଳସ୍ଥିତ ଶ୍ରୀରାମକୃଷ୍ଣ ସେବାଶ୍ରମରେ ମଙ୍ଗଳବାର ଶ୍ରୀଶ୍ରୀ ରାମକୃଷ୍ଣ ଦେବଙ୍କ କଳ୍ପତରୁ ଉତ୍ସବ ଦିବସ ଅନୁଷ୍ଠିତ ହୋଇଛି। ୧୮୮୬ ମସିହାର ପ୍ରଥମ ଦିବସରେ ଶ୍ରୀରାମକୃଷ୍ଣ ପରମହଂସ ତାଙ୍କର ଭକ୍ତମାନଙ୍କ ଉଦ୍ଦେଶ୍ୟରେ ଚୈତନ୍ୟ ଉଦୟ ହେଉ ବୋଲି ଆଶିଷ ପ୍ରଦାନ କରିଥିଲେ । ସେହିଦିନଠାରୁ ପ୍ରତିବର୍ଷ ଜାନୁୟାରୀ ପ୍ରଥମ ଦିବସରେ ଶ୍ରୀ ରାମକୃଷ୍ଣ ମଠ ମିଶନ ଓ ସେବାଶ୍ରମଗୁଡ଼ିକରେ ଏହି ଉତ୍ସବ ପାଳନ କରାଯାଉଛି । ଏଠାରେ ଶ୍ରୀରାମକୃଷ୍ଣଦେବ ଓ ଶ୍ରୀ ମା ଶାରଦାଦେବୀଙ୍କ ଅଷ୍ଟୋତ୍ତର ଶତନାମ ଜପ କରାଯାଇଥିଲା। ଅନୁଷ୍ଠାନର ଅଧ୍ୟକ୍ଷ ସ୍ୱାମୀ ଭାଗବତାନନ୍ଦପୁରୀ ଶ୍ରୀରାମକୃଷ୍ଣ ଲୀଳାମୃତ ଓ ଭାଗବତ କଥାମୃତ ପ୍ରଦାନ କରିଥିଲେ। ପରେ ସାମୂହିକ ଧ୍ୟାନ ଓ ସମବେତ ଭଜନ କୀର୍ତ୍ତନ ହୋଇଥିଲା। ସେବାଶ୍ରମର ସଭାପତି ବାସୁଦେବ ମହାପାତ୍ରଙ୍କ ପୌରୋହିତ୍ୟରେ ଦିଲୀପ କୁମାର ପଣ୍ଡା, ସହ ସମ୍ପାଦକ ସର୍ବେଶ୍ୱର ସାହୁ, ମନୋଜ କୁମାର ପଣ୍ଡା ଓ ସୁଶାନ୍ତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଠାକୁରଙ୍କ ଦର୍ଶନ ଓ ପିକ୍‌ନିକ୍‌ରେ ବିତିଲା ନୂଆବର୍ଷ

**ରଣପୁର,୧୧(ସ୍ୱ.ପ୍ର.)**

ରଣପୁର ଏନ୍‌ଏସି ଓ ନିକଟସ୍ଥ ଗୋପାଳପୁର, ସୁନାଖଳା, ଦର୍ପନାରାୟଣପୁର ଓ ଚାନ୍ଦପୁର ଅଞ୍ଚଳବାସୀ ମଙ୍ଗଳବାର ରାତି ୧୨ଟା ପର୍ଯ୍ୟନ୍ତ ହର୍ଷ ଓ ଉଲ୍ଲାସର ସହ ନବବର୍ଷ ୨୦୧୯କୁ ପାଳନ କରିଥିଲେ । ବନ୍ଧୁ, ପରିଜନଙ୍କୁ ଅଭିନନ୍ଦନ ଜଣାଇବା ସହ ଠାକୁର ଦର୍ଶନରେ ଦିବସଟି ବିତିଥିଲା । ସ୍ଥାନୀୟ ଜଗନ୍ନାଥ ମନ୍ଦିର, ମା’ ମଣିନାଗ ମନ୍ଦିର ଓ ମହାବୀର ହନୁମାନ ମନ୍ଦିରରେ ସକାଳେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା । ପର୍ଯ୍ୟଟକମାନେ ବ୍ରଜକୋଟ ଗ୍ରାମସ୍ଥିତ ମା’ଅସୁର କୁମାରୀ ପୀଠ ଓ ମଣିନାଗ ମନ୍ଦିରଠାରେ ପିକ୍‌ନିକ୍ କରିଥିଲେ। ଶାନ୍ତି ଓ ଶୃଙ୍ଖଳା ରକ୍ଷା ନିମନ୍ତେ ରଣପୁର ପୋଲିସ ମୁତୟନ ହୋଇଥିଲା ।

## ସାତକୋଶିଆରେ ବୃଦ୍ଧି ପାଉଛି ପର୍ଯ୍ୟଟକ ସଂଖ୍ୟା

# ମୁଖ୍ୟ ଆକର୍ଷଣ ପାଲଟିଛି କ୍ୟାନୋପି ୱାକ୍

**ଗଣିଆ,୧୧(ଡି.ଏନ.ଏ.)**

ପ୍ରାକୃତିକ ପରିବେଶଭିତ୍ତିକ ପର୍ଯ୍ୟଟନସ୍ଥଳୀ ମଧ୍ୟରେ ସାତକୋଶିଆ ସ୍ୟାଣ୍ଡ ରିସର୍ଟ ଅନ୍ୟତମ। ନୟାଗଡ଼, ବୌଦ୍ଧ, କଟକ ଓ ଅନୁଗୋଳ ଜିଲାର ୯୮୮.୩୦ ବର୍ଗ କିଲୋମିଟର ଅଞ୍ଚଳକୁ ନେଇ ଗଠିତ ହୋଇଛି ସାତକୋଶିଆ ବ୍ୟାଘ୍ର ସଂରକ୍ଷଣାଞ୍ଚଳ ଅଭୟାରଣ୍ୟ । ପ୍ରାକୃତିକ ପରିବେଶ ସାଙ୍ଗକୁ ଜୈବ ବିବିଧତାରେ ଭରପୂର ଏହି ଅଭୟାରଣ୍ୟର ସାଉଥ୍ ବଡମୂଳ (ମଙ୍ଗାନାସୀ)ଠାରେ ଥିବା ପ୍ରାକୃତିକ ପର୍ଯ୍ୟଟନ କେନ୍ଦ୍ର ସାତକୋଶିଆ ସ୍ୟାଣ୍ଡ ରିସର୍ଟ ଓ କ୍ୟାନୋପି ୱାକ୍ ପର୍ଯ୍ୟଟକଙ୍କ ପାଇଁ ମୁଖ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ବର୍ତ୍ତମାନ ଏଠାରେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ବ୍ୟସ୍ତବହୁଳ ଜୀବନରେ କିଛି ସମୟ ଆମୋଦପ୍ରମୋଦ କରିବା ପାଇଁ ଏଠାକୁ ରାଜ୍ୟ ତଥା ଦେଶବିଦେଶରୁ ବହୁ ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ। ଚଳିତବର୍ଷ ପର୍ଯ୍ୟଟନ ଋତୁ ଆରମ୍ଭରୁ ଫ୍ରାନ୍ସ, ଜର୍ମାନୀ, ବେଲଜିୟମ୍ ଓ ଇଂଲଣ୍ଡ ଆଦି ଦେଶରୁ ପର୍ଯ୍ୟଟକ ଏଠାକୁ ଆସିଥିବା ଦେଖିବାକୁ ମିଳିଥିଲା।

ସାତକୋଶିଆ ସ୍ୟାଣ୍ଡ ରିସର୍ଟରେ ପର୍ଯ୍ୟଟକଙ୍କ ରହଣି ପାଇଁ ୩ଟି ସୌଖୀନ ଶୀତତାପ ନିୟନ୍ତ୍ରିତ କଟେଜ୍ ଓ ୪ଟି ଶୀତତାପ ନିୟନ୍ତ୍ରିତ ଟେଣ୍ଟ ସାଙ୍ଗକୁ ମହାନଦୀର ବିସ୍ତୀର୍ଣ୍ଣ ବାଲୁକା ଶଯ୍ୟାରେ ରହିଛି ୯ଟି ନନ୍ ଏସି ତମ୍ବୁ କଟେଜ ଓ ୬ଟି କ୍ୟାମ୍ପି ଟେଣ୍ଟ। ଏଥିସହ ପର୍ଯ୍ୟଟକଙ୍କ ପାଇଁ ରୁଚିକର ଖାଦ୍ୟପେୟ, ସାତକୋଶିଆ ଗଣ୍ଡରେ ସୁରକ୍ଷିତ ନୌକା ବିହାର, ସାଇକେଲିଂ, ଜଙ୍ଗଲ ଟ୍ରାକିଂ, ମ୍ୟୁଜିକ ଫେଷ୍ଟିଭାଲ, କ୍ୟାମ୍ପଫାୟାର, ସ୍ୟାଣ୍ଡ ସ୍ପୋର୍ଟସ ଓ ଲାଇବ୍ରେରୀ ସାଙ୍ଗକୁ ରହିଛି ସନ୍ତରଣ ବ୍ୟବସ୍ଥା । ଚଳିତବର୍ଷ ପ୍ରଥମ କରି ଏଠାରେ ନିର୍ମାଣ କରାଯାଇଥିବା କ୍ୟାନୋପି ୱାକ୍ ବା ଟ୍ରି ୱାକ୍ ପର୍ଯ୍ୟଟକଙ୍କ ପାଇଁ ମୁଖ୍ୟ ଆକର୍ଷଣ ପାଲଟିଛି । ଭୂପୃଷ୍ଠରୁ ୫ମିଟର ଉଚ୍ଚତା ଓ ୧୦୦ମିଟର ଦୈର୍ଘ୍ୟରେ ନିର୍ମିତ ହୋଇଥିବା ଏହି କ୍ୟାନୋପି ସାହାଯ୍ୟରେ ଗୋଟିଏ ଗଛରୁ ଅନ୍ୟ ଗୋଟିଏ ଗଛକୁ ଚାଲି ଚାଲି ବୁଲିବାର ମଜା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି । ରାଜ୍ୟର ଅନ୍ୟ କୌଣସି ପର୍ଯ୍ୟଟନ କେନ୍ଦ୍ରରେ ଏଭଳି ବ୍ୟବସ୍ଥା ନାହିଁ। ସେହିପରି ସାତକୋଶିଆ ବ୍ୟାଘ୍ର ଅଭୟାରଣ୍ୟ ମଧ୍ୟଦେଇ ପ୍ରବାହିତ ମହାନଦୀର ବଡମୂଳଠାରୁ ଆଠମଲ୍ଲିକ ବିନିକେଇ ପର୍ଯ୍ୟନ୍ତ ସାତକୋଶ (୨୧ କିଲୋମିଟର) ବ୍ୟାପୀ ସାତକୋଶିଆ ଗଣ୍ଡ ରହିଛି । ଏହି ଗଣ୍ଡର ନୀଳ ଜଳରାଶିରେ ନୌକା ବିହାର ବେଳେ ବିଭିନ୍ନ ପ୍ରଜାତିର କୁମ୍ଭୀର, କଇଁଛ ଓ ରଙ୍ଗବେରଙ୍ଗର ଦେଶୀୟ ଓ ବିଦେଶୀ ପକ୍ଷୀଙ୍କୁ ଦେଖିବାର ମଜା ଉଠାଇଥାନ୍ତି ପର୍ଯ୍ୟଟକ। ଗଣ୍ଡ ଜଳରେ ସନ୍ତରଣ କରୁଥିବା ଦଳ ଦଳ ବିଦେଶାଗତ ପକ୍ଷୀ ଇଣ୍ଡିଆନ ସ୍କିମର ପ୍ରକୃତିପ୍ରେମୀଙ୍କୁ ଆନମନା କରିଦେଇଥାଏ। ସାତକୋଶିଆ ଗଣ୍ଡରେ ଭାସମାନ ଜେଟି ଉପରେ ସେଲ୍‌ଫି ନେବାର ମଜା ମନରେ ନିଆରା ଆନନ୍ଦ ଭରିଦେଇଥାଏ । ସୂଚନାଯୋଗ୍ୟ, ଆଗରୁ ସାତକୋଶିଆକୁ ଆସୁଥିବା ପର୍ଯ୍ୟଟକଙ୍କ ରହଣି ପାଇଁ ସେଭଳି କିଛି ବ୍ୟବସ୍ଥା ନ ଥିଲା। ବିଗତ ୩ବର୍ଷ ହେଲା ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଅଂଶୁପ୍ରଜ୍ଞା ଦାସ ତଥା ବନ୍ୟପ୍ରାଣୀ ବିଭାଗର ଉଦ୍ୟମ କ୍ରମେ ଏଠାରେ ହୋଇଥିବା ସ୍ୟାଣ୍ଡ ରିସର୍ଟ ପର୍ଯ୍ୟଟକଙ୍କ ମହଲରେ ବେଶ୍ ଲୋକାଦୃତ ହୋଇପାରିଛି।



ବଡମୂଳ ମଙ୍ଗାନାସୀଠାରେ ଥିବା ସ୍ୟାଣ୍ଡ ରିସର୍ଟ।



କ୍ୟାନୋପିର ମଜା ନେଉଛନ୍ତି ପର୍ଯ୍ୟଟକ।





ଭଗବାନଙ୍କ ନାମ ଜପିଲେ ମଣିଷର ଦେହ, ମନ ସବୁ ଶୁଦ୍ଧ ହୋଇଯାଏ।
-ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ନୂଆବର୍ଷରେ ନିଶା ନିବାରଣ ଅଭିଯାନ




ନୂଆଗାଁ,୧୧ (ଡି.ଏନ.ଏ.)- ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମାଇଛେଳି ପଞ୍ଚାୟତ ଗୋହିରିବାଦୁ ଗ୍ରାମର ମା' ମଙ୍ଗଳା ଯୁବକସଂଘ ସଭ୍ୟମାନେ ଭିନ୍ନ ଢଙ୍ଗରେ ପାଳନ କରିଥିଲେ ନୂଆବର୍ଷ। ଲୋକମାନଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ସଂଘର ୪୦ ଜଣ ଯୁବକ ସକାଳ ୯ଟାରୁ ନିଶା ନିବାରଣ ଅଭିଯାନ ଆରମ୍ଭ କରିଥିଲେ। ସେମାନେ ଫ୍ଲାଗକାର୍ଡ, ବ୍ୟାନର ଆଦି ଧରିବା ସହ ବିଭିନ୍ନ ସ୍ଲୋଗାନ ଦେଇ ସାହି ସାହି ପରିକ୍ରମା କରି ଲୋକମାନଙ୍କୁ ବୁଝାଇଥିଲେ। ଏହି ଅବସରରେ ସନ୍ଧ୍ୟାରେ ଏକ ବୈଠକ କରି ଜନ ସଚେତନ କରାଇଥିଲେ। ଯୁବକସଂଘ ସଭାପତି ପ୍ରମୋଦ କୁମାର ନାୟକ, ସମ୍ପାଦକ ସୁକୁମାର ବେହେରାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଶରତ କୁମାର ପ୍ରଧାନ, ଦିଲୀପ କୁମାର ବେହେରା, ଗତିକୃଷ୍ଣ ପ୍ରଧାନ, ଲକ୍ଷ୍ମୀଧର ବେହେରା, ପ୍ରଭାତ ନାୟକଙ୍କ ସମେତ ସମସ୍ତ ସଭ୍ୟ ଅଂଶଗ୍ରହଣ କରିଥିଲେ।

### କେଦାରମହାନ୍ତି ମେମୋରିଆଲ କପ୍ କ୍ରିକେଟ୍ : ନାଟୁଗାଁ ଚାମ୍ପିୟନ

ଖଣ୍ଡପଡ଼ା,୧୧(ସ୍ୱ.ପ୍ର)-କିଆଝର ବିଜୁ ଯୁବବାହିନୀ ଆନୁକୂଲ୍ୟରେ ଡିସେମ୍ବର ୨୨ରୁ କିଆଝର ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ କେଦାର ମହାନ୍ତି ମେମୋରିଆଲ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି। ସୋମବାର ଏହାର ଉଦ୍‌ଯାପନୀ ଦିବସରେ ନାଟୁଗାଁ କ୍ରିକେଟ କ୍ଲବ୍ ବାଣପୁର କ୍ରିକେଟ୍ ଆସୋସିଏଶନ୍‌କୁ ପରାସ୍ତ କରି ଚାମ୍ପିୟନ ହୋଇଛି। ପ୍ରଥମେ ବାଣପୁର ଦଳ ବ୍ୟାଟିଂ ଆରମ୍ଭ କରି ୧୨୯ ରନ୍ ସଂଗ୍ରହ କରିଥିଲା। ଜବାବରେ ନାଟୁଗାଁ ଦଳ ୧୩୦ ରନ୍ କରି ବିଜୟୀ ହୋଇଛି। ଖେଳକୁ ସୁଶାନ୍ତ ମହାଲିକ ଓ ସୂର୍ଯ୍ୟ ନାରାୟଣ ବଳିୟାର ସିଂ ପରିଚାଳନା କରିଥିଲେ। ଖଣ୍ଡପଡ଼ା ବିଧାୟକ ଅନୁଭବ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ସେ ଯଥାକ୍ରମେ ଚାମ୍ପିୟନ ଓ ରନର୍ସଅପ୍ ଦଳ ନାଟୁଗାଁ ଓ ବାଣପୁରକୁ ୫ହଜାର ଓ ୩ ହଜାର ଲେଖାଏ ଅର୍ଥରାଶି ସହ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟତମ ଅତିଥିଭାବେ ଯୋଗଦେଇ ମର୍ଦ୍ଦରାଜପୁର ସରପଞ୍ଚ ବୈକୁଣ୍ଠନାଥ ଗୋଛି, ପୂର୍ବତନ ଜିଲା ପରିଷଦ ସଭ୍ୟ ରମାକାନ୍ତ ସେଠୀ ଓ ବରିଷ୍ଠନେତାମାନେ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

### ଗ୍ରାମାଞ୍ଚଳ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଛାମୁଣ୍ଡିଆକୁ ହରାଇ ଫାଇନାଲରେ ଗଣିଆ



ଗଣିଆ,୧୧(ଡି.ଏନ.ଏ.)- ଗଣିଆ ବ୍ଲକ ଈଶ୍ୱରପୁର ଗ୍ରାମ ଆଦର୍ଶ ଜନକଲ୍ୟାଣ କିଶୋର ସଂଘ ଆନୁକୂଲ୍ୟରେ ୧୯ତମ ବ୍ରାହ୍ମଣୀଦେବୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ପ୍ରଥମ ସେମିଫାଇନାଲ ମ୍ୟାଚରେ ଛାମୁଣ୍ଡିଆକୁ ହରାଇ ଗଣିଆ କ୍ରିକେଟ ଟିମ୍ ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିଣି ଛାମୁଣ୍ଡିଆ କ୍ରିକେଟ ଟିମ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଗଣିଆ ଟିମ୍ ନିର୍ଦ୍ଧାରିତ ୧୫ ଓଭରରେ ୬ଉଇକେଟ ହରାଇ ୧୯୪ ରନ୍ ସଂଗ୍ରହ କରିଥିଲା। ଜବାବରେ ଛାମୁଣ୍ଡିଆ ଟିମ୍ ସମସ୍ତ ଉଇକେଟ ହରାଇ ୧୪୩ରନ୍ କରିବାକୁ ସକ୍ଷମ ହୋଇଥିଲା। ୪୨ ବଲ୍‌ରେ ୮୬ ରନ ସଂଗ୍ରହ କରିଥିବା ଗଣିଆ ଟିମ୍‌ର ଜିତେନ୍ଦ୍ର ସାହୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ କରାଯାଇଥିଲା। ଆଇନଜୀବୀ ବୀରେନ୍ଦ୍ର ନାଥ ନାୟକ ଓ ବେଣୁଧର ନାୟକ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଖେଳ ପରିଚାଳନା କରିଥିଲେ ସଚିନ କୁମାର ଦଳେଇ ଓ ଅମରେଶ ନାୟକ।

### ନବବର୍ଷ ପାଇଁ କାଳୀଜାଈ ପୀଠରେ ଭିଡ଼

କୃଷ୍ଣପ୍ରସାଦ,୧୧(ଡି.ଏନ.ଏ.)-ନୂଆବର୍ଷର ପ୍ରଥମ ଦିବସରେ ମଙ୍ଗଳବାର ପ୍ରତ୍ୟୁଷରୁ ଚିଲିକାର ଅଧିଷ୍ଠାତ୍ରୀ ତଥା ପାରିକୁଦର ଇଷ୍ଟଦେବୀ ମା'କାଳୀଜାଈଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ପ୍ରବଳ ସମାଗମ ହୋଇଥିଲା। ଭକ୍ତମାନେ ମା'ଙ୍କ କୃପାଲାଭ ନିମନ୍ତେ ଧାଡ଼ିବାନ୍ଧି ଶାନ୍ତି ଓ ଶୃଙ୍ଖଳାର ସହ ଦର୍ଶନ, ପୂଜାର୍ଚ୍ଚନା ଓ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ହରିବୋଲ, ହୁଳହୁଳି ଶବ୍ଦରେ କାଳୀଜାଈ ପୀଠରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। କୃଷ୍ଣପ୍ରସାଦ ଥାନା ଆଇଆଇସି ଦିଲୀପ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ପୋଲିସ ଶାନ୍ତି ଓ ଶୃଙ୍ଖଳା ରକ୍ଷା କରିଥିଲା।

# ଭୋଜିଭାତ, ନାଚଗୀତରେ ନବବର୍ଷକୁ ସ୍ୱାଗତ

ନୟାଗଡ଼ ଅଫିସ,୧୧



କଣ୍ଟିଲୋ ମହାନଦୀଠାରେ ନୌକାବିହାରରେ ବାହାରିଥିବା ଲୋକମାନେ।

- ଜିଲାର ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ଭିଡ଼
- ମନ୍ଦିରରେ ବି ଲାଗିରହିଥିଲା ଗହଳି

ବିଦାୟ ନେଇଛି ୨୦୧୮ ବର୍ଷ। ନୂତନ ବର୍ଷ ୨୦୧୯କୁ ସ୍ୱାଗତ କରିଛନ୍ତି ଜିଲାବାସୀ। ଜିଲାର ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ମଙ୍ଗଳବାର ଲୋକମାନେ ଭୋଜି ଭାତ କରିବା ସହ ନାଚଗୀତରେ ମସଗୁଲ୍ ହୋଇ ନବବର୍ଷକୁ ସ୍ୱାଗତ କରୁଥିବା ଦେଖିବାକୁ ମିଳିଥିଲା। ନୟାଗଡ଼ର ପାଣିପୋଇଲା ଡ୍ୟାମ, ଖଣ୍ଡପଡ଼ାର ସୁନାମୁହିଁ ଡ୍ୟାମ, ଗୋକୁଳାନନ୍ଦ ପୀଠ, ରଣପୁରର ମଣିନାଗ ପୀଠ, ଓଡ଼ଗାଁର ବୁଢ଼ାବୁଢ଼ିଆଣୀ ଡ୍ୟାମ, ଗଣିଆର ବଡ଼ମୂଳସ୍ଥିତ ସ୍ୟାଣ୍ଡ ରିସର୍ଟ ସବୁଠି ଲୋକଙ୍କ ଗହଳି ଲାଗିଥିଲା। କଣ୍ଟିଲୋ ନୀଳମାଧବ ପୀଠଠାରେ ଲୋକମାନେ ଠାକୁରଙ୍କୁ ଦର୍ଶନ କରିବା ସହିତ ନୌକାବିହାରର ମଜା ନେଇଥିଲେ। ଜିଲାର ବିଭିନ୍ନ ମନ୍ଦିରରେ ମଧ୍ୟ ଭିଡ଼ ଦେଖିବାକୁ ମିଳିଥିଲା। ଓଡ଼ଗାଁର ରଘୁନାଥଜୀଉ, ଜାମୁପାଟଣାର ଦୁତୀକେଶ୍ୱର ମନ୍ଦିର, କଣ୍ଟିଲୋ ନୀଳମାଧବ ମନ୍ଦିର, ନୟାଗଡ଼ ସହରର ଦକ୍ଷିଣକାଳୀ ମନ୍ଦିର, ରଣପୁରର ମଣିନାଗ ମନ୍ଦିର, ଶରଣକୁଳ ଲଡୁବାବା ମନ୍ଦିରରେ ସକାଳଠାରୁ ଶ୍ରଦ୍ଧାଳୁମାନେ ଭିଡ଼ ଜମାଇଥିଲେ। ସକାଳୁ ସକାଳୁ ଲୋକମାନେ ଦୀପ ଜାଳି ବର୍ଷଟି ଶୁଭଙ୍କର ହେଉ ବୋଲି ମନାସିଥିଲେ। ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ନାଚଗୀତ ସାଙ୍ଗକୁ ଭୋଜିଭାତର ଆସର ଜମିଥିଲା। ସବୁ ପର୍ଯ୍ୟଟନସ୍ଥଳୀରେ ପୋଲିସର ସୁରକ୍ଷା ବ୍ୟବସ୍ଥା ଥିବାରୁ କୌଣସିଠାରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟିହୋଇ ନ ଥିଲା। ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ଜିଲା ଓ ଜିଲା ବାହାରର ପାଖାପାଖି ୨ଲକ୍ଷ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଅନ୍ୟପଟେ ମାଛମାଂସ ଦୋକାନରେ ମଧ୍ୟ ଭିଡ଼ ଲାଗିରହିଥିଲା।

### ନିଆରା ଢଙ୍ଗରେ ନୂଆବର୍ଷ ପାଳିଲା ଟାଉନ ପୋଲିସ

ନୟାଗଡ଼ ଜିଲା ଟାଉନ ପୋଲିସ ପକ୍ଷରୁ ମଙ୍ଗଳବାର ନିଆରା ଢଙ୍ଗରେ ନୂଆବର୍ଷକୁ ପାଳନ କରାଯାଇଛି। ବସ୍‌ଷ୍ଟାଣ୍ଡଠାରେ ବୁଲୁଥିବା ଦୁଇଜଣ ମାନସିକ ବିକାରଗ୍ରସ୍ତ ବ୍ୟକ୍ତିଙ୍କୁ ଆଣି ସେମାନଙ୍କ ମୁଣ୍ଡ ବାଳ କାଟିବା ସହ ନଖ କାଟି ଗାଧୋଇ ଦିଆଯାଇଥିଲା। ଏହା ପରେ ନୂଆ ଡ୍ରେସ୍ ଓ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଜ୍ୟାକେଟ ପ୍ରଦାନ ସହ ସେମାନଙ୍କୁ ହୋଟେଲରେ ଖୁଆଯାଇଥିଲା। ଆଉ କିଛି ବ୍ୟକ୍ତିଙ୍କୁ ପୋଲିସ ଆଣିବାକୁ ଚାହିଁଥିଲେ ମଧ୍ୟ ସେମାନେ ପଳାଇ ଯାଇଥିଲେ। ଦୁଇ ଦିନ ଭିତରେ ସେମାନଙ୍କୁ ଅଣାଯାଇ ସେମାନଙ୍କର ସେବା କରାଯିବ ବୋଲି ଟାଉନ ଥାନା ଅଧିକାରୀ ରଶ୍ମିରଞ୍ଜନ ପଟ୍ଟନାୟକ ପ୍ରକାଶ କରିଛନ୍ତି। ନୂଆବର୍ଷରେ ପୋଲିସର ଏଭଳି କାର୍ଯ୍ୟକୁ ସହରରେ ପ୍ରଶଂସା କରାଯାଇଛି। ଟାଉନ ଥାନା ଏସ୍‌ଆଇ ପ୍ରଦୀପ କୁମାର ସାମଲ ଓ ଥାନା କର୍ମଚାରୀମାନେ ଏଥିରେ ସହଯୋଗ କରିଥିଲେ।



ମାନସିକ ବିକାରଗ୍ରସ୍ତ ବ୍ୟକ୍ତିଙ୍କ ବାଳ କଟାଉଛି ପୋଲିସ।



ଶ୍ରୀଅରବିନ୍ଦ ଶ୍ରୀମାଙ୍କ ଫଟୋଚିତ୍ରକୁ ପୂଜା କରାଯାଉଛି।

## ଶ୍ରୀମା ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକ ଉତ୍ସବ

ବୋଲଗଡ଼,୧୧(ଡି.ଏନ.ଏ.)

ବୋଲଗଡ଼ ବ୍ଲକ କନ୍ତାଇଲୋ ବିଦ୍ୟାଳୟଠାରେ ଶ୍ରୀମା ଶ୍ରୀଅରବିନ୍ଦ ପାଠଚକ୍ରର ୨୩ତମ ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ପାଠଚକ୍ରରୁ ଆସିଥିବା ଅପା, ଭାଇଙ୍କ ସମେତ ୩୦୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଏଠାରେ ଉପସ୍ଥିତ ଥିଲେ। ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କୁ ପୂଜାର୍ଚ୍ଚନା କରିବା ସହ ଅତିଥିମାନେ ତାଙ୍କର ଦିବ୍ୟଜୀବନୀ ଓ ବାଣୀ ଉପରେ ଆଲୋକପାତ କରିଥିଲେ। ସମାରୋହରେ 'ନାମ ଜପ ଏବଂ 'ସାଂସାରିକ ଜୀବନରେ ଭଗବତପ୍ରାପ୍ତିର ଉପାୟ' ଶୀର୍ଷକ ଆଲୋଚନା କରାଯାଇଥିଲା। ପରେ ସମୂହ ପ୍ରସାଦସେବନ ହୋଇଥିଲା। ପାଠଚକ୍ରକୁ କରୁଣାକର ଜେନା ସଂଯୋଜନା କରିଥିବା ବେଳେ ବୈକୁଣ୍ଠ, ପଞ୍ଚୁ, ସୁରିଆ ଓ ହରି ପ୍ରମୁଖ ସହଯୋଗ କରିଥିଲେ।

# ନୀଳମାଧବ ପୀଠରେ ପର୍ଯ୍ୟଟକଙ୍କ ସମାଗମ



ନୀଳମାଧବ ପୀଠରେ ଠାକୁରଙ୍କ ଦର୍ଶନ ପାଇଁ ଲମ୍ବା ଲାଇନ୍।

ଖଣ୍ଡପଡ଼ା,୧୧(ସ୍ୱ.ପ୍ର.)

- ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ବ୍ୟାପକ ବ୍ୟବସ୍ଥା
- ରାସ୍ତାର ନବୀକରଣ ଓ ପ୍ରଶସ୍ତୀକରଣ ଦାବି

ନୂଆବର୍ଷ ନିମନ୍ତେ ଖଣ୍ଡପଡ଼ା ଓ କଣ୍ଟିଲୋର ବିଭିନ୍ନ ପର୍ଯ୍ୟଟନସ୍ଥଳରେ ପର୍ଯ୍ୟଟକଙ୍କ ପ୍ରବଳ ସମାଗମ ଦେଖାଦେଇଛି। ଏ ପରିସ୍ଥିତିରେ ଟ୍ରାଫିକ୍ ସମସ୍ୟା ନେଇ ପୋଲିସ ତରଫରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ନୀଳମାଧବ ପୀଠ, ପଥରଚକଡାର ମା'ନାରାୟଣୀ ପୀଠ, ପଦ୍ମାବତୀ ହନୁମନ୍ତପ୍ରସାଦର ରାମାଶ୍ରମ, ମର୍ଦ୍ଦରାଜପୁରର ମୁଣ୍ଡିଆ ହନୁମାନ, କୋସକାର ଯୋଗୀଯୋଗିଆଣୀ ବୌଦ୍ଧ ପୀଠ ଓ ସିଧାମୂଳାସ୍ଥ ଗୋକୁଳାନନ୍ଦ ଜୀଉ ପୀଠରେ ମଙ୍ଗଳବାର ବର୍ଷା ସତ୍ତ୍ୱେ ପର୍ଯ୍ୟଟକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ତେବେ ମହାନଦୀକୂଳସ୍ଥିତ ସୁନ୍ଦର ପ୍ରାକୃତିକ ପରିବେଶ ମଧ୍ୟରେ ଏକ ପାହାଡ଼ ଉପରେ ଥିବା ନୀଳମାଧବ ଜୀଉ ଓ ଗୋକୁଳାନନ୍ଦ ଜୀଉ ପର୍ଯ୍ୟଟକମାନଙ୍କୁ ବେଶ୍ ଆକୃଷ୍ଟ କରିଛି। ପ୍ରବଳ ଶୀତ ସତ୍ତ୍ୱେ ପର୍ଯ୍ୟଟକମାନେ ଠାକୁରଙ୍କୁ ଦର୍ଶନ କରିବା ତଥା ବଣଭୋଜି ନିମନ୍ତେ ଭିଡ଼ ଜମାଇଥିଲେ। ମୋଟର ବୋଟ୍ ଓ ନୌ ବିହାର ବେଶ୍ ରମଣୀୟ ମନେ ହେଉଥିଲା। ବିଶେଷ ଭାବେ ନୀଳମାଧବ ମନ୍ଦିର ଓ ଗୋକୁଳାନନ୍ଦ ଜୀଉଙ୍କ ପୀଠ ନିକଟରେ ଟ୍ରାଫିକ୍ ନିୟନ୍ତ୍ରଣ ନିମନ୍ତେ ବ୍ୟାପକ ବ୍ୟବସ୍ଥା ହୋଇଥିଲା। ସଂପୃକ୍ତ ପୀଠଗୁଡିକରେ କଡା ପୋଲିସ ମୁତୟନର ବ୍ୟବସ୍ଥା କରାଯାଇଥିବାବେଳେ କୌଣସି ଅପ୍ରୀତିକର ପରିସ୍ଥିତ ସୃଷ୍ଟି ହୋଇ ନ ଥିବା କଣ୍ଟିଲୋ ଫାଣ୍ଡି ଅଧିକାରୀ ରଘୁନାଥ ଷଡଙ୍ଗୀ ସୂଚନା ଦେଇଛନ୍ତି। ତେବେ ସିଧାମୂଳା ସେତୁଠାରୁ ଗୋକୁଳାନନ୍ଦ ଜୀଉ ପୀଠକୁ ପଡିଥିବା ରାସ୍ତାର ନବୀକରଣ ଓ ପ୍ରଶସ୍ତୀକରଣ କରାଯାଉ ନ ଥିବାରୁ ପର୍ଯ୍ୟଟକମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ବିଭିନ୍ନ ମହଲରେ ଅଭିଯୋଗ ହୋଇଛି।

## ଜନ ଶୁଣାଣି ଶିବିରରେ ୧୪୫ ଅଭିଯୋଗ

ଖଣ୍ଡପଡ଼ା,୧୧(ସ୍ୱ.ପ୍ର.)

ଖଣ୍ଡପଡ଼ା ବ୍ଲକ ସମ୍ମିଳନୀ ପ୍ରକୋଷ୍ଠରେ ଜିଲା ପ୍ରଶାସନ ପକ୍ଷରୁ ସୋମବାର ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଶିବାନନ୍ଦ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶିବିରରେ ନୟାଗଡ଼ ଜିଲାପାଳ ଡ. ଏନ୍ ତିରୁମାଲା ନାୟକ ମୁଖ୍ୟ ଅତିଥି, ନୟାଗଡ଼ ଜିଲା ଆରକ୍ଷୀ ଅଧୀକ୍ଷକ ଶଶୀଭୂଷଣ ଶତପଥୀ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଜନ ସାଧାରଣଙ୍କ ଅଭିଯୋଗ ଶୁଣିଥିଲେ। ସମୁଦାୟ ୧୪୫ଟି ଅଭିଯୋଗ ଶୁଣାଣି ହୋଇଥିଲା। ବେଣାଗାଡିଆ, ତେନ୍ତୁଳାପଲ୍ଲୀ, ଘଣାଶାଳିଆ ଆଦି ଅଞ୍ଚଳର ୮ଜଣ ବ୍ୟକ୍ତିଙ୍କୁ କର୍କଟ କିଡ୍‌ନୀ ରୋଗ ଚିକିତ୍ସା ପାଇଁ ରେଡ଼କ୍ରସ୍ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଶିବିରରେ ପ୍ରକଳ୍ପ ନିର୍ଦ୍ଦେଶକ ଅନାମ ପାତ୍ର, ଜିଲା ମୁଖ୍ୟ ଚିକିତ୍ସାଳୟ ଏଡିଏମ୍‌ଓ ଡ. ନୀଳମାଧବ ଶତପଥୀ, ତହସିଲଦାର ଶୁଭଶ୍ରୀ ରଥ ପ୍ରମୁଖ ଉପସ୍ଥିତ ରହିଥିଲେ। ବ୍ଲକର ୨୨ଟି ପଞ୍ଚାୟତରୁ ଆସିଥିବା ଜନସାଧାରଣଙ୍କ ଅଭିଯୋଗ ପ୍ରତି ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ବ୍ଲକ ଓ ତହସିଲ ପ୍ରଶାସନିକ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

## ଯୋଗୀଯୋଗୀଆଣି ପୀଠରେ ସାଧୁମେଳା



ଯୋଗୀଯୋଗୀଆଣି ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼।

ଖଣ୍ଡପଡ଼ା,୧୧(ସ୍ୱ.ପ୍ର.)

ନୟାଗଡ଼ ଜିଲାର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ତଥା ଏକମାତ୍ର ବୌଦ୍ଧ ପୀଠରୂପେ ପରିଚିତ ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ କୋସକା ପଞ୍ଚାୟତର ରାମଚନ୍ଦ୍ରପୁର ଓ ଅଁଳାପଟ୍ଟା ନିକଟ ଯୋଗିଯୋଗୀଆଣି ପୀଠରେ ମଙ୍ଗଳବାର ସାଧୁସନ୍ଥ ମେଳା ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସାଧୁ ପ୍ରକାଶ ଚନ୍ଦ୍ରଦାସଜୀ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ମେଳାରେ ନିକଟସ୍ଥ ମୌଜାରୁ ହଜାର ହଜାର ସଂଖ୍ୟକ ଜନସାଧାରଣ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ ଯେ, ନବମ ଓ ଦଶମ ଶତାବ୍ଦିରୁ ୪ଗୋଟି ବୌଦ୍ଧ ମୂର୍ତ୍ତି ଏଠାରେ ପୂଜା ପାଉଛନ୍ତି। ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ସାଧୁସନ୍ଥମାନେ ଉକ୍ତ ମେଳାରେ ଯୋଗଦେଇଥିଲେ। ଅନ୍ନଦାନ, ପୂଜାର୍ଚ୍ଚନା ଓ ନାମଯଜ୍ଞ ସହ ଏହି ପୀଠରେ ଘୃତଯଜ୍ଞ ଅନୁଷ୍ଠିତ ହୋଇଥିଲା। ଯୁବଛାତ୍ର ସଙ୍ଗଠନ କର୍ମକର୍ତ୍ତା ଓ ଯୋଗିଯୋଗୀଆଣି ଉନ୍ନୟନ ପରିଷଦ ସଦସ୍ୟ ମେଳାରେ ସହଯୋଗ କରିଥିଲେ। ଖଣ୍ଡପଡ଼ା ବିଧାୟକ ଅନୁଭବ ପଟ୍ଟନାୟକ ଉପସ୍ଥିତ ରହି ପୀଠର ବିକାଶ ନିମନ୍ତେ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଥିଲେ।

## ନୂଆବର୍ଷକୁ ସ୍ୱାଗତ

ବୋଲଗଡ,୧୧(ଡି.ଏନ.ଏ.)

୨୦୧୯ ନୂଆବର୍ଷର ଆଗମନକୁ ଶୁଭେଚ୍ଛା ଜଣାଇ ବୋଲଗଡ଼ର ବିଭିନ୍ନ ଅଞ୍ଚଳରେ ଲୋକେ ମଙ୍ଗଳବାର ଜିରୋ ନାଇଟ୍ ସେଲିବ୍ରେସନ କରିଛନ୍ତି। ଏଥିପାଇଁ ଜନସାଧାରଣ ରାତି ୧୨ଟା ବାଜିବା ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ। ଲୋକେ ବାଣ ଫୁଟାଇ, ନାଚଗୀତରେ ମସ୍‌ଗୁଲ୍ ହୋଇ ନୂଆବର୍ଷକୁ ସ୍ୱାଗତ ଜଣାଇ ପରସ୍ପରକୁ ଅଭିନନ୍ଦନ ଜଣାଇଥିଲେ। ବିଭିନ୍ନ ପର୍ଯ୍ୟଟନ ସ୍ଥଳରେ ପିକ୍‌ନିକ୍ ଚାଲିଥିଲା। ଏଥିପାଇଁ ବ୍ଲକର ମୁଣ୍ଡିଆପଡା, ଝିଙ୍କିମିକି ପାହାଡ, ଆରିକମାସ୍ଥିତ କୋଶଳାଶୁଣୀ ମା'ଭୂଇଁଆଣୀ ପୀଠ ଓ ସାନପଦରସ୍ଥିତ ବିନ୍ଧ୍ୟଗିରି ପାହାଡ଼ ଆଦି ବିଭିନ୍ନ ସ୍ଥାନରେ ବନ୍ଧୁମିଳନ ପର୍ବ ଅନୁଷ୍ଠିତ ହୋଇଥିଲା।

## ଗ୍ରାମକୁ ମଦମୁକ୍ତ କରିବା ଲକ୍ଷ୍ୟରେ ଶୋଭାଯାତ୍ରା

ନୟାଗଡ଼ ଅଫିସ,୧୧

ଗ୍ରାମକୁ ମଦମୁକ୍ତ କରିବା ଲକ୍ଷ୍ୟରେ ଶ୍ରୀ ଶ୍ରୀ ରଘୁନାଥଜୀଉ ସ୍ୱଚ୍ଛ ଭାରତ କମିଟି ସଭ୍ୟାସଭ୍ୟଙ୍କ ତରଫରୁ ମଙ୍ଗଳବାର ନୟାଗଡ଼ ବ୍ଲକ ବଡ଼ପଣ୍ଡୁସର ଗ୍ରାମରେ ଶୋଭାଯାତ୍ରା କରାଯାଇଥିଲା। କମିଟି ସଭ୍ୟାସଭ୍ୟଙ୍କ ନେତୃତ୍ୱରେ ଅନୁଷ୍ଠିତ ଶୋଭାଯାତ୍ରାରେ ପଡ଼ପଣ୍ଡୁସର ସରପଞ୍ଚ ଜଗନ୍ନାଥ ସେଠୀ ଅଂଶଗ୍ରହଣ କରିଥିଲେ। ପୂର୍ବାହ୍ନରେ ଗ୍ରାମରେ ଶୋଭାଯାତ୍ରା କରି କମିଟି ସଦସ୍ୟମାନେ ମଦ୍ୟପାନ ଦ୍ୱାରା ଦେଖା ଦେଉଥିବା ବିଭିନ୍ନ ସମସ୍ୟା ବିଷୟରେ ଲୋକମାନଙ୍କୁ ବୁଝାଇଥିଲେ। ସେହିଭଳି ଏକ ସୁସ୍ଥ, ସ୍ୱଚ୍ଛ ଓ ନିର୍ମଳ ସମାଜ ପାଇଁ କାର୍ଯ୍ୟ କରିବାକୁ ଲୋକମାନଙ୍କୁ ସଚେତନ କରାଇଥିଲେ। ଏହି ଅବସରରେ ଗ୍ରାମକୁ ସୁନ୍ଦର, ସ୍ୱଚ୍ଛ ରଖିବା ପାଇଁ କମିଟିର ସଭ୍ୟା ହରସନୀ ରାଉତ, ଆପୁରି ପ୍ରଧାନ, ଜୟନ୍ତୀ ପ୍ରଧାନ, ମମତା ପ୍ରଧାନ, ଶାନ୍ତିଲତା ପ୍ରଧାନଙ୍କ ସମେତ ଏକାଧିକ ମହିଳା ସଂକଳ୍ପ ନେଇଥିଲେ।




ଗ୍ରାମରେ ଶୋଭାଯାତ୍ରା କରାଯାଉଛି।

## ଗୁରୁପୂଜାର ଏକ ନିଆରା ପରମ୍ପରା

ଖଣ୍ଡପଡ଼ା,୧୧(ସ୍ୱ.ପ୍ର.)

ଖଣ୍ଡପଡ଼ା ଆର୍‌ସି ହାଇସ୍କୁଲ ଓ ବାଳିକା ହାଇସ୍କୁଲ ୧୯୯୦ ମାଟ୍ରିକ ବ୍ୟାଚ୍‌ର ପୁରାତନ ଛାତ୍ରୀଛାତ୍ର ଏକ ନିଆରା ପରମ୍ପରାରେ ସୋମବାର ସେମାନଙ୍କ ଗୁରୁମାନଙ୍କୁ ପୂଜା କରିଥିଲେ। ଏହା ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇବ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ପ୍ରକାଶ ପାଇଛି। ପୁରାତନ ଛାତ୍ର ଅରୁଣ କୁମାର ଦାଶ, ମହେଶ ପ୍ରସାଦ ସାହୁ ଓ ଅଶୋକ ପଟ୍ଟନାୟକଙ୍କ ଆବାହକତ୍ୱରେ ଛାତ୍ରୀଛାତ୍ର ଖଣ୍ଡପଡ଼ା ନିକଟସ୍ଥ ସୁନାମୁହିଁ ପର୍ଯ୍ୟଟନସ୍ଥଳୀଠାରେ ଏକତ୍ରିତ ଭାବେ ଗୁରୁପୂଜନ କରି ଗୁରୁମାନଙ୍କଠାରୁ ଆଶୀର୍ବାଦ ଭିକ୍ଷା କରିଥିଲେ। ଏ ଅବସରରେ ଛାତ୍ରୀଛାତ୍ର ତଥା ଗୃହିଣୀଙ୍କ ମଧ୍ୟରେ ହୋଇଥିବା ସଙ୍ଗୀତ, ମ୍ୟୁଜିକ୍ ଚେୟାର ଏବଂ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଗୁରୁଜୀମାନେ ପୁରସ୍କାର ପ୍ରଦାନ କରିଥିଲେ।

## ଚିଲିକା ସୁରକ୍ଷା ପାଇଁ କମିଟି ଗଠନ ଦାବି

ପୁରୀ ଅଫିସ,୧୧

ଦିନକୁ ଦିନ ଚିଲିକାରେ ପ୍ରଦୂଷଣ ବଢୁଛି। ଫଳରେ ଏହାର ଜଳଜୀବଙ୍କ ପ୍ରତି ବିପଦ ସୃଷ୍ଟି ହେଉଛି। ତେଣୁ ଚିଲିକା ହ୍ରଦର ସୁରକ୍ଷା ପାଇଁ ରାଜ୍ୟ ଏବଂ କେନ୍ଦ୍ର ସରକାର ଦୃଢ଼ ପଦକ୍ଷେପ ନେବା ଦରକାର। ଚଳିତବର୍ଷ ବଜେଟରେ ଚିଲିକା ସୁରକ୍ଷା ନିମନ୍ତେ ୧ ହଜାର କୋଟି ଟଙ୍କା ବ୍ୟୟ ବରାଦ କରିବା ସଙ୍ଗେ ସଙ୍ଗେ ରାଜ୍ୟର ପ୍ରତିଷ୍ଠିତ ପରିବେଶବିତ୍ ଏବଂ ଚିଲିକା ବିଷୟରେ ଅଧିକ ଜାଣିଥିବା ବ୍ୟକ୍ତିଙ୍କୁ ନେଇ ଏକ କମିଟି ଗଠନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି ଓଡ଼ିଶା ବିଧାନସଭାର ପୂର୍ବତନ ସରକାରୀ ମୁଖ୍ୟ ସଚେତକ ଅଜୟ କୁମାର ଜେନା। ଏ ସଂକ୍ରାନ୍ତରେ ସେ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଏକ ଚିଠି ଲେଖିଛନ୍ତି। ଗତ ୨୦ ବର୍ଷ ଭିତରେ ଚିଲିକାରେ କେତେ ଅବନତି ଘଟିଛି ତାହାର ବିଧିବଦ୍ଧ ତଦନ୍ତ କରିବା ଲାଗି ପଦକ୍ଷେପ ନେବା ନିମନ୍ତେ ଜେନା ନିବେଦନ କରିଛନ୍ତି। ସେ ତାଙ୍କ ଚିଠିରେ ଦର୍ଶାଇଛନ୍ତି ଯେ, ଗତ କିଛିବର୍ଷ ହେବ ସାତପଡ଼ାଠାରେ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ଚିଲିକା ମହୋତ୍ସବ ପାଳନ କରୁଛି। ମହୋତ୍ସବ ଅବସରରେ ଚିଲିକାରେ ନୌକା ଚାଳନା ପ୍ରତିଯୋଗିତା କରାଯାଉଛି। ପ୍ରତିଯୋଗିତାରେ ଭାଗ ନେଉଥିବା ନୌକାଗୁଡ଼ିକ ଡିଜେଲ ଓ କିରୋସିନରେ ଚାଲୁଥିବାରୁ ଏହା ଚିଲିକା ଏବଂ ଏହାର ଜଳଜୀବ ବିଶେଷକରି ଡଲ୍‌ଫିନଙ୍କ ପାଇଁ ବିପଦ ସାଜୁଛି। ଶହ ଶହ ସଂଖ୍ୟାରେ ଡଙ୍ଗା ଚିଲିକାରେ ଡିଜେଲ ଏବଂ କିରୋସିନ ଦ୍ୱାରା ଚାଲୁଥିବାରୁ ଏହାର ପାଣି ପ୍ରଦୂଷିତ ହେଉଛି। ଡଙ୍ଗାରେ ମାଡ଼ ହୋଇ ଡଲ୍‌ଫିନଙ୍କ ମୃତ୍ୟୁ ଘଟୁଛି। ଏଥିସହ ଚିଲିକାର ଗଭୀରତା ଏବଂ ଆୟତନ ମଧ୍ୟ କମିଗଲାଣି। ତେଣୁ ଚିଲିକାର ସୁରକ୍ଷା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଜେନା ଚିଠିରେ ନିବେଦନ କରିଛନ୍ତି।

## ୫ ଶହ ଧାନ କଳେଇ ପୋଡ଼ିଗଲା

ବାଲୁଗାଁ,୧୧(ଡି.ଏନ.ଏ.)

ବାଲୁଗାଁ ନିକଟ ନନ୍ଦପୁରସ୍ଥିତ ଏକ ଚାଷଜମିରେ ମଙ୍ଗଳବାର ଟ୍ରାକ୍ଟରରେ ସଂଯୋଗ ହୋଇଥିବା ମେଶିନ୍ ଦ୍ୱାରା ଧାନ ଅମଳ କରାଯାଉଥିଲା। ହଠାତ୍ ଟ୍ରାକ୍ଟର ସାଇଲେନ୍ସରରୁ ନିଆଁ ଝୁଲ ବାହାରି ନିକଟରେ ଥିବା ଧାନଗଦାରେ ଲାଗିଯାଇଥିଲା। ଫଳରେ ସେଠାରେ ମହଜୁଦ୍ ଥିବା ପ୍ରାୟ ୫୦୦ ଧାନ କଳେଇ ପୋଡ଼ି ପାଉଁଶ ହୋଇଯାଇଛି। ଅପରାହ୍ନ ପ୍ରାୟ ୨ଘଟିକା ସମୟରେ ଏହି ଅଗ୍ନିକାଣ୍ଡ ଘଟିଥିଲା। ଖବର ପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିବା ପାଇଁ ଉଦ୍ୟମ କରି ବିଫଳ ହୋଇଥିଲେ। ସ୍ଥାନୀୟ ରାଜସ୍ୱ କର୍ମଚାରୀ ପହଞ୍ଚି ଘଟଣାର ଅନୁଧ୍ୟାନ କରି କ୍ଷୟକ୍ଷତି ସମ୍ପର୍କରେ ତଦନ୍ତ ଜାରି ରଖିଛନ୍ତି। ଏହି ଘଟଣାରେ ନନ୍ଦପୁର ଗ୍ରାମର ସନାତନ ଜେନା ଓ ପର୍ଶୁରାମ ଜେନାଙ୍କ ଲକ୍ଷାଧିକ ଟଙ୍କାର ଫସଲ ଜଳିପୋଡ଼ି ଭସ୍ମୀଭୂତ ହୋଇଯାଇଛି। ଏମାନଙ୍କୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଅଞ୍ଚଳବାସୀଙ୍କ ତରଫରୁ ଦାବି ହୋଇଛି।

## ସଂକ୍ଷେପରେ

### ରାଷ୍ଟ୍ରୀୟ ନବବର୍ଷ ପାଳନ ଲାଗି ସଚେତନତା



**ପୁରୀ ଅଫିସ,୧।୧:** ଇଂରାଜି ନବବର୍ଷ ନୁହେଁ, ରାଷ୍ଟ୍ରୀୟ ନବବର୍ଷ ପାଳନ କରିବା ଲାଗି ଆଦିତ୍ୟ ବାହିନୀ ପକ୍ଷରୁ ସଚେତନତା ସୃଷ୍ଟି କରାଯାଇଛି। ମଙ୍ଗଳବାର ସକାଳେ ବାହିନୀର ସଦସ୍ୟମାନେ ରାଷ୍ଟ୍ରୀୟ ନବବର୍ଷ ଏବଂ ଓଡ଼ିଆ ନବବର୍ଷ ପାଳନ ପାଇଁ ସଚେତନତା ବାର୍ତ୍ତା ଲେଖାଥିବା ପ୍ଲାକାର୍ଡମାନ ଧରି ସିଂହଦ୍ୱାର ସମ୍ମୁଖରେ ଶ୍ରଦ୍ଧାଳୁ ଏବଂ ପର୍ଯ୍ୟଟକଙ୍କୁ ସଚେତନ କରିଥିଲେ। ଏହାପରେ ବଡ଼ଦାଣ୍ଡରେ ଶୋଭାଯାତ୍ରା କରି ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ। ଏ ସମ୍ପର୍କରେ ଆଦିତ୍ୟ ବାହିନୀର ରାଷ୍ଟ୍ରୀୟ ମୁଖପାତ୍ର ମନୋଜ କୁମାର ରଥ କହିଛନ୍ତି, ପବିତ୍ର ଦେବଭୂମି ଭାରତ ବର୍ଷରେ ବିଭିନ୍ନ ଉତ୍ସବ, ପର୍ବପର୍ବାଣି, ଯାନିଯାତ୍ରା ପାଳନର ଶାସ୍ତ୍ରୀୟ ପରମ୍ପରା ରହିଛି। ଏ ସବୁ ନିର୍ଦ୍ଦିଷ୍ଟ ତିଥି ଏବଂ ନକ୍ଷତ୍ର ଅନୁସାରେ ପାଳନ କରାଯାଉଛି। ଇଂରାଜି ନବବର୍ଷ ସନାତନ ହିନ୍ଦୁ ପରମ୍ପରାର ଅଂଶବିଶେଷ ନୁହେଁ। ପାଶ୍ଚାତ୍ୟ ସଂସ୍କୃତିକୁ ଅନ୍ଧାନୁକରଣ ନ କରି ଆମେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ଚୈତ୍ର ଶୁକ୍ଳ ପ୍ରତିପଦା ଓ ଓଡ଼ିଆ ନବବର୍ଷ ମହାବିଷୁବ ସଂକ୍ରାନ୍ତି ପାଳନ କରିବା ଉଚିତ। ଶ୍ରୀମନ୍ଦିର ଏକ ମହାନ୍ ଆଧାତ୍ମିକ କେନ୍ଦ୍ର। ହେଲେ ଶ୍ରୀମନ୍ଦିର ପ୍ରଶାସନ ଇଂରାଜି ନବବର୍ଷ ପାଇଁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ କରିବା ଦୁର୍ଭାଗ୍ୟର ବିଷୟ। ଏହାଦ୍ୱାରା ଆମେ ଅପସଂସ୍କୃତିକୁ ପ୍ରୋତ୍ସାହିତ କରୁଛେ। ଏଥିରୁ ଆମେ ସମସ୍ତେ ନିବୃତ୍ତ ରହିବା ଦରକାର।

# ଆଶଙ୍କା ଟଳିଲା, ନୀତି ସଅଳ ହେଲା

**ପୁରୀ ଅଫିସ,୧।୧**

## ଧାର୍ଯ୍ୟ ସମୟ ପୂର୍ବରୁ ବାହାରିଲା ପହିଲି ଭୋଗ

ନୂଆବର୍ଷରେ ଶ୍ରୀମନ୍ଦିରରେ ବିଶୃଙ୍ଖଳା ଉପୁଜିବା ଆଶଙ୍କା କରି ପୁରୀ ଏସ୍‌ପିଙ୍କୁ ଚିଠି କରିଥିଲା ସ୍ପେଶାଲ ବ୍ରାଞ୍ଚ। ହେଲେ ମହାପ୍ରଭୁଙ୍କ ଇଚ୍ଛାରୁ ନୂଆବର୍ଷର ପ୍ରଥମ ଦିନ ଭଲରେ କଟିଲା। ନୀତି ସଅଳ ହେଲା ଆଉ ଭକ୍ତ ଶୃଙ୍ଖଳିତ ଭାବେ ଦାରୁବିଗ୍ରହଙ୍କୁ ଦର୍ଶନ କଲେ। ବିଶୃଙ୍ଖଳା ନେଇ ଯେଉଁ ଆଶଙ୍କା ଥିଲା ତାହା ଟଳିଯାଇଛି। ଏହାଛଡ଼ା ପହିଲି ଭୋଗ ଧାର୍ଯ୍ୟ ସମୟ ପୂର୍ବରୁ ବାହାରିଛି।

ଗତ ଶୁକ୍ରବାର ଶ୍ରୀମନ୍ଦିରରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ଦ୍ୱାର ଫିଟି ନ ଥିଲା। ଅଖିଆ, ଅପିଆ ରହିଥିଲେ ମହାପ୍ରଭୁ। ୧୪ ଘଣ୍ଟା ଦର୍ଶନ ବନ୍ଦ ରହିଥିଲା। ହେଲେ ସେମାନଙ୍କ ସହ କୌଣସି ସକାରାତ୍ମକ ଆଲୋଚନା ହୋଇ ନ ଥିବାରୁ ନୂଆବର୍ଷରେ ସେବାୟତମାନେ ଅସହଯୋଗ କରିପାରନ୍ତି ବୋଲି ଆଶଙ୍କା କରିଥିଲା ସ୍ପେଶାଲ ବ୍ରାଞ୍ଚ। ନୂଆବର୍ଷ ପାଇଁ ଡିସେମ୍ବର ୩୧ ରାତି ୨ଟାରେ ଦ୍ୱାର ଫିଟାଯିବାକୁ ନିର୍ଘଣ୍ଟ ହୋଇଥିଲା। କିନ୍ତୁ ରାତି ୧୨ଟା ୪୫ରେ ଅର୍ଥାତ୍ ନିର୍ଘଣ୍ଟଠାରୁ ୧ ଘଣ୍ଟା ୧୫ ମିନିଟ୍ ପୂର୍ବରୁ ଦ୍ୱାର ଫିଟିଥିଲା। ଏହାପରେ ଅନ୍ୟାନ୍ୟ ନୀତି ସଅଳ ଆଗେଇ ଥିଲା। ଗତ ୧୬ ତାରିଖ ଅର୍ଥାତ୍ ଧନୁ ସଂକ୍ରାନ୍ତିଠାରୁ ଶ୍ରୀମନ୍ଦିରରେ ପହିଲି ଭୋଗ ନୀତି ଆରମ୍ଭ ହୋଇଛି। ଏହି ନୀତି ଆରମ୍ଭ ହେବାଠାରୁ ନିର୍ଘଣ୍ଟ ସମୟରେ କେବେ ପହିଲି ଭୋଗ ବାହାରି ନ ଥିଲା। ସକାଳ ୬ଟା ୨୦ରୁ ୬ଟା ୫୦ ମଧ୍ୟରେ ପହିଲି ଭୋଗ ନୀତି ଧାର୍ଯ୍ୟ ହୋଇଥିବା ବେଳେ ମଙ୍ଗଳବାର ଭୋର ୫ଟା ୫୫ରେ ଏହା ସରିଥିଲା।

**ସଙ୍କଟ ସମୟରେ ସୌମେନ୍ଦ୍ର**

କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ। ପୁରୀରେ ଏସ୍‌ପି ଭାବେ କାର୍ଯ୍ୟ କରିବାର ଅଭିଜ୍ଞତା ତାଙ୍କର ରହିଛି। ବିଶେଷକରି ପୁରୀ ପ୍ରତି ତାଙ୍କର ବି ଦୁର୍ବଳତା ରହିଛି। ଯେଉଁଥିପାଇଁ ପୁରୀରେ କୌଣସି ପ୍ରକାର ଆଇନ ଶୃଙ୍ଖଳା ହେଉ ଅବା ସମ୍ଭାବ୍ୟ କିଛି ବି ଆଶଙ୍କା ଥିଲେ ତାଙ୍କ ଉପସ୍ଥିତି ଦେଖିବାକୁ ମିଳିଥାଏ। ଏକାଧିକ ରଥଯାତ୍ରାକୁ ସେ ସୁଚାରୁ ରୂପେ ପରିଚାଳନା କରିଛନ୍ତି। ଅକ୍ଟୋବର ୩ରେ ଧାଡ଼ିଦର୍ଶନକୁ ବିରୋଧ କରି ପୁରୀରେ ହିଂସାକାଣ୍ଡ ଘଟିଥିଲା। ସହରରେ ବ୍ୟାପକ ହିଂସା, ଭଙ୍ଗାରୁଜା ଏବଂ ପୋଡ଼ାଜଳା ହୋଇଥିଲା। ଆଇଜି ପ୍ରିୟଦର୍ଶୀ ପହଞ୍ଚି ବଡ଼ଦାଣ୍ଡରେ ଫ୍ଲାଗମାର୍ଚ୍ଚ କରିବା ପରେ ଧୀରେ ଧୀରେ ଏହା ଶାନ୍ତ ପଡିଥିଲା। ସେହିପରି ନୂଆବର୍ଷରେ ଶ୍ରୀମନ୍ଦିରରେ ବିଶୃଙ୍ଖଳା ସୃଷ୍ଟି ହୋଇପାରେ ବୋଲି ସୋମବାର ଆଶଙ୍କା କରିଥିଲା ସ୍ପେଶାଲ ବ୍ରାଞ୍ଚ। ତେଣୁ ଏହି ସଙ୍କଟ ସମୟରେ ବି ପୁରୀରେ ଆଇଜିଙ୍କ ଉପସ୍ଥିତି ଦେଖିବାକୁ ମିଳିଥିଲା। ସକାଳୁ ରାତି ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ରହି ଦର୍ଶନ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଯେଉଁଥିପାଇଁ ସଙ୍କଟ ସମୟରେ ସୌମେନ୍ଦ୍ର ବୋଲି ଏବେ ପୁରୀରେ ଚର୍ଚ୍ଚା ହେଉଛି। ମାତ୍ର ଗତ ୨୮ ତାରିଖ ଶ୍ରୀମନ୍ଦିର ବିଶୃଙ୍ଖଳା ସମୟରେ ସେ ଅନୁପସ୍ଥିତ ରହିବା ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ହୋଇଥିଲା।

# ଶ୍ରୀଜଗନ୍ନାଥ ତଥ୍ୟ ଧାରିକା ଗ୍ରନ୍ଥ ଲୋକାର୍ପିତ



ଅତିଥିମାନେ ତଥ୍ୟଧାରିକା ଗ୍ରନ୍ଥ ଲୋକାର୍ପିତ କରୁଛନ୍ତି।

**ପୁରୀ ଅଫିସ,୧।୧**

ଇଂରାଜି ନବବର୍ଷ ଅବସରରେ ମଙ୍ଗଳବାର ବାଲିଘାଇସ୍ଥିତ ହରିହରାନନ୍ଦ ଗୁରୁକୂଳମ୍ ପରିସରରେ ଶ୍ରୀଜଗନ୍ନାଥ ତଥ୍ୟ ଧାରିକା ଗ୍ରନ୍ଥ ଲୋକାର୍ପିତ ହୋଇଛି। କ୍ରିୟାଯୋଗ ଆଶ୍ରମ ମୁଖ୍ୟ ସ୍ୱାମୀ ପ୍ରଜ୍ଞାନାନନ୍ଦ ଏହାକୁ ଲୋକାର୍ପିତ କରିଛନ୍ତି। ଗ୍ରନ୍ଥର ଲେଖକ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର, ପୁରୀ ଭଗବତ ଆଶ୍ରମର ବାବାଜୀ ବ୍ରଜବାବା ଓ ବହୁ ସାଧୁ ଉତ୍ସବରେ ଉପସ୍ଥିତ ଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ଓ ଉନ୍ମୋଚିତ ଏହି ଗ୍ରନ୍ଥରେ ଓଡ଼ିଆ, ସଂସ୍କୃତ, ହିନ୍ଦୀ, ବଙ୍ଗଳା, ଅହମିଆ ଓ ଇଂଲିଶ ଭାଷାରେ ମହାପ୍ରଭୁଙ୍କ ସମ୍ବନ୍ଧରେ ଲିଖିତ ୩୨୦୩ ପୁସ୍ତକ ଓ ପତ୍ରପତ୍ରିକାର ସବିଶେଷ ସୂଚନା ଏଥିରେ ରହିଛି। କେବଳ ସଂସ୍କୃତ ଭାଷାରେ ୪୯୪ ଖଣ୍ଡ ଗ୍ରନ୍ଥ ଓ ପୁସ୍ତକରେ ଶ୍ରୀଜଗନ୍ନାଥଙ୍କ ସମ୍ବନ୍ଧରେ ବର୍ଣ୍ଣନା ରହିଥିବା ବେଳେ ଓଡ଼ିଆରେ ୨୦୯୫, ବଙ୍ଗଳାରେ ୮୩, ଅହମିଆରେ ୨୯, ହିନ୍ଦୀରେ ୫୪ ଓ ଇଂଲିଶରେ ୪୪୮ ଖଣ୍ଡ ଗ୍ରନ୍ଥ ଓ ପୁସ୍ତକରେ ମହାପ୍ରଭୁଙ୍କ ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ମହାପ୍ରଭୁଙ୍କ ନବକଳେବର ଲୀଳା ଉପରେ ୬୬ ଖଣ୍ଡ ଓ ଶ୍ରୀଗୁଣ୍ଡିଚା ଯାତ୍ରା ଉପରେ ୭୮ ଖଣ୍ଡ ପୁସ୍ତକ ରହିଥିବା ଲେଖକ ଡ. ମିଶ୍ର ଉଲ୍ଲେଖ କରିଛନ୍ତି। ତୀର୍ଥକ୍ଷେତ୍ର, ପୀଠ ଓ ମଠ ସମ୍ବନ୍ଧରେ ଏ ପର୍ଯ୍ୟନ୍ତ ୬୧ ଖଣ୍ଡ ଉପଲବ୍ଧ ହେବା ସହିତ ଶ୍ରୀମନ୍ଦିର ବେଢ଼ା ପରିକ୍ରମା ଉପରେ ୧୮ ଖଣ୍ଡ ପୁସ୍ତକ ରଚିତ ହୋଇସାରିଥିବା ତଥ୍ୟ ଗବେଷଣା ଫଳରେ ଜଣାପଡିଛି ବୋଲି ଡ. ମିଶ୍ର କହିଥିଲେ।

# ରାଜ୍ୟସ୍ତରୀୟ ବାଲୁକାକଳା ମହୋତ୍ସବ ଉଦ୍‌ଯାପିତ

**ପୁରୀ ଅଫିସ,୧।୧**

ସୁଦର୍ଶନ ସ୍ୟାଣ୍ଡ୍ ଆର୍ଟ ଇନ୍‌ଷ୍ଟିଚ୍ୟୁଟ୍ ଆନୁକୂଲ୍ୟରେ ପୁରୀ ବେଳାଭୂମିରେ ୯ ଦିନ ଧରି ଚାଲିଥିବା ରାଜ୍ୟସ୍ତରୀୟ ବାଲୁକା କଳା ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୪୫ ବାଲୁକା ଶିଳ୍ପୀ ଭାଗ ନେଇଥିଲେ। ଡିସେମ୍ବର ୨୪ରୁ ଜାନୁୟାରୀ ୧ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଏହି ମହୋତ୍ସବରେ ଶିଳ୍ପୀମାନେ ବିଭିନ୍ନ ଦିବସରେ ଖ୍ରୀଷ୍ଟମାସ, ପରିବେଶ ସୁରକ୍ଷା, ନୂତନବର୍ଷ ଅଭିନନ୍ଦନ ଆଦି ବିଷୟବସ୍ତୁକୁ ନେଇ ବାଲୁକା କଳା ପ୍ରଦର୍ଶନ କରିଥିଲେ। ଇନ୍‌ଷ୍ଟିଚ୍ୟୁଟର ମୁଖ୍ୟ ତଥା ଲଳିତ କଳା ଏକାଡେମୀ ସଭାପତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ସମସ୍ତଙ୍କୁ ସ୍ୱାଗତ କରିବା ସହ ସବୁ ଶିଳ୍ପୀଙ୍କୁ ପ୍ରଶଂସାପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ବିଶିଷ୍ଟ ଶିଳ୍ପୀ ଶଶିକାନ୍ତ ସାହୁ ଓ ବ୍ରଜରାଜ ସେନାପତି ମଞ୍ଚାସୀନ ଥିଲେ। ଏଥିରେ ବାଲୁକାଶିଳ୍ପୀ ବୁଲୁ ମହାନ୍ତି, ଜିତେନ୍ଦ୍ର ଜଗଦେବଙ୍କ ସମେତ ଇନ୍‌ଷ୍ଟିଚ୍ୟୁଟର ସମସ୍ତ ଶିଳ୍ପୀ ସହଯୋଗ କରିଥିଲେ। ନୂଆବର୍ଷ ଅବସରରେ ବହୁସଂଖ୍ୟାରେ ପର୍ଯ୍ୟଟକ ଆସି ବାଲୁକା କଳା ଦେଖିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମକୁ ସାଂସ୍କୃତିକ ସଙ୍ଗଠକ ଶ୍ୟାମପ୍ରକାଶ ସେନାପତି ପରିଚାଳନା କରିଥିଲେ।


# COLLECTOR & DISTRICT MAGISTRATE, DHENKANAL

## WITHDRAWAL NOTIFICATION

No.1291-O

SPL. LAO. R.I.P.-JAJ-17/2015/2702/R.I.P. Sukinda, Dated 05.12.2018

In Exercise of Powers conferred by Section 93(1) of the R.E.C.T.L.A.R&R. Act 2013 (Act-1 of 2013), the Government of Odisha are proposed to withdraw from the acquisition of Land to the extent of Ac.14.09 as per scheduled of land attached out of the total area Ac. 15.66 required to be taken by Government at the Public expenses for construction of Asurabandha Minor, Kingol Minor & Kanabahali Minor of Rengali Irrigation Project (Left), L.B.C-II in the Village- Asurabandha, P.S.- Bhuban, No.-52, District- Dhenkanal covered by Revenue Department Notification No. 43523/R&D.M., Dated 16.12.2017 published in the Extraordinary issue of the Odisha Gazette No. ...................., Date: .................. .

By the Order of Government

Sd./- Spl. L.A.R&R.O.,
R.I.P., Sukinda

Sd./- Collector & District Magistrate
Dhenkanal

ଦ୍ୱିତୀୟ ପ୍ରତ୍ୟାହାର ଜମି ଅନୁସୂଚୀ

ଅସୁରବନ୍ଧ ମାଇନର

ଗ୍ରାମର ନାମ: ଅସୁରବନ୍ଧ, ଥାନାର ନାମ: ଭୁବନ ନଂ.: ୫୨, ତହସିଲ: ଭୁବନ, ଜିଲ୍ଲା: ଢେଙ୍କାନାଳ

ଜମି ଅଧିଗ୍ରହଣ କେସ୍ ନଂ.: ୧୭/୨୦୧୫

| କ୍ର. ନଂ. | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ପ୍ରତ୍ୟାହାର ରକବା | ରୟତର ନାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧ | ୨ | ୧୦୩୩ | ୦.୫୦ | ୦.୨୦ | ୦.୨୦ | ଅଗଣି ମିଶ୍ର, ପିତା– ଲକ୍ଷ୍ମଣ ମିଶ୍ର ଓଗେର, ଜା: ବ୍ରାହ୍ମଣ, ବା: କିଙ୍ଗୋଳ | |
| ୨ | ୬ | ୮୦୨ | ୦.୦୪ | ୦.୦୪ | ୦.୦୪ | ଅନ୍ତର୍ଯ୍ୟାମୀ ବେହେରା, ପିତା: ଦୈତାରୀ ବେହେରା ଓଗେର, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | |
| ୩ | ୧୧ | ୭୫ | ୦.୯୦ | ୦.୦୧ | ୦.୦୧ | ଅନୁକୂଳ ମଳିକ ଓଗେର, ପିତା: ସେବକ ମଳିକ, ଜା: କୈବର୍ତ୍ତ, ବା: ଜୟପୁର | |
| ୪ | | ୭୮ | ୦.୬୯ | ୦.୦୮ | ୦.୦୮ | ଅନୁକୂଳ ମଳିକ ଓଗେର, ପିତା: ସେବକ ମଳିକ, ଜା: କୈବର୍ତ୍ତ, ବା: ଜୟପୁର | |
| ୫ | ୧୨ | ୬୧ | ୦.୦୫ | ୦.୦୫ | ୦.୦୫ | ଅମ୍ବା ମଳିକ ଓଗେର, ପିତା: ଶ୍ୟାମ ମଳିକ, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | |
| ୬ | ୧୪ | ୧୨୦୩ | ୦.୧୪ | ୦.୦୭ | ୦.୦୭ | ଆକୁଳ ବେହେରା, ପିତା: ସୁଗ୍ରୀବ ବେହେରା ଓଗେର, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | |
| ୭ | ୧୬ | ୧୬୦୫ | ୦.୨୭ | ୦.୦୨ | ୦.୦୨ | ଏକାଦଶୀ ପଣ୍ଡା, ପିତା: ସାଗର ପଣ୍ଡା, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୮ | ୨୪ | ୭୮୭ | ୦.୬୫ | ୦.୧୬ | ୦.୧୬ | କାଠିଆ ଦାସ, ପିତା: ଶିବ ଦାସ, ଜା: ଗୋପାଳ, ବା: ନିଜଗାଁ | |
| ୯ | | ୭୯୪ | ୦.୩୨ | ୦.୦୩ | ୦.୦୩ | କାଠିଆ ଦାସ, ପିତା: ଶିବ ଦାସ, ଜା: ଗୋପାଳ, ବା: ନିଜଗାଁ | |
| ୧୦ | | ୭୯୫ | ୦.୦୮ | ୦.୦୮ | ୦.୦୮ | କାଠିଆ ଦାସ, ପିତା: ଶିବ ଦାସ, ଜା: ଗୋପାଳ, ବା: ନିଜଗାଁ | |
| ୧୧ | | ୭୯୬ | ୦.୦୪ | ୦.୦୪ | ୦.୦୪ | କାଠିଆ ଦାସ, ପିତା: ଶିବ ଦାସ, ଜା: ଗୋପାଳ, ବା: ନିଜଗାଁ | |
| ୧୨ | | ୭୯୭ | ୦.୪୦ | ୦.୧୫ | ୦.୧୫ | କାଠିଆ ଦାସ, ପିତା: ଶିବ ଦାସ, ଜା: ଗୋପାଳ, ବା: ନିଜଗାଁ | |
| ୧୩ | ୨୯ | ୧୬୦୪ | ୦.୧୦ | ୦.୦୧ | ୦.୦୧ | କୋଦଣ୍ଡ ଧୀର, ପିତା: କାଶୀ ଧୀର, ଜା: କ୍ଷତ୍ରୀୟ, ବା: ନିଜଗାଁ | |
| ୧୪ | ୩୭ | ୪୮୧ | ୦.୨୪ | ୦.୦୬ | ୦.୦୬ | ଗୁରୁବାରୀ ବେହେରା, ପିତା: ମଣି ବେହେରା ଓଗେର, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | |
| ୧୫ | | ୪୭୧ | ୦.୨୨ | ୦.୧୩ | ୦.୧୩ | ଗୁରୁବାରୀ ବେହେରା, ପିତା: ମଣି ବେହେରା ଓଗେର, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | |
| ୧୬ | | ୪୭୨/୨୩୫୪ | ୦.୧୭ | ୦.୧୨ | ୦.୧୨ | ଗୁରୁବାରୀ ବେହେରା, ପିତା: ମଣି ବେହେରା ଓଗେର, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | |
| ୧୭ | ୩୭ | ୪୮୩ | ୦.୩୦ | ୦.୦୨ | ୦.୦୨ | ଗୁରୁବାରୀ ବେହେରା, ପିତା: ମଣି ବେହେରା ଓଗେର, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | |
| ୧୮ | | ୪୮୩/୨୩୫୩ | ୦.୨୨ | ୦.୦୩ | ୦.୦୩ | ଗୁରୁବାରୀ ବେହେରା, ପିତା: ମଣି ବେହେରା ଓଗେର, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | |
| ୧୯ | | ୪୮୫ | ୦.୫୧ | ୦.୦୧ | ୦.୦୧ | ଗୁରୁବାରୀ ବେହେରା, ପିତା: ମଣି ବେହେରା ଓଗେର, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | |
| ୨୦ | ୩୮ | ୪୭୫ | ୦.୧୬ | ୦.୦୨ | ୦.୦୨ | ଗୁରୁବାରୀ ସାହୁ ଓଗେର ପିତା: ସନାତନ ସାହୁ, ଜା: ଗୁଡ଼ିଆ, ବା: ନିଜଗାଁ | |
| ୨୧ | ୪୬ | ୧୪୭୮ | ୦.୬୩ | ୦.୦୧ | ୦.୦୧ | ଚଞ୍ଚଳା ମଳିକ, ପିତା: ମାଧବ ମଳିକ ଓଗେର, ଜା: ପାଣ, ବା: ନିଜଗାଁ | |
| ୨୨ | ୫୭ | ୧୬୦୬ | ୦.୧୪ | ୦.୦୧ | ୦.୦୧ | ତୁଳସୀ ମିଶ୍ର, ସ୍ୱାମୀ: ଶ୍ରୀହରି ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୨୩ | ୬୩ | ୭୬୬ | ୦.୬୦ | ୦.୦୪ | ୦.୦୪ | ଦ୍ୱିଜ ବେହେରା, ପିତା: ମାୟାଧର ବେହେରା ଓଗେର, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | |
| ୨୪ | | ୭୭୨ | ୦.୧୦ | ୦.୦୧ | ୦.୦୧ | ଦ୍ୱିଜ ବେହେରା, ପିତା: ମାୟାଧର ବେହେରା ଓଗେର, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | |
| ୨୫ | | ୭୭୩ | ୦.୧୩ | ୦.୧୧ | ୦.୧୧ | ଦ୍ୱିଜ ବେହେରା, ପିତା: ମାୟାଧର ବେହେରା ଓଗେର, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | |
| ୨୬ | ୬୩ | ୭୭୪ | ୦.୧୨ | ୦.୦୮ | ୦.୦୮ | ଦ୍ୱିଜ ବେହେରା, ପିତା: ମାୟାଧର ବେହେରା ଓଗେର, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | |
| ୨୭ | | ୭୮୧ | ୦.୨୮ | ୦.୦୨ | ୦.୦୨ | ଦ୍ୱିଜ ବେହେରା, ପିତା: ମାୟାଧର ବେହେରା ଓଗେର, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | |
| ୨୮ | | ୭୮୨ | ୦.୨୨ | ୦.୧୮ | ୦.୧୮ | ଦ୍ୱିଜ ବେହେରା, ପିତା: ମାୟାଧର ବେହେରା ଓଗେର, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | |
| ୨୯ | | ୭୮୩ | ୦.୨୧ | ୦.୨୧ | ୦.୨୧ | ଦ୍ୱିଜ ବେହେରା, ପିତା: ମାୟାଧର ବେହେରା ଓଗେର, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | |
| ୩୦ | | ୭୮୪ | ୦.୧୭ | ୦.୧୫ | ୦.୧୫ | ଦ୍ୱିଜ ବେହେରା, ପିତା: ମାୟାଧର ବେହେରା ଓଗେର, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | |
| ୩୧ | | ୭୮୫ | ୦.୦୬ | ୦.୦୬ | ୦.୦୬ | ଦ୍ୱିଜ ବେହେରା, ପିତା: ମାୟାଧର ବେହେରା ଓଗେର, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | |
| ୩୨ | | ୭୮୬ | ୦.୦୧ | ୦.୦୧ | ୦.୦୧ | ଦ୍ୱିଜ ବେହେରା, ପିତା: ମାୟାଧର ବେହେରା ଓଗେର, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | |
| ୩୩ | | ୭୯୮ | ୦.୦୭ | ୦.୦୧ | ୦.୦୧ | ଦ୍ୱିଜ ବେହେରା, ପିତା: ମାୟାଧର ବେହେରା ଓଗେର, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | |
| ୩୪ | ୬୩ | ୮୦୦ | ୦.୧୦ | ୦.୦୭ | ୦.୦୭ | ଦ୍ୱିଜ ବେହେରା, ପିତା: ମାୟାଧର ବେହେରା ଓଗେର, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | |
| ୩୫ | | ୮୦୧ | ୦.୦୪ | ୦.୦୪ | ୦.୦୪ | ଦ୍ୱିଜ ବେହେରା, ପିତା: ମାୟାଧର ବେହେରା ଓଗେର, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | |
| ୩୬ | ୭୦ | ୪୯୫ | ୦.୦୪ | ୦.୦୪ | ୦.୦୪ | ଧଡ଼ିଆ ବେହେରା, ପିତା: ଚିନ୍ତା ବେହେରା ଓଗେର, ଜା: ଗୋପାଳ, ବା: ନିଜଗାଁ | |
| ୩୭ | | ୪୯୬ | ୦.୨୬ | ୦.୦୮ | ୦.୦୮ | ଧଡ଼ିଆ ବେହେରା, ପିତା: ଚିନ୍ତା ବେହେରା ଓଗେର, ଜା: ଗୋପାଳ, ବା: ନିଜଗାଁ | |
| ୩୮ | | ୪୯୮ | ୦.୪୮ | ୦.୦୬ | ୦.୦୬ | ଧଡ଼ିଆ ବେହେରା, ପିତା: ଚିନ୍ତା ବେହେରା ଓଗେର, ଜା: ଗୋପାଳ, ବା: ନିଜଗାଁ | |
| ୩୯ | | ୪୯୪ | ୦.୨୨ | ୦.୨୨ | ୦.୨୨ | ଧଡ଼ିଆ ବେହେରା, ପିତା: ଚିନ୍ତା ବେହେରା ଓଗେର, ଜା: ଗୋପାଳ, ବା: ନିଜଗାଁ | |
| ୪୦ | | ୪୯୩ | ୦.୦୮ | ୦.୦୮ | ୦.୦୮ | ଧଡ଼ିଆ ବେହେରା, ପିତା: ଚିନ୍ତା ବେହେରା ଓଗେର, ଜା: ଗୋପାଳ, ବା: ନିଜଗାଁ | |
| ୪୧ | | ୪୯୯ | ୦.୪୯ | ୦.୦୩ | ୦.୦୩ | ଧଡ଼ିଆ ବେହେରା, ପିତା: ଚିନ୍ତା ବେହେରା ଓଗେର, ଜା: ଗୋପାଳ, ବା: ନିଜଗାଁ | |
| ୪୨ | ୭୦ | ୫୦୦ | ୦.୨୦ | ୦.୦୧ | ୦.୦୧ | ଧଡ଼ିଆ ବେହେରା, ପିତା: ଚିନ୍ତା ବେହେରା ଓଗେର, ଜା: ଗୋପାଳ, ବା: ନିଜଗାଁ | |
| ୪୩ | | ୫୦୨ | ୦.୦୨ | ୦.୦୨ | ୦.୦୨ | ଧଡ଼ିଆ ବେହେରା, ପିତା: ଚିନ୍ତା ବେହେରା ଓଗେର, ଜା: ଗୋପାଳ, ବା: ନିଜଗାଁ | |
| ୪୪ | | ୫୦୭ | ୦.୦୬ | ୦.୦୧ | ୦.୦୧ | ଧଡ଼ିଆ ବେହେରା, ପିତା: ଚିନ୍ତା ବେହେରା ଓଗେର, ଜା: ଗୋପାଳ, ବା: ନିଜଗାଁ | |
| ୪୫ | ୭୧ | ୧୫୦୯ | ୦.୧୨ | ୦.୦୨ | ୦.୦୨ | ଧନେଶ୍ୱର ଧିର ଓଗେର ପିତା: କାଶି ଧିର, ଜା: କ୍ଷତ୍ରୀୟ, ବା: ନିଜଗାଁ | |
| ୪୬ | ୮୭ | ୮୦୫ | ୦.୧୭ | ୦.୧୧ | ୦.୧୧ | ନରୋତ୍ତମ ମିଶ୍ର, ପିତା: ଆନନ୍ଦ ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୪୭ | ୮୯ | ୪୮୯/୨୪୨୪ | ୦.୧୦ | ୦.୦୧ | ୦.୦୧ | ନାଥ ବେହେରା ଓଗେର, ପିତା: ଦିନେଇ ବେହେରା, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | |
| ୪୮ | ୯୨ | ୭୧ | ୦.୩୬ | ୦.୦୫ | ୦.୦୫ | ନିଧି ମଳିକ, ପିତା: ଜାଇଗ ମଳିକ ଓଗେର, ଜା: କୈବର୍ତ୍ତ, ବା: ନିଜଗାଁ | |
| ୪୯ | | ୭୨ | ୦.୪୩ | ୦.୦୬ | ୦.୦୬ | ନିଧି ମଳିକ, ପିତା: ଜାଇଗ ମଳିକ ଓଗେର, ଜା: କୈବର୍ତ୍ତ, ବା: ନିଜଗାଁ | |
| ୫୦ | | ୭୩ | ୦.୬୧ | ୦.୦୬ | ୦.୦୬ | ନିଧି ମଳିକ, ପିତା: ଜାଇଗ ମଳିକ ଓଗେର, ଜା: କୈବର୍ତ୍ତ, ବା: ନିଜଗାଁ | |
| ୫୧ | ୯୨ | ୫୧ | ୦.୫୧ | ୦.୧୨ | ୦.୧୨ | ନିଧି ମଳିକ, ପିତା: ଜାଇଗ ମଳିକ ଓଗେର, ଜା: କୈବର୍ତ୍ତ, ବା: ନିଜଗାଁ | |
| ୫୨ | | ୫୨ | ୦.୧୯ | ୦.୧୨ | ୦.୧୨ | ନିଧି ମଳିକ, ପିତା: ଜାଇଗ ମଳିକ ଓଗେର, ଜା: କୈବର୍ତ୍ତ, ବା: ନିଜଗାଁ | |
| ୫୩ | | ୫୬ | ୦.୩୫ | ୦.୦୯ | ୦.୦୯ | ନିଧି ମଳିକ, ପିତା: ଜାଇଗ ମଳିକ ଓଗେର, ଜା: କୈବର୍ତ୍ତ, ବା: ନିଜଗାଁ | |
| ୫୪ | | ୬୩ | ୦.୧୭ | ୦.୧୭ | ୦.୧୭ | ନିଧି ମଳିକ, ପିତା: ଜାଇଗ ମଳିକ ଓଗେର, ଜା: କୈବର୍ତ୍ତ, ବା: ନିଜଗାଁ | |
| ୫୫ | ୧୦୦ | ୪୯୭ | ୦.୨୨ | ୦.୦୨ | ୦.୦୨ | ପରିକ୍ଷିତ ପ୍ରଧାନ ଓଗେର, ପିତା: ପଠାଣି ପ୍ରଧାନ, ଜା: ଗୋପାଳ, ବା: କିଙ୍ଗୋଳ | |
| ୫୬ | ୧୧୦ | ୯୬୩ | ୦.୫୪ | ୦.୩୦ | ୦.୩୦ | ବନମାଳୀ ମିଶ୍ର, ପିତା: କ୍ଷେତ୍ରବାସୀ ମିଶ୍ର, ଜା: ବ୍ରାହ୍ମଣ, ବା: କିଙ୍ଗୋଳ | |
| ୫୭ | | ୧୦୩୦ | ୧.୨୨ | ୦.୪୦ | ୦.୪୦ | ବନମାଳୀ ମିଶ୍ର, ପିତା: କ୍ଷେତ୍ରବାସୀ ମିଶ୍ର, ଜା: ବ୍ରାହ୍ମଣ, ବା: କିଙ୍ଗୋଳ | |
| ୫୮ | | ୧୦୩୧ | ୧.୫୭ | ୦.୫୪ | ୦.୫୪ | ବନମାଳୀ ମିଶ୍ର, ପିତା: କ୍ଷେତ୍ରବାସୀ ମିଶ୍ର, ଜା: ବ୍ରାହ୍ମଣ, ବା: କିଙ୍ଗୋଳ | |
| ୫୯ | ୧୨୯ | ୬୪ | ୦.୧୩ | ୦.୧୩ | ୦.୧୩ | ବାସୁଦେବ ମାଝୀ, ପିତା: ଧର୍ମାନନ୍ଦ ମାଝୀ ଓଗେର, ଜା: କୈବର୍ତ୍ତ, ବା: ମୁରୁଗା | |
| ୬୦ | | ୬୭ | ୦.୧୬ | ୦.୦୮ | ୦.୦୮ | ବାସୁଦେବ ମାଝୀ, ପିତା: ଧର୍ମାନନ୍ଦ ମାଝୀ ଓଗେର, ଜା: କୈବର୍ତ୍ତ, ବା: ମୁରୁଗା | |
| ୬୧ | | ୬୮ | ୦.୧୬ | ୦.୦୫ | ୦.୦୫ | ବାସୁଦେବ ମାଝୀ, ପିତା: ଧର୍ମାନନ୍ଦ ମାଝୀ ଓଗେର, ଜା: କୈବର୍ତ୍ତ, ବା: ମୁରୁଗା | |
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୬୨ | | ୬୯ | ୦.୨୦ | ୦.୦୫ | ୦.୦୫ | ବାସୁଦେବ ମାଝୀ, ପିତା: ଧର୍ମାନନ୍ଦ ମାଝୀ ଓଗେର, ଜା: କୈବର୍ତ୍ତ, ବା: ମୁରୁଗା | |
| ୬୩ | | ୭୦ | ୦.୨୧ | ୦.୦୨ | ୦.୦୨ | ବାସୁଦେବ ମାଝୀ, ପିତା: ଧର୍ମାନନ୍ଦ ମାଝୀ ଓଗେର, ଜା: କୈବର୍ତ୍ତ, ବା: ମୁରୁଗା | |
| ୬୪ | | ୨୫ | ୦.୨୨ | ୦.୦୫ | ୦.୦୫ | ବାସୁଦେବ ମାଝୀ, ପିତା: ଧର୍ମାନନ୍ଦ ମାଝୀ ଓଗେର, ଜା: କୈବର୍ତ୍ତ, ବା: ମୁରୁଗା | |
| ୬୫ | | ୨୬ | ୦.୧୧ | ୦.୦୫ | ୦.୦୫ | ବାସୁଦେବ ମାଝୀ, ପିତା: ଧର୍ମାନନ୍ଦ ମାଝୀ ଓଗେର, ଜା: କୈବର୍ତ୍ତ, ବା: ମୁରୁଗା | |
| ୬୬ | | ୨୭ | ୦.୭୦ | ୦.୧୦ | ୦.୧୦ | ବାସୁଦେବ ମାଝୀ, ପିତା: ଧର୍ମାନନ୍ଦ ମାଝୀ ଓଗେର, ଜା: କୈବର୍ତ୍ତ, ବା: ମୁରୁଗା | |
| ୬୭ | ୧୨୯ | ୪୯ | ୦.୫୮ | ୦.୧୨ | ୦.୧୨ | ବାସୁଦେବ ମାଝୀ, ପିତା: ଧର୍ମାନନ୍ଦ ମାଝୀ ଓଗେର, ଜା: କୈବର୍ତ୍ତ, ବା: ମୁରୁଗା | |
| ୬୮ | | ୫୦ | ୦.୫୧ | ୦.୧୦ | ୦.୧୦ | ବାସୁଦେବ ମାଝୀ, ପିତା: ଧର୍ମାନନ୍ଦ ମାଝୀ ଓଗେର, ଜା: କୈବର୍ତ୍ତ, ବା: ମୁରୁଗା | |
| ୬୯ | ୧୪୩ | ୧୪୭୭ | ୦.୩୩ | ୦.୦୫ | ୦.୦୫ | ବୈଷ୍ଣବ ସାହୁ, ପିତା: କରୁଣି ସାହୁ, ଜା: ଗୁଡ଼ିଆ, ବା: ନିଜଗାଁ | |
| ୭୦ | ୧୫୩ | ୮୨୬ | ୦.୧୦ | ୦.୦୪ | ୦.୦୪ | ମଙ୍ଗୁଳି ପଣ୍ଡା, ପିତା: ବେଣୁଧର ପଣ୍ଡା ଓଗେର, ଜା: ବ୍ରାହ୍ମଣ, ବା: କିଙ୍ଗୋଳ | |
| ୭୧ | ୧୬୦ | ୮୨୩ | ୦.୫୬ | ୦.୦୩ | ୦.୦୩ | ମାୟାଧର ଧୀର, ପିତା: ସତ୍ୟବାଦୀ ଧିର ଓଗେର, ଜା: କ୍ଷତ୍ରୀୟ, ବା: ନିଜଗାଁ | |
| ୭୨ | | ୮୨୪ | ୦.୦୪ | ୦.୦୨ | ୦.୦୨ | ମାୟାଧର ଧୀର, ପିତା: ସତ୍ୟବାଦୀ ଧିର ଓଗେର, ଜା: କ୍ଷତ୍ରୀୟ, ବା: ନିଜଗାଁ | |
| ୭୩ | | ୮୨୫ | ୦.୦୪ | ୦.୦୧ | ୦.୦୧ | ମାୟାଧର ଧୀର, ପିତା: ସତ୍ୟବାଦୀ ଧିର ଓଗେର, ଜା: କ୍ଷତ୍ରୀୟ, ବା: ନିଜଗାଁ | |
| ୭୪ | ୧୭୧ | ୧୨୦୬ | ୦.୦୪ | ୦.୦୪ | ୦.୦୪ | ମାଟିଆ ବେହେରା, ପିତା: ଧର୍ମୁ ବେହେରା ଓଗେର, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | |
| ୭୫ | | ୧୨୦୭ | ୦.୦୫ | ୦.୦୨ | ୦.୦୨ | ମାଟିଆ ବେହେରା, ପିତା: ଧର୍ମୁ ବେହେରା ଓଗେର, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | |
| ୭୬ | ୧୭୪ | ୪୯୦ | ୦.୩୯ | ୦.୧୨ | ୦.୧୨ | ମାଧବ ଧୀର, ପିତା: ଦିବ୍ୟ ସିଂହ ଧୀର, ଜା: କ୍ଷତ୍ରୀୟ, ବା: ନିଜଗାଁ | |
| ୭୭ | | ୪୯୧ | ୦.୦୯ | ୦.୦୯ | ୦.୦୯ | ମାଧବ ଧୀର, ପିତା: ଦିବ୍ୟ ସିଂହ ଧୀର, ଜା: କ୍ଷତ୍ରୀୟ, ବା: ନିଜଗାଁ | |
| ୭୮ | ୧୭୫ | ୧୫୧୬ | ୦.୧୦ | ୦.୦୭ | ୦.୦୭ | ମାଧବ ଧୀର, ପିତା: ଦିବ୍ୟ ସିଂହ ଧୀର, ଜା: କ୍ଷତ୍ରୀୟ, ବା: ନିଜଗାଁ | |
| ୭୯ | | ୧୫୦୬ | ୦.୦୬ | ୦.୦୧ | ୦.୦୧ | ମାଧବ ଧୀର, ପିତା: ଦିବ୍ୟ ସିଂହ ଧୀର, ଜା: କ୍ଷତ୍ରୀୟ, ବା: ନିଜଗାଁ | |
| ୮୦ | | ୧୫୧୧ | ୦.୧୭ | ୦.୦୪ | ୦.୦୪ | ମାଧବ ଧୀର, ପିତା: ଦିବ୍ୟ ସିଂହ ଧୀର, ଜା: କ୍ଷତ୍ରୀୟ, ବା: ନିଜଗାଁ | |
| ୮୧ | | ୧୫୧୨ | ୦.୧୦ | ୦.୧୦ | ୦.୧୦ | ମାଧବ ଧୀର, ପିତା: ଦିବ୍ୟ ସିଂହ ଧୀର, ଜା: କ୍ଷତ୍ରୀୟ, ବା: ନିଜଗାଁ | |
| ୮୨ | | ୧୫୧୩ | ୦.୦୮ | ୦.୦୩ | ୦.୦୩ | ମାଧବ ଧୀର, ପିତା: ଦିବ୍ୟ ସିଂହ ଧୀର, ଜା: କ୍ଷତ୍ରୀୟ, ବା: ନିଜଗାଁ | |
| ୮୩ | ୧୭୮ | ୧୪୭୬ | ୦.୧୯ | ୦.୦୫ | ୦.୦୫ | ମେଘ ମଳିକ, ପିତା: ଗୁଣ ମଳିକ ଓଗେର, ଜା: ପାଣ, ବା: ନିଜଗାଁ | |
| ୮୪ | ୧୭୯ | ୧୧୯୦ | ୦.୨୯ | ୦.୨୦ | ୦.୨୦ | ରଙ୍ଗାଧର ପଣ୍ଡା, ପିତା: ଧରଣୀଧର ପଣ୍ଡା ଓଗେର, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୮୫ | ୧୭୯ | ୧୧୯୩ | ୦.୬୩ | ୦.୦୧ | ୦.୦୧ | ରଙ୍ଗାଧର ପଣ୍ଡା, ପିତା: ଧରଣୀଧର ପଣ୍ଡା ଓଗେର, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୮୬ | | ୧୧୯୬ | ୦.୭୩ | ୦.୨୮ | ୦.୨୮ | ରଙ୍ଗାଧର ପଣ୍ଡା, ପିତା: ଧରଣୀଧର ପଣ୍ଡା ଓଗେର, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୮୭ | | ୧୧୯୯ | ୨.୧୫ | ୦.୭୮ | ୦.୭୮ | ରଙ୍ଗାଧର ପଣ୍ଡା, ପିତା: ଧରଣୀଧର ପଣ୍ଡା ଓଗେର, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୮୮ | | ୧୪୭୫ | ୦.୦୧ | ୦.୦୧ | ୦.୦୧ | ରଙ୍ଗାଧର ପଣ୍ଡା, ପିତା: ଧରଣୀଧର ପଣ୍ଡା ଓଗେର, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୮୯ | ୧୮୧ | ୪୪୭ | ୦.୨୧ | ୦.୧୫ | ୦.୦୫ | ରଥି ବେହେରା, ପିତା: ଦନେଇ ବେହେରା, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | |
| ୯୦ | | ୪୮୯/୨୩୯୩ | ୦.୨୨ | ୦.୨୦ | ୦.୨୦ | ରଥି ବେହେରା, ପିତା: ଦନେଇ ବେହେରା, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | |
| ୯୧ | ୧୯୩ | ୧୨୦୪ | ୦.୦୮ | ୦.୦୪ | ୦.୦୪ | ସବର ପଣ୍ଡା, ପିତା: କୃଷ୍ଣ ପ୍ରହରାଜ ପଣ୍ଡା, ଜା: ବ୍ରାହ୍ମଣ, ବା: କିଙ୍ଗୋଳ | |
| ୯୨ | ୧୯୯ | ୮୨୨ | ୧.୧୬ | ୦.୧୬ | ୦.୧୬ | ସନି ମଳିକ, ପିତା: କୁଶିଆ ମଳିକ ଓଗେର, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | |
| ୯୩ | ୧୯୯ | ୭୯୯ | ୦.୦୮ | ୦.୦୮ | ୦.୦୮ | ସନି ମଳିକ, ପିତା: କୁଶିଆ ମଳିକ ଓଗେର, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | |
| ୯୪ | | ୭୨୨ | ୦.୦୮ | ୦.୦୮ | ୦.୦୮ | ସନି ମଳିକ, ପିତା: କୁଶିଆ ମଳିକ ଓଗେର, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | |
| ୯୫ | | ୭୨୧ | ୦.୦୪ | ୦.୦୨ | ୦.୦୨ | ସନି ମଳିକ, ପିତା: କୁଶିଆ ମଳିକ ଓଗେର, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | |
| ୯୬ | | ୯୪୩ | ୦.୨୦ | ୦.୨୦ | ୦.୨୦ | ସନି ମଳିକ, ପିତା: କୁଶିଆ ମଳିକ ଓଗେର, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | |
| ୯୭ | | ୯୪୪ | ୦.୦୬ | ୦.୦୬ | ୦.୦୬ | ସନି ମଳିକ, ପିତା: କୁଶିଆ ମଳିକ ଓଗେର, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | |
| ୯୮ | ୨୦୮ | ୮୧୧ | ୦.୨୪ | ୦.୧୫ | ୦.୧୫ | ସୁଦର୍ଶନ ବେହେରା, ପିତା: ଫକିର ବେହେରା ଓଗେର, ଜା: ଗୋପାଳ, ବା: ନିଜଗାଁ | |
| ୯୯ | ୨୧୪ | ୧୪୭୪ | ୧.୦୬ | ୦.୨୬ | ୦.୨୨ | ହାଡ଼ିବନ୍ଧୁ ଧୀର, ପିତା: ଚୈତନ୍ୟ, ଜା: କ୍ଷତ୍ରୀୟ, ବା: ନିଜଗାଁ | |
| ୧୦୦ | ୨୧୫/୫୬ | ୪୮୨ | ୦.୨୯ | ୦.୧୪ | ୦.୧୪ | ମହେଶ୍ୱର ମିଶ୍ର, ପିତା: ଭଗବାନ ମିଶ୍ର, ଜା: ବ୍ରାହ୍ମଣ, ବା: କିଙ୍ଗୋଳ | |
| ୧୦୧ | ୨୧୫/୬୩ | ୯୪୫ | ୦.୩୯ | ୦.୧୦ | ୦.୧୦ | କାଙ୍ଗାଳି ବେହେରା, ପିତା: ମୂଳିଆ ବେହେରା ଓଗେର, ଜା: ତନ୍ତି, ବା: ଅସୁରବନ୍ଧପାଟଣା | |
| ୧୦୨ | ୨୧୫/୬୩ | ୯୪୮ | ୦.୪୧ | ୦.୦୪ | ୦.୦୪ | କାଙ୍ଗାଳି ବେହେରା, ପିତା: ମୂଳିଆ ବେହେରା ଓଗେର, ଜା: ତନ୍ତି, ବା: ଅସୁରବନ୍ଧପାଟଣା | |
| ୧୦୩ | ୨୧୫/୬୫ | ୧୨୦୦ | ୦.୧୫ | ୦.୦୧ | ୦.୦୧ | ରଘୁନାଥ ପଣ୍ଡା, ପିତା: ଶବର ପଣ୍ଡା, ଜା: ବ୍ରାହ୍ମଣ, ଜା: କିଙ୍ଗୋଳ | |
| ୧୦୪ | ୨୧୫/୭୪ | ୪୮୪ | ୦.୨୨ | ୦.୦୧ | ୦.୦୧ | ନରୋତ୍ତମ ବାରିକ, ପିତା: ଧବଳେଶ୍ୱର ବାରିକ, ଜା: ଭଣ୍ଡାରି, ବା: ନିଜଗାଁ | |
| ୧୦୫ | ୨୧୫/୮୭ | ୪୭୬ | ୦.୩୭ | ୦.୨୦ | ୦.୨୦ | ଗୁରୁବାରୀ ସାହୁ, ପିତା: ସନାତନ ସାହୁ, ଜା: ଗୁଡ଼ିଆ, ବା: ଅସୁରବନ୍ଧପାଟଣା | |
| ୧୦୬ | ୨୧୫/୯୭ | ୮୦୬ | ୦.୧୯ | ୦.୦୧ | ୦.୦୧ | ଶଙ୍କର୍ଷଣ ମାଝୀ, ପିତା: ବୁଦ୍ଧିମନ୍ତ ମାଝୀ, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | |
| ୧୦୭ | ୨୧୫/୧୨୩ | ୭୭୫ | ୦.୨୭ | ୦.୦୭ | ୦.୦୭ | ବାବୁ ମାଝୀ, ପିତା: ପ୍ରହ୍ଲାଦ ମାଝୀ ଓଗେର, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | |
| ୧୦୮ | | ୭୬୫ | ୦.୬୫ | ୦.୦୧ | ୦.୦୧ | ବାବୁ ମାଝୀ, ପିତା: ପ୍ରହ୍ଲାଦ ମାଝୀ ଓଗେର, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | |
| ୧୦୯ | ୨୧୫/୧୩୦ | ୪୬୮ | ୦.୨୧ | ୦.୧୩ | ୦.୧୩ | ଗୋପୀନାଥ ଦାସ, ପିତା: ଅନନ୍ତ ଦାସ ଓଗେର, ଜା: ଗୋପାଳ, ବା: ଅସୁରବନ୍ଧପାଟଣା | |
| ୧୧୦ | ୨୧୫/୧୪୩ | ୧୪୭୬/୨୫୬୫ | ୦.୧୦ | ୦.୦୫ | ୦.୦୫ | ଆନନ୍ଦ ମଳିକ, ପିତା: ଭଗବାନ ମଳିକ, ଜା: ପାଣ, ବା: ନିଜଗାଁ | |
| ୧୧୧ | ୨୧୫/୧୫୦ | ୫୨/୨୫୭୨ | ୦.୨୪ | ୦.୦୧ | ୦.୦୧ | ବନବିହାରୀ ମାଝୀ, ପିତା: ଗୋପାଳ ମାଝୀ ଓଗେର, ଜା: କୈବର୍ତ୍ତ, ବା: ଶୁଣ୍ଢିକାଟେଣି | |
| ୧୧୨ | ୨୧୫/୧୮୯ | ୪୬୯ | ୦.୨୫ | ୦.୦୬ | ୦.୦୬ | ଧ୍ରୁବ ବେହେରା, ପିତା: ନାଥ ବେହେରା, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | |
| ୧୧୩ | ୨୧୫/୧୯୧ | ୧୪୭୫/୨୬୧୦ | ୦.୨୬ | ୦.୨୦ | ୦.୧୪ | କୁଳମଣି ପ୍ରଧାନ, ପିତା: ଜଗବନ୍ଧୁ ପ୍ରଧାନ, ଜା: ଗୋପାଳ, ବା: କିଙ୍ଗୋଳ | |
| ୧୧୪ | ୨୧୫/୨୦୫ | ୨୦୪ | ୦.୩୪ | ୦.୦୫ | ୦.୦୫ | ଉପେନ୍ଦ୍ର କୁମାର ମଳିକ, ପିତା: ସୁଗ୍ରୀବ ମଳିକ, ଜା: କୈବର୍ତ୍ତ, ବା: ଜୟପୁର | |
| ୧୧୫ | ୨୧୫/୨୮୨ | ୧୨୦୫ | ୦.୧୦ | ୦.୦୭ | ୦.୦୭ | ଭରତ ନାୟକ, ପିତା: ନଟବର ନାୟକ, ଜା: ଗୋପାଳ, ବା: ନିଜଗାଁ | |
| ୧୧୬ | ୨୧୫/୩୦୩ | ୬୦ | ୦.୧୪ | ୦.୧୦ | ୦.୧୦ | ପବିତ୍ର ମୋହନ ମାଝୀ, ପିତା: ପାଣ୍ଡବ ମାଝୀ ଓଗେର, ଜା:କୈବର୍ତ୍ତ, ବା: ଜୟପୁର | |
| ୧୧୭ | | ୭୯ | ୦.୧୨ | ୦.୦୪ | ୦.୦୪ | ପବିତ୍ର ମୋହନ ମାଝୀ, ପିତା: ପାଣ୍ଡବ ମାଝୀ ଓଗେର, ଜା:କୈବର୍ତ୍ତ, ବା: ଜୟପୁର | |
| ୧୧୮ | | ୮୦ | ୦.୧୬ | ୦.୦୫ | ୦.୦୫ | ପବିତ୍ର ମୋହନ ମାଝୀ, ପିତା: ପାଣ୍ଡବ ମାଝୀ ଓଗେର, ଜା:କୈବର୍ତ୍ତ, ବା: ଜୟପୁର | |
| ୧୧୯ | ୨୧୫/୩୦୩ | ୭୮/୨୭୧୦ | ୦.୧୪ | ୦.୦୪ | ୦.୦୪ | ପବିତ୍ର ମୋହନ ମାଝୀ, ପିତା: ପାଣ୍ଡବ ମାଝୀ ଓଗେର, ଜା:କୈବର୍ତ୍ତ, ବା: ଜୟପୁର | |
| ୧୨୦ | ୨୧୫/୩୭୧ | ୪୭୨ | ୦.୧୫ | ୦.୧୩ | ୦.୧୩ | ଭରତ ସେଠୀ, ପିତା: କୃଷ୍ଣ ସେଠୀ, ଜା: ଧୋବା, ବା: ଝିଇଣ୍ଡିଶାସନ, ଥାନା: ବାଲିପାଟଣା, ଜି: ଖୋର୍ଦ୍ଧା | |
| ୧୨୧ | | ୪୭୯ | ୦.୦୪ | ୦.୦୪ | ୦.୦୪ | ଭରତ ସେଠୀ, ପିତା: କୃଷ୍ଣ ସେଠୀ, ଜା: ଧୋବା, ବା: ଝିଇଣ୍ଡିଶାସନ, ଥାନା: ବାଲିପାଟଣା, ଜି: ଖୋର୍ଦ୍ଧା | |
| ୧୨୨ | | ୪୮୦ | ୦.୦୬ | ୦.୦୬ | ୦.୦୬ | ଭରତ ସେଠୀ, ପିତା: କୃଷ୍ଣ ସେଠୀ, ଜା: ଧୋବା, ବା: ଝିଇଣ୍ଡିଶାସନ, ଥାନା: ବାଲିପାଟଣା, ଜି: ଖୋର୍ଦ୍ଧା | |
| ୧୨୩ | | ୪୮୧/୨୭୭୮ | ୦.୧୮ | ୦.୧୮ | ୦.୧୮ | ଭରତ ସେଠୀ, ପିତା: କୃଷ୍ଣ ସେଠୀ, ଜା: ଧୋବା, ବା: ଝିଇଣ୍ଡିଶାସନ, ଥାନା: ବାଲିପାଟଣା, ଜି: ଖୋର୍ଦ୍ଧା | |
| ୧୨୪ | ୨୧୫/୩୭୩ | ୮୦୩ | ୦.୦୮ | ୦.୦୮ | ୦.୦୮ | ସୁଦର୍ଶନ ବେହେରା, ପିତା: ନିଧି ବେହେରା, ଜା: ବାଉରୀ ବା: ଦକ୍ଷିଣରାଉତରା, ଥା: ବଳଙ୍ଗା, ଜିଲ୍ଲା: ପୁରୀ | |
| ୧୨୫ | ୨୧୫/୩୭୩ | ୮୦୪ | ୦.୦୩ | ୦.୦୩ | ୦.୦୩ | ସୁଦର୍ଶନ ବେହେରା, ପିତା: ନିଧି ବେହେରା, ଜା: ବାଉରୀ ବା: ଦକ୍ଷିଣରାଉତରା, ଥା: ବଳଙ୍ଗା, ଜିଲ୍ଲା: ପୁରୀ | |
| ୧୨୬ | ୨୧୫/୩୮୮ | ୬୨ | ୦.୧୨ | ୦.୧୨ | ୦.୧୨ | ସୁଦର୍ଶନ ବେହେରା, ପିତା: ନିଧି ବେହେରା, ଜା: ବାଉରୀ ବା: ଦକ୍ଷିଣରାଉତରା, ଥା: ବଳଙ୍ଗା, ଜିଲ୍ଲା: ପୁରୀ | |
| ୧୨୭ | ୨୧୫/୪୦୩ | ୭୯୧ | ୦.୦୬ | ୦.୦୬ | ୦.୦୬ | ଆଫରୋଜ୍ ଖାଁ, ପିତା: ଖୁର୍ସିଦ ଖାଁ, ଜା: ମୁସଲମାନ, ବା: ମଝିଅଣ୍ଡା, ଥା: ନିଆଳି, ଜିଲ୍ଲା: କଟକ | |
| ୧୨୮ | | ୭୯୨ | ୦.୧୧ | ୦.୧୧ | ୦.୧୧ | ଆଫରୋଜ୍ ଖାଁ, ପିତା: ଖୁର୍ସିଦ ଖାଁ, ଜା: ମୁସଲମାନ, ବା: ମଝିଅଣ୍ଡା, ଥା: ନିଆଳି, ଜିଲ୍ଲା: କଟକ | |
| ୧୨୯ | | ୭୯୩ | ୦.୦୮ | ୦.୦୮ | ୦.୦୮ | ଆଫରୋଜ୍ ଖାଁ, ପିତା: ଖୁର୍ସିଦ ଖାଁ, ଜା: ମୁସଲମାନ, ବା: ମଝିଅଣ୍ଡା, ଥା: ନିଆଳି, ଜିଲ୍ଲା: କଟକ | |
| ୧୩୦ | | ୭୫୯ | ୦.୭୧ | ୦.୨୬ | ୦.୨୬ | ଆଫରୋଜ୍ ଖାଁ, ପିତା: ଖୁର୍ସିଦ ଖାଁ, ଜା: ମୁସଲମାନ, ବା: ମଝିଅଣ୍ଡା, ଥା: ନିଆଳି, ଜିଲ୍ଲା: କଟକ | |
| ୧୩୧ | ୨୧୫/୪୦୩ | ୧୦୩୪ | ୧.୦୫ | ୦.୬୮ | ୦.୬୮ | ଆଫରୋଜ୍ ଖାଁ, ପିତା: ଖୁର୍ସିଦ ଖାଁ, ଜା: ମୁସଲମାନ, ବା: ମଝିଅଣ୍ଡା, ଥା: ନିଆଳି, ଜିଲ୍ଲା: କଟକ | |
| ୧୩୨ | ୨୧୫/୪୦୭ | ୯୪୧ | ୧.୬୬ | ୦.୫୨ | ୦.୫୨ | ହେମନ୍ତ କୁମାର ପଣ୍ଡା, ପିତା: ଭିକାରୀ ଚରଣ ପଣ୍ଡା, ଜା: ବ୍ରାହ୍ମଣ, ବା: ବେରବୋଇ, ଥା: ଡେଲାଙ୍ଗ, ଜିଲ୍ଲା: ପୁରୀ | |
| ୧୩୩ | | ୯୪୨ | ୦.୨୪ | ୦.୨୪ | ୦.୨୪ | ହେମନ୍ତ କୁମାର ପଣ୍ଡା, ପିତା: ଭିକାରୀ ଚରଣ ପଣ୍ଡା, ଜା: ବ୍ରାହ୍ମଣ, ବା: ବେରବୋଇ, ଥା: ଡେଲାଙ୍ଗ, ଜିଲ୍ଲା: ପୁରୀ | |
| ୧୩୪ | ୧୧ | ୭୬ | ୦.୧୬ | ୦.୦୮ | ୦.୦୮ | ଅନୁକୂଳ ମଳିକ, ପିତା: ଅନାଦି ମଳିକ ଓଗେର, ଜା: କୈବର୍ତ୍ତ, ବା: ନିଜଗାଁ | ଖେଳ ପଡ଼ିଆ ବଦଳି |
| ୧୩୫ | ୧୧ | ୭୫ | ୦.୯୦ | ୦.୧୮ | ୦.୧୮ | ଅନୁକୂଳ ମଳିକ, ପିତା: ଅନାଦି ମଳିକ ଓଗେର, ଜା: କୈବର୍ତ୍ତ, ବା: ନିଜଗାଁ | ବସ୍ତି ଯୋଗ୍ୟ |
| ୧୩୬ | | | | ୦.୫୯ | ୦.୫୯ | ଅନୁକୂଳ ମଳିକ, ପିତା: ଅନାଦି ମଳିକ ଓଗେର, ଜା: କୈବର୍ତ୍ତ, ବା: ନିଜଗାଁ | ଗୋଚର ବଦଳି |
| ୧୩୭ | ୧୨ | ୭୪ | ୦.୩୮ | ୦.୩୫ | ୦.୩୫ | ଅମ୍ବା ମଳିକ, ପିତା: ଶ୍ୟାମ ମଳିକ ଓଗେର, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | ଜଙ୍ଗଲ ବଦଳି |
| | | | | ମୋଟ | ୧୪.୦୯ | | |

ଗ୍ରାମର ମୋଟ ପ୍ଲଟ୍ ସଂଖ୍ୟା: ୧୩୪ (ଏକ ଶହ ଚଉତିରିଶ), ମୋଟ ପ୍ରତ୍ୟାହାର ରକବା: ୧୪.୦୯ ଏକର

ସ୍ୱା./– ସ୍ୱତନ୍ତ୍ର ଭୂ–ଅର୍ଜନ–ପୁନର୍ବାସ ଥଇଥାନ ଅଧିକାରୀ
ରେଙ୍ଗାଲି ଜଳସେଚନ ପ୍ରକଳ୍ପ, ସୁକିନ୍ଦା

24034/14/0027/1819

ସ୍ୱା./– ମଣ୍ଡଳ ଅଧିକାରୀ
ରେଙ୍ଗାଲି ଜଳସେଚନ ପ୍ରକଳ୍ପ, ସୁକିନ୍ଦା